# ସାୟାହ୍ନର ସ୍ୱର

ବୀଣାପାଣି ମହାନ୍ତି

ସାଥୀ ମହଲ

ସାୟାହ୍ନର ସ୍ୱର (ଗଳ୍ପଗୁଚ୍ଛ)

ଲେଖିକା :

ବୀଣାପାଣି ମହାନ୍ତି, ଏମ୍. ଏ.

ଅଧ୍ୟାପିକା, ରମାଦେବୀ ମହିଳା କଲେଜ

ଭୁବନେଶ୍ୱର

●

ପ୍ରକାଶକ :

ରାଧାଶ୍ୟାମ ମହାନ୍ତି

ସାଥୀ ମହଲ

ବିନୋଦ ବିହାରୀ, କଟକ-୨

●

ପ୍ରଚ୍ଛଦ ଶିଳ୍ପୀ :

ଶିବ ପାଣିଗ୍ରାହୀ

●

ମୁଦ୍ରାକର :

ଶ୍ରୀ ବସନ୍ତ କୁମାର ଦାଶ

ଶ୍ରୀ ସତ୍ୟନାରାୟଣ ପ୍ରେସ

ଡଗରପଡ଼ା, କଟକ-୨

●

ପ୍ରଥମ ପ୍ରକାଶ

ବିଜୟା ଦଶମୀ, ୧୯୭୩

●

[redacted]

ମୂଲ୍ୟ ସାତଟଙ୍କା

ଠ/୨୮୭୨

15-6-74

ମୋର ପୂଜ୍ୟବର

ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାନ୍ତି

ଶ୍ରଦ୍ଧାସ୍ପଦେଷୁ...

# ଆତ୍ମକଥା

●

ଏ ପୁସ୍ତକରେ ସନ୍ନିହିତ ଅନେକ ଗଳ୍ପ ଓଡ଼ିଶାର ବିଭିନ୍ନ ମାସିକ ପତ୍ରିକାରେ ତଥା କେତେକ ସାମୟିକ ପତ୍ରିକାରେ ପୂର୍ବରୁ ପ୍ରକାଶିତ ହୋଇଥିଲା । ବିଶେଷ କରି 'ଝଙ୍କାର', 'ଆସନ୍ତାକାଲି', 'ନବରବି' ଓ 'କଥାକାର' ଆଦି ସମ୍ପାଦକଙ୍କ ନିକଟରେ ଏଥିପାଇଁ ମୁଁ କୃତଜ୍ଞ ।

ଗଳ୍ପ ଗୁଡ଼ିକ ବିଷୟରେ କିଛି ଟୀକା-ଟିପ୍ପଣୀ ଦେବା ସପକ୍ଷରେ ମୁଁ ଏକମତ ନୁହେଁ । ମୋର ରଚନାର ଆଭିମୁଖ୍ୟ ସେଇ ଗଳ୍ପମାନେ ହିଁ ପ୍ରକାଶ କରିବେ । ତେଣୁ ସେ ବିଷୟରେ ମୁଁ ନୀରବ ।

ପାଣ୍ଡୁଲିପିଟିକୁ ସଙ୍କଳନ କରିବାରେ ମୋର ଛାତ୍ରୀ କଲ୍ୟାଣୀୟା ଶାନ୍ତି ଦେବୀ, ବନଲତା ତ୍ରିପାଠୀ, ପ୍ରତିଭା ପରିଜା ଓ ଚନ୍ଦା ସିହ୍ନା ପ୍ରଭୃତି ସାହାଯ୍ୟ କରିଥିବାରୁ ମୁଁ ସେମାନଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି । ବହିଟି ପ୍ରକାଶ କରିବାରେ ମତେ ନାନା ଭାବରେ ସାହାଯ୍ୟ କରିଛନ୍ତି ମୋର ଅନୁଜପ୍ରତିମ ଅଧ୍ୟାପକ ରତ୍ନାକର ଚଇନି, ପ୍ରସନ୍ନ କୁମାର ପାଟଶାଣୀ ଓ ଅଧ୍ୟାପକ କାର୍ତ୍ତିକ ଚନ୍ଦ୍ର ରଥ । ସେମାନଙ୍କୁ ଧନ୍ୟବାଦ ଦେବି କ'ଣ ? — ଶୁଭେଚ୍ଛା ଜଣାଉଛି ।

ପରିଶେଷରେ ପ୍ରକାଶନର ସମସ୍ତ ଦାୟିତ୍ୱ ବହନ କରିଥିବା 'ସାଥୀ ମହଲ'ର ଶ୍ରୀ ରାଧାଶ୍ୟାମ ମହାନ୍ତିଙ୍କୁ ସାଧୁବାଦ ଜଣାଉଛି । ଏଇ ଶୁଭ ଅବସରରେ ଆଜି ମୁଁ ଏ ସମସ୍ତଙ୍କୁ ମୋର ଆନ୍ତରିକ କୃତଜ୍ଞତା ଜଣାଉଛି ।

ବିନୀତା

—ଲେଖିକା—

ରମାଦେବୀ ମହିଳା କଲେଜ

ଭୁବନେଶ୍ୱର

ଏଇ ଲେଖିକାଙ୍କର

ଅନ୍ୟାନ୍ୟ ପୁସ୍ତକ

●

୧ । ନବ ତରଙ୍ଗ

୨ । ପାନ୍ଥଶାଳା ଓ ରକ୍ତ କରବୀ

୩ । କସ୍ତୁରୀ ମୃଗ ଓ ସବୁଜ ଅରଣ୍ୟ

୪ । ଚଟିମାର ତୃଷ୍ଣା

୦/୨୭୧୨
ନଂ ୦/୨୭୧୨
15.6.74

# ଗଳ୍ପ


ଧୂପ ॥ ୧
ସମାନ୍ତରାଳ ॥ ୮
ଭଇଁଷି ॥ ୧୬
ଜନ୍ମର କବଟା ॥ ୨୪
ନଦ : କେତୋଟି ମୁହୂର୍ତ୍ତରେ ॥ ୩୧
ପିଞ୍ଜରୁ ॥ ୩୯
ମେଘ ॥ ୪୯
ଉତ୍ତରାଧିକାରୀ ॥ ୫୯
ଗନ୍ଧ ॥ ୬୫
ସର୍ପ ଶୀକାର ॥ ୭୩
ନିଷିଦ୍ଧ ଲଗ୍ନ ॥ ୮୪
ପ୍ରତିଧ୍ୱନି ॥ ୯୧
ସାଧାରଣ ॥ ୯୭
ଗୁମ୍ଫା ॥ ୧୦୪
ସଗାବାଦ ॥ ୧୧୪
ଦୃଷ୍ଟି ॥ ୧୧୯
କସ୍‌ମେଟିକ୍‌ସ ॥ ୧୨୭
ସାମ୍ବାଙ୍କର ସୁର ॥ ୧୩୬

# ଧୂପ

ନମିତା ଜାଣୁଥିଲା ବେଳ ଅନେକ ଦିନ ହୋଇଗଲାଣି ଏବଂ ଝର୍କା ଦେଇ ଘରେ ଖରା ବାଜି ହୋଇ ପଡ଼ିଲାଣି । ବଡ଼ ବିରକ୍ତ ଲାଗେ ! ଶୋଇବାକୁ ଚେଷ୍ଟା କଲେ ଶୋଇ ହୁଏନା କିମ୍ବା ନିଦ ଲାଗି ଥିଲେ ବି ଏଇ ସକାଳ ଖରା ଆଉ ପକ୍ଷିମାନଙ୍କ ଅନଧିକାର ପ୍ରବେଶରେ ନିଦ ଭାଙ୍ଗି ଯାଏ ।

କିନ୍ତୁ ଏସବୁ ଆଜି ଦୋଷ ଦେଇ ଲାଭ ନାହିଁ । କାରଣ ଏମାନଙ୍କ ଆସିବାର ବହୁ ପୂର୍ବରୁ ତା'ର ନିଦ ଭାଙ୍ଗିଛି ।

ନମିତା ବରଂ ବିଛଣାରୁ ଉଠି ଝର୍କା ପାଖରେ ଠିଆ ହୋଇ ଆକାଶର ତର୍ଜମା କଲେ ଭଲ ହୁଅନ୍ତା ! ଅନ୍ତତଃ ମଣାସ ଚେଙ୍କ ଫୁଲ ଦାମିକୁ ଶୁଙ୍ଘିଲେ କିଛିଟା ସୁସ୍ଥ ଅନୁଭବ କରନ୍ତା, ମାତ୍ର ସେ ତାହା କରି ପାରିବ ନାହିଁ ।

କାରଣ ଆଜି ତା'ର ଉଠିବାର ଇଚ୍ଛା ନାହିଁ । ଉପର ମହଲାରେ ଭଡ଼ାଥିବା ଲୋକଙ୍କ ଘରୁ ଭାସି ଆସୁଛି ରେକର୍ଡ଼ରେ ଗୋଟିଏ ଟିଉନ୍ ମାତ୍ର । ସେ ଗୀତ ସ୍ୱର କିଛି ବୁଝେ ନାହିଁ···ତଥାପି ଏ ସବୁକୁ ବାଦ ଦେଇ ନିଜକୁ ନିବୃତ୍ତ କରି ନେବାର ଶକ୍ତି ତା'ର ନାହିଁ ।

ଆଃ···ଆଜି ଅଫିସ ଯିବ ନାହିଁ ବୋଲି କାଲି ସନ୍ଧ୍ୟାରେ ଯଦି ଫୋନ କରି କହି ଦେଇଥାନ୍ତା···! ଗୋଟେ ରକମ ମନ୍ଦ ହୋଇ ନ ଥାନ୍ତା । ମାତ୍ର ଅଜୟ ତା'ର ଦୁର୍ବଳତାଟା ଧରି ପକେଇଥାନ୍ତା !

ତେବେ ମଧ୍ୟ ବର୍ଷକରେ ଦିନେ ଅଧେ ଛୁଟି ନେଲେ କ'ଣ ତାକୁ ପ୍ରଶ୍ନ କରିପାରିବ ? କୈଫିୟତ କେହି ତାକୁ ମାଗିବେ ନାହିଁ । କିନ୍ତୁ ସେଇ ସବୁ ଯୋଡ଼ା ଯୋଡ଼ା ସନ୍ଦେହଭରା ଚାହାଣୀ ଯେଉଁମାନେ କି ତା'ର କଲମକୁ ଭସ୍ମ କରନ୍ତି ; ତାଙ୍କ ପାଇଁ ନମିତାର ଜବାବ କ'ଣ ?

କେବଳ ନିର୍ଭୀକ ଭାବରେ କଥା କହେ ତାକୁ ଅଜୟ । ତଳେ ଅଫିସର ହେଲେ ବି ଅଜୟଙ୍କ ନିଶ୍ଚିତ ଔଦ୍ଧତ୍ୟ ସହ୍ୟ କରିବାକୁ ପଡ଼େ

କାରଣ ସେ ତା'ର କ୍ଲାସ-ମେଟ୍ । ସେଇ ଅଜୟକୁ ଫାଙ୍କି ଦେବା ସହଜ ହେବ ନାହିଁ । ମାତ୍ର ଅଜୟକୁ ବିଶ୍ୱାସ କରାଯାଇ ପାରେ ।

ନମିତାର ଚିନ୍ତା-ସ୍ରୋତ ଅଟକିଗଲା । ଡ୍ରଇଁ ରୁମରୁ ଫୋନ୍ ରିଂ ହେଉ ଥିବାର ଶବ୍ଦ ଆସୁଛି । ମଣିଷକୁ ଟିକିଏ ଶାନ୍ତିରେ ରଖାଇ ଦେବେ ନାହିଁ । ଓଃ...ରିଂ ମନକୁ ମନ ବନ୍ଦ ହୋଇଗଲା ବୋଧେ ; କିମ୍ବା ଚପରାସି କି ପୁଟ୍‌ସି କିଏ ଜଣେ ଯାଇଁ ଧରିଛନ୍ତି । ନମିତା କିଛି ନ ଜାଣିଲା ପରି ଆଖି ବୁଜି ଶୋଇ ପଡ଼ିବାକୁ ଚେଷ୍ଟା କଲା ।

ନା, ହେବ ନ । ନିଦ ଆଉ ଆସିବ ନ । ବାଧ୍ୟ ହୋଇ, ନମିତା ବିଛଣାରୁ ଲମ୍ଫଦେଇ ଉଠିଲା । ଘରେ ଖାଲି ଖରା ଆଉ ଚୈତ୍ର-ପବନ ଲୁଚକାଳି ଖେଳୁଛି । ଆଉ ଟିକିକ ପରେ ପବନ କୁଆଡ଼େ ଲୁଚିଯିବ । ରହିବ ଖରା । ଖରାରେ, ଖରାରେ ସମଗ୍ର ସହରଟା ତାତି ଉଠିବ । ସମଗ୍ର ଜୀବନଟା ଯେମିତି ଖରା ଆଉ ଖରା !

ବ୍ରେକ୍‌ଫାଷ୍ଟ ଟେବୁଲ ଉପରେ ଷ୍ଟେଟ ଟ୍ରେ'ରେ ଷ୍ଟେଟ ଲଫାପାଟିଏ । ଲଫାପା ଉପରେ ଦାର୍ଜିଲିଂର ଷ୍ଟାମ୍ପ । ଭିତରେ ଥିବ ଦୁଇ ଧାଡ଼ିର ଚିଠି । ସଂକ୍ଷିପ୍ତ ଲେଖା । ସୂର୍ଯ୍ୟକାନ୍ତର ଝିଅଟି ମନରେ ସେ ଏମିତି ବେଳେ ବେଳେ ଉଙ୍କି ମାରିଥାଏ ।

ଟି' କପ୍‌ରେ ଓଠ ଲଗାଇ ହଠାତ୍ ଯେମିତି ଓଦାଳିଆ ହୋଇଗଲା ତା'ର ଆଖି । ଆଗେ ଏଇ ବେଦନା ଭିତରେ ଗୋଟାଏ ଲୁକ୍କାୟିତ ଆଶା ଥିଲା । ଏବେ ? ଏବେ ଯେମିତି ଖାଲି ଯନ୍ତ୍ରଣା...ଯାହାର ଆରମ୍ଭ ନାହିଁ କି ଶେଷ ନାହିଁ ।

ନାରୀ ପ୍ରତି ପୁରୁଷର କର୍ତ୍ତବ୍ୟର ସଂଜ୍ଞା ଏ ଯୁଗରେ ବଦଳି ଯାଇଛି । ହୁଏତ ତାହା ନିହାତି ବାଜେ କନ୍‌ଜାରଭେଟିଭ୍ ଆଇଡ଼ିଆ ; ନଚେତ୍ ସୂର୍ଯ୍ୟକାନ୍ତକୁ ସେ କଠୋର ଶାସ୍ତି ଦେଇଥାନ୍ତା । ନିହାତି ସାଧାରଣ କଥା ପରି ସେ ତାକୁ ଉପେକ୍ଷା କରିବାର ଛଳନାରେ ପ୍ରତି ମୁହୂର୍ତ୍ତରେ ଜଳି ଯାଇ ନ ଥାନ୍ତା ।

ତଥାପି ସେ ବଞ୍ଚିବ । ଯେଉଁ ବଞ୍ଚିବାଟାକୁ କେହି ତା'ର ଗ୍ରାହ୍ୟ କରନ୍ତୁ ନାହିଁ । କିନ୍ତୁ କାହିଁକି, ସେ ମରିଯିବ ? କାହିଁକି ସେ ଆତ୍ମ-ହତ୍ୟା କରିବ ? ନାଃ, ଏ ନିରାପତ୍ତା ସେ କାହାକୁ ଦେବ ନାହିଁ । ସମସ୍ତଙ୍କୁ ସେ ଘୃଣା କରେ । ଘୃଣା କରେ ବୋଲି ସେ ବଞ୍ଚିଛି । ଆଉ ଜଳୁଛି । ଯେମିତି ପ୍ରଚଣ୍ଡ ଗ୍ରୀଷ୍ମରେ ଏକ ଅନଳ-ଦଗ୍ଧ ବୃକ୍ଷ ସେ !

ଉଠି ଆସିଲି ବାରଣ୍ଡାକୁ । ଚୈତ୍ରର ପ୍ରବାହଣ ବେଶ ପ୍ରଖର ହୋଇ ଆସୁଛି । କୁଣ୍ଡରେ ଥିବା ରଜନୀଗନ୍ଧାର ଡେମ୍ଫସବୁ ନଇଁ ପଡ଼ୁଛି ।

ମଟର ଗାଡ଼ିର ହର୍ଣ୍ଣ । ପରିଚିତ ଶବ୍ଦ । ଶାନ୍ତନୁ ମୁଖାର୍ଜୀ ଆସୁଛି । ସିଏ ଦୁଇବର୍ଷ ଧରି ନୂତନ ବନ୍ଧୁତ୍ୱ ସୃଷ୍ଟି କରିଛି ବୋଲି ନମିତାର ଜଣାଶୁଣା ସମସ୍ତେ ଜାଣନ୍ତି । ସେଇ ପରମ ବନ୍ଧୁ ଶାନ୍ତନୁ ମୁଖାର୍ଜୀ ? କିନ୍ତୁ ଏତେ ସକାଳୁ ଗାଡ଼ିଟା ଧରି ଆସି ଏମିତି ପହଞ୍ଚି ଯିବାର ମାନେ କ'ଣ ହୋଇପାରେ ?

ବିସ୍ମିତ ଭଙ୍ଗୀରେ ଶାନ୍ତନୁ ପ୍ରଶ୍ନକଲା-"ତମେ ଏ ପର୍ଯ୍ୟନ୍ତ ରେଡ଼ି ହୋଇନ ? ହର୍ଣ୍ଣ ଶୁଣି ତମର ନିଦ୍ରାଭଙ୍ଗ ହୋଇନି··· !

"ହଠାତ୍ ଏମିତି ବ୍ୟସ୍ତତା ଯେ କିଛି ବୁଝାପଡ଼ୁନି, ଶାନ୍ତନୁ ! ମୁଁ ବଡ଼ ଦୁଃଖିତ, ଆଜି ଟିକିଏ ବେଶି ସମୟ ଶୋଇ ପଡ଼ିଲି ।"

"ଶୋଇ ପଡ଼ିଲ ଭଲ କଲ ! ବର୍ତ୍ତମାନ ପାଞ୍ଚ ମିନିଟରେ ରେଡ଼ି ହୋଇ ଆସ । ଗୋପାଳପୁର ଯିବା ପାଇଁ ତମେ ଯେ କଥା ଦେଇଥିଲ ନମିତା ?"

"ମାନେ, ମାନେ ତମେ ଆଜି ମୁଁ ? କ'ଣ ଯେ ଶାନ୍ତନୁ ତୁମେ କୁହ ମୁଁ ବୁଝି ପାରେନା···!"

"ନମିତା···!"

"ଘର ଭିତରକୁ ଆସ ଶାନ୍ତନୁ ! ତମ ଦେହ ବୋଧେ ଭଲ ନାହିଁ । ବଡ଼ ଶୁଖିଲା ଦିଶୁଛ । ଏତେ ବେଶି ଡ୍ରିଙ୍କ୍ କରିବା ତମର ସୂକ୍ଷ୍ମ ଶରୀର ସହ୍ୟ କରି ପାରୁନାହିଁ···!

ବିରକ୍ତ ହୋଇ ନମିତାର କଥା ଉପରେ କଥା ମଡ଼ାଇ ଶାନ୍ତନୁ କହିଲା—"ବାଜେ କଥାରେ ସମୟ ନଷ୍ଟ କରିବାକୁ ମୋର ଇଚ୍ଛା ନାହିଁ । ତମେ ଏଇକ୍ଷଣି ମୋ ସାଙ୍ଗରେ ଗୋପାଳପୁର ଯିବ କି ନାହିଁ କୁହ ? ସିଧାସଳଖ ଭାବରେ କଥା କହିବା ପାଇଁ ତମର ଯଥେଷ୍ଟ ବୟସ ହୋଇଛି ବୋଲି ମୋର ବିଶ୍ୱାସ ।"

ରୁକ୍ଷ ଗଳାରେ ଅଧୈର୍ଯ୍ୟ ଭାବରେ ନମିତା କହିଲା—"ଆଶ୍ଚର୍ଯ୍ୟ ! ତମକୁ କେତେ ବୟସ ହେଲା ଶାନ୍ତନୁ ? କେବେ ଯେ ତମର ବୁଦ୍ଧି ହେବ ?"

"ନମିତା ।"

"ହଁ ଶାନ୍ତନୁ ! ବିରକ୍ତ କିମ୍ବା ଅପମାନିତ ହେବାର ଏଥିରେ କୌଣସି ଯଥାର୍ଥ କାରଣ ନାହିଁ । ବନ୍ଧୁତ୍ୱର ଅମର୍ଯ୍ୟାଦା କରନା । ତମେ ତ ଜାଣ···!

ଶାନ୍ତନୁ କଥା ଛଡ଼େଇ କହିଲା—"ମାନେ ? ମାନେ ତମେ କହିବାକୁ ଚାହଁ, ସୂର୍ଯ୍ୟକାନ୍ତ ବ୍ୟତୀତ ତମେ କାହାକୁ ବିଶ୍ୱାସ କର ନାହିଁ··· ଆଉ କେହି ପୃଥିବୀରେ ସୁପୁରୁଷ ନାହାଁନ୍ତି ଯେ କି ତମର ଅନ୍ତରଙ୍ଗ ହୋଇ ପାରିବେ··· !

ନମିତା ନରମ ସ୍ୱରରେ ଉତ୍ତର ଦେଲା – 'ସୂର୍ଯ୍ୟକାନ୍ତଙ୍କୁ ଆମ ଭିତରକୁ ଆଣିବା ସମୀଚୀନ ହେବ ନ, ଶାନ୍ତନୁ ! ଆଜି ତାଙ୍କ ସହିତ ମୁଁ ମଧ୍ୟ ଯିବ ନାହିଁ । ଆଉ ଯଦି ବା ଯାଏ ସେଥିରେ ଆଶ୍ଚର୍ଯ୍ୟ; ହବାର ଅନ୍ତତଃ ତମର କିଛି ନାହିଁ··· !

"କ'ଣ କହିଲ ? ଆଶ୍ଚର୍ଯ୍ୟ ହବାର ନାହିଁ··· ! ମତେ ହସେଇଲ ନମିତା ! ନାରୀ ପାଖରେ ପ୍ରେମର ସଂଜ୍ଞା କ'ଣ ? ଭଲ ପାଇବାର ମାନେ କ'ଣ ?"

ନମିତା ଉତ୍ତର ଦେଲାନାହିଁ । କାରଣ ତା'ର ସମସ୍ତ ଭାବନା ଶକ୍ତି ଯେପରି ଲୋପ ପାଇ ଯାଇଥିଲା ।

ଶାନ୍ତନୁ ତା'ର ନିରବତାରେ ଅଧୈର୍ଯ୍ୟ ହୋଇ ନମିତାର କାନ୍ଧ ଉପରେ ହାତ ରଖି ପଚାରିଲା -"ମୁଁ ଯଦି ତମକୁ ଜୋର କରେ ନମିତା ।"

"ଜୋର ? ଜୋର କରିବାର ଗୋଟାଏ ନିର୍ଦ୍ଦିଷ୍ଟ ସୀମା ତମ ପାଇଁ ଅଛି, ଏକଥା ତମେ ଭୁଲି ଯାଉଛ କାହିଁକି ? ନମିତା ଶାନ୍ତନୁର ହାତଟି କାନ୍ଧରୁ ଖସାଇ ନେଇ ଘୁଞ୍ଚିଗଲା ଦୂରକୁ !

ଓଠ ଚିପି ରାଗରେ ଥରି ଥରି ଶାନ୍ତନୁ କହିଲା—"ମୁଁ ଏବେ ବୁଝି ପାରୁଛି ସୂର୍ଯ୍ୟକାନ୍ତ ତମକୁ ଯାଦୁ ପକାଇଲା କାହିଁକି ?" ତମେ ଆଶା ସୃଷ୍ଟି କରିପାର, ମାତ୍ର ତମକୁ ଭରସା କରାଯାଇ ପାରେ ନା । ସୂର୍ଯ୍ୟକାନ୍ତ ବୁଦ୍ଧିମାନ···ଯୁବକ । ଅନ୍ତତଃ ଶାନ୍ତନୁ ମୁଖାର୍ଜୀ ପରି ସେ ନିର୍ବୋଧ ନୁହେଁ···!

ନମିତାର ଗୋଡ଼ଠାରୁ ମୁଣ୍ଡ ପର୍ଯ୍ୟନ୍ତ ନିଆଁ ଲାଗି ଯାଉଥିଲା । ସେ କ'ଣ କହିବ ତା'ର ଉତ୍ତର ଖୋଜି ପାଉ ନ ଥିଲା । ଏଇ ପତଳା ଦୁର୍ବଳ କ୍ଷୀଣ ମଣିଷଟି ଭିତରେ ବି ଗୋଟାଏ ଜାନ୍ତବ ପଶୁ ଲହ ଲହ ଜିହ୍ୱା ବିସ୍ତାର

ଜର ତାକୁ ଗ୍ରାସ କରିବାକୁ ବସିଛି, ଏ କଥା ସେ ଘୁଣାକ୍ଷରରେ ଜାଣି ନ ଥିଲା । ସୂର୍ଯ୍ୟକାନ୍ତର ହଠାତ୍ ବିଦାୟ ପରେ ଶାନ୍ତନୁ ସହିତ ତା'ର ବନ୍ଧୁତ୍ୱଟା ଯଦି ପ୍ରେମ ବିବାହ ବା ଦୈହିକ ସମ୍ପର୍କର ସଜ୍ଞା ବୋଲି ଶାନ୍ତନୁ ବୁଝେ, ବା ସମସ୍ତ ପୃଥିବୀ ବୁଝେ ନମିତା କ'ଣ କରିବ ? ନମିତା କ'ଣ ସମସ୍ତଙ୍କୁ କୈଫିୟତ ଦେବ !

ଶାନ୍ତନୁ ଫେରିଯାଇ ତା'ର ଗାଡ଼ିରେ ବସିଲାଣି । ସେ ଅପମାନିତ, ପରାଜିତ । ସେ ହୁଏତ ପ୍ରତିଶୋଧ ନେବ । ଅଥଚ ଦୁଇ ବର୍ଷର ବନ୍ଧୁତ୍ୱ ବା ପରିଚୟ ଭିତରେ ସେ କି ଦାବି କରୁଛି ନମିତାଠାରୁ କୈଫିୟତ୍?

ନା, ନମିତା କାହାକୁ କୈଫିୟତ ଦେବ ନାହିଁ । ନମିତା ନିଜ ପକ୍ଷରେ ଯୁକ୍ତି କରିବ ନାହିଁ କି ସଫେଇ ବାଢ଼ିବ ନାହିଁ । କ'ଣ ଦର୍କାର ? ସୂର୍ଯ୍ୟକାନ୍ତ ଯାଉ, ଶାନ୍ତନୁ ଯାଉ, ଯାଆନ୍ତୁ ସମସ୍ତେ । ନମିତା ତା'ର ରୁଚି ଅନୁଯାୟୀ, ଇଚ୍ଛା ଅନୁଯାୟୀ ବଞ୍ଚିବ । ତା'ର ସମାଜ ଦରକାର ନାହିଁ, ପୃଥିବୀର ଆବଶ୍ୟକତା ନାହିଁ । କିଛି, କିଛିରେ ହିଁ ପ୍ରୟୋଜନ ନାହିଁ···କାରଣ ସେ ପୁତ୍ତଳିକା ନୁହେଁ, ମନ ନେଇ ହସିବ, ନାଚିବ ଆଉ କାନ୍ଦିବ ।

ନମିତାର ମନେ ପଡ଼ିଲା—ଥରେ ସୂର୍ଯ୍ୟକାନ୍ତ କହିଥିଲା ଏତେ ସବୁ ଝମେଲା ଅପେକ୍ଷା ଟିକିଏ ଶାନ୍ତି, ଟିକିଏ ବିଶ୍ରାମ ମଣିଷ ଜୀବନରେ ଥରେ ଥରେ ଅତି ବେଶି ଦର୍କାର ହୋଇପଡ଼େ । ତମେ ବିବାହ କଲେ ହୁଏତ ନମିତା···।

ନମିତା ସେଦିନ ସୂର୍ଯ୍ୟକାନ୍ତକୁ ତୀକ୍ଷ୍ଣ ଦୃଷ୍ଟିରେ ତର୍ଜମା କରୁଥିଲା । ନିଜର ଅପରାଧକୁ ଘୁଞ୍ଚାଇବା ପାଇଁ ଅନ୍ୟକୁ ଅପରାଧୀ କରିବାର ଯେ ଗୋଟାଏ ଇଚ୍ଛା ସୃଷ୍ଟି ହୁଏ । ମଣିଷ ମନରେ ଏକଥା ପ୍ରଥମ ଥର ନମିତା ଅନୁଭବ କରିଥିଲା । ସେଦିନ ସେ ଭାବିଥିଲା ସୂର୍ଯ୍ୟକାନ୍ତ ହୁଏତ ତା'ଠାରୁ ଦୂରେଇ ଯିବାକୁ ଚାହେଁ, ଆଉ ସେଇଦିନୁ ନିଜକୁ ଦୂରେଇ ନେବାପାଇଁ ନମିତା ଚେଷ୍ଟା କରିଥିଲା ।

ସେ ଭାବିଥିଲା ନିଜକୁ ଦୂରେଇ ନେଇ ସୂର୍ଯ୍ୟକାନ୍ତକୁ ଆଉ ସମସ୍ତଙ୍କୁ ସେ ସୁଖୀ କରାଇବ । କିନ୍ତୁ ସେ ପାଇଲା କ'ଣ ? ସେ ଭାବିଥିଲା ସେ ତ ପାପ କରିନାହିଁ, କାହାକୁ ଦୁଃଖ ଦେଇନାହିଁ, ସେ କାହିଁକି ଦୁଃଖ ପାଇବ ? ଜୀବନରେ ଯେ ତ ଅପରାଧ କରିନି, ସ୍ୱାର୍ଥପର ହୋଇନି, ସେ ତ ଜାଣି ଜାଣି କାହାର ଅନିଷ୍ଟ କରିନି, ତେବେ ସେ କାହିଁକି ଏତେ ଯନ୍ତ୍ରଣା ଏତେ କଷ୍ଟ ପାଇବ ? କେଉଁ ଭୁଲ ପାଇଁ ତା'ର ଏତେ ଶାସ୍ତି ?

ନମିତା ବାରଣ୍ଡା ଧାରକୁ ଆସିଲା । ଚୈତ୍ରର ଆକାଶ ଯେପରି ମାଇଲ ମାଇଲ ନୀଳ ହୋଇ ଲମ୍ବି ଯାଇଛି । ପ୍ରସ୍ତ ପ୍ରସ୍ତ ହୋଇ ଲମ୍ବି ଯାଇଛି । ପ୍ରସ୍ତ ପ୍ରସ୍ତ ହୋଇ ଖରାର ଉତ୍ତାପ ମେଲେଇ ହୋଇପଡ଼ିଛି । ଜଳବ ଆଉ କଳ୍ପଦାନ ଗଲେ ବନ, ପକ୍ଷୀ ଆଉ ଆକାଶ । ଯେଉଁ ଆକାଶରେ ଈଶ୍ୱର ରହନ୍ତି ଏବଂ ପାପ ପୁଣ୍ୟର ବିଚାର କରନ୍ତି ମୃତ୍ୟୁ ପରେ !

ନମିତା ମନକୁ ମନ ହସିଲା । ଈଶ୍ୱର କେ ଧନ୍ଯ ଏ ପାପ-ପୁଣ୍ୟ, ଦୁଃଖ-ସୁଖର ସଙ୍ଜ୍ଞାକୁ ଏକାକାର କରି ଦେଇଛନ୍ତି ସାମ୍ୟବାଦୀ ସଂସ୍ଥାରେ ····

ନମିତା ପୁଣି ନିଜର ଶୋଇବା ଘରକୁ ଆସିଲା । ଧୂପଦାନୀରେ ଗଲକାଲିର ଅଧାଜଳା କେତେ ଖଣ୍ଡ ଧୂପ ରହିଛି । ସେଗୁଡ଼ିକ କାଢ଼ି ସେ ବାସ୍କେଟ୍‌ରେ ପକେଇ ଦେଲା ଏବଂ କେତୋଟି ନୂଆ ଧୂପ ଉଠାଇ ଆସିଲା ଧରାଇଲା । ସୁବାସିତ ଧୂପର ଗନ୍ଧରେ ହଠାତ୍ ରୁମ୍‌ଟା ଆଚ୍ଛନ୍ନ ହୋଇ ଉଠିଲା । ଆଉ ତା' ସହିତ ନମିତାର ରୌଦ୍ର ଦଗ୍ଧ ମନ ।

ଝରକାର ରେଲିଂ ଉପରେ ଅନ୍ୟମନସ୍କ ଭାବରେ ମୁହଁ ରଖି ବାହାରକୁ ଚାହିଁ ଚାହିଁ ନମିତା ଲକ୍ଷ୍ୟକଲା, ଚୈତ୍ରର ପ୍ରଚଣ୍ଡ ଖରାରେ ଗୋଟାଏ ବରଗଛର ଗଣ୍ଡି ଫାଟିଯାଇଛି । ସ୍ଥାନେ ସ୍ଥାନେ ଉଇ ମାଡ଼ିଛି । ଖୋଳ ଧରିଛି । ମାତ୍ର ଗଛ ଉପରେ ଅଜସ୍ର ପତ୍ର ଆଉ ନୂତନ ଶାଖାପ୍ରଶାଖା । ଏତେ ଖରାରେ ବି ବେଶ୍ ସବଳ ରହିଛି ।

ନମିତା ପ୍ରକୃତିସ୍ଥ ହେଲା । ଡ୍ରଇଂ ରୁମରେ ଫୋନ୍ ରିଂ ହେଉଛି । ସେ ଏଥିରୁ ପୂର୍ବପରି ବିରକ୍ତ ନ ହୋଇ ଆଗେଇ ଗଲା ।

"ହ୍ୟାଲୋ ।"

"ହ୍ୟାଲୋ···ନମିତା ! ଅଜିତ କହୁଛି !"

"କୁହ !"

"ଦୁଃସମ୍ବାଦ···!"

"ଦୁଃସମ୍ବାଦ ? କ'ଣ ହୋଇଛି ? କାଗଜ ପତ୍ର ସବୁ ଠିକ୍ ଅଛି ତ ?"

"ରାଜପୁତ୍ର ଆହତ ! ତମର ସେଇ ଶାନ୍ତନୁ ମୁଖାର୍ଜୀ ପ୍ରାୟ ଅଧଘଣ୍ଟାଏ ତଳେ ମେନ୍‌ରୋଡ଼୍ ଉପରେ—ଅର୍ଥାତ୍ ତମ ଘରଠାରୁ ମାତ୍ର ଗୋଟାଏ ଫର୍ଲଙ୍ଗ ଦୂରରେ ଟ୍ରକ୍ ସଙ୍ଗରେ ଧକ୍କା ଖାଇ··· !"

ବ୍ୟସ୍ତ ହୋଇପଡ଼ି ନମିତା ପ୍ରଶ୍ନ କଲା—"କ'ଣ ଖୁବ୍ ବଡ଼ ଧରଣର । ମାନେ ଅଜିତ୍···ମାନେ··· !"

ଅଜିତ୍ ଧୀରସ୍ୱରରେ ଜବାବ ଦେଲା—"ସେ ବଞ୍ଚିବ ନ ପାରେ ! ବରଂ ତୁମେ ଟିକେ ତାକୁ ଦେଖି ଆସିବା ଭଲ ! ତୁମର ଅନେକ ଧରା-ବନ୍ଧା ଡ଼ିଉଟି ଭିତରେ ସେ ବି ଗୋଟାଏ··· !"

ଅଧୈର୍ଯ୍ୟ ଭାବରେ ନମିତା ଫୋନ ରଖିଦେଇ ସୋଫା ଉପରେ ବସି ପଡ଼ିଲା । ଆଶ୍ଚର୍ଯ୍ୟ ! ଡ୍ରଇଂ ରୁମ୍‌ର ଝର୍କା ଦେଇ ଉଇ ଲଟାଫଣ୍ଟା ଗଛର ଗଣ୍ଡିଟା ପରିଷ୍କାର ଦିଶୁଛି, ଆଜ ଖରା ଯେପରି ଲହଡ଼ି ଭାଙ୍ଗୁଛି ତା' ଉପରେ ।

ନମିତା ନିଜକୁ ପ୍ରସ୍ତୁତ କରିବା ପାଇଁ ଉଠିଗଲା । ମୁହଁରେ ପାଉଡର୍ ଲଗାଇ ଡ୍ରେସିଂ ଟେବୁଲ୍‌ର ବିରାଟ ଦର୍ପଣ ଦେହରେ ନିଜର ଗାଲକୁ ଘଷି ଦେହର ଉଷ୍ମତା ଜାଳିବାକୁ ସେ ଚେଷ୍ଟା କଲା, ପ୍ରଥମଥର ପାଇଁ !

ନମିତା ହସିଲା । ତା'ର ଦେହର ଔଜ୍ଜ୍ୱଲ୍ୟ ଖରା ଓ ଦର୍ପଣ ସହିତ ମିଶି ଯାଉଛି । କାଳିମାର ଆଭାସ ବିନ୍ଦୁଏ ହେଲେ ନାହିଁ ! ତା' ଆଖିରେ କି ତା' ମନରେ ନିଶା ନାହିଁ ! ସେ ସୁସ୍ଥ । ତା' ଦେହ ଅପେକ୍ଷା, ମନ ଆହୁରି ବେଶି ସୁସ୍ଥ । ତେଣୁ ସେ ମାତାଲ ହୋଇ ପାରେନା !

ମନ ତା' ଉତ୍ତାପ ଶରୀରର ଖରାର ଉତ୍ତାପ ସହିତ ସମାନ ଏବଂ ଦର୍ପଣରେ ଫୁଟିଥିବା ତା'ର ଉତ୍ତପ୍ତ ହସ ସହିତ ମଧ୍ୟ ସମାନ ! ଏମାନେ ଯଦି ସମାନ୍ତର ସରଳରେଖାରେ ରହନ୍ତି, ତା'ହେଲେ · ତା'ହେଲେ···?

ନମିତା ନିଜର ଅନୁଚ୍ଚାରିତ ପ୍ରଶ୍ନର ଉତ୍ତର ଖୋଜୁଥିଲା ନିଜ ପ୍ରତିବିମ୍ବରେ !

# ସମାନ୍ତରାଳ

"ଅଜ୍ଞା ! କେମିକାଲ ଓ ବେଟ୍ରୋଲ ଆଉ ଅଭିଜ୍ଞା ଅଙ୍ଗରେ ମଲ୍ଟି ଭିଟାମିନ ବି କମ୍ପଲେକ୍ସ ଓ ୱାଟର ବଦଳ କମ୍ପାଉଣ୍ଡ୍ ? ଖାଲି ଗୋଟାଏ ଜିନିଷ ଦୁଇଟା ଯାକରେ ଯାହା ସମାନ ଅଛି……।"

ବହୁଦିନର ପରିଚିତ ଔଷଧ ବ୍ୟବସାୟୀ ଯେପରି ବଲବଲ କରି ଚାହିଁଥିଲା ପ୍ରଶ୍ନବାଚକ ଦୃଷ୍ଟିରେ ତାଙ୍କ ଆଡ଼କୁ ।

ସୁନ୍ଦରବାବୁ ଚମକି ପଡ଼ିଲା ପରି ପ୍ରଶ୍ନ କଲେ—"କ'ଣ ଆଉ ସମାନ ରହିଲା ଶଙ୍କର ? ଦେଖେ !"

ଦୁଇ ହାତରେ ଦୁଇଟା ପ୍ରେସ୍କ୍ରିପ୍ସନ ଧରି ସୁନ୍ଦରବାବୁ ତନଖି ଦେଖୁଥିଲେ । ଏକ ଡାକ୍ତରଙ୍କର ଦସ୍ତଖତ ରହିଛି । ଦୁଇଟି ରୋଗୀ ଏକ ଦିନରେ ଗୋଟିଏ ଡାକ୍ତର ପାଖରୁ ଆଣିଛନ୍ତି ଏ ପ୍ରେସ୍କ୍ରିପସନ୍ ।

ସୁନ୍ଦରବାବୁଙ୍କ ଆଖି ଆଗଟା ଯେପରି ଝଲସି ଗଲା । ମନେ ହେଲା ସେ କିଛି ଦେଖିକି ପଡ଼ି ମରୁନାହାନ୍ତି । ସେ ଦୁଇ ଖଣ୍ଡଯାକ କାଗଜ ଆଖି ଆଗକୁ ଲଗାଇ ଧରିଲେ । ଇସ୍ ! ଡାକ୍ତରଙ୍କର କାଗଜଗୁଡ଼ାକ କି ସ୍ୱଚ୍ଛ ? ତାଙ୍କର ମନେ ହେଉଥିଲା ଯେପରି ଶଙ୍କରଟା କାଗଜର ପଛଆଡ଼ୁ ତାଙ୍କ କୁହୁଳିଆ ମୁହଁକୁ ନିରେଖି ଦେଖୁଛି ଆଉ ବୋଧେ, ବୋଧେ…!!

× × ×

ସୁନ୍ଦରବାବୁ ଯେଉଁ ଦିନଠୁ ଗ୍ରେଟଗ୍ରୁପ୍ଙ୍କ ଅଫିସରେ କାମ କଲେଣି, ସେଦିନୁ ତାଙ୍କର ବଗଠ ନାମ 'ଶ୍ୟାମ ସୁନ୍ଦର' ନାମରେ ପୂର୍ବାଂଶ ଅର୍ଥାତ୍ 'ଶ୍ୟାମ' ଶବ୍ଦଟି କେଉଁଆଡ଼େ ଯେ ଉଭାନ୍ ହୋଇଗଲା, ତା ଖବର ଅନ୍ୟମାନଙ୍କ କଥା ଛାଡ଼, ନିଜେ ଶ୍ୟାମସୁନ୍ଦର ବାବୁ ମଧ୍ୟ କହି ପାରିବେ ନାହିଁ । ବେଳେ ବେଳେ ସେ ଅଫିସରେ ଚା' ଖାଇଲା ବେଳେ, କି ସନ୍ଧ୍ୟାବେଳେ ଖୁସି ଗପ କଲାବେଳେ ଯଦି କେହି ତାଙ୍କୁ ପଚାରେ, 'ସୁନ୍ଦର ବାବୁ ! ଆପଣଙ୍କ ପୂରା ନାମଟା କ'ଣ ଜାଣିବାରେ ଆପତ୍ତି କିଛି ଅଛି ? ବଡ଼ ମଜାର ହସଟାଏ ହସି ସୁନ୍ଦର ବାବୁ କହନ୍ତି—'ବୁଝିଲ ଅମୁକ ବାବୁ !

ମାରେ କିଛି ନାହିଁ, କଥା ହେଲା ସବୁଠୁ ମଣିଷର ଗୁଣ ! ହେଁ, ହେଁ ଏଁ•••! ଗ୍ଲେଟସ୍’ ସାହେବ ତ କେଉଁକାଳୁ ମତେ ‘ସୁନ୍ଦର’ ‘ସୁନ୍ଦର’ ଡାକି ଏମିତି ଗୋଟାଏ ଅଭ୍ୟାସ ଖରାପ କରି ଦେଇଲେଣି ଯେ, ଘରେ ବାହାରେ ବଜାର ଘାଟରେ ସବୁଠି ମୁଁ ‘ସୁନ୍ଦର ହୋଇଗଲି’ ବୁଝିଲେ ଆଜ୍ଞା ! ଏ ବୁଢ଼ା ବୟସରେ ଏ ଡାକଟା ବଡ଼ ଲଜ୍ଜାରେ ପକାଉଚି••• ।’

କଥାର ଗୃଭୁଷିରେ ସୁନ୍ଦର ବାବୁ ଯେପରି ନିଜେ ନିଜେ ଲାଜେଇ ଯାଆନ୍ତି । ପ୍ରଶ୍ନକର୍ତ୍ତା ସେକ୍ରେଟେରିଲକୁ ତାଙ୍କ ଉପରେ କି ସମୀକ୍ଷା କରୁଥାଏ, ସେ କଥା ସେ ପାସୋରି ଯାଆନ୍ତି ।

ଗ୍ଲେଟସନ୍ ସାହେବଙ୍କ ଅଫିସ୍‌ରେ କାମ କରିବା ଆଜିକି ଅନେକ-ଗୁଡ଼ାଏ ବର୍ଷ ହୋଇଗଲାଣି, ଯେଉଁ ସମୟ ଭିତରେ କି ଗ୍ଲେଟସ୍‌ଏ ତିନି ତିନିଟା ଚେୟାର ବଦଳାଇ ସାରିଲେଣି ଓ ବର୍ତ୍ତମାନ ଅଫିସରେ ସର୍ବଶ୍ରେଷ୍ଠ କର୍ତ୍ତା । ସୁନ୍ଦର ବାବୁ ମଧ୍ୟ ଚେୟାର ଛାଡ଼ି ଛାଡ଼ି ତାଙ୍କ ପଛେ ପଛେ ଚାଲିଚନ୍ତି—କିନ୍ତୁ ତାଙ୍କ ପ୍ରମୋଶନ୍ କଥା ପଚାରିଲେ ସେ ଝାଲେଇ ଉଠନ୍ତି ଏବଂ ଟିକିଏ ରହି ଖୁବ୍ ଟଣା ଓଠରେ ହସଟାଏ ହସି କହନ୍ତି—‘ବୁଝିଲେ ବାବୁ ! ଯୁଗ ଖରାପ ପରା ! ଗୀତା କ’ଣ କହୁଚି, ‘କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ••• ।’

ତା’ପରେ ସଙ୍ଗେ ସଙ୍ଗେ ସେ ଏମିତି ନିବିଷ୍ଟଭାବରେ ଅଫିସ୍‌କଲମକୁ ଦୁଆତରେ ଚଟ୍ କରି ବୁଡ଼ାଇଲା ପରି କାମରେ ମନଟାକୁ ବୁଡ଼ାଇ ଦେବେ ଯେ, ପଚାରିଲା ଲୋକର ମନେ ହେବ ଆହା ! ଏପରି ମହାପୁରୁଷ ଯୋଗୀଙ୍କ ଚରଣଧୂଳି ଟିକିଏ ମୁଣ୍ଡରେ ଦେଲେ—ତା’ର ପାତକ ନଷ୍ଟ ହୁଅନ୍ତା ପରା !

କିନ୍ତୁ ଯେତେ ଯାହା ବାହାଦୂରି ଦିଲ୍‌ଦାର୍ ଓ ଧର୍ମପ୍ରାଣ ସୁନ୍ଦର ବାବୁଙ୍କର ଅଫିସ୍‌ରେ, ବଜାରରେ ପଶିବା କଣିକା ବେଳେ କିମ୍ବା ଗ୍ଲେଟସନ୍ ସାହେବଙ୍କ ଘରେ ସନ୍ଧ୍ୟା ସକାଳେ ହାଜିର ଲଭ ଘର ଖବର ବୁଝିଲାବେଳେ । ଗ୍ଲେଟସନ୍‌ଙ୍କୁ ବେଳ ହୁଏ ନାହିଁ । ଅଫିସ୍‌ରୁ ଘରକୁ ଫେରୁ ଫେରୁ ରାତି କେଜାଣି କେତେ ହୁଏ । ଦିନେ ଦିନେ କୁଆଡ଼େ ଫେରନ୍ତି ନାହିଁ । ତେଣୁ ସୁନ୍ଦର ବାବୁ ତାଙ୍କ ଘର ଖବରଟା ନ ବୁଝିଲେ ନ ଚଳେ । କେଉଁଦିନ (ତା’ର କୌଣସି ତାରିଖ ଠିକ୍ ମନେ ନାହିଁ) ଥରେ ଗ୍ଲେଟସନ୍ ତାଙ୍କୁ କହିଥିଲେ, ବୁଝିଲ “ସୁନ୍ଦର ! ଅଫିସ କାମରେ ତମେ ବ୍ୟସ୍ତ ହେବନାହିଁ । ଘର ଖବରଟା ଟିକେ ବୁଝୁଥିବ••••• ।” ଘର ମଧ୍ୟରେ ସାହେବାଣୀଙ୍କୁ

ସାହେବ ସେଇକଥା କହି ଦେଇଚନ୍ତି । ତେଣୁ ସୁନ୍ଦରବାବୁଙ୍କୁ ଦଣ୍ଡେ ନ ଦେଖିଲେ କି ବୋଲି ହାକଟାଏ ନ ବଡ଼ାଇଲେ ସାହେବାଣୀଙ୍କର ଅଫିସ୍‌କୁ ଫୋନ୍ ହୋଇ ସାହେବଙ୍କୁ ଧମକ ଦିଆଯାଏ···ଅଉ ସାହେବ ମଧ୍ୟ ଘଡ଼ି ଘଡ଼ି କଲିଂ ବେଲ୍ ଟିପି ଚପରାଶୀଙ୍କ ଅର୍ଡ଼ର କରନ୍ତି । କିନ୍ତୁ ସୁନ୍ଦର ବାବୁ ସାହେବଙ୍କ ସଲାମ ରଖିବେ କି ସାହେବାଣୀଙ୍କର ସଲାମ ରଖିବେ—ବଡ଼ ଅଡୁଆରେ ପଡ଼ନ୍ତି । ତାଙ୍କ ମତରେ କେଉଁଦିନ ଯଦି 'ରାଜାଙ୍କ ପାଇଁ ରାଜ୍ୟ—ନୀତି' ତ କେଉଁଦିନ 'ଲେଡ଼ିଜ୍ ଫାଷ୍ଟ ।' ସେ ଯାହାହେଉ ସୁନ୍ଦର ବାବୁ ଘର ଅଫିସ ହୋଇ, ଯେତେବେଳେ ଫାଇଲ-ଗୁଡ଼ାକ ଟେବୁଲ ଉପରେ ଗଦା ହୋଇପଡ଼େ, ଏବଂ ହନୁମାନ ଗନ୍ଧମାର୍ଦ୍ଦନ ବୋହି ନେଲାପରି ଗୋଟାଏ ଖେପାରେ ଯେତେବେଳେ ସେ ସେଗୁଡ଼ାକ ବୋହି ଆଣନ୍ତି ଘରକୁ, ସ୍ତ୍ରୀ ଲବଙ୍ଗଲତାଙ୍କ ଆଖିର ଭ୍ରୂ, ଟିକ୍ ଗୁଳି ମାରିଲା ପରି ସୁନ୍ଦର ବାବୁଙ୍କ ଛାତିକୁ କରତ ପକାଏ । ବିଶେଷତଃ ରାତି ଅଧରେ ମିଞ୍ଜି ମିଞ୍ଜି ଡିବି କି ଲାମ୍ପ ଆଲୁଆରେ ଯେତେବେଳେ ସିଏ ନ ଶୋଇ ଫାଇଲ ଖୋଲନ୍ତି, ଲବଙ୍ଗଲତା ମନକୁ ମନ ପାଗଳୀ ପରି କ'ଣ ଯେ ଭୁଣ୍ଡୁରୁ ଭୁଣ୍ଡୁରୁ ହୁଅନ୍ତି, ସୁନ୍ଦର ବାବୁ ଶୁଣିକି ବୁଝି ପାରନ୍ତି ନାହିଁ । କେବଳ ତାଙ୍କ କଣ୍ଠରେ ଏପରି ଏକ ବିରକ୍ତି ଥାଏ ଯେ, ସୁନ୍ଦରବାବୁ ସେଇଟା ଅନୁଭବ କରି ଶିହରି ଉଠନ୍ତି ସମୟେ ସମୟେ ।

ସୁନ୍ଦର ବାବୁଙ୍କର ମନେ ହୁଏ ଯେତେ କାମ ସାରିଲେ ବି କାମ-ଗୁଡ଼ାକ ସରୁନାହିଁ । ଘରୁ ବାହାରୁ ଯେତେ ଲୋକଙ୍କର ମନ ରଖିବାକୁ ଚେଷ୍ଟା କଲେ ବି ସେ ପାରୁ ନାହାନ୍ତି । ଅଫିସ୍‌ରେ ହ୍ରେଟରାପ୍ ସାହେବ କଟ୍-କଟ୍ ତ ଘରେ ସାହେବାଣୀ ଟମ୍ ଟମ୍ । ନିଜ ଘରେ ବାପାଙ୍କର ଅଭିମାନ ତ ବୋଉର ଛଳ ଛଳ ଆଖି । ଆଉ ଲବଙ୍ଗଲତାଙ୍କର ସବୁବେଳେ ଓଠ ନେଃଫଡ଼ା ଧମ୍ ଧମ୍ ଗୃଳି, ଦେଖାଇ ଶୁଣାଇ କଥା । କାହାର କିଛିଟା କମୁନାହିଁ, ବରଂ ଦିନକୁ ଦିନ ବଢ଼ୁଛି । ସବୋପରି ଫାଇଲ୍‌ର ସଂଖ୍ୟା ବୃଦ୍ଧି ଯେପରି ଗୋଟିଏ ଭଲ ଅଫିସର ପରିଚାୟକ । ସୁନ୍ଦର ବାବୁ ବେଳେ ବେଳେ ଥକ୍‌କା ମାରି ଯାଆନ୍ତି । ମନ ଭିତରଟା ଖାଁ ଖାଁ କରି ଉଠେ । ଭାବନ୍ତି କୁଆଡ଼େ ଛୁଟି ନେଇ ଘେରାଏ ବୁଲି ଆସନ୍ତେ । କିନ୍ତୁ ସୁନ୍ଦର ବାବୁଙ୍କର ଦ'ମିନଟ୍ ଅଫିସ୍ ଯିବାରେ ଡେରି ହେଲେ ସାହେବଙ୍କର ଖାସ୍ ଚିହ୍ନାଲଗା ପିଅନ ଧାଇଁ ଆସେ ଘରକୁ, ଆଉ ସୁନ୍ଦର ବାବୁଙ୍କୁ ସଲାମ ଠୁକି କହେ—

“ଆଜ୍ଞା ! ଶୀଘ୍ର ଆସନ୍ତୁ । ସାହେବଙ୍କ ମୁଣ୍ଡ ବିଗିଡ଼ି ଗଲାଣି ଆପଣଙ୍କୁ ନ ଦେଖି । ଖାଲି ଫାଇଲ୍ ଫୋପଡ଼ା, କଚଡ଼ା କରୁଛନ୍ତି ।”

ସୁନ୍ଦର ବାବୁ ଯେଉଁପରି ଅବସ୍ଥାରେ ଥାନ୍ତି, ସେଇପରି ଅବସ୍ଥାରେ ଅଫିସ ଦୌଡ଼ନ୍ତି । ପ୍ରବାଦ ଅଛି ଥରେ କୁଆଡ଼େ ସେ ଲୁଙ୍ଗି ପିନ୍ଧି ଅଇଁଠା ମୁହଁରେ ସାହେବଙ୍କ ଡାକରା ପାଇ ଯାଇଁ ପହଁଚିଥିଲେ । ଆଉ ସେଇକ୍ଷଣି ସାହେବାଣୀଙ୍କ ଅଙ୍ଗଲଗା ଚାକର ଡାକରେ ସେଇ ଅବସ୍ଥାରେ ଯାଇଁ ସେ ସାହେବାଣୀଙ୍କ ଖାସ୍ କ୍ୟାମରାରେ ପହଞ୍ଚିଥିଲେ । ଏପରି ସଚ୍ଚା କର୍ମୀଙ୍କୁ ହାତଛଡ଼ା ନ କରିବାକୁ ସେଦିନୁ ସାହେବାଣୀ ସାହେବଙ୍କ କାନରେ କହି ଦେଇଛନ୍ତି ଯେ - ସାହେବ ମୁହଁଟେ ନ ଦେଖିଲେ ସୁନ୍ଦରବାବୁଙ୍କୁ ପୃଥିବୀଟା ତାଙ୍କ ପାଖରେ ଅସୁନ୍ଦର ହୋଇଯାଏ । ଆଉ ସାହେବାଣୀଙ୍କର ଅବସ୍ଥା ତଦ୍ରୂପ ! ସେ ବି ସୁନ୍ଦରବାବୁଙ୍କୁ ତାଙ୍କର ଦୈନନ୍ଦିନ ସ୍ନୋ, ପାଉଡ଼ର, ସିନେମା ଟିକେଟ, ବ୍ରେସିୟାର, ତେଲ ଲୁଣଠୁ ଆରମ୍ଭ କରି ସାହେବଙ୍କ ଗତିବିଧିର ଡିନାର, ପାର୍ଟି ଓ ମଦ ବୋତଲ ସଂଖ୍ୟା ପର୍ଯ୍ୟନ୍ତ ସବୁ ଦେଣ ନେଣ ଖବର ଯୋଗାଇବାର ଦାୟିତ୍ୱ ଦେଇଥାନ୍ତି ।

ଯିଏ ଯାହା କହିଲା ସବୁଥିରେ ହଁ ମାରିବାର ଅଭ୍ୟାସ କୁଆଡ଼େ ଜନ୍ମଗତ ବୋଲି ସ୍ତ୍ରୀ ଲବଙ୍ଗଲତା କହନ୍ତି । ତାଙ୍କର ମତାମତ ସଂପୂର୍ଣ୍ଣ ବ୍ୟକ୍ତିଗତ ଏବଂ ଏକତରଫା ବୋଲି ସୁନ୍ଦର ବାବୁଙ୍କ ଧାରଣା । ଏ ନେଇ କେତେ ପାରିବାରିକ କଳହ ମଧ୍ୟ ଘଟି ଯାଇଛି । ଲବଙ୍ଗଲତାଙ୍କର ଅଭିଯୋଗ ଅନେକ । ପ୍ରଥମ କଥା ସ୍ୱାମୀଙ୍କଠାରୁ ସେ କେବେହେଲେ ଆଦର ପାଇନାହାନ୍ତି । ପଦାର୍ଥରେ ତ ପ୍ରଶ୍ନ ଉଠୁନି । କଥା ପଦକରେ ବି ନୁହେଁ । ଘରେ ରୋଗଣା ଶାଶୂ ଶ୍ୱଶୁର ଆଉ ଦଶଟା ପିଲାଙ୍କର ଗୁଅ ମୂତରେ ଘାଣ୍ଟିହୋଇ ତାଙ୍କର ଜୀବନ ନ ଗଲେ ବି ସୁନ୍ଦର ବାବୁ ମୁହଁ ଫେରାଇ ଅନାନ୍ତି ନାଇଁ ଘରଆଡ଼େ । ଗଲାବର୍ଷ ଦି'ମାସର କୋଳଛୁଆଟାକୁ ଯେତେବେଳେ ବାତ ମାରିଲା ଆଉ ଲବଙ୍ଗଲତା ତାକୁ ଛାତି ଛାତି ଧରି କାନ୍ଦୁଥିଲେ, ସେତେବେଳେ ସୁନ୍ଦର ବାବୁ ସାହେବଙ୍କ ଘରେ ଦିନରାତି ସାହେବାଣୀଙ୍କ ଶରୀରର ତତ୍ତ୍ୱ ନେବାରେ କଟାଉଥିଲେ । ମିସେସ୍ ଗ୍ରେଟସ୍ପୁଙ୍କର ସେତେବେଳେ ହାଇ ବ୍ଲଡ୍ ପ୍ରେସର୍, ଡାଇବେଟିସ୍ ଆଉ କେତେ କ'ଣ ବଡ଼ଲୋକିଆ ରୋଗ ହୋଇଥାଏ । ସର୍ବୋପରି ତାଙ୍କୁ ରାତିରେ ନିଦ ହେଉ ନ ଥିଲା । ନିଦ ନ ହେବା ଗୋଟାଏ ତାଙ୍କର ଜନ୍ମଗତ ବ୍ୟାଧି । ସୁନ୍ଦର ବାବୁ ସକାଳୁ ରାତି

ଗୋଟାଏ, ଦି'ଟା ପର୍ଯ୍ୟନ୍ତ ସେଠି ବୋଲହାକ କରି ଯେତେବେଳେ ଘରକୁ ଫେରି ଝର୍କା ବାଟେ ଲବଙ୍ଗଲତାଙ୍କୁ ନିଦରେ ଝୁଙ୍କି ହୋଇଥିବାର ଦେଖନ୍ତି, ସେତେବେଳେ ସେ ଟିକିଏ ଦବିଯାନ୍ତି । କିନ୍ତୁ ସେ କ୍ଷଣିକ । ଲବଙ୍ଗଲତା କିଛି କହିଲେ ସେ ଜବାବ ଦିଅନ୍ତି ନାହିଁ । ବେଶି ବର୍ ବର୍ ହେଲେ ସେ କଳସିରୁ ମୁନ୍ଦେ ପାଣି ହାତରେ ଚକ୍ରୁ କଳପରି ଧରି ଛିଞ୍ଚିକି ପକେଇ ଦେଇ ବିଛଣାରେ ଟେଢ଼ ପଡ଼ନ୍ତି । ବାସ୍ ! ତା'ପରେ ତାଙ୍କ ନାକ ଡାକେ । ଲବଙ୍ଗଲତା ଆଉ କହିବେ କ'ଣ ? ଦଶଟି ପିଲାର ବାପକୁ ଏମିତି ନିଶ୍ଚିନ୍ତ ନିଦ ହେବାର ଦେଖି ସେ ଖାଲି ପାହାର, ପାହାର ମୁଣ୍ଡ ଭୂଇଁରେ ବାଡ଼େଇ ଲହୁ ଲୁହାଣ ହୁଅନ୍ତି ।

ସୁନ୍ଦର ବାବୁଙ୍କୁ ବିବାହ କରି ଘର ସଂସାର କରିବାଠାରୁ ପାଣି କଳସି ବେକରେ ବାନ୍ଧି ତାଙ୍କର ବୁଡ଼ି ମରିବା ଉଚିତ୍ ଥିଲା ବୋଲି ଲବଙ୍ଗଲତାଙ୍କର ମତ । ଦିନକୁ ଦି'ଶହ ଥର ଏକଥା ଶୁଣି ସୁନ୍ଦରବାବୁ ଖାଲି କହନ୍ତି—"ଛାଡ଼ ହେ, ଏସବୁ ମାଇପି କଥା ! ପୃଥିବୀର କେଉଁ ଆଦିକାଳରୁ କର୍ମ ବିଭାଗ ହୋଇ ସାରିଚି । କେଉଁଠି ଗୋଟାଏ ଅଣ୍ଡିରପୁଅ ଘରେ ବସି ମାଇପିଙ୍କ ଫର୍ମାସି କରୁଥାଏ ? ପ୍ରେସିଡେଣ୍ଟ କେନେଡ଼ି ଗୋଟାଏ ଦିନ ତାଙ୍କ ସ୍ତ୍ରୀଙ୍କ ସକାଶେ ଛୁରିରେ ଖଣ୍ଡେ ପାଉଁରୁଟି କାଟିଦେବାରୁ, ଏ ଦେଶର ସ୍ତ୍ରୀମାନେ ଭାବୁଛନ୍ତି, ମର୍ଦ୍ଦମାନେ ରୋଜ ଭାତଗାଳି ଦିଅନ୍ତେ, ମସଲାବାଟି ଦିଅନ୍ତେ......... ! ଛିଃ, ଛିଃ...... !"

ଲବଙ୍ଗଲତା ଗର୍ଜି ଉଠନ୍ତି—"ନାହିଁ ଖାଲି ସେଇ ସାହେବାଣୀ ଗୋଡ଼ ଘଷିଦେଲେ ଆମ ପେଟ ପୂରିଯିବ ପରା ! ସେ ମର୍ଦ୍ଦପଣିଆ ମତେ ଦେଖେଇବ ନାହିଁ । ମୁଁ ସବୁ ଜାଣେଣି...ସବୁ ଜାଣେ... । ପୁରୁଷ ଜାତିଟି ତେମେ, ପର ମାଇପଙ୍କର ପକେଇଲା ଛେପ ଚୋକନେବ ପଛେ, ନିଜ ମାଇପର ମୁହଁ ଗନ୍ଧେଇବ । ମୁଁ ତ ଅଧମଲି ହେଲିଣି......ମରି ଯାଆନ୍ତି କି ତମ ମଜା ଦେଖନ୍ତି...... ।" ପଛ ବେଳକୁ ସେ କାନ୍ଦି ପକାନ୍ତି । ସୁନ୍ଦର ବାବୁଙ୍କର 'ମାଇପ ଆଗରେ ପାଇକ ପଣ' ମନ୍ତ୍ରଟା ସେତିକିରେ କାବୁ ହୋଇଯାଏ । ଲବଙ୍ଗଲତା ଯେପରି ବତାସ ପବନରେ ଦୋହଲିଲା କାଠି ଖଣ୍ଡେ ପରି ତାଙ୍କୁ ଲାଗନ୍ତି । ଆଉ ଟିକିଏ ପବନ ଦେଲେ ଜୋରରେ ସେ ତଳେ ପଡ଼ିଯିବେ । ଝାପସା ହୋଇ ତାଙ୍କ ଆଖି ଆଗରେ ମିସେସ୍ ଷ୍ଟ୍ରେଟବ୍ୟୁକଙ୍କର ଛବିଟା ନାଚି ଉଠେ । ପ୍ରକାଣ୍ଡ ମୋଟୀ ଆଉ ଢେଙ୍ଗୀ ।

ପିଲା ନାହିଁ । ସବୁବେଳେ ଫଗ, ଫଗ, ଫଣ, ଫଣ । ସୁନ୍ଦର ବାବୁ ଯେମିତି ସବୁ ସାହସ ତାଙ୍କ ପାଖରେ ହରେଇ ବସିଥାନ୍ତି । ସ୍ଥୁଳଟ ଗପୁ ସାହେବ ଏତେ ପ୍ରତାପୀ—କିନ୍ତୁ ଅଫିସ୍‌ରେ । ଘରେ ସେ ମୂଷା । ସାହେବାଣୀ ଭାବନ୍ତି ସାହେବଟା କୁଆଡ଼େ ମଦଡ଼ା, କୁଆଡ଼େ, ଆଜ ଆଜ କେତେ କ'ଣ ! ମାନସିକ ଅଶାନ୍ତିରେ ତାଙ୍କୁ ଦୀର୍ଘ ଏକବର୍ଷ ହେଲା ନିଦ ହେଉ ନାହିଁ । ଯେତେ ଖାଦ୍ୟ କମେଇଲେ ବି ସେ ମୋଟା ହୋଇ ଯାଉଚନ୍ତି । ଦିନ ରାତି ତନୁ ପାତଳୀ ହେବା ପାଇଁ ତାଙ୍କର ବହୁତ ଶ୍ରମ ସାଧନା ; କିନ୍ତୁ ସବୁ ଯେପରି ବ୍ୟର୍ଥ । ସାହେବାଣୀଙ୍କ ମୁହଁ ଯେପରି କଳା କାଠ ପରି ସିଝି ଯାଉଚି ; ଅଥଚ ସାହେବଙ୍କର କିଚ୍ଛି ନାହିଁ । ଦିବ୍ୟ ଭୋଜନ ପରେ ଇ ବୋତଲ ବୋତଲ ଫରାସୀପାନୀୟ ଉଦରସ୍ଥ କରି ଦିନ ରାତି ଫାଇଲ୍, ପାର୍ଟି, ପିକ୍‌ନିକ୍ ଓ ଜୁଆ ଖେଳରେ ତାଙ୍କୁ ଚବିଶ ଘଣ୍ଟା ନିଅଣ୍ଟ ପଡ଼ୁଚି । ଏଣେ ଦିହ ଦିନକୁ ଦିନ କ୍ଷୀଣ— କୁଟାଟିଏ ପରି ହୋଇ ଯାଉଚି ।

ଏଇପରି ଅବସ୍ଥାରେ ସୁନ୍ଦର ବାବୁ କାହାକୁ କ'ଣ କହିବେ ଓ ନିଜ ପାଇଁ, ନିଜ ଘର ଓ ପରିବାର ପାଇଁ କି ବ୍ୟବସ୍ଥା କରିବେ ସେ ବୁଝି ପାରନ୍ତି ନାହିଁ । ପଚିଶ ବର୍ଷ ଚାକିରି ଜୀବନରେ ସେ ଯେଉଁ କିରାଣୀ ସେଇ କିରାଣୀ । ଦରମା ବଢ଼ି ବଢ଼ି ତିନିଶହ । ପ୍ରମୋଶନ୍ ଆଉ ତାଙ୍କର ହେଲା ନାହିଁ । କେତେଥର କେତେଲୋକ ପ୍ରଶ୍ନବାଚକ ଦୃଷ୍ଟିରେ ଅନାନ୍ତି । କିନ୍ତୁ ସାହେବଙ୍କର ବେଳ କାହିଁ, ସାହେବାଣୀଙ୍କର ଚିନ୍ତାର ଗ୍ରୁଡ଼ ନାହିଁ ଯେ ସେ ନିଜକଥା କହିବେ ? ନିଜ ପାଖରେ ନିଜେ ସେ ଏକ ବିରାଟ ପ୍ରଶ୍ନବାଚକ ଚିହ୍ନ ହୋଇ ଛିଡ଼ା ହୋଇଛନ୍ତି । ତେଣୁ ଲବଙ୍ଗଲତାଙ୍କର ପ୍ରଶ୍ନର କି ଉତ୍ତର ଦେବେ ସେ ।

ଏଣିକି ପ୍ରତିଦିନ ସେ ଅଫିସ ବାହାରିଲା ବେଳେ ଶୁଣନ୍ତି, ବାପା, ଦରମା ନ ଦେଲେ କଲେଜରୁ ନାଁ କଟିଯିବ, ବାପା, ମୋ'ର କହୁନାହିଁ, ମୁଁ ଆଉ କେତେ ଏକଗୋଡ଼ିଆ ହୋଇ ସ୍କୁଲରେ ଛିଡ଼ା ହେବି, ବାପା, ମୋର ଫ୍ରକ୍ ନାହିଁ, ଫ୍ରକ୍ ନ ହେଲେ ମୁଁ ଆଉ ସ୍କୁଲ ଯିବିନି, ବାପା, ହରିବାବୁ ଯେମିତି ତାଙ୍କ ପୁଅ 'ଟିକୁ' ପାଇଁ ରବଲ୍ କଣ୍ଢେଇ ଆଣିଛନ୍ତି ମୋ ପାଇଁ ସେମିତି ନ ଆଣିଲେ ମୁଁ ରୁଷିଯିବି ।' ଦିନେ ଦିନେ ବୋଉ କହେ, 'ପୁଅରେ ! ଏ ମାସରେ ଯେମିତି ହେଲେ ମତେ ଟଙ୍କା ପାଞ୍ଚଟା ଦେବୁ । ଲୁଗା ଖଣ୍ଡେ ନ ହେଲେ ଦାଣ୍ଡ ମୁଣ୍ଡ ହେବ କେମିତି ।' ବାପା ଦିନେ ଦିନେ ଅଫିମ

ଟିକଏ ପାଇଁ ଅନୁନୟ କରନ୍ତି । ଆଉ ଲବଙ୍ଗଲତା ଖାଲି କହନ୍ତି, ସଅଳ ଦିନେ ହେଲେ କାମ ସାରି ଫେର, ମୁଁ ଆଉ ବଞ୍ଚିବି ନାହିଁମ । ଇଚ୍ଛା ବି ନାହିଁ । ଖାଲି ପିଲାଗୁଡ଼ାକ ଓଟାରୁଚନ୍ତି । ଦିହଟା ସବୁଦିନେ ଥରୁଚି, କାମକୁ ପାରୁନି, ଖାଇଲେ ହଜମ ହେଉନି । ରାତିରେ ଆଖି ପିଞ୍ଚୁଡ଼ା ବି ପଡ଼ୁନି । ଏମିତି କଷ୍ଟ ଲାଗୁଚି ସକାଳୁ ଯେ…ହେଲିଟି ଶୁଣୁଚ ! ହରିବାବୁଙ୍କ ସ୍ତ୍ରୀଙ୍କର କୁଆଡ଼େ ଏମିତି ହେଉଥିଲା । ସେଇ ଯେଉଁ ଡାକ୍ତରାଣୀ ମ…ଆମେରିକାରୁ ଏବେ ଫେରି ନାହାଁନ୍ତି ? ତାଙ୍କ ଔଷଧରେ ସେ ଭଲ ହୋଇଗଲା । ତମେ ଆସନ୍ତି କି ଟିକେ ସଅଳ, ସଅଳ ?

ସୁନ୍ଦର ବାବୁ ଅଧେ ଶୁଣନ୍ତି ନାହିଁ । ଅଫିସ୍‌ରେ ଥରେ ପଶିଲେ ଆଉ ବାହାରିବା ସମ୍ଭବ ନୁହେଁ । ମନଟା ଛନ ଛନ ହୋଇ ଆଉକୁ ଟାଣି ହୋଇ ଆସିଲେ ସେ ଆପେ ଆପେ ନିଜକୁ ବୁଝେଇ କହନ୍ତି —'ଘୃତ ନିଜ କାର୍ଯ୍ୟ, ଧର ରାଜ କାର୍ଯ୍ୟ !' ଭଗବାନ ଅଛନ୍ତି । ସୁନ୍ଦର ବାବୁଙ୍କୁ ମାସ ମାସ ଧରି ସମୟ ହୁଏ ନାହିଁ ।

ସେଦିନ ଅଫିସ ଭିତରେ ପାଦ ନ ଦେଉଣୁ ଷ୍ଟେଟଗସ୍ ସାହେବଙ୍କ ପିଅନ ଆସି ସଲାମ ଠୁକିଲା, ସାହେବ ଅଫିସ୍‌ରେ ନ ପଶୁଣୁ ସେ ଚେୟାର ଛାଡ଼ି ହାତ ଧରି ପକେଇଲେ ସୁନ୍ଦର ବାବୁଙ୍କର । "ସୁନ୍ଦର ବାବୁ ! ଫାଇଲ୍ ପାଇଁ ଚିନ୍ତା କରନି, ମିସେସଙ୍କ ଦେହ ଭାରି ଖରାପ । ତାଙ୍କ ମୁଣ୍ଡ ବୋଧେ କିଛୁ ଠିକ୍ ରହୁନି । ଟିକେ ଡାକ୍ତରଙ୍କ ପାଖକୁ ତୁମେ ନେଇ ଯାଆନ୍ତି କି ତାଙ୍କୁ ! ମୁଁ Appointment କରି ଦେଇଚି । ପ୍ଲିଜ୍ ……।" ପ୍ଲିଜ୍ ଶବ୍ଦ ଶେଷ ହେବା ପୂର୍ବରୁ ସୁନ୍ଦର ବାବୁ ଡିଆଁ ଟାଏ ମାରି ସାହେବାଣୀଙ୍କ ଖାସ କ୍ୟାମେରାରେ ହାଜର ।

ମିସେସ୍ ଷ୍ଟେଟଗସ୍ଙ୍କୁ ନେଇ ଡାକ୍ତରାଣୀଙ୍କ ପାଖରୁ ପ୍ରେସ୍କ୍ରିପ୍‌ସନ୍ ନେଇ ଯେତେବେଳେ ସେ କାରର ଫାଟକ ଖୋଲନ୍ତି, ସେତେବେଳେ ସେ ଚମକି ପଡ଼ିଲେ । ଲବଙ୍ଗଲତା ତାଙ୍କ ବାପଘରେ ପିଲା ଆସିଥିବା ନାଲିଆ ପାଟ ଖଣ୍ଡିକ ପିନ୍ଧି କୋଳରେ ବର୍ଷକର ଝିଅ 'ମୁନା'କୁ କାଖେଇ ତାଙ୍କୁ ବଲ ବଲ କରି ଅନେଇଛନ୍ତି, ସତେ ଯେପରି କ'ଣ କହିବେ ? ସୁନ୍ଦର ବାବୁଙ୍କ ଛାତିଟା ଧଡ଼୍ ଧଡ଼୍ କରି ଉଠିଲା । ସେ ଆଖି ବୁଜିଦେଇ ଗାଡ଼ିର କବାଟଟା ଧଡ଼କରି ପକେଇ ଦେଇ ଡ୍ରାଇଭରକୁ ସାହେବୀ ଢଙ୍ଗରେ କହିଲେ 'ଚଲାଓ' ! ବାସ୍ । ତା'ପରେ ତାଙ୍କର ଆଉ ହୋସ ନାହିଁ ।

ମିସେସ୍ ଗ୍ଲେଟରାୟଙ୍କ ପ୍ରେସ୍‌କ୍ରିପ୍‌ସନ୍‌ଟା ତାଙ୍କ ପକେଟରେ ଥାଏ । ସେ ସେମିତି କାମ କରି ଚାଲିଥାନ୍ତି ଅଫିସ୍‌ରେ । ଅଫିସ୍ ଫେରନ୍ତା ଔଷଧ କିଣିନେବାର କଥା । ଫାଇଲ୍ ଜଞ୍ଜାଳରେ ସେ ଲବଙ୍ଗଲତାଙ୍କ କଥା ଆଉ ମନରେ ରଖି ନାହାନ୍ତି ।

ଦିନ ତିନଟା ବେଳକୁ ବଡ଼ ପୁଅ ପରେଶ ଧାଇଁ ଆସିଲା । ଧଇଁସଇଁ ହୋଇ ଦମ୍ ନେଇ ନେଇ କହିଲା—'ବାପା ! ବୋଉ ଦେହ ଭାରି ଖରାପ । ତମେ ଔଷଧ ଆଜ ଯେମିତି ହେଲେ ଘରକୁ ଗଲାବେଳେ କିଣିନେବ । ଆମେ ପାଞ୍ଚ ଆଠଦିନ ନ ଖାଇବୁ, କିନ୍ତୁ ବୋଉ ଦେହ ଭଲହେବା ଦର୍କାର । ଯେମିତି ହେଉ ଔଷଧ କିଣିନେବ !

ସୁନ୍ଦର ବାବୁଙ୍କ ପ୍ରେସ୍‌କ୍ରିପ୍‌ସନ୍ କ ପୁଅର କଥା ଭଲ ଭାବରେ ଶୁଣିବାକୁ ବେଳ ନ ଥିଲା । କାଲି ବିଭାଗୀୟ ମନ୍ତ୍ରୀ ଆସିବେ । ଫାଇଲ ସବୁ ରେଡ଼ି କରିବାକୁ ସାହେବଙ୍କ ନିର୍ଦ୍ଦେଶ । ସେ ପୁଣି ଫାଇଲରେ ମନ ଦେଲେ । ମିସେସ୍ ଗ୍ଲେଟରାୟଙ୍କ ପ୍ରେସ୍‌କ୍ରିପ୍‌ସନ୍ ସହ ଲବଙ୍ଗଲତାଙ୍କ ପ୍ରେସ୍‌କ୍ରିପ୍‌ସନ୍‌କୁ ସେ ଗୁଞ୍ଜି ପକେଟରେ ରଖିଲେ ।

ଟିକକ ପରେ ଗ୍ଲେଟରାୟ ସାହେବଙ୍କ ସଲାମ ଆସି ପହଞ୍ଚିଲା । ସାହେବ ଯେମିତି ବିରକ୍ତଟାଏ ହୋଇ କହିଲେ—"ବୁଝିଲେ ସୁନ୍ଦର ବାବୁ ! ଦିନସାରା ଗୁଡ଼ାଏ ଆଜେ ବାଜେ କାମ କଲେ ହୁଏନାହିଁ । ମୁଣ୍ଡ ଦର୍କାର, ମୁଣ୍ଡ । ତମେ ଡାକ୍ତରଙ୍କୁ ମିସେସ୍‌ଙ୍କୁ ଦେଖାଇ ଆଣିଲ ଅଥଚ ଔଷଧ କିଣି ଦେଇ ପାରିଲ ନା । ଦିନ ପାଞ୍ଚ ବାଜିଲାଣି । ନନ୍‌ସେନ୍‌ସ ! ତେଣେ ମିସେସ୍ ଔଷଧ ଅପେକ୍ଷାରେ ବସି ବସି ବିରକ୍ତ ହୋଇ ଗଲେଣି । ମୁଁ ଜଣେ ପରା ତମଭଳି ଗୁଡ଼ାଏ କିରାଣିଙ୍କ ଦେଇ ଝଡ଼ା ପିଟିବି ନା...... !"

ସୁନ୍ଦର ବାବୁ ମନେ କରୁଥିଲେ ତାଙ୍କ ଆଖିରେ ଅଗ୍ନି ଚହଟି ଆସୁଛି । ଏଇକ୍ଷଣି ସେ ଅଗ୍ନିରେ ଯେପରି ଗ୍ଲେଟରାୟ ବଂଶ ଆଉ ଅଫିସର ସବୁ ନାଲି ଫାଇଲ ଗୁଡ଼ା ପୋଡ଼ି ପାଉଁଶ ହୋଇଯିବ । ସେ ମନକୁ ପ୍ରବୋଧ ଦେଲେ ନିଜେ, ନିଜେ । ନାଁ, ନାଁ ସେ ପୋଡ଼ିବେ ନାହିଁ, ସେ ଜାଳିବେ ନାହିଁ । କାଲି ମନ୍ତ୍ରୀ ଆସିବେ । ଗ୍ଲେଟରାୟଙ୍କର ଆଉରି ଗୋଟାଏ ପ୍ରମୋସନ୍ ପାଇବାର ବେଳ ଅଛି ଯେ !

ସୁନ୍ଦରବାବୁ ଏକମୁହାଁ ହୋଇ ଔଷଧ ଦୋକାନଆଡ଼େ ଦୌଡ଼ିଲେ । ତାଙ୍କର ମୁଣ୍ଡ, ଦେହ ସବୁ ଯେପରି ଅବଶ, କ୍ଳାନ୍ତ । ଔଷଧ ଦୋକାନରେ

ପହଞ୍ଚି ସେ ପ୍ରେସ୍କ୍ରିପ୍ସନ୍ ଦୁଇଟା ବଢ଼େଇ ଦେଇ ଧୂସର ରାସ୍ତାକୁ, ଗାଡ଼ି ମଟରକୁ ଅନେଇଥିଲେ ; ଆଖି ଯେପରି ସବୁ ଝାପ୍ସା ଦେଖୁଥିଲା । ହଠାତ୍ ଶଙ୍କରର ପ୍ରଶ୍ନରେ ସେ ସମ୍ବିତ ଫେରିପାଇ ପ୍ରେସ୍କ୍ରିପ୍ସନ୍ ଦୁଇଟା ଆଣି ତନଖି ଦେଖିଲେ । ବାଃ ! ଗୋଟାକରେ କେମିକାଲ୍ତ ଅନ୍ୟ ଗୋଟାକରେ ଓ୍ୱାଟର ବରିଜ୍ କମ୍ପାଉଣ୍ଡ ଓ ଭିଟାମିନ୍ କଂପ୍ଲେକ୍ସ । ଚମତ୍କାର କମ୍ବିନେଶନ୍ । କିନ୍ତୁ ଦୁଇଟାଯାକରେ ଗୋଟାଏ ମାତ୍ର ଔଷଧ ସାମାନ । ସେ ହେଉଛି ସ୍ଲିପିଂ ଟାବ୍ଲେଟ୍ ।

ସୁନ୍ଦର ବାବୁ ଆଉ ଥରେ ଚମକି ପଡ଼ିଲେ ! ମିସେସ୍ ଗ୍ରେଟସ୍ପୁଙ୍କର ସ୍ଲିପିଂ ଟାବ୍ଲେଟ ଦର୍କାର, ଆଉ ଲବଙ୍ଗଲତାଙ୍କର ବି । ଦୁଇଜଣଙ୍କୁ ନିଦ ହେଉନି ରାତିରେ । କାରଣ କ'ଣ ? ଅଥଚ କେମିକାଲ ଖାଇ ଜଣେ ତନୁପାତଳୀ ହେବାକୁ ଚାହେଁ, ଆଉ ଜଣେ ଭିଟାମିନ୍ ଖାଇ ବଞ୍ଚି ରହିବାକୁ ଚାହେଁ ; କିନ୍ତୁ ଉଭୟଙ୍କର ନିଦ୍ରା ଅଭାବ । ନିଦ ହେଉନି ଅଶାନ୍ତି । ଝଞ୍ଜାଳ । ମାନସିକ ବେଦନା ପ୍ରଚୁର ନିଶ୍ଚୟ !

ସୁନ୍ଦର ବାବୁ ଦୁଇ ହାତରେ ଦୁଇଟା ପ୍ରେସ୍କ୍ରିପ୍ସନ୍ ଧରି ତନ୍ନ ତନ୍ନ କରି ଦେଖୁଥିଲେ । ଗ୍ରେଟସ୍ପୁ ସାହେବଙ୍କ କଥାଗୁଡ଼ା ଯେପରି ତାଙ୍କ କାନମୁଣ୍ଡାରେ ବାଜି ଝାଇଁ ଝାଇଁ କରୁଥିଲା — 'ନନ୍ସେନ୍ସ !' ମୁଣ୍ଡ ଖର୍ଚ୍ଚ କର, ମୁଣ୍ଡ । କରାଣୀଙ୍କ ଦେଇ ଖଡ଼ା ସିଝିବନି, କେବେହେଲେ......ମୁଣ୍ଡ ଖର୍ଚ୍ଚ କର । ନନ୍ସେନ୍ସ୍ !

ସୁନ୍ଦର ବାବୁଙ୍କ ଦୁର୍ବଳ କୋରଡ଼ ଆଖିରୁ ଝପର ଝପର ଲୁହ ବହି ଦୁଇଟା ପ୍ରେସ୍କ୍ରିପ୍ସନ୍ରୁ ସ୍ଲିପିଂ ଟାବ୍ଲେଟ୍ ଶବ୍ଦ ଦୁଇଟାକୁ ଏକଦମ ଧୋଇ ନେଇ ଗଲାଣି ସେତେବେଳକୁ !

ଅନନ୍ତ ଦୂରରୁ ଗ୍ରେଟସ୍ପୁ ସାହେବଙ୍କର ଅଫିସ୍ ଫେରନ୍ତା ମଟର ହର୍ଣ୍ଣର ଆଓ୍ୱାଜ ଯେପରି ତାଙ୍କର ପଞ୍ଜରା ହାଡ଼କୁ କମ୍ପେଇ ଦେଇ ଯାଉଥିଲା ।

ସଞ୍ଜର ଅପର୍ଯ୍ୟାପ୍ତ ବିଜୁଳି ଆଲୋକର ଉତ୍ସବ ଭିତରେ ବି ତାଙ୍କ ଆଖିରେ ଅନ୍ଧାର ଜମାଟ ବାନ୍ଧି ଆସୁଥିଲା !

ଶ୍ରୀ ... ଲାଇବ୍ରେରୀ
ନଂ [illegible]
ତା ...........
...

# ଭଉଁରୀ

ରାତି ନୁହେଁ, ଏଇଟା ଦିନ। ଘରର କୌଣସି ନିଷିଦ୍ଧ ଅନ୍ଧକାର ଗୃହର ଛୁଟିକାଏ ଦିନ ନୁହେଁ, ପୂରାପୂରି ଦିନ, ଅଫିସଘରର ନିଅନ୍ ଆଲୁଅରେ ଅଧିକ ଉଜ୍ଜ୍ୱଳଭରା ଦିନ।

ମନ ଭିତରେ କିଏ ଚାବୁକ୍ ମାରୁଛି ! ଏଠି ବିଚଳିତ ହେବା, ଅପାରଗତା ! ଅକ୍ଷମତା !

ଅଞ୍ଜନା ଥଣ୍ଡା ପାପୁଲିଟା ନିଜ ଗାଲ ଉପରେ ବୁଲାଇ ଆଣିଲେ ! ଆଃ ! ସମସ୍ତ ଦେହଟା ଉତ୍ତେଜନାରେ ଜଳୁଛି !

ଚିଁ କରି ଉଠିଲା ଫୋନ୍‌ଟା। ବିରକ୍ତିରେ ଫୋନ୍‌ଟା ଉଠାଇ ନେଲେ—"ହ୍ୟାଲୋ !"

"ଭାଉଜ ! ଖୁବ୍ ରାଗିଯାଇଛ ବୋଧହୁଏ……

ଅଞ୍ଜନା ଓଠ ଉପରେ ଓଠ ଚାପି କହିଲେ

ଭାରି କାମ ଆଜି ସୁଧାଂଶୁ ! କଣ କହିବ……?

ଗେହ୍ଲେଇ ହୋଇ ସୁଧାଂଶୁ କହିଲା…

ମୋର ଗୋଟେ ବନ୍ଧୁର ଜନ୍ମଦିନ। କାଲି ଭାବୁଛି ଗୋଟେ ପେନ୍ ପ୍ରେଜେଣ୍ଟ୍ କରିବି…ଆଣି ପାରିବ ଆସିଲା ବେଳକୁ…!"

"ଦେଖିବି…!" ଧଡ଼ାମ୍ କରି ଫୋନଟା ଥୋଇଦେଲେ ଅଞ୍ଜନା !

ଉଦ୍‌ଗତ କୋହକୁ ଚାପିନେବା ପାଇଁ ଅଞ୍ଜନା ଆଖି ବନ୍ଦ କଲେ ! ଅସଭ୍ୟ !

ସମସ୍ତ ପୃଥିବୀଟା କେବଳ ଲାଭଖୋର ! ଲାଭ ନ ହେଲେ କେହି କାହାକୁ ସ୍ନେହ କରେ ନା, ମମତା ଦେଖାଏ ନା ! ସାମାନ୍ୟ ଖାତିର୍ ପର୍ଯ୍ୟନ୍ତ କରେ ନା। ସ୍ୱାର୍ଥ ପାଇଁ ମଣିଷ ରଙ୍ଗ ବଦଳାଏ…ଆଉ ଏଇ ବଦଳାଇବାଟା ବୋଧହୁଏ ତା'ର ମଣିଷପଣିଆ।

ଏଇ ଶ୍ଲୋକ ତଳେ ଅଶେଷ ମାତ୍ର ଭାବରେ ଯୁକ୍ତି କରୁଥିଲା ସୁଧାଂଶୁ ନାରୀପୁରୁଷ ସମାଜ ଓ ପରମ୍ପରା ନେଇ। ଅଞ୍ଜନା ନିଜେ କ୍ଷିପ୍ର ହୋଇ

ଖାଇବା ଟେବୁଲ୍‌ରୁ ଉଠିଥିଲେ । ପାଞ୍ଚଦିନ ଧରି ପରିବାରକୁ ଭରଣପୋଷଣ କରି ଆସିଥିଲେ ବି କେହି ତାଙ୍କର ସତ୍ତାକୁ ସ୍ୱୀକାର କରୁନାହାନ୍ତି ! ତାଙ୍କର ରାଗ-ଅଭିମାନର ପ୍ରଶ୍ନ ଉଠେ ନା । ଘରେ ସେ ଯେ ବୋହୂ ! ପରିବାରର ସମସ୍ତଙ୍କ ମନ ନେଇ ଚଳିବାଟା ତାଙ୍କର ଧର୍ମ । ରୋଷେଇବାସ; ଟେଟା ଲେଟିବାଠୁ ଆରମ୍ଭ କରି ବନ୍ଧୁ-ଚର୍ଚ୍ଚା ସବୁ ତାଙ୍କୁ ପ୍ରଫୁଲ୍ଲ ମନରେ ଅନ୍ତତଃ ପ୍ରଫୁଲ୍ଲ ବଦନରେ କରିବାକୁ ହେବ । ତା'ପରି ଭରଣପୋଷଣ ପାଇଁ ଅଧାରୁ ବେଶି ଦାୟିତ୍ୱ ନେବାକୁ ହେବ । କାରଣ ସମ୍ବିଧାନରେ ନାରୀ ପୁରୁଷଙ୍କର ସମାନ ଅଧିକାର ରହିଛି, ଅସମୟରେ ବାହାରକୁ ସେ ଯାଇ ପାରିବେ ନି; ସମାଜର ନାଲି ଆଖି ସର୍ବଦା ସତର୍କ । ଲଜ୍ଜାବତୀ ଧୈର୍ଯ୍ୟଶୀଳା ହେବେ; କାରଣ ତାହା ନାରୀର ଭୂଷଣ...... !

ସିଲି !

କଲମଟା ଅଜାଣତରେ ଫୋପାଡ଼ିଦେଲେ ତଳକୁ । ଅଫିସ ଟେବୁଲ ଉପରେ ଫାଇଲଗୁଡ଼ାକ ଗଦା ହୋଇଗଲାଣି ।

କାମ, କାମ ଆଉ କାମ ଘରେ ବାହାରେ ଖାଲି କାମ ଆଉ କାମ ! ମନ ବିଦ୍ରୋହ କରି ଉଠୁଛି ।

ହେଡ୍ ଆସିଷ୍ଟାଣ୍ଟ ସନାତନ ବାବୁ ଟକା ମୁଣ୍ଡ କୁଣ୍ଡେଇ କୁଣ୍ଡେଇ ରୁମ୍ ଭିତରକୁ ପଶିଲେ ।

"ଆଜ୍ଞା ! ଏ ଚିଠିଗୁଡ଼ା ଜରୁରୀ ଅଛି । ଆସେମ୍ବ୍ଲି ଉତ୍ତର ପାଇଁ ରେଡ଼ି କରିଦେବା କଥା···ଦସ୍ତଖତ · ।"

ଗର୍ଜି ଉଠିଲେ ଅଞ୍ଜନା—"କାହିଁକି ? କାହିଁକି ଫାଇଲ ପକେଇ ରଖିଛନ୍ତି ଏପର୍ଯ୍ୟନ୍ତ ଶୁଣେ ? ମୁଁ କହିଲି ନି ବୋଲି ତ ? ଏତେଦିନ ଧରି କାମକଲେଣି, ଠିକେ ହେଲେ ଆପଣଙ୍କର ସମୟଜ୍ଞାନ ହେଲା ନାହିଁ । ଆପଣ ଭାବୁଛନ୍ତି, ସବୁକାମ ମୂଳରୁ ଶେଷ ମୁଁ କରୁଥିବି—।"

ବିରକ୍ତିରେ ଅଞ୍ଜନା ଚିଠିଗୁଡ଼ାକରେ ଦସ୍ତଖତ କରି ଦେଇଥିଲେ । ଇସ୍ ! ମୁକ୍ତି ନାହିଁ, ଚାରିଆଡ଼େ ଯେମିତି ଗୋଟାଏ ଜାଲ ଘେରି ହୋଇଛି ତାଙ୍କର । ଆଉ ସେ ଜାଲରେ ପଡ଼ି ସେ ଛଟପଟ ହେଲେ ବି ମୁକ୍ତି ପାଇବାର ବାଟ ନାହିଁ ।

ଅଫିସ୍ ଘରେ ବାହାରେ ଉ······? ସେଦିନ ମୀନାକ୍ଷୀ କହୁଥିଲା, ନାରୀମାନେ ଅଫିସ୍ କାମକୁ ଅପାରଗ···ବିଶେଷତଃ ବଡ଼ ବଡ଼ ଦାୟିତ୍ୱରେ ରହିଲେ ସେମାନେ ନିଜର ବ୍ୟାଲାନ୍ସ ରଖିପାରନ୍ତି ନି···!

କାହିଁକି ?

ସେ ନିଜେ ତ ବିଶ୍ୱବିଦ୍ୟାଳୟର କୃତୀ ଛାତ୍ରୀ । ଦିନସାରା ଚାକିରି ଘଣ୍ଟା ସେ ତ କାମ କରୁଛି; ପାରିବ ନି କାହିଁକି ? ଅସଲ କଥା, ବ୍ୟାଲାନ୍ସଟା ରଖିବାକୁ ତାଙ୍କୁ କେହି ସାହାଯ୍ୟ କରିବ ନି । ନିଜେ ଧରି ରଖିଲେ ସେ ନାରୀ ନ ହୋଇ ହେବ ପୁରୁଷ । ତା'ପରେ ଯା ହେବାକୁ ଥାଏ !

ଆବସର୍ଡ୍ ! ଘର ସମାଜ ଆଉ ପରିବାର ସହ ସାଲିଶ୍ କରି ବଞ୍ଚିବା ତ ଏକ ବିଷମ ବ୍ୟାପାର !

ସେଦିନ ମୀନାକ୍ଷୀ ବୁଝାଉଥିଲା ମାରିବକରେ । ମାତ୍ର ବିବାହର ବର୍ଷ କେତେଟା ପରେ ଅଞ୍ଜନା, ମୀନାକ୍ଷି କଥାର ସାର ମର୍ମଟା ମର୍ମେ ମର୍ମେ ଉପଲବ୍ଧି କରିଥିଲେ ।

ଅର୍ଥାତ୍ ପରିବାରର ଆର୍ଥିକ ଦୃଷ୍ଟିକୋଣରୁ ତାଙ୍କୁ ଚାକିରି ବଜାଇ ଯିବାକୁ ହେବ; ମାତ୍ର ପରିବାରର ସମୃଦ୍ଧ ମଙ୍ଗଳ ଦୃଷ୍ଟିରୁ ତାଙ୍କୁ ଷଡ଼ରିପୁ ଦମନ କରି ପ୍ରଫୁଲ୍ଲ ଚିତ୍ତରେ ବଞ୍ଚିବାକୁ ହେବ । ସେଇ ହିଁ ସ୍ୱର୍ଗ; ସେଇ ହିଁ ନାରୀ ଜୀବନର ଚରମ ସାର୍ଥକତା ।

ଆଉ ପ୍ରେମ, ପାର୍ଟି, ପିକ୍ନିକ୍ ଉତ୍ସବ ! ବନ୍ଧୁ ମିଳନ ଇତ୍ୟାଦି ଇତ୍ୟାଦି ସ୍ୱାମୀଙ୍କର ଅନୁମୋଦନ ଓ ପରିବାରର କଲ୍ୟାଣ ଦୃଷ୍ଟିରୁ ଯେତିକି ସମ୍ଭବ ସେତିକି କରିବା ଉଚିତ ।

ନା, ନାଁ, ନାଁ, ମନ ଭିତରେ ଯେପରି ଅଜସ୍ର ମନ ଚିତ୍କାର କରି ଉଠୁଛି । ବିଦ୍ରୋହ କରି ଉଠୁଛି । କୁଆଡ଼େ ପଳାଇ ଗଲେ ଯେମିତି ମୁକ୍ତି ମିଳିଯାନ୍ତା –

ସେଦିନ ଏମିତି ଭାବନା ପ୍ରକାଶ କରି ଦେଇଥିଲେ ବୋଲି ସ୍ୱାମୀ ଥଟ୍ଟା କରି କହିଥିଲେ—

"ତୁମେ ଭାରତରେ ରହୁଛ ଅଥଚ ଓ୍ୱେଷ୍ଟର୍ଣ୍ଣ ଲେଡ଼ିଜ୍ମାନଙ୍କ ଭଳି ଭାବୁଛ ! ନିଜର ପରମ୍ପରାକୁ ଭୁଲିଯାଉଛ କାହିଁକି ?"

ପରମ୍ପରା ?

ସେ କ'ଣ ? କାହାର ମନଗଢ଼ା ଗୋଟାଏ ସ୍ୱାର୍ଥପୂର୍ଣ୍ଣ ଖେୟାଲୀ ଶବ୍ଦ ମାତ୍ର !

ସ୍ୱାମୀଠାରୁ ସ୍ତ୍ରୀ ଆଗେଇ ଯିବାଟା ଯେ ପରମ୍ପରା ବିରୋଧୀ !

ଅଜାଣତରେ ଅଞ୍ଜନା ସେଦିନ ଠୋ ଠୋ କରି ହସି ଉଠିଲେ !

ଆଜି ବି ସେମିତି ସୁଧାଂଶୁ ତାଙ୍କ ସହିତ ଖରାପ ବ୍ୟବହାର କଲା ପରେ ସେ ତା' ପାଇଁ ପରମ୍ପରା ଦୃଷ୍ଟିରୁ ଫେନ୍‌ଟା କିଣି ନେଇଯିବେ । କ୍ଲାନ୍ତ ହୋଇ ଘରକୁ ଫେରିବା ପରେ ବୋହୂ ହିସାବରେ ସେ ରୋଷେଇ କରିବେ । ପୁଅ, ଝିଅ, ଶାଶୁ, ଦିଅର, ନଣନ୍ଦ, ଆଉ ସ୍ୱାମୀ---ସମସ୍ତେ ଶୋଇ ସାରିଲା ପରେ ସେ ବିଛଣାକୁ ଯିବେ । ଅଳ୍ପ କଥା କହିବେ, ଆଉ ଯିଏ ଯାହା କହିଲେ ମୁଣ୍ଡ ଟୁଙ୍ଗାରିବେ । ତେବେ···ତେବେ ସେ ଭଲ···

ନାଁ, ନାଁ, ନାଁ, ! ସେ ଭଲ ହୋଇ ପାରିବେ ନି । ସବୁ ପରମ୍ପରା ଘରଦ୍ୱାର ଭାଙ୍ଗି ସେ ଫେରିଯିବେ, ତାଙ୍କୁ ଯଦି କେହି ବୁଝିବେ ନି । ତେବେ ସେ କାହାକୁ ବୁଝିବାକୁ ଚେଷ୍ଟା କରିବେ ନି··· ।

ଅଞ୍ଜନା ଚେୟାର ଛାଡ଼ି ଉଠି ପଡ଼ିଲେ । ଅଫିସରୁ ସେ ଆଜି ଶୀଘ୍ର ଚାଲିଯିବେ, ସବୁଦିନେ ସନ୍ଧ୍ୟା ପାଞ୍ଚ ପର୍ଯ୍ୟନ୍ତ ରହିବେ ବୋଲି କୌଣସି ସର୍ତ୍ତ ଚୁକ୍ତିରେ ମଧ୍ୟ ନ ଥିଲା ।

ମଟର ନେଇ ରାସ୍ତାକୁ ବାହାରିଗଲେ ଅଞ୍ଜନା । ଅପରାହ୍ଣର ମୁଖରିତ କୋଳାହଳପୂର୍ଣ୍ଣ ରାସ୍ତା । ହୁଏ ତ ଅନେକ ଚେନ୍ହା ଲୋକ ଦେଖିବେ ତାଙ୍କୁ । କ'ଣ ଯାଏ ଆସେ ? ମୃଦୁ ପରିହାସ, ଛଳନାପୂର୍ଣ୍ଣ କଥା; ଆଉ କଟାକ୍ଷ ସହିତ ଦେହ ଓ ମନ ଉଭୟ ବେଶ୍ ପରିଚିତ ।

ହଠାତ୍ ଗୋଟାଏ ଛକ ଜାଗାରେ ଅସମ୍ଭବ ଭିଡ଼, ଯେପରି କୌତୁହଳ ଉଦ୍ଦୀପନା ନେଇ ସମସ୍ତେ ରାସ୍ତା କଡ଼କୁ ଅନାଇଛନ୍ତି । ଅଞ୍ଜନାଙ୍କ ଚାଡ଼ି ହର୍ଣ୍ଣରେ ଜନତା ଘୁଞ୍ଚିଗଲା ଆଉ ଗାଡ଼ିର ଗତିକୁ ଧୀର କରି ଅଞ୍ଜନା ଦେଖିଲେ ପ୍ରାୟ ଅର୍ଦ୍ଧଉଲଗ୍ନ ଅବସ୍ଥାରେ ସ୍ତ୍ରୀ ଲୋକଟିଏ ଶୋଇଛି, ଆଉ ଇଲେକ୍ଟ୍ରିକ୍ ଖୁଣ୍ଟିକୁ ଆଉଜି ନିର୍ବିକାରରେ ଜଣେ ଯୁବକ ବିଡ଼ି ଟାଣିବାରେ ବ୍ୟସ୍ତ । ସ୍ତ୍ରୀ ଲୋକଟିର କପାଳ ଉପରେ ଚୂନା ଚୂନା ବାଳ ପବନରେ ଉଡ଼ୁଛି ଇତସ୍ତତଃ, ଛିଟିକାଏ ଖରା ତା'ର ଅର୍ଦ୍ଧ-ମୁକୁଳିତ ସ୍ତନ ଉପରେ ପଡ଼ି ଦୃଷ୍ଟି ଆକର୍ଷଣ କରୁଛି । ଅଥଚ ସେ ନିର୍ବିକାର ଭାବରେ ଶୋଇଛି । ଯୁବକଟିର ଏଇ କୌତୂହଳୀ ଜନତାର ଲୋଲୁପ ଦୃଷ୍ଟିପ୍ରତି ସତେ ବା କୌଣସି ଭ୍ରୂକ୍ଷେପ ନାହିଁ ।

ଅଞ୍ଜନା ଅଜାଣତରେ ଗାଡ଼ିଟାର ପ୍ରାୟ ଷ୍ଟାର୍ଟ ବନ୍ଦ କରି ଦେଇଥିଲେ । ମାତ୍ର ପଛଆଡ଼ୁ ମଟର ଆଉ ଟାକ୍‌ସି ଘଣ୍ଟିର ତାଡ଼ନାରେ ସଜାଗ ହୋଇ ସେ ଗାଡ଼ିର ଗତି ବଢ଼ାଇଲେ । କଣ ନିମିଷକରେ ଉପସ୍ଥିତ ଜନତାର

ଆଶ୍ଚର୍ଯ୍ୟ କଟାକ୍ଷ ଆଉ କୁତ୍ସିତ ଇଙ୍ଗିତର ସଙ୍କେତରେ ସେ ଅତିଷ୍ଠ ହୋଇ ପଡ଼ିଥିଲେ ।

ସେ ନାରୀ । ପଥପାର୍ଶ୍ୱରେ ଯେ ଶୋଇଛି ସେ ବି ନାରୀ ! ଯେ କୌଣସି ଗୋଟିଏ ନାରୀ ନାମଧାରୀ ଜୀବ ପ୍ରତି ଏ ଦେଶ ଜନତାର ଅସୀମ କୌତୁହଳ କେବଳ ବଢ଼ିବା ଛଡ଼ା କମିବା ସେ ଦେଖିନାହାନ୍ତି ।

କ'ଣ ଭାବି ସମଗ୍ର ସହରଟା ବୁଲି ଆସିଲେ ଅଞ୍ଜନା । ବଡ଼ କ୍ଳାନ୍ତ ଲାଗୁଛି । ବର୍ତ୍ତମାନ ନିରୋଳାରେ କେଉଁଠି ଯାଇ ଟିକିଏ ବସିଲେ ଭଲ ଲାଗନ୍ତା । ସନ୍ଧ୍ୟା ହୋଇ ଆସୁଛି । ଅନ୍ଧାର ହୋଇଯିବ ଆଉ ଟିକେ ଗଲେ । ମୁହଁକୁ ମୁହଁ ଦିଶିବ ନି । ଚିହ୍ନା-ଲୋକ ଅଚିହ୍ନା ଦିଶିବ । ବେଶ୍ ! କିନ୍ତୁ ନିରୋଳା ଜାଗା କାହିଁ ?

ଅଞ୍ଜନା ଗାଡ଼ି ଘୂରାଇଲେ ନଈକୂଳକୁ । ଏବେ ବଢ଼ି ଛାଡ଼ିଯାଇଛି; ମାତ୍ର ନଦୀରେ ପାଣି ଭରା ଅଛି ।

ଆସନ୍ନ ସନ୍ଧ୍ୟାର ଚେନାଏ ଆକାଶ ଉପରେ ଗୋଟାଏ ଲୋହିତ ଆଭାରେ ଝକ ଝକ କରୁଥିଲା । କେଜାଣି କାହିଁକି ମନ ଭିତରେ ଏକ ଅଦ୍ଭୁତ ଆଲୋଡ଼ନ ଅନୁଭବ କଲେ ଅଞ୍ଜନା । ବିବାହର କିଛିଦିନ ପରେ ହୁଏତ ଅନ୍ୟ କେଉଁଠି ଯାଇ ବସିବାର ସୁବିଧା ସୁଯୋଗ ନ ଥିବାରୁ ହିମାଂଶୁ ସହିତ ସେ ଏଠାକୁ ଥରେ ଦି'ଥର ଆସିଥିବେ । ସେତେବେଳର ଅନୁଭବ ଭିନ୍ନ ଥିଲା । ପରକୁ ଆପଣାର କରିବାର ପ୍ରଚେଷ୍ଟା; ନିଜକୁ, ଅନ୍ୟର ମନଲାଖି କରିବାର ପ୍ରବୃତ୍ତି ବାଞ୍ଛିତ ଥିଲା ଭଲ ପାଇବାର ନିଶା । ଘୋର ନିଶା !

ଆଜି ସେ ନିଶା ନାହିଁ । ଆଜି ଖାଲି କୌଣସି ମତେ ଟାଣିଟୁଣି ଚଳେଇ ନେବାର ପ୍ରଚେଷ୍ଟା ! ସମାଜ, ପରିବାର, ସର୍ବୋପରି ନିଜ ସନ୍ତାନ, ସମସ୍ତେ ଯେମିତି ତାଙ୍କର ଚତୁର୍ଦ୍ଦିଗରେ ଘୂରି ଘୂରି ତାଙ୍କୁ କବୁ କରି ଦେଇଛନ୍ତି ।

[illegible] ସିଗାରେଟର ଗନ୍ଧ । ଅଞ୍ଜନା ପଛକୁ ବୁଲି ଚାହିଁଲେ [illegible] ବେଳେ ରାସ୍ତାକଡ଼ରେ ସେହି ବିଦେଶୀ ତରୁଣ ତରୁଣୀ ଦୁଇଜଣ । ଆଖି-ଗୁଡ଼ାକ ତାଙ୍କୁ ଆଉ ଲାଲ ଲାଲ । ସେମାନେ ଆସି ଗୋଟାଏ ଗଛକୁ ଲାଗି ବସିଲେ । ବ୍ୟବଧାନ ମାତ୍ର ବୀର ପଞ୍ଚ ହାତ ।

ଅସ୍ୱସ୍ତିକର ; ହୁଏ ତ ଏମିତି ୟୁରୋପ ଉଜ୍ୱାଟା ଗୋଟାଏ ଅଭଦ୍ରତା । ବହୁ ମୁଖରୁ ଶୁଣିଛନ୍ତି ଅଞ୍ଜନା ସେମାନେ ଆସିଛନ୍ତି ଭାରତ-

ବର୍ଷକୁ ଶାନ୍ତିର ସନ୍ଧାନରେ ! ଜୀବନରେ ଅମୃତ ଗୃହିବା ପାଇଁ ସେମାନେ ବ୍ୟାକୁଳ । ଧନ, ଐଶ୍ୱର୍ଯ୍ୟ, ପ୍ରତିପତ୍ତି ସମସ୍ତ ଭିତରେ କ୍ଳାନ୍ତ ହୋଇପଡ଼ି ଶେଷକୁ ସେମାନେ ଭାରତ ପରି ଦରିଦ୍ର ଦେଶ ପାଖରେ ମୁଠାଏ ଶାନ୍ତିଭିକ୍ଷା କରି ଆସିଛନ୍ତି ।

ଅଞ୍ଜନା ବ୍ୟସ୍ତ ହୋଇ ପଡ଼ିଲେ । ନିଜ ତରଫରୁ ସେ ସେମାନଙ୍କୁ ପ୍ରଶ୍ନ କଲେ ଅଗତ୍ୟା— ଭାରତବର୍ଷ କପରି ଲାଗୁଛି ?

ଉତ୍ତରରେ ଯୁବକଟି କହିଲା —"ମ୍ୟାଡ଼ାମ୍ ! ପରୀକ୍ଷା ଚାଲିଛି—"

ଯୁବତୀଟି ଯୁବକ ଓଠରୁ ସିଗାରେଟ୍ ଛଡ଼ାଇ ନେଇ ଧୂଆଁ ଟାଣି ଉତ୍ତର ଦେଲା—ତେବେ ମନ୍ଦ…ନୁହେଁ ହୁଏତ…ହୁଏତ … ।

ହୁଏତ କ'ଣ ? ହୁଏତର ଅନେକ ଅର୍ଥ ହୋଇପାରେ । ଭାରତର ଦରିଦ୍ର ବେଶ କି ଏମାନଙ୍କ ଆଖିରେ ପଡ଼ି ନ ! ଏମାନେ କି ଭାରତର ଖାଲି ନଦୀସମୃଦ୍ଧ ପ୍ରାକୃତିକ ଶୋଭା ଆଉ ତେତିଶ କୋଟି ଦେବତା ଦେଖି ଜୀବନରେ ଶାନ୍ତି ପାଇଯିବେ ? କ'ଣ ତେବେ ଏ ସବୁର ଉଦ୍ଦେଶ୍ୟ ? ଭାରତୀୟ ଜୀବନର ଅନ୍ତଃସ୍ରୋତକୁ କ'ଣ ଏମାନେ ସ୍ପର୍ଶ କରିପାରିବେ ନ ?

କ'ଣ ଗୋଟାଏ ପଚାରିବାକୁ ଯାଇ ଏକ ଅବାନ୍ତର ପ୍ରଶ୍ନ କଲେ ଅଞ୍ଜନା ସେମାନଙ୍କ ସମ୍ପର୍କ ସମ୍ବନ୍ଧରେ; ନିଜ ଅଜାଣତରେ ଚମକି ଉଠିଲେ ସେ । ପ୍ରଶ୍ନଟା ନିହାତି ଅବାନ୍ତର ମନେ ହୋଇପାରେ ।

ମାତ୍ର ଯୁବକଟି ଗଡ଼ଗଡ଼ କରି କହିଗଲା ସେ ଦୁହିଁଙ୍କର ସମ୍ପର୍କର ବିବରଣୀ; ଉଭୟେ ବିବାହିତ ମାତ୍ର ପରସ୍ପରକୁ ନୁହେଁ । ସନ୍ତାନସନ୍ତତି ଅଛନ୍ତି । କିନ୍ତୁ କିଛିଦିନ ପରେ ଅତିଷ୍ଠ ଲାଗିଲା ପ୍ୟା… ସୁନ୍ଦର । ଅଗତ୍ୟା ବିଶେଷ ଆବଶ୍ୟକତା ନ ଥିଲେ ମଧ ବଞ୍ଚିବା ସମସ୍ତ ଭିତରେ କିଛିଟା ଶାନ୍ତି ପାଇବା ପାଇଁ ଏଠାକୁ ଚାଲିଆସିବା କଥା !

ନିଜର ସ୍ୱାମୀ, ସ୍ତ୍ରୀ, ସନ୍ତାନସନ୍ତତି ଛାଡ଼ି କେବଳ ଶାନ୍ତି ପାଇଁ ବିଦେଶ ପରିକ୍ରମା ! ଶାନ୍ତିର ସଂଜ୍ଞା କ'ଣ ? ଖାଦ୍ୟ ବିଷୟରେ ଯାହାର ମୁଣ୍ଡ ଘୂରାଇବାର ଆବଶ୍ୟକତା ନାହିଁ—ସେମାନେ ହିଁ ସୁଖ ଶାନ୍ତି ପାଇଛନ୍ତି ବୋଲି ଯେଉଁ ଭାରତବର୍ଷରେ ଲୋକଙ୍କର ଧାରଣା, ସେମାନେ ପୁଣି ଶାନ୍ତିର ସନ୍ଧାନ ଦେବେ ? ସେ ପାଖ ପୃଥିବୀର ଚିନ୍ତାଧାରା ଯେମିତି ଏ ପାଖ ପୃଥିବୀର ମୂଳଦୁଆକୁ ପୂରାପୂରି ଦୋହଲାଇ ଦେବ !

ଅଞ୍ଜନା ଯୁବତୀଟି ପାଖ ଘୁଞ୍ଚିଗଲେ ଏବଂ ଅଳକେଇରେ ପଚାରିଲେ—ପିଲାମାନଙ୍କ ପାଇଁ ମନ କିଛି ହୁଏନା ଆପଣଙ୍କର ?

ଯୁବତୀଟି ମୃଦୁ ହସି ଆସୁ ଆସୁ ଗମ୍ଭୀର ହୋଇଗଲା । ରାସ୍ତା ଉପରେ ଗଡ଼ି ଆସୁଥିବା ଗୋଟାଏ ମଟରଗାଡ଼ିର ଲାଇଟ୍ ଦେହରେ [illegible] ତା'ର ଭାବାନ୍ତରଟା ଲକ୍ଷ୍ୟ କଲେ ଅଞ୍ଜନା । ସିଗାରେଟ୍‌ର ଶେଷାଂଶଟା ଫୋପାଡ଼ି ଦେଇ ସେ ଉତ୍ତର ଦେଲା—"ନାଁ ! ପିଲାମାନଙ୍କ ନେଇ ଏତେ ସେଣ୍ଟିମେଣ୍ଟ ଆମର ନାହିଁ,···ଆବସର୍ଡ୍ !"

କିଏ ? ଭାରତୀୟ ନାରୀର ସେଣ୍ଟିମେଣ୍ଟ । ନାଁ ତାଙ୍କର ଏ ଶାନ୍ତି ପାଇବାର ପ୍ରଚେଷ୍ଟା ? ଏଇ ବନ୍ଧନହୀନ ଜୀବନର ଲକ୍ଷ୍ୟ କ'ଣ ? ଉଦ୍ଦେଶ୍ୟ କ'ଣ ? ସବୁ ଗୁଡ଼ି ପକାଇ ଆସିବାର ପଛରେ ତା ହେଲେ କ'ଣ 'କିଛି' ପ୍ରାପ୍ତିର ନିଶା ନାହିଁ ?

ଯୁବକଟି ବଡ଼ବଡ଼ି ହୋଇ ନିଜକୁ ଅନେଇ କ'ଣ କହିଲା । ଯୁବତୀଟି ବ୍ୟସ୍ତ ହୋଇ ଉଠିପଡ଼ିଲା ସେ କଥାରେ । ହୁଏତ କେଉଁଠି କିଛି ଜରୁରୀ କାର୍ଯ୍ୟର କଥା ମନେ ପଡ଼ି ଯାଇଛି ।

ଅଞ୍ଜନା ଗାଡ଼ି ପାଖକୁ ଫେରିଲେ । ବେଶ୍ ସନ୍ଧ୍ୟା ହୋଇ ଆସିଲାଣି । ଫେରିବାକୁ ହେବ କୌଣସି ଗୋଟାଏ ସେଣ୍ଟିମେଣ୍ଟାଲ ଆଶ୍ରୟସ୍ଥଳକୁ । ଯେଉଁଠାରେ ଶାନ୍ତି ଥାଉ କିମ୍ବା ଶାନ୍ତିର ପ୍ରତିଦ୍ୱନ୍ଦୀ ସେଣ୍ଟିମେଣ୍ଟ ଥାଉ

ଗୋଡ଼ ପାଖରେ ପଡ଼ିଥିବା ଢେଲା ଖଣ୍ଡେ ଉଠାଇ ନଦୀ ବକ୍ଷକୁ ନିକ୍ଷେପ କଲେ ଅଞ୍ଜନା । ବିରାଟ ଧକ୍କା ମାରି କିଛି ଗୋଟା ଭଉଁରୀ ସୃଷ୍ଟି କରି ଢେଲାଟା ତଳକୁ ବୁଡ଼ିଗଲା ନିମିଷକରେ

ବାଁ ପଟ ରାସ୍ତାରେ ନିସ୍ତବ୍ଧ ହୋଇଯାଉଥିଲେ ଯୁବକ-ଯୁବତୀ ଦୁଇ ଜଣ । ଡାହାଣ ପଟେ ଜନଗହଳି କ୍ରମଶଃ ପ୍ରଖର ହୋଇ ଆସୁଥିଲା । ଆଉ ସାମ୍ନା ନଦୀରେ [illegible] ଭଉଁରୀ ଖେଳୁଥିଲେ ଅଞ୍ଜନାଙ୍କ ଦୃଷ୍ଟିକୁ ଆକର୍ଷଣ କରି !!

# ଜହ୍ନର କବିତା

ଆକାଶରେ ଅସରନ୍ତି ଜହ୍ନ ! ଜହ୍ନ ଆଉ ଜହ୍ନ··· !

ନାଃ ! ମତେ ଆଜି ଭଲ ଲାଗୁନାହିଁ । ଧରାବନ୍ଧା ପୋଷରା କଥା ଭିତରେ ସକାଳୁ ସଞ୍ଜ ଘାଣ୍ଟି ହେବାକୁ ମନ ବିଦ୍ରୋହ କରୁଛି । ସମସ୍ତ ଖବର ମୁଁ ଜାଣିଛି । କିନ୍ତୁ ମୁଁ କ'ଣ ? ମୁଁ ଭଲ । ଏକଦମ୍ ଭଲ ? ମୋ ସ୍ତ୍ରୀ ଓ ପିଲାମାନେ ଅବା ମୋର ବିଗତ ପ୍ରଣୟିନୀମାନଙ୍କ ମଧ୍ୟରୁ କେହି ଏହାର ସମୀକ୍ଷା କରି ପାରନ୍ତି··· । ମୁଁ ନୁହେଁ, ନା ! ମୁଁ ପାରିବି ନି । ମୋର ଭୂଷାପୂ ପୁରୁଷ ମୋତେ ଧକ୍କା ମାରି କହୁଛନ୍ତି, ବାହାରିଯା, ବାହାରିଯା !

କିନ୍ତୁ ବାହାରେ ଶୀତଳ ପବନ, ଭୟାନକ ଥଣ୍ଡା । କେଉଁଠି ଇଉରୋପରେ ପ୍ରବଳ ହିମବାୟୁ ବହିଗଲା ବୋଲି ଭାରତ ଭଳି ଗ୍ରୀଷ୍ମପ୍ରଧାନ ଦେଶର ମେରୁଦଣ୍ଡ ସେଥିରେ କମ୍ପି ଉଠିଲା ; କିନ୍ତୁ ଇଉରୋପରେ ଭଲ ଫସଲ ହେଲେ, କି ଉଦ୍ଭାବନ ହେଲେ ଏ ଦେଶରେ ତ ଦେଖାଏ ଅଧିକ ହୁଏନା··· ! କିନ୍ତୁ ଏତେ ଥଣ୍ଡା ପବନ ଆସେ କାହିଁକି ?

ନା ! ଏହାର ବି କିଛି ଉତ୍ତର ନାହିଁ । ସମାଧାନ ନାହିଁ । ବାଟୋ, ସିଆଟୋ କି ସେଣ୍ଟୋ ବେହି ଏହାର ପ୍ରତିରୋଧ କରି ପାରିବେ ନାହିଁ । ସମାଧାନର ପ୍ରଶ୍ନ ନାହିଁ । ଇଏ ମୋର 'ଭଲ ପଣିଆ' ସମୀକ୍ଷା ଠାରୁ ବି ଗୁରୁତର ଆଉ କଠିନ ବ୍ୟାପାର ।

ଅତଏବ ? ମତେ ବାହାରି ଯିବାକୁ ହେବ । ମାତ ଘଣ୍ଟାରେ ସାତଟା । କେଉଁଠି ଗୋଟିଏ ମାଇକ୍ ବାଜୁଛି । ବଜାରରେ ଜଳୁଥିବା ନିଅନ୍ ଲାଇଟଗୁଡ଼ା ବଡ଼ ଦୃଶ୍ୟକଟୁ ହେଉଛି । ଏତେ ଜହ୍ନ ଥିବା ସତ୍ତ୍ୱେ ଏତେ ଲାଇଟ ଜଳିବାର ପ୍ରୟୋଜନୀୟତା ନାହିଁ ବୋଲି ମୁଁ ଭାବୁଛି । ହୋଇପାରେ ମୁଁ ଟିକିଏ ଭଲ ହୋଇଥିବାରୁ ଅନ୍ୟମାନଙ୍କ ଠାରୁ ହୁଏତ କମ୍ ଖର୍ଚ୍ଚ ଓ କମ୍ ଲାଇଟ ଭଲ ଲାଗୁଛି··· । ସତ କ'ଣ ମୁଁ ଭଲ ?

ମୁଁ ବାହାରି ଆସିଲିଣି ରାସ୍ତାକୁ । ସବୁଠେଇଁ ଅଛି, ସେଇ କପଟ ଏପରିକି ବେକରେ ମଫଲର ପର୍ଯ୍ୟନ୍ତ । ଖାଲି ସ୍ଲିପର ଦି'ଟା ପାଦରେ । ଯୋତା ପିନ୍ଧିବାକୁ ହେଇଥିଲେ ଭିତରକୁ ଯିବାକୁ ପଡ଼ିଥାନ୍ତା । ଏବଂ··· । ଏବଂ ଫେରି କ'ଣ ? ମୁଁ ତ ଭଲ । ମୋର ସ୍ତ୍ରୀ କହିଥାନ୍ତେ ନାକପୁଡ଼ା ଫୁଲେଇ ଏକା ଏକା କୁଆଡ଼େ ଯିବ ଏତେ, ଶୀତରେ··· । ଏବେ ଦେହ ଖରାପରୁ ଉଠିଛ, ରାଣ ଅଛି ଯିଦ୍ କରନା ··· ।

ବହିପଢ଼, ନ ହେଲେ ରେଡ଼ିଓ ଶୁଣ, ନ ହେଲେ ପ୍ରତାପଙ୍କୁ ଫୋନ କରେ ଆସୁ ତାସ ଖେଳିବା···।' ସତରେ ମୁଁ ଜାଣେ ମୋ ସ୍ତ୍ରୀଙ୍କର ସମସ୍ତ କଥା ଶୁଣୁ ଶୁଣୁ ମୁଁ ଅନେକ ରାଗିଯାଇଥିଲେ ବି ପ୍ରକାଶ କରି ନ ଥାନ୍ତି । ଏପରି କି ତାସ ଖେଳବେଳେ ମୋ ସ୍ତ୍ରୀଙ୍କୁ ପ୍ରତାପର ବେକ ଦେହରେ ଚୁମୁଟି ଦେବାର ମୁଁ ଦେଖିଛି ! (ଅବଶ୍ୟ ସେମିତି ସେ ବେଳେ ବେଳେ ମୋତେ ଚିମୁଟି ଦିଅନ୍ତି, ମାତ୍ର ଅନ୍ୟ ସମୟରେ, କୌଣସି ନିର୍ଜନ ମୁହୂର୍ତ୍ତରେ···) ସେ ସବୁକୁ ମୁଁ ବିଶେଷ ମୂଲ୍ୟ ଦିଏ ନା—କାରଣ 'ପ୍ରତାପ' ମୋର ସମ୍ପର୍କରେ ଭାଇ, ଆଉ ମୁଁ ଭଲ ଲୋକ !

ଛାଡ଼ ! ଯୋତା ନ ପିନ୍ଧିଛି ଖୁବ୍ ଭଲ କରିଛ । ପାଦ ଦି'ଟା ଟିକେ ନିଶ୍ବାସ ପାଇବେ । ଯା'ନ୍ତୁ··· ।

"ଆଜ୍ଞା ! ନମସ୍କାର !"

ଅଚାନକ ସାଇକେଲ ଥମିଯାଇ ଭଦ୍ରଲୋକ ଓହ୍ଲାଇ ପଡ଼ିଲେ । ଜହ୍ନ ଆଲୁଅରେ ଜଣାଯାଉଛି ପରିଷ୍କାର ଭାବରେ ସେ ପ୍ରଶାନ୍ତ । ସୁବୋଧ ବାବୁଙ୍କ ପୁଅ । ଲଣ୍ଡନରୁ ଫେରି ଯିଏ ବେଶି ମଫସଲିଆ ହୋଇଯାଇଛି ବୋଲି ମୋ ବଡ଼ ଝିଅର ମତ । ମୁଁ ହସି ପ୍ରତି-ନମସ୍କାର କଲି; ଯଦିଓ ତା'ର ଏମିତି ବାଟରେ ଦେଖାଉ କରିବା ମତିଟା ପସନ୍ଦ କଲି ନା ।

ଆପଣ ଏବେ ନିମୋନିଆରୁ ଉଠିଛନ୍ତି । ଏତେ ଥଣ୍ଡାରେ ବାହାରେ ବୁଲିବା ଆଦୌ ନିରାପଦ ନୁହେଁ । ଗାଡ଼ିଟା ନେଇ ଆସିଲେ ନି, କ'ଣ କିଛି ଜରୁରୀ କାମ ଅଛି ?"

ମୁଁ ଗୋଡ଼ ଦି'ଟାକୁ ସତର୍କତା ସହ ଜାବୁଡ଼ି ଧରି କହିଲି, "ଗାଡ଼ି କ'ଣ ହେବ ? ଏଇ ସାମ୍ନା ପାନ ଦୋକାନରୁ ମୁଁ ଗୋଟାଏ ପ୍ୟାକେଟ୍ ସିଗାରେଟ୍ ନେଇ ଫେରିଯିବି··· ।"

ମୁଁ ନିଜେ ଅଟକିଗଲି । କାରଣ ପ୍ରଶାନ୍ତ ଭଲକରି ଜାଣେ ମୋ ଘରେ କେତେ ଲୋକ ଏବଂ ଯେ କେହି ଜଣେ ମତେ ଅନାୟାସରେ ସିଗାରେଟ୍ ଆଣି ଦେଇ ପାରିଥାନ୍ତା··· ।

ମୁଁ ସଙ୍ଗେ ସଙ୍ଗେ କଥା ବୁଲାଇ କହିଲି—"ତମେ ପ୍ରଶାନ୍ତ ଯାଅ ! ଏଇ ସାମାନ୍ୟ ଶୀତରେ ମୋର କଷ୍ଟ ହେବନି । ଲଣ୍ଡନ, ଇଉରୋପ୍ ବୁଲି ଆସିଲ ତମେ··· ।"

"ସର୍ ! ଏଇଟା ତ ଇଣ୍ଡିଆ ।"

"ମୁଁ ଜାଣେ ଏଇଟା ଇଣ୍ଡିଆ । ଆଉ କେବେ ଆସ ମୋ ଘରକୁ, ଗପ କରିବା···ମୁଁ ଟିକେ ଆସୁଛି ।"

ଆଉ ନ ଗୃହିଁ ଆଗକୁ ମାଡ଼ିଗଲି । ଯାହାଟା ଅମଙ୍ଗଳ ହୋଇଗଲା । ଏତେ ଟିକେ ପିଲା, ସେ ପୁଣି ମତେ ଶାସନ କରିବ ! କ'ଣ ବିଦେଶ ବୁଲି ଆସିଲା ବୋଲି ତା'ର ଜ୍ଞାନ ବଢ଼ିଗଲା ! ଅବଶ୍ୟ ସ୍ମାର୍ଟ ନ ହୋଇଛି ଏମିତି କଥା ନୁହେଁ । ପଢ଼ିଲାବେଳେ କୁଆଡ଼େ ଲାଜକୁଳା ଥିଲା···! ଧେତ୍ ସବୁ ଲାଜକୁଳା ପିଲାଗୁଡ଼ାକ ଖରାପ । ଏକ୍‌ଦମ୍ ଖରାପ । [illegible] ମୂର୍ଖ ! ଚୁପ୍ ସଇତାନ୍ !

ଆଗରେ ପ୍ରକୃତରେ ପାନ ଦୋକାନ । ଟୋକା ପିଲାଏ ହେଁ ହେଁ ହେଉଛନ୍ତି । କଲେଜ ପିଲା ହୋଇଥିବେ, ଆଉ କାହାର ଗରଜ ପଡ଼ୁଛି ପାନ ଦୋକାନରେ ପଲିଟିକ୍ସ ଗପିବାକୁ ? ବାଃ ! ଚମତ୍କାର ପିଲାଗୁଡ଼ାଏ ତ ! ଦର୍ପଣରେ ନିଶ ସାଉଁଳୁଛନ୍ତି । ମୁହଁ ଦେଖୁଛନ୍ତି । ନାକବାଟେ ପାଟିବାଟେ ଧୂଆଁ ବାହାରିଲେ କିପରି ଦେଖାଯିବେ ତା ବି ବେଶ୍ ଦେଖୁଛନ୍ତି । ବାଜେକଥା କହି ହସୁଛନ୍ତି । ସତରେ ସବୁଦିନ ଯଦି ମଣିଷ ଏମିତି ଯୁବାବସ୍ଥାରେ ରହିପାରନ୍ତା, ତା'ହେଲେ କେତେ ମଜା ହୁଅନ୍ତା ?

ମୋ ମନ ଭିତରଟା ଏକଦମ୍ ହାଲ୍‌କା ହୋଇ ଆସୁଥିଲା । ଶୀତ କମି ଗଲା ପରି ଲାଗୁଥିଲା । ଇଚ୍ଛା ହେଉଛି ଧାଇଁଯାଇଁ ସେଇ ଦଉଡ଼ି ନିଆଁରେ ସିଗାରେଟ୍ ଲଗାଇ ଦି'ଦମ୍ ଫୁଙ୍କି ଦେବାକୁ··· । ଧେତ୍ ! ପିଲାଗୁଡ଼ାକ ଗୃହଁଯାଆନ୍ତେ କି ? ମଣିଷ ଯୁଆଡ଼େ ଗଲା, ଲୋକ ଖାଲି ଲୋକ । ଚିହ୍ନା ଅଚିହ୍ନା ହୋଇ ପଂକ୍ତି ପଂକ୍ତି ଆଖିର ଦଂଶନରେ ବ୍ୟସ୍ତବ୍ୟସ୍ତ ଲାଗି ଗଲଣି ।

ମଟର ସାଇକେଲର ଭମାଭମ୍ ଶବ୍ଦ । ସାଏଁ କରି ଆସୁଛି ପ୍ରତାପ । ମୁଁ ଆଡ଼େଇ ହୋଇଗଲି । ବୋଧେ ଗଲା ମୋ ଘରକୁ, ନମିତା ଭାକୁ

ଫୋନ କରିଥିବ···। କାରଣ କଣ ହୋଇପାରେ ? ତାସ ଖେଳିବେ ଆଉ ଚମୁଟା ଚୁମୁଟି ହେବେ···। ଅଥଚ ନମିତାକୁ ତ ପ୍ରାପ୍ତ ବୟସରୁ ଊର୍ଦ୍ଧ୍ୱ ବୟସ ହେଲା (ଏଇଟା କ'ଣ ଭଲ କଥା ହେଉଛି ? ଆଦୌ ନୁହେଁ। ନିହାତି ମୁଁ ଭଲ ଲୋକ ବୋଲି)।

ଆଃ ! ପିଲାଗୁଡ଼ାକ ଚାଲିଗଲେ। ଭାରି ଶୀତ ହେଉଛି। ଦୋକାନରେ କେହି ନାହାନ୍ତି। ଏ ସୁବିଧା ଛାଡ଼ିବା କଥା ନୁହେଁ।

ମୁଁ ଛିଡ଼ା ହେଲି ଦୋକାନ ସାମ୍ନାରେ। ସିଗାରେଟ୍ ନେଇ ନିଆଁ ଲଗାଇ ଧୂଆଁ ଛାଡ଼ି ଦର୍ପଣକୁ ଚାହିଁଲି। ବେଶ୍ ମୁହଁଟା ତ ଗୋଲଗାଲ ଦିଶୁଛି। ଆଉ ଅଳ୍ପ ଦିନ ପରେ ରିଟାୟାର୍ କରିବି ! ଏମିତି କିଛି ଜଣା ପଡ଼ୁନି। କୋଟ ପ୍ୟାଣ୍ଟ ଏମିତି କି ରଜନୀଗନ୍ଧାର କଢ଼ଟା ବି କୋଟ ପକେଟରେ ସତେଜ ଅଛି। ତା ସତ୍ତ୍ୱେ ଯେ ମୁଁ କାହିଁକି ପଞ୍ଚାବନ ବର୍ଷ ବାଲି ରିଟାୟାର୍ କରିବି ମୁଁ ବୁଝିପାରୁନି। ମୁଁ ବୁଢ଼ା ହୋଇନି। ହେଇତ କାଲି ପ୍ରଶଂସା କରୁଥିଲା, ମୁଁ କୁଆଡ଼େ ତାକୁ ଛୋକରାଟା ପରି ଦିଶୁଛି। ଦିନକୁ ଦିନ ବେଶି, ବେଶି। ଆଉ ରୋଗରୁ ଉଠି ବେଶ୍ ପତଳା ହୋଇ ଟିକେ 'ରସିକ' ବି ହୋଇଯାଇଛି।

ଆଉ ଟିକିଏ ଆଗକୁ ଯାଇ ବାଁ ପଟକୁ ବାଙ୍କି ଗଲେ ପ୍ରଭାଙ୍କର ଘର। ଯିବି କି ? ଦେଖି ସେ ମୋତେ ଆଶ୍ଚର୍ଯ୍ୟ ହେବ, କହିବ ତମେ ଦିନକୁ ଦିନ ବେଶ୍ ବଢ଼ିଆ ହୋଇ ଯାଉଛ। କହିଲା ବେଳେ ମୁର୍କି ହସିବ। ମନ୍ଦ କଥା ନୁହେଁ···।

"ବାବୁ ! କୋଟ ପକେଟରେ ନିଆଁ ଗୁଳା ପଡ଼ିଗଲା ଯେ···।"

ମୁଁ ଚମକି ପଡ଼ିଲି। ନମିତା ସେ ଦିନ ଝିଅକୁ ଶୁଣାଇ କହୁଥିଲା। "ତୋ ବାପର କିଛି କଥା ମନେ ରହୁନି ଲୋ ଝିଅ ! ଏମିତି କି ସିଗାରେଟ୍ ସରି-ଗଲାଣି ନ କହିଲେ ତା'ର ମନେ ପଡ଼ୁନି। ବଡ଼ ବଦ-ଖେୟାଲି ମଣିଷ। ବୁଢ଼ା ଯେତିକି ଯେତିକି ହେଉଛନ୍ତି, ସେତିକି ସେତିକି ପିଲା ହୋଇଯାଉଛନ୍ତି।"

ସତ ! ନମିତାର କଥା ସତ ! ମନଟା ଖରାପ ହୋଇଗଲା। ଦର୍ପଣ ଦେହରେ ମୋର 'ଡାଇ' କରା କେଶ ମତେ ଖତେଇ ହେଉଛି।

ମୁଁ ବୁଲି ଚାଲିଲି ପଳେଇ ଯିବାପାଇଁ। ସନ୍ଧ୍ୟାବେଳେ ଘରବର ନ ପଡ଼ି ମୁଁ ଯେ ଏମିତି ବାହୁରା ହେଉଛି କାହିଁକି ପ୍ରଭୁ, ମୁଁ ବୁଝି ନାହିଁ, ଏଣିକି ତ ! 'କହଇ ମନ ଆରେ ମୋ ବୋଲ କର···! ମୁଁ ଗୋଟିଏ ସୁର ଦେଲି କଣ୍ଠରେ···।

'ହେ ଶ୍ୟାମକାନ୍ତ ! ଆରେ ତତେ ଶୁଭୁନ ନାଁ କ'ଣ ? କୁଆଡ଼େ ଯାଉଛୁ ବଡ଼୍ ବଡ଼୍ ହୋଇ ! ରହ, ରହ ଧପାଉଛୁ କ'ଣ ମ... ?"

ମୁଁ ଠିକ୍ ଜାଣିଲି ଅନାଦିର କଣ୍ଠ ଇଏ । ହବନ ହବନ, ଅଉ ଏମାନଙ୍କ ଜ୍ୱାଳାରେ ଟିକଏ ଆରାମରେ ସମୟ କଟେଇବା ସମ୍ଭବ ।

ମୁଁ ବିରକ୍ତ ହୋଇ ଉଠିଲି ଏବଂ ଖୁବ୍ ବଡ଼ ପାଟିରେ କହିଲି "କଥା ତ କହିବୁ । ଏମିତି ଗୋଟାଏ ଚିଲେଉଛୁ କାହିଁକି ? ବଜାଘଟାଏ ନାଁ କ'ଣ ?"

ଅନାଦି ହସି ପକେଇଲା ଠୋ ଠୋ କରି । ବେଦମ୍ ହସ । କ'ଣ ତାଲୁ ମୁଁ କହିଲି ଆଉ ସେ ଏମିତି ହସିଲା ମୁଁ କିଛି ବୁଝିଲି ନାହିଁ । ଟିକକ ପରେ ସେ କହିଲା—"କେତେ ଦିନ ପରେ ମଣିଷ ଟିକଏ ହସିଲାରେ କାନ୍ତ । ସବୁବେଳେ ଖାଲି ଚିନ୍ତା;ଚିନ୍ତାରେ ଜଳିଗଲା ମନଟା ! ପିଲାଦିନେ କଲେଜରେ ପଢ଼ିଲାବେଳେ ତୁ ଏମିତି ମତେ ଗାଳି ଦେଉଥିଲୁ । ଆଃ, ଅନେକ ଦିନ ପରେ ସେମିତି କଥା କହିଲୁ...ଭାରି ଆରାମ ଲାଗିଲା !

ମୁଁ ତା' ପାଖକୁ ଗଲି । ହାତ ଧରି କହିଲି, "ଅନାଦି ! ତୁ ମୋ ଉପରେ ରାଗ ଏବେ ବି ରଖିଛୁ ! ପିଲାଦିନେ କେତେ କ'ଣ କହିଥିଲି, ଆଜି ବି ପଛରୁ ଡାକ ଦେଲୁ ବେଳ। ଚିଡ଼ି ଯାଇ ତତେ କ'ଣ କହିଦେଲି । ରାଗିଗଲୁ ବୋଧେ... ।" ଅନାଦି ମେ କାନ୍ଧରେ ହାତ ପକାଇ କହିଲା— "ସତରେ କାନ୍ତ ! ତୁ ବୁଢ଼ା ହୋଇ ଯିବାରୁ ତୋର ମତିଭ୍ରମ ଘଟିଲାଣି । ଆରେ, ତୋ' ଉପରେ ମୁଁ ରାଗିବି କାହିଁକି ? ସେଦିନେ ପ୍ରଶାନ୍ତ କହୁଥିଲା, ତୁ ଭାରି ଚିଡ଼୍ ଚିଡ଼ା ହୋଇ ଯାଇଛୁ । ସବୁ କଥାରେ ନିଜ କଥାଟାକୁ ଜୋର ଦେଇ କହୁଛୁ ! ଆଉ ତୋ ସ୍ତ୍ରୀ ପିଲାମାନଙ୍କ ମତ ବି ସେଇଆ...।"

ମୁଁ ତା' କଥା ଆଉ ଶୁଣିବାର ଧୈର୍ଯ୍ୟ ରହି ନ ଥିଲା । ସାଇସ୍କେଲ୍‌ଟା ପ୍ରଶାନ୍ତ ଘଣ୍ଟି ଦେଉଥିବା ହେତୁ ଏମିତି ମନଇଚ୍ଛା ଅବସ୍ଥାରେ ଅଛି ଯେ କିଛି କଥା ଗ୍ରହଣ କରିପାରୁନି । ମୁଁ ଭଲକରି ଜାଣେ ପ୍ରଶାନ୍ତ କଦାପି ଏମିତି କଥା କହି ନ ଥିବ... । (ହେଲେ ପ୍ରଶାନ୍ତ ଉପରେ ମୋର ଆସ୍ଥା ନାହିଁ । ପ୍ରଶାନ୍ତକୁ ବିବାହ କରିବାପାଇଁ ଅନାଦି ମୁଁ ଦି'ଜଣ ପାଗଳ ହେଲୁ । ପ୍ରଶାନ୍ତ ଆଜୀବନ କୁମାରୀ ରହିଗଲା । ମୁଁ ଶେଷକୁ ନମିତାକୁ ବିବାହ କଲି; ମାତ୍ର ଅନାଦି ଅବିବାହିତ ହୋଇଗଲା । ନିଶ୍ଚୟ ପ୍ରଶାନ୍ତର 'ଦରଦ' ଅନାଦି ପାଇଁ ବେଶି ଥିବ । ଯଦିଓ ପ୍ରଶାନ୍ତ ପାଖରେ ମୁଁ କେବେ ଅବହେଳିତ

ହୋଇନାହିଁ……। ବରଂ ମତେ ଲାଗେ ସେ ବୋଧେ ମତେ ବେଶି ଭଲ ପାଏ ! ଇସ୍ ! ସବୁ ମିଛ…ପ୍ରଶାନ୍ତ ନ କହିଥିଲେ ଅନାଦି ମିଛ କାହିଁକି କହିବ ! ମୋ ଦେହ ଖରାପ ଭିତରେ ଦୁଇଜଣ ଢେର ବାଟ ଆଗେଇ ଗଲେ…। ମୁଁ ବିବାହିତ। ମୁଁ କ'ଣ ଆଉ ପାରିବି ? ସ୍ମୃତିପଟରେ ଶତ୍ରୁ। ନମିତା, ପୁଅ, ଝିଅ, ପ୍ରତାପ, ପ୍ରଶାନ୍ତ, ଆଉ ଲକ୍ଷ ଲକ୍ଷ ଚିହ୍ନା ଅଚିହ୍ନା ମୁହଁ ଆଉ ମୁଁ ନିଜେ…!)

"କି ହେ ! ଭାବୁଛୁ କ'ଣ ? ଗୋଟାଏ କବିତା ଜାଣିବ। ଏ ଷଣି ଯେପରି କବିତାଗୁଡ଼ା ଝରି ପଡ଼ିବ ! ନହେଲେ ଗୋଟାଏ ବାଜେ…।"

ମୁଁ କାନ୍ଧ ଆସି କହିଲି—"ତୋର ମୋର ବୟସ ସମାନ ଅନାଦି। ହେଲେ ତୁ ପିଲାଟାରେ। ମୁଁ ବୁଢ଼ା ହୋଇ ଗଲଣି ଭାଇ। ମୁଁ ଆଉ ପାରିବିନି। କେତେ ଦିନକୁ ମନ ବାନ୍ଧିଛୁ ଆଣ୍ଟେ ?"

"ଆବେ କାନ୍ତ ! ମାସକ ପରେ ତତେ ପଞ୍ଚାବନ ହବ, ମତେ ହୋଇ ଗଲାଣି…। ପ୍ରଶାନ୍ତ କି ମାନୁଛି, ମାସ ବାକି ଅଛି ! ଆମ ସମସ୍ତଙ୍କ ମୁଣ୍ଡ ଖରାପ ହୋଇଗଲାଣି। ଚାଲ୍ ଏଥର।"

"କୁଆଡ଼େ ? ପ୍ରଶାନ୍ତ ଘରକୁ ?" ମୁଁ ବୋକା ଭଳି ପଚାରିଲି। ଯିବିଆଡ଼େ କହ ! ଯୁଆଡ଼େ ଇଚ୍ଛା ସିଆଡ଼େ ଯିବା ହୋଇପାରେ। ଅନାଦି କହିଲା—'ନାହିଁ ! ଚା' ଭାଇ ଆସିଛୁ। ଶଳା, ଗୁଣ୍ଡାଟା ପରି ଏବେ ବି ଚେହେରା ରଖିଛୁ। ଆଜ ସେଟିକି ନୁହେଁ। ମଶାଣୀକୁ ଚାଲ। ମଶାଣୀକି। ଗୀତଟିଏ ଗାଇ ଦଶ ମିନିଟ୍‌ରେ ଫେରିବା।" (ଯୁବାବସ୍ଥାରେ ଦୁ'ଜଣ ଆମେ ଟିକେ ସେଣ୍ଟ ପାଉଡର ମାରୁଥିଲୁ। ନିଶା ଆଉ ନାରୀସଙ୍ଗ ଅଭ୍ୟାସ କରି ଦେଇଥିଲୁ ବୋଲି ଆମ ଦୁଇଜଣଙ୍କ ବାପା ସାମୟିକ ଆମକୁ ଘରୁ ତଡ଼ି ଦେଇଥିଲେ। ଅବଶେଷରେ ପଣ୍ଡିତ ମହାଶୟଙ୍କ ଶରଣ ନେବାକୁ ହୋଇଥିଲା। ସେ କହିଥିଲେ, ବିଷୟ ପ୍ରତି ଆସକ୍ତି ଆସିଲେ ହୃଦୟ ଦେଇ ହଞ୍ଜି ସକାଳେ 'କହଇ ମନ ଆରେ ମୋ ବୋଲ କର' ଚଉତିଶାକୁ ଗାଇବାକୁ !)

ମୁଁ କହିଲି —

'ଅନାଦି ! ମୋ ହାତ ଧର। ମୁଁ ଟିକିଏ ଦୁର୍ବଳିଆ ଅଛି ନିଁ… ଗୀତ ଟାରେ ତୁ ଆଗ ସୁର ଦେ !

ଅନାଦ୍ଦି ହାତ ବଢ଼ାଇ କହିଲା—"ନେ ! ଧର, ହାତ ମୁଠା ଠାଣ କର । ମୁଁ ଆରମ୍ଭ କରୁଛି······ଏକ, ଦୁଇ, ତିନ୍··କହଇ ମନ ଆରେ···!"

ଗୀତ ଦୌଡ଼ୁଥିଲା ପବନରେ । ଆଉ ଦୌଡ଼ୁଥିଲା ଆମ ପାଦ ଆଉ ଆକାଶର ଜହ୍ନ । କଏ ଯେ କୁଆଡ଼େ କିଛି ବୁଝା ଯାଉ ନ ଥିଲା । ଖାଲି ଦୂରଆଡ଼େ ଜହ୍ନ ଆଉ ଅସରନ୍ତ ଜହ୍ନ !

●

# ଛନ୍ଦ ! କେତୋଟି ମୁହୂର୍ତ୍ତର

"ସିଷ୍ଟର" !

"କ'ଣ କହୁଛବେ ?"

"ସିଷ୍ଟର ! ଖୁବ୍ ଯୋରରେ ଆକାଶରେ ମେଘ ଉଠିଛି ନା ? ମନ କେମିତି ଅଣ୍ଡା ଅଣ୍ଡା ଲାଗୁଛି !"

ନାଁ···ସେମିତି କିଛି ମେଘ ଉଠିନାହିଁ ! ତେବେ, ବାଦଲ ହଠାତ୍ ଚାରିଆଡ଼େ ମାଡ଼ି ଯାଇଛି । ଜହ୍ନଟା ଆଉ ଚୋଫା ଦିଶୁନାହିଁ··· !

"ସିଷ୍ଟର ! ଆକାଶରେ ଜହ୍ନ ? ଜହ୍ନଟା'ର କିଛି ଗୁମ ନାହିଁ··· ! ଜହ୍ନକୁ ଦେଖି ପାରୁନାହିଁ—ମାତ୍ର ମୋର ମନେ ହେଉଛି, ପୃଥିବୀଟା ଏମିତି ଗତିରେ କିଛିଦିନ ହେଲା ଝାପ୍‌ସା, ଝାପ୍‌ସା ଦେଖା ଯାଉଛି !

"ଏ ତ ଜହ୍ନର ତଥ୍ୟ ! ତେବେ ଅଦିନରେ ଆଜକାଲି ମେଘ ଆଉ ବାଦଲ ଉଠି ଆକାଶଟା ଢାଙ୍କି ରଖୁଛି !"

"ଅଦିନରେ ମେଘ ! ଏଇଟା କି ମାସ, ସିଷ୍ଟର ?"

"ଫେବୃୟାରୀ ଶେଷ ପ୍ରାୟ ! ଆପଣ ଶୋଇ ପଡ଼ନ୍ତୁ···ମୁଁ ଆସେ ! ଦେଖନ୍ତୁ, ବେଡ୍ ଛାଡ଼ି କୁଆଡ଼େ ଆଉ ଯିବେ ନାହିଁ ! ଯଦି ହଠାତ୍ ପଡ଼ିଯାନ୍ତି, ଡାକ୍ତର ମତେ ଆଉ ରଖିବେ ନାହିଁ !"

"ନା ସିଷ୍ଟର ! ମୁଁ ଆଉ କୁଆଡ଼େ ଯିବିନାହିଁ··· ! ମୁଁ ଶୋଇ ପଡ଼ିବି··· ! କିନ୍ତୁ ସେ ପଚିଶ ନମ୍ବର ରୋଗୀ କେମିତି ଅଛି ?"

"ଭଲ । ଇମ୍ପ୍ରୁଭ କରୁଛି··· !"

"ତଳ ମହଲରେ ଉଣେଇଶ ନମ୍ବର ପୋଡ଼ ଯାଇଥିବା··· !"

"ସେ ? ଆପଣ ତା' ପାଖକୁ ଯାଇଥିଲେ··· !"

"ନାଁ, ମୁଁ ଶୁଣିଥିଲି··· !

"ଆପଣ ଶୋଇ ପଡ଼ନ୍ତୁ ! ମୋର ରାଉଣ୍ଡ ଦେବା ବେଳ ହେଲା, ଡାକ୍ତର ବିରକ୍ତ ହେବେ ··· ··· !"

ସିଷ୍ଟର ଚାଲିଗଲା ! ସିଷ୍ଟର ସେ ପୂରା ହୋଇନି; ପାଠ ପଢ଼ୁଛି । ହୁଏତ ପାଠ ପଢ଼ା ସାରି ପୂରା ଫର୍ମରେ ସିଷ୍ଟର ହୋଇଗଲେ ସେ ସାଜେଷ୍ଟ ନ ଦେଇପାରେ···ମାତ୍ର ଏବେ ସେ ପଢ଼ୁଛି ଏବଂ ତା'ର ଡକ୍ଟର ଖୁବ୍ ଷ୍ଟ୍ରିକ୍ଟ !

ମୁଁ ହସିଲି··· ! ବେଡ୍ ପ୍ୟାନରେ ଭୀଷଣ କଷ୍ଟ ହେଉଛି ! ଗନ୍ଧ କେଉଁଥିରେ ଉଭାନ୍ ହୋଇଛି କେଜାଣି ? ଆଉ ବେଡ୍ ମେକ ବୋଲି ସେ ଗୋଟାଏ ଜିନିଷ ରହିଛି ଏକଥା ସମସ୍ତେ ଭୁଲିଗଲେଣି ··· !

ସିଡ଼ି ଉପରେ ମୁନିଆ ମୁନିଆ ଜୋତାର ଖଟ୍ ଖଟ୍ ଶବ୍ଦ । ଯିଏ କିଏ ଆସୁଛନ୍ତି ? ଡାକ୍ତର, ନର୍ସ, ସର୍ଜନ ହୋଇଥିବେ ବୋଧେ । ଫେର କାହାର କ'ଣ ହେଲା ?

ମୁଁ ଆଖି ବୁଜି ଦେଲି । ସେମାନେ ସମସ୍ତେ ମୋ ପାଖରେ ଆସି ଠିଆ ହୋଇଗଲେଣି । ଅଚହ୍ନା କଣ୍ଠରୁ ଶୁଭିଲା —

"ନାଁ ତ, ପେସେଣ୍ଟ ଶୋଇଛି । ଡିଷ୍ଟର୍ବ କରିବା ଉଚିତ ନୁହେଁ । ବରଂ ଉଠିଲେ, ପ୍ରେସର୍‌ଟା ଠିକ୍ ଚେକ୍ ଅପ୍ କରିନେବ ! ବ୍ୟସ୍ତ ହବାର କିଛି ନାହିଁ !"

"ସାର୍ !"

"କ'ଣ ? ସିଷ୍ଟର ?"

"ପେସେଣ୍ଟ କାଲି ରାତିରେ ଭଲ କରି ମୋଟେ ଶୋଇନାହିଁ । କିଛି ସିଡେଟିଭ୍ ଦେବାପାଇଁ, ଅବଶ୍ୟ ଆପଣଙ୍କୁ ପଚାରି । ଡ: ବାନାର୍ଜି କହୁଥିଲେ ।"

"ନାଁ । ପେସେଣ୍ଟ ସୁସ୍ଥ ଅଛି । ଆବଶ୍ୟକତା ନାହିଁ ।" କଥା ନୁହେଁ ତ ଯେମିତି ବଜ୍ରବାଟୁଳି ! ବିଚାରୀ ସିଷ୍ଟରର ଗୋରା ତକ୍ ତକ୍ ମୁହଁଟି ଝାଉଁଳି ଯାଇଥିବ ।

ସେମାନେ ଚାଲିଗଲେ । ସିଷ୍ଟରର ବି ଚଟି ଶବ୍ଦ ମିଳାଇଗଲା । ଏଥର ମୁଁ ଆଖି ଖୋଲି ଦେଲି । ସବୁ ଝାପ୍‌ସା ଦିଶୁଛି । ରୁମ୍, ବାର୍‌ଲାଇଟ୍, ଆକାଶ ଆଉ ତା'ର ଗୋରା ଜହ୍ନ ।

ଚାରିଆଡ଼ର ନିସ୍ତବ୍ଧତା ମୋ ଉପରେ ସବାର ହୋଇ-ପଡ଼ୁଛି । ମୋର ଆଖି ତା'ର ଦୃଷ୍ଟି ଶକ୍ତି ହରାଇ ବସୁଛି । କିଛି ଦିନ ଗଲେ ମୁଁ ପୂରା ଅନ୍ଧ ହୋଇଯିବି । ଅପରେସନ୍ ନ କଲେ ମୋର ବଞ୍ଚି ରହିବାର ସାର୍ଥକତା

ରହିବ ନାହିଁ ; କିନ୍ତୁ ମୁଁ ତ ଏକ ମାସ ରହିଲିଣି, ଏମାନେ ଅପରେସନ୍‌ର ନାମ ଧରୁନାହାନ୍ତି । ଗୁଡ଼ାଏ ଅଯଥା ଶାସନ, ଅଯଥା ଚେକ୍-ଅପ୍‌ରେ ମତେ ଅଣନିଃଶ୍ୱାସୀ କରି ସାରିଲେଣି । ଆଉ ସେଇ ସିଷ୍ଟର ? କ'ଣ ତା'ର ନାଁ ? ମଲ୍ଲିକା । ସେ ଯେମିତି ଗୋଡ଼େ, ଗୋଡ଼େ ମତେ ଜଗି ରହିଛି !

ନା, ମୁଁ ଶୋଇପାରିବ ନ । ଉଠି ବସିଲି । ଝର୍କା ଦେଇ ଗଛଗୁଡ଼ାକ ଜଣା ପଡ଼ୁଛି । ଆକାଶରେ ଜହ୍ନ ନାହିଁ କି ହେମାଳ ପବନ ନାହିଁ ।

ଡିଉଟି ରୁମ୍ ଆଡ଼କୁ ଆଗେଇଗଲି । କେହି, କେହି ଯିବା ଆସିବା କରୁଛନ୍ତି । କିନ୍ତୁ ସିଷ୍ଟରର ସେଇ ଧଳା ପଗଡ଼ି ମୁଁ ଠିକ୍ ଧରିପାରିବି··· । ନା ସିଷ୍ଟର । ମୁଣ୍ଡ ମଡ଼ି ଟେବୁଲ ଉପରେ ଶୋଇଛି । ଶୋଉ ! ପିଲାଲୋକ !

ସିଡ଼ି ଦେଇ ଆସ୍ତେ ଆସ୍ତେ ତଳକୁ ଆସିଲି । ଡାହାଣ-ହାତ ଅଳ୍ପ ଟିକିଏ ଗଲେ ପଚିଶ ନମ୍ବର ବେଡ଼ । ସ୍ୱିଚ୍ ଦ୍ୱାର ଡେଇଁ ଯିବା କଥା । ଆଶ୍ଚର୍ଯ୍ୟ ! ମତେ ସବୁ ଦିଶୁଛି···ଜାଣି ହେଉଛି, ଅଥଚ ମୋର ଆଖି ଅପରେସନ୍ କାହିଁକି ଯେ ଦର୍କାର ଏବଂ କେତେଦୂର ଦର୍କାର ମୁଁ ଜାଣୁ ନ । ସେଥିପାଇଁ ଏକ ମାସ ବିତିଗଲାଣି···ପ୍ରତିଦିନ ଆଖି ଧୂଆ ହେଉଛି, କ'ଣ ସବୁ ଔଷଧ ପଡ଼ୁଛି···ଇଂଜେକସନ୍, ଔଷଧ, ଟନିକ୍ କେତେ କ'ଣ··· !

କିଏ ଗୋଟିଏ ବସିଛି ଷ୍ଟୁଲ୍‌ଟି ଉପରେ । ରୋଗିଣୀର ଘୋର ଶବ୍ଦ ନାହିଁ । ସ୍ୱିଚ୍ ଗୋଡ଼ଠାରୁ ମୁଣ୍ଡ ପର୍ଯ୍ୟନ୍ତ ଘୋଡ଼ା ହୋଇରହିଛି—ଅକ୍-ସିଜେନ୍ ସିଲିଣ୍ଡର ଆଉ ସାଲାଇନ୍ ଷ୍ଟାଣ୍ଡଇତ୍ୟାଦି ଉଠିଯାଇଛି । ମୁଁ ବସିଥିବା ଲୋକର ପିଠିରେ ହାତ ମାରି ପଚାରିଲି, "ପେସେଣ୍ଟ କେମିତି ଅଛି ? ଆଜ ବୋଧେ ଟିକେ ଭଲ··· ?"

"ଆସ୍ତେ, ଆସ୍ତେ···ବାହାରକୁ ଚାଲନ୍ତୁ । କେତେ କଷ୍ଟରେ ଟିକିଏ ଶୋଇଛି··· ।" ଉତ୍ତର ଆସିଲା ।

ସେ ଓ ମୁଁ ବାହାରକୁ ଆସିଲୁ । ଭଦ୍ରଲୋକ ପଚାରିଲେ, "ଗତିରେ ଏମିତି ଗୋଟାଏ ବଡ଼ଗ ଗଗ୍‌ଲେସ୍ ଲଗାଇଛନ୍ତି କାହିଁକି ? କ'ଣ ହୋଇଛି ଆଖିରେ ?"

ମୁଁ ହସିଲି—"କିଛି ନାହିଁ ! ଥରେ ଆଖି ଅପରେସନ୍ ହେଲା । ସମ୍ପୂର୍ଣ୍ଣ ଭଲ ନ ହେବାରୁ, ଆଉ ଥରେ ହେବ ବୋଲି ମାସେ ହେଲା ଅପେକ୍ଷା କରିଛି··· ।"

ସେ ପଚାରିଲେ—"କେବେ ହେବ ?"

"ଯେ କୌଣସି ମୁହୂର୍ତ୍ତରେ । ଖାଲି ଡାକ୍ତର ଟିକଏ ଫ୍ରି ହେଲେ··· !"

"ଆପଣ ତ ମୋତେ ଧୈର୍ଯ୍ୟ ହର ଲାଗୁନାହାନ୍ତି—"

"ଲାଗିବ କେମିତି ? ଏଠି ଯେଉଁ ଡାଏଟ୍, ଯେଉଁ ଚେକ୍‌ଅପ୍, ଯେଉଁ ଯତ୍ନ···ବାପରେ ମୁଁ ତ ମୋଟା ହୋଇ ଯାଉଛି । ଯା' ପରେ ମତେ ହୁଏତ ସ୍ଲିମିଂ ସେଣ୍ଟରକୁ ଯିବାକୁ ପଡ଼ିବ । ଏଥର କହନ୍ତୁ, ଆପଣଙ୍କ ପେସେଣ୍ଟ କିପରି ଅଛନ୍ତି ?"

"ଆଜି ଟିକିଏ ଭଲ । ଆଠ ଦିନ ହେଲା ଯେଉଁ ଟେନ୍‌-ସନ୍··· ! ସାଂଘାତିକ ଅବସ୍ଥା !"

'କ'ଣ ହୁଅନ୍ତି !"

ସଂକ୍ଷିପ୍ତ ଉତ୍ତର—'ମା' ।

ପଚାରିବାକୁ ଇଚ୍ଛା ହେଉଥିଲା କ'ଣ ହୋଇଛି ? କିନ୍ତୁ ଭଦ୍ରଲୋକ ବ୍ୟସ୍ତ ହେଲାପରି ଜଣାଗଲେ । ଘଡ଼ି ଦେଖୁଛନ୍ତି । ଔଷଧ ଦେବାର ଟାଇମ୍ ବୋଧହୁଏ ହେଲା ।

ମୁଁ କହିଲି, 'ଆପଣ ବିଶ୍ରାମ ନିଅନ୍ତୁ ·· ଯାନ୍ତୁ । ଡିଷ୍ଟର୍ବ କଲି । କ୍ଷମା କରିବେ ।'

ସେ ହସି ଦେଇ ଭିତରକୁ ଗଲେ । ଆଠ ଦିନ କାଳ ଏମିତି ଲୁଚି ଲୁଚି ମୁଁ ଆସିଛି । ପେସେଣ୍ଟ ସବୁବେଳେ ସିରିୟସ୍ । ଆଃ ! ଆଜି ଟିକିଏ ଆରାମରେ ଶୋଇଛନ୍ତି । ଗୋରା ତକ୍ ତକ୍ ସୁନାକାଠି ପରି ଦେହ । ମୁହଁଟିରେ ଗୋଟାଏ ପ୍ରଶାନ୍ତି ! ଶୋଇଛନ୍ତି । ଡିଷ୍ଟର୍ବ ତ ହେବା ଉଚିତ ନୁହେଁ ।

କୁଆଡ଼େ ଯିବ ? ଓ୍ୱେଟିଙ୍ ନମ୍ବର । ପୋଡ଼ା ଘା' ପେସେଣ୍ଟ । କାଲି ରାତିରେ ରକ୍ତ ଦିଆ ହେଉଥିଲା । ଇସ୍, କି ବୀଭତ୍ସ ସେ ମୁହଁ ! କାନ ପାଖରେ ବେକକୁ ଲାଗି ଟିକିଏ ଚମ କେବଳ ବାକି ଅଛି । ସେଥିରୁ ଜଣା ପଡ଼ୁଛି ଗୋରୀ ଥିଲା ବୋଧହୁଏ—ସୁନ୍ଦରୀ ବି ହୋଇଥାଇପାରେ । ଆଉ ତା'ର କେଇ ପୁଅ ଝିଅ ଦୁଇଟା । ଇସ୍ ! କି ରାହା ଧରି କାନ୍ଦୁଥିଲେ ? ଶ୍ୱଶୁର କାନ୍ଦୁଛନ୍ତି, ଶାଶୁ କାନ୍ଦୁଛନ୍ତି, ନଣନ୍ଦ କାନ୍ଦୁଛି, ସମସ୍ତେ କାନ୍ଦୁଛନ୍ତି— କାନ୍ଦୁ ନ ଥିଲା କେବଳ ତା'ର ସ୍ୱାମୀ ।

ସ୍ୱାମୀ ? ଯିଏ ଜୀବନର ସବୁ ଦୁଃଖସୁଖର ସାଥି ବୋଲି ହୋମ ଯଜ୍ଞରେ ବ୍ରତ ଗ୍ରହଣ କରିଥାଏ, ତା'ର ନାଁ କୁଆଡ଼େ ସ୍ୱାମୀ ! କିନ୍ତୁ ସେ ଲୋକ କାନ୍ଦୁ ନ ଥିଲା···ତା' ମୁହଁରେ ବିଷାଦର ଛାୟା ଲେଶମାତ୍ର ନ

ଥିଲା । ହୁଏତ ପୁରୁଷ ଲୋକ ଏତେ ଲୋକଙ୍କ ଆଗରେ ବିଚଳିତ ହୋଇ କାନ୍ଦିବାଟା ଉଚିତ୍ ହେବ ନା । ଆଉ ସେଇ ଶ୍ୟାମଳୀ ଝିଅଟି ? ସିଷ୍ଟର କହୁଥିଲା ତା'ର ମାଉସୀ ଝିଅ ଭଉଣୀ । ବେଶ୍ ତ ଗପସପରେ ଦି'ଜଣ ବ୍ୟସ୍ତ ଥିଲେ··· । ଧେତ୍ ! ମୋର ଯାଏ ଆସେ କ'ଣ !

ମୁଁ ଠିକ୍ ଆସି ଉଣେଇଶ ନମ୍ବର ପାଖରେ ପହଞ୍ଚି ଯାଇଛୁ । ଆଜି ଲୋକ ଭିଡ଼ ନାହିଁ । ଗରିବ ଲୋକ, ବଳଦଗାଡ଼ିରେ ଆସିଥିଲେ ବୋହୂକୁ ନେଇ, ଫେରି ଯାଇଛନ୍ତି । ଛୁଆ ପିଲା ବୁଢ଼ାବୁଢ଼ୀ କେହି ନାହାନ୍ତି··· । କେବଳ ସେଇ ସ୍ୱାମୀ-ବାଚକ ଭଦ୍ରଲୋକଟି ଓ୍ୱାର୍ଡ଼ ସିଷ୍ଟର ସଙ୍ଗରେ ବାହାର ବାରଣ୍ଡାରେ ଛିଡ଼ା ହୋଇ କ'ଣ କଥାବାର୍ତ୍ତା ହେଉଛନ୍ତି । ମୁଁ ସେମାନଙ୍କ ସହିତ ଯୋଗ ଦେବି କି ନାହିଁ, ଠିକ୍ କରିପାରୁ ନ ଥିଲି । ହୁଏତ ସେମାନେ ମତେ··· । ନାଃ ! ସିଷ୍ଟର ଯଦି ମତେ ଚିହ୍ନି ପକାଏ ? ମୁଁ ନ ଜାଣିଲା ପରି ବାରଣ୍ଡାକୁ ଆସିଲି, ଆଉ ସେମାନେ ଭିତରକୁ ଯାଇ ପେସେଣ୍ଟର ମଶାରି ଟେକି କ'ଣ ସବୁ ଠିକ୍ ଠାକ୍ କରିବାକୁ ଲାଗିଲେ ।

ହଠାତ୍ କେଜାଣି କାହିଁକି ମୋର ମନେହେଲା ବୋହୂଟି ମରିଯାଇଛି କିମ୍ବା ମରିଯିବ । ତାକୁ ଏଇ ନିଶ୍ଚିତ ମୃତ୍ୟୁମୁଖରୁ କେହି ରକ୍ଷା କରି ପାରିବେ ନାହିଁ··· । ଆଉ ବୋଧହୁଏ ତା'ର ଏଇପରି ମରି ଯିବାଟା ଉଚିତ୍ ।

ଆକାଶରେ ବେଶି ଯେମିତି ମେଘ କସା ବାନ୍ଧିଛି । ଆଖି ଦୁଇଟା ମୋର ଦୃଷ୍ଟି ପୁରାପୂରି ହରେଇ ବସିଛି । ମୁଁ କିଛି ଦେଖି ପାରୁନାହିଁ । ହସପିଟାଲ ବାରଣ୍ଡାର ଲାଇଟ୍, ନୋଟନ ଗଛର ପତ୍ର ଆଉ ସାମ୍ନାରେ ଥିବା ଆକାଶଚୁମ୍ବୀ କୃଷ୍ଣଚୂଡ଼ା, ଏମାନେ ସବୁ ଏମିତି ଝାପ୍‌ସା ହେଲେ କାହିଁକି ?

ହଠାତ୍ ଗୋଟାଏ ତୀବ୍ର ବେଦନା ମତେ କାବୁ କରି ଦେବାକୁ ବସିଛି ଅବା ! ସେଇ ପୁରୁଣା ରୋଗ । କଦର୍ଯ୍ୟ ଅଭ୍ୟାସ, ଅଜାଣତରେ, ଅସମୟରେ ମତେ ଗ୍ରାସ କରି ବସେ । ମୋର କାନ, ବେକ ଆଉ ଆଖିପତାସବୁ ପୋଡ଼ି ଯିବା ପରି ଲାଗିଲେ । ଜୀଅନ୍ତା ମଣିଷ ଦେହରେ ଜୁଇ ଲାଗିଲେ ଏଇ ଯନ୍ତ୍ରଣା ବୋଧହୁଏ ତାକୁ ହୁଏ ·····!

ମୁଁ ଜାଣିନି । ମୋର ଅଜାଣତରେ ମୁଁ ତଳକୁ ଏକଦମ୍ ଗେଟ୍ ପାଖକୁ ଆସିଲି ! ଦରଓ୍ୱାନ୍‌କୁ ବହୁବାର ତାଗିଦ୍ କରିହୋଇଛି ମତେ ଗେଟ୍ ନ ଖୋଲିବା ପାଇଁ ରାତିରେ । କାରଣ ମୁଁ ଅନ୍ଧ···ହୁଏତ ପଡ଼ିଯିବି···ହୁଏତ ମୋର ଏତେ ରାତିରେ ଏକୁଟିଆ ରାସ୍ତା ଉପରେ

ବୁଲିବାଟା ନବାପଦ ନୁହେଁ । ସିଷ୍ଟର ଭାବୁଛନ୍ତି ମୋର ସ୍ଲିପ୍ ଓ୍ୱାକିଂ ଅଭ୍ୟାସ ଅଛି·····ମାତ୍ର ସିଷ୍ଟର ଜାଣେ ନାହିଁ ଗୋଟାଏ ଲୋକକୁ ଏମିତି ସୁଖାଦ୍ୟ ଦେଇ ଦୀର୍ଘଦିନ ଧରି ରୋଗୀ ବୋଲି ସାବ୍ୟସ୍ତ କରି ରଖିଲେ ସେ ଦିନସାରା ଶୋଇବ ଏବଂ ରାତିସାରା ବୁଲିବ ।

ଦରଓ୍ୱାନ୍ ଶୋଇଛି । ମୁଁ ଧୀରେ ପଦାକୁ ଆସିଲି । ଆଃ! କି ଆରାମ ! କୃଷ୍ଣଚୂଡ଼ା ଗଛ ପାଖରେ ଛିଡ଼ା ହେଲି ····· ଏଠି ଖାଲି ପକ୍ଷୀ ଆଉ ପକ୍ଷୀ । ସକାଳେ କି ସୁନ୍ଦର ଏମାନେ ଡାକନ୍ତି·····! ରାତିସାରା ଅନିଦ୍ରା ରହି ସକାଳେ ସକାଳେ ଏଇ ପକ୍ଷୀ ଡାକରେ ହସପିଟାଲ୍‌ର ଅଜସ୍ର କୋଳାହଳ ଭିତରେ ମତେ ଆସେ ନିଦ । ସୁନ୍ଦର ନରମ ନିଦ । ଯେତେ ଯେତେ ଗଛ ଥିଲା, ସବୁ ଗଛକୁ ମୁଁ ଛୁଇଁ, ଛୁଇଁ ବୁଲିଲି ।

ଆଗରେ ନର୍ସିଂହୋମ୍ । ସବୁଠୁ ବଡ଼ ବଡ଼ ପେସେଣ୍ଟ ଏଇଠି ରହନ୍ତି । ଯେତେ ବେଶି ଦରମା, ଯେତେ ବଡ଼ ପୋଜିସନ୍, ସେତେ ବେଶି ସୁବିଧା ଏଇଠି ମିଳେ··· ·କିନ୍ତୁ ଗୋଟାଏ କଥା । ଏଠାରେ ମୃତ୍ୟୁହାର ନିଶ୍ଚୟ କମ୍ ଥିବ । ଜୀବନକୁ ଧରି ରଖିବା ପାଇଁ ଯଦି ଆପ୍ରାଣ ଚେଷ୍ଟା ଏଠି କରାଯାଏ···ତେବେ ?

“ଦରଓ୍ୱାନ୍! ଦରଓ୍ୱାନ୍!”

ଆଖି ମଳି ମଳି ଦରଓ୍ୱାନ କହିଲା—“ଆଜ୍ଞା ! ଆପଣ···ଏତେ ରାତିରେ ! ମୁଁ ଡରିଗଲି···।”

“କାହିଁକି ?”

“କାଲି ଗୋଟାଏ ପେସେଣ୍ଟ ଏଠି ମରିଯାଇଛି···ଦୁଇ ମାସ କାଳ ଆଜ୍ଞା ଦିନ ରାତି ପାଟି ତୁଣ୍ଡ···ଲୋକ ଯିବା ଆସିବା । ଆଜି ସବୁ ଖାଁ ଖାଁ ଡାକୁଛି । ମତେ ଭାରି ମାଡ଼ି, ମାଡ଼ି ପଡ଼ୁଛି···।”

ମୁଁ ଅବଶ ହେଲା ପରି ବସି ପଡ଼ିଲି ପାହାଚ ଉପରେ । ହଠାତ୍ ଯେ ଲୋକଗୁଡ଼ା ଏମିତି ମରିଯାନ୍ତି କାହିଁକି, ମୁଁ ବୁଝିପାରେ ନା । ଦିନେ ଏକଥା ପଚାରିଲି ଯେ ସିଷ୍ଟର ହସିଦେଲା, ସତେ ବା ମୃତ୍ୟୁଟା ଗୋଟାଏ ନିହାତି ଛୋଟ କଥା ଏବଂ ମୁ ଗୋଟାଏ ଅବୁଝା ଶିଶୁ ।

“ଅଜ୍ଞା ! ଏମିତି ଥକ୍କା ହୋଇ ବସିଗଲେ ତକ୍ତଟାରେ ଚେୟାର ଆଣି ଦେବି···?”

“ନା, ଥାଉ ! ଆଚ୍ଛା, ଦରଓ୍ୱାନ୍, ଆଜି ଅପରେସନ୍ ହୋଇ କେହି ମରିବାର ତୁମେ ଜାଣିଛ ?

"ନାହିଁ ତ ଆଜ୍ଞା ! ହଁ ତ—ନାଁ ଆଜ୍ଞା ଅପରେସନ୍ ହୋଇ ଅନ୍ଧ ହୋଇ ଯିବାର ମୁଁ ଜାଣିଛି; କିନ୍ତୁ ମରିଯିବାର···ଶୁଣିନି ସେଗୁଡ଼ା କାହିଁକି ଭାବୁଛନ୍ତି କହିଲେ···କିବା କଥା, ଆଜିକାଲି ସବୁ ହାଟେ ଅପରେସନ୍ ହୋଇ ଲୋକେ ବଞ୍ଚୁଛନ୍ତି··· ! ସେ ଯେଉଁ ପେସେଣ୍ଟ କାଲି ମଲା ନା, ତା'ର କ'ଣ ଆଉ ଥିଲା ଯେ—ଯମ ସଙ୍ଗରେ ଲଢ଼େଇ କରିବା କଥା ସିନା ! ବଡ଼ ଲୋକ, ପଇସାବାଲା, ଟଙ୍କା ବିଞ୍ଚି ଦେଇଗଲେ । ହେଲେ ଯମ କ'ଣ ବଡ଼ଲୋକ ମାନଙ୍କୁ ବୁଝୁଛି···! ଅଟକେଇ କିଏ ରଖିବ କାହାକୁ ? ଆପେ ଆପେ ସବୁ ବୁଦ୍ଧି ବଣା ହୋଇଯିବ ! ଶେଷକୁ ନିଜେ, ନିଜେ ବିଷ ଖାଇ ଦେଲା···।

"ଏଁ ?" ମୁଁ ଅଜାଣତରେ ଚିତ୍କାର କରି ଉଠିଲି !

"କାହା ଆଗରେ କହିବେ ନି ଆଜ୍ଞା ! ବଡ଼ଲୋକ ବୋଲି କଥାଟା ଚାପା ପଡ଼ିଗଲା । ପୁଲିସ୍ କେସ୍ ହୋଇଥାନ୍ତା—ଖାଲି ଟଙ୍କା ଅଛି, ଟଙ୍କା ହିଁ କରେ ବଙ୍କା ! ଭଲ ହେଇଛି···ଆମର ସେଇ ଡାକ୍ତର ବାବୁ ଆଉ ସେ ବାବୁର ସ୍ତ୍ରୀ, କ'ଣ ଦେଖିବେ ଆଜ୍ଞା ! ସ୍ୱାମୀ ପଡ଼ିଛି ଟିକିଏ ବୋଲି ଦୁଃଖ ପାଆନ୍ତି···ରାମ, ରାମ !"

ମୁଁ କ'ଣ କହିବି ବୁଝିପାରୁ ନ ଥିଲି । ମୋ ଭିତରେ ପୁଣି ସେଇ ଯନ୍ତ୍ରଣା-ବେଦନା ଯେମିତି ବିସ୍ଫୋରିତ ହୋଇ ଉଠୁଛି । ଆଖିରୁ ଲୁହ ଝରି ଉଠୁଛି ମୁଁ ଉଠି ପଡ଼ିଲି । କହିଲି "ଦରଓ୍ୱାନ ! ତମେ, ବିଶ୍ରାମ ନିଅ । ମୁଁ ଯାଉଛି···ମତେ ବି ବଡ଼ ନିଦ, ନିଦ ଲାଗୁଛି··· !"

ଦରଓ୍ୱାନ୍‌ର ଉତ୍ତରକୁ ଅପେକ୍ଷା ନ କରି ମୁଁ ଚାଲି ଆସିଲି । ଥଣ୍ଡା ପବନ ହେଉଛି । ଏଇ ରାସ୍ତା ଭଲ । ଏଇ ଗଛ ଭଲ, ଭଲ ତା' ଉପର ସବୁ ପକ୍ଷୀ ! ଏ ହସପିଟାଲର ରାସ୍ତା ଗୋଲ୍ କାହିଁକି ନ ହେଲା ? ଆଉ ସୀମ ସବୁ କାହିଁକି ଯେ ଗେଟ୍ ଦିଆ ହୋଇ କଟିଗଲା, ମୁଁ ବୁଝୁନି··· !

କିଏ ପାଞ୍ଚଟି ଲୋକ ଆସୁଛନ୍ତି । କିଏ ? ଜଣେ ଲୋକକୁ ଆଉ ପାଞ୍ଚ ଜଣ ଲୋକ ଧରି ଧରି ଆଣୁଛନ୍ତି···ଆଉ ସେ ଲୋକ ଟଳି ଟଳି ଆସୁଛି··· ସତେକି ସେ ଅଚେତ, ସଂଜ୍ଞା ଶୂନ୍ୟ ! କିନ୍ତୁ ଯେମିତି ଏମାନଙ୍କୁ କେଉଁଠି ଦେଖିଛି···କେଉଁଠି ? ମୁଁ ସମ୍ଭାଳି ନ ପାରି ପଚାରିଲି—"କାହିଁକି, ତାଙ୍କର କ'ଣ ହୋଇଛି ? ଏମିତି ଧରି ଧରି ନେଉଛନ୍ତି କାହିଁକି ?"

ବାର ଲାଇଟ୍ ସାମ୍ନାସାମ୍ନି । ଅଚେତ ଭଦ୍ରଲୋକ ଆଖି ଖୋଲି ଚାହିଁଲେ ! ବଡ଼ କରୁଣ ସ୍ୱରରେ କହିଲେ—'ଚିହ୍ନି ପାରୁ ନାହାନ୍ତି ? ଦୁଇଘଣ୍ଟା ତଳେ ଆପଣ ଯାଇଥିଲେ···ମୁଁ କହିଲି ନା ଶୋଇ ପଡ଼ନ୍ତୁ··· ।

"ହୁଁ, ହୁଁ କ'ଣ ହେଲା ? ଶୋଇ ନ ଥିଲେ ?"

"ହଁ ଶୋଇଥିଲା ଯେ ଶୋଇଛି ··ଆଉ ଉଠିବ ନ, ଉଠିବ ନ···ମୁଁ ଯେତେ ମୁଣ୍ଡ ବାଡ଼େଇଲେ ବ ଉଠିବନି" କହୁ କହୁ ଭଦ୍ରଲୋକ ପିଲାଙ୍କ ପରି କାନ୍ଦି ଉଠିଲେ !

ମୁଁ ଉତ୍ତର ଦେଇ ପାରିଲି ନା । ପୁଣି ସେଇ ପୁରୁଣା ରୋଗ ମତେ ଗ୍ରାସ କରି ଆସୁଛି···! ଓଃ !

ସେମାନେ ଚାଲିଗଲେ । ଦୂରକୁ ଦୂର···ମୋର ଆଖିର ଶକ୍ତି ନାହିଁ ସେମାନଙ୍କ ଅନୁସରଣ କରିବାକୁ··· !

"ଦୁଷ୍ଟ !" ନିକଟରେ କାହାର ମୃଦୁ ଭର୍ତ୍ସନା ।

"ସିଷ୍ଟର !" ମୋ ଆଖିର ଲୁହ ମୋ ଓଠ ସ୍ପର୍ଶ କରୁଥିଲା ।

ସିଷ୍ଟର ଆଖି ଚଳକୁ କରି କହିଲା—"ଆପଣ ପରା ପ୍ରମିସ୍ କରିଥିଲେ ଶୋଇ ପଡ଼ିବେ···ପ୍ରମିସ୍ ନ ରଖିଲେ କ'ଣ ହୁଏ ଜାଣନ୍ତି ତ··· ?

"ମୃତ୍ୟୁ !"

"ଓଃ, ଗଡ୍ !" ବଜ୍ରପାତ ହେଲାପରି ସିଷ୍ଟର ଦୁଇ ହାତରେ କାନ ବନ୍ଦ କଲା । ଝାପ୍ସା ଲୁଇ ଆଲୁଅ ଭିତରେ ମୁଁ ସ୍ପଷ୍ଟ ଜାଣିଲି, ତା'ର ଦୁଇ ଗଣ୍ଡ ଦେଇ ଦୁଇଧାର ଅଶ୍ରୁ ଗଡ଼ି ଆସୁଛି । ତ' ମୁଣ୍ଡରେ ସେଇ ଧଳା ପଗଡ଼ିଟା ଦୁଃଖରେ ଥର ଥର ହେଉଛି··· ।

ହଠାତ୍ ସବୁ ପକ୍ଷୀ ଅବା ଏକା ସଙ୍ଗରେ ନିଦ ଭାଙ୍ଗି ଉଠି ପଡ଼ିଲେ ମଧୁର ଗୁଞ୍ଜନରେ ଚତୁର୍ଦ୍ଦିଗ ଯେପରି ଭରପୁର ହୋଇ ଉଠିଲା । ହାଲୁକା ଶୀତଳ ପବନ ଛୁଇଁଲା ଆସି ମୋର ଆଖିପତା !

ମୁଁ ତା'ର କାନ୍ଧରେ ଭରା ଦେଇ ଖୁବ୍ ଧୀରେ କହିଲି— "ସିଷ୍ଟର ! ମତେ ଖୁବ୍ ନିଦ ଆସୁଛି···ଚାଲ ମୁଁ ଶୋଇବ, ଆଉ ଗୋଟାଏ ମିନିଟ୍ ବ ମୁଁ ଛିଡ଼ାହୋଇ ପାରିବ ନ, ସିଷ୍ଟର !

"ପ୍ରମିସ୍ ?"

"ପ୍ରମିସ୍ ! ସିଷ୍ଟର ପ୍ରମିସ୍ ! ଏଇବାର ନିଶ୍ଚୟ ପ୍ରମିସ୍ ରଖିବ !'

"ଇଉ ନଟି···ନଟି ଓଲଡ଼··· !"

ମୁଁ ଠୋ ଠୋ ହସି କହିଲି—"ବସୁ, ସିଷ୍ଟର, ବସୁ !"

ସିଷ୍ଟର ହସୁଥିଲା । ସତେ କି ସେ ପ୍ରଶାନ୍ତି ତାରା ! ! !

# ଫ୍ରିଜିଡ୍

ଅଳକା ! ଅଳକା ! ଅଳକା—ଅନିର୍ବଚନୀୟ ସ୍ୱପ୍ନପୁରୀ । ସୁଖଶାନ୍ତି ଶ୍ୱର୍ଯ୍ୟର ଅଖଣ୍ଡ ରାଜତ୍ୱ । ଅଳକା ସେଇ ଦେଶର ନାମ, ଯେଉଁଠାରେ ଖର ବିନ୍ଦୁମାତ୍ର ନାହିଁ ।

ସେ କବିର ମାନସପୁରୀ ଆଜ ଉକ୍ତିର ଚିର-ବାଞ୍ଛିତ । ଚନ୍ଦ୍ରାପ୍ଲୁତ ଦର ବୁକୁତଳେ ଢଳଢଳ କମଳର କେଉଁ ପାଖୁଡ଼ାରେ ସେଇ ପୁରୀର ସୁଖକନ୍ୟା ନିଦ୍ରିତା କେଜାଣି ।

ଝର୍କା ପାଖରୁ ଘୁଞ୍ଚି ଆସିଲା ଅଳକା । ମାଳମାର ଗାଢ଼ଟା ଅଟକିଲା ସ୍ତ ଉପରେ । ବୁଖଣ୍ଡେ ଲମ୍ବର ବ୍ଲାଉଜ୍ ଭିତରୁ ବ୍ରେସିୟାର୍ ଷ୍ଟ୍ରାପରେ ିର ମାଂସ ଉପୁଚି ଉଠୁଛି । ତା'ର ମସୃଣ ଗ୍ରୀବା ଦେଖିଲୁ ଧରି ଅନେକ ମୟରେ ଅଳକାର ଇଚ୍ଛା ହୁଏ ଆଦର କରିବାକୁ । ମାଳମା ତ ସୁନ୍ଦରୀ ନ ହୋଇ ପାରେ, ମାତ୍ର ତା'ର ଦେହରେ ଆକର୍ଷଣ ଅଛି । ାଳମା ଉପରେ ରଖା ଯାଇପାରେ; ମାତ୍ର ପରକ୍ଷଣରେ ତାକୁ ପାସୋର ିବାରେ କଷ୍ଟ ହୁଏନା ।

ଅଳକାର କେତେବାର ଇଚ୍ଛା ହୁଏ ମାଳମାକୁ ପଚାରିବାକୁ, କ'ଣ ଲେ ସେ ସବୁ କଥାରେ ତ' ପର ହୋଇ ପଡ଼ିବ···ଖୁସି ହସର ଆବରଣତଳେ ଦୁଃଖର ଲେଶ ଚିହ୍ନ ଅନ୍ତତଃ ପଦାକୁ ପ୍ରକାଶ ପାଇବ ନି । ମାଳମା ସେ ଗୁପ୍ତମନ୍ତ୍ର ଜାଣେ । । ମାଳମା ଯେଉଁଆଡ଼େ ଯାଏ ସେଆଡ଼େ ସେ ବୁଣିଯାଏ ଖୁସି ମଞ୍ଜି···ହସର ଫୁଆରା···ଅଫୁରନ୍ତ ଉଚ୍ଛ୍ୱାସ ।

ମାଳମା ଘର ଭିତରକୁ ପଶି ଆସିଲା—"କଲେ, ଘଣ୍ଟାରେ କେତେଟା ବାଜିଲାଣି ତମେ ଜଣା ଅଛି ? ଯାଃ, ମୁଣ୍ଡବାଳ ସାମ୍ନା କରିବାକୁ ନାହିଥିଲ ନା ତମେ···କ'ଣ ମ ଜବାବ ଦେଉନୁ ଯେ······!"

ହସି ଦେଇ ଅଳକା କହିଲା—ତମେ ଦେଖୁଛ ସବୁ···ସେଥିପାଇଁ ରାଟିରେ ଭଷା ପଶୁନାହିଁ !"

ଘଣ୍ଟାକୁ ଅନାଇଁ ମାଳମା ବ୍ୟସ୍ତ ହେଲପରି କହିଲା—"ତୁ ଯିବୁ ନାଁ ନାହିଁ···ମୁଁ ଯେ ତେଣେ ଆପଏଣ୍ଟମେଣ୍ଟ କରି ଦେଇଛି । ତୁ ମତେ କଥା ଦେଇ ଭୁଲିଗଲୁଣି କି ? କ'ଣ ମଉସୀଙ୍କ ଦେହ ବେଶି ଖରାପ ହେଲା କି ? କାଲି ତ ଭଲଥିଲେ···?"

ଅଳକା ଅନୁଭବ କରୁଥିଲା ତା'ର ମୁହଁଟା ଯେପରି ସଙ୍କୁଚିତ ହୋଇଯାଉଛି, ଆଉ ଲଜ୍ଜାରେ ଆଖିପତା ଦୁଇଟା ଯୋଡ଼ି ହେଇ ଯାଉଛି । ବି'ହିନ ତଳେ ସେ କଥରେ କଥାରେ କଷ୍ଟ ଦେଇଥିଲା, କୌତୁହଳ ଦେଖାଇଥିଲା, ତା' ମନେ ନୁହଁ···ତା' ମାନେ ନୁହଁ··· । ଅଳକାର ଓଠଗୁଡ଼ା ଶୁଖି ଆସୁଥିଲା···ମାଳମାର ହସ ଯେମିତି ହଠାତ୍ କରି ଗୁଡ଼ାଏ ଯନ୍ତ୍ରଣାର ବର୍ଛାପରି ତାକୁ ମାରୁଛି ।

ହଠାତ୍ ମାଳମା କ'ଣ ଭାବିଲା କେଜାଣି ତା'ର ଥଣ୍ଡା ଥଣ୍ଡା ହାତ-ପାପୁଲି ଅଳକାର ଗାଲରେ ବୁଲାଇ ଆଣି କହିଲା -"ଚାଲ···କିଛି ନାହିଁ । ଡରିବାର କି ଲାଜ କରିବାର କିଛି ନାହିଁ ! ମୁଁ ତ ଅଛି, ଭାବିବାର କ'ଣ ଅଛି ? ଭଲ ନ ଲାଗିଲେ ଚାଲି ଆସିବୁ !"

"କିନ୍ତୁ ମାନି, ଧର କଥାଟା ଜଣା ପଡ଼ିଯିବ । ଏତେ ଛୋଟ ଜାଗାରେ କିଏ କୁଆଡ଼େ ଯାଉଛି ଆସୁଛି ସମସ୍ତେ ଖବର ରଖନ୍ତି···

ମାଳମା କ୍ଷିପ୍ର ହେଇ କହିଲା—"ଖବର ରଖନ୍ତୁ ! ଆହା, ଖବର ରଖିଲେ ଯେମିତି ଆମର ଫାଶୀ ହୋଇଯିବ ଆଉ ?"

"ନାଁ ସେ କଥା ନୁହେଁ ଯେ, କେମିତି ମନଟା ଭଲ ଲାଗୁନି··· !"

କଣ୍ଠରେ ତାଚ୍ଛଲ୍ୟ, ଆଖିରେ କଟାକ୍ଷ ଟାଣି ମାଳମା ଜବାବ ଦେଲା—"ଓ, ତୋର ସେଇ ପଳାତକ ପ୍ରେମିକଙ୍କ କଥା ଆଉ ମନେ ପଡ଼ୁନି ତ ? ବିଶ୍ୱାସରେ ବିଷ କେମିତି ଦେବୁ, ଏଇ ଚିନ୍ତା ନା ? ଆଦର୍ଶ, ଫାଦର୍ଶରେ ମୋର ବିଶ୍ୱାସ ନାହିଁ । ମନଗଢ଼ା କେତେଟା କଥା କହି ତୁ ମତେ ଫାଙ୍କିଦେଇ ପାରିବୁ ନ । ଭଲ ପାଇବାରେ ମୋର ବିଶ୍ୱାସ ନାହିଁ । ଆଉ ମାନବିକତା ? ନରକ ? ସ୍ୱର୍ଗ ? କୌଣସିଟା ମୁଁ ବିଶ୍ୱାସ କରେ ନା··· !

ବର୍ତ୍ତମାନ ତୁ ଯିବୁ ନା ନାହିଁ ? ନଚେତ୍ ମତେ ଯିବାକୁ ହେବ । ଏତେ ବଡ଼ ଭଲ୍ କଷ୍ଟମର୍··କେବଳ ତୋ' ପାଇଁ ମୁଁ ସିନ ଧାଇଁ ଆସିଥିଲି । ମୁଁ ଯାଏ ତେବେ···ପଛରେ ମତେ ଦୋଷ ଦେବୁ ନ ?"

"ରହ, ଏମିତି ତରତର କାହିଁକି ହେଉଛୁ । ଟିକେ ଛିଡ଼େ କରି ଆଣେ ଯିବୁ ତ··· !" ଅଳସଗତିରେ ଅଳକା ଉତ୍ତର ଦେଲା । ତପରେ

ପାଦରେ ଗଳାଇ ତରତରରେ ଯାଉ ଯାଉ ମାଇମା କହିଲା, "ଭଳି ମନରେ ଭାବିବୁ ନ ଝିଅ, ସବୁବେଳେ ମତେ ଅଲଣା ଚା' ଭଲ ଲାଗେ ନା । ତା' ପର ଆଜ ମତେ ଚା' ଖୁଆଇ କାଲି ତୁ ବିନା ଚା'ରେ ସକାଳ ବିତାଇବୁ, ସେଇଟା ତୋର ପସନ୍ଦଯୋଗ୍ୟ ହୋଇପାରେ, ମାତ୍ର ମୋର ନୁହେଁ ··ଆଚ୍ଛା ଚାଲିଲି···ବାଏ··· ।"

ଅଳକା ଶୁଖିଲା ଓଠ ଉପରେ ଜିଭ ବୁଲାଇ କ'ଣ କହିବାକୁ ଆସି ପୁଣି ନୀରବ ହୋଇଗଲା । ଝିମ୍ ଝିମ୍ ଅନ୍ଧାର ଘରର ଚାରିଆଡ଼େ ଭର୍ତ୍ତି ହୋଇ ଯାଇଛି···ବୋଉର ସୋର-ଶବ୍ଦ କେଉଁଠି ନାହିଁ । ନନ୍ଦିକା ସ୍କୁଲରୁ ଫେରି ହୁଏତ ଖଟରେ ଶୋଇ ପଡ଼ିଛି ।

ମାଇମାର କଥାଗୁଡ଼ାକ ଝାଇଁ, ଝାଇଁ କରୁଛି କାନ । ପାଦ ଆଗକୁ ଯାଉନି କି ପଛକୁ ପଡ଼ୁନି । ଏଇ ଅନ୍ଧାର ଭିତରେ ଲଣ୍ଠନଟା ଖୋଜିବାକୁ ଯେମିତି ଡର ମାଡ଼ୁଛି···ଡର ମାଡ଼ୁଛି ନିଜର ନଗ୍ନତାଟା ପଦାରେ ପଡ଼ିଯିବାର ଆଶଙ୍କାକୁ ।

"ଭାଏ ! ଓ ଅଳ···ଗଲୁ ନାହିଁ ଝିଅ । ମନୁ ପରା ଆସିଥିଲା, ଗଲାଣି ?"

ଅଳକା ଉତ୍ତର ଦେଲାନି । ବୋଉ କ'ଣ ବୁଝିବ ? ଏଇ ବୟସରେ ବୋଉର ବେକରେ ସେ ବୁଢ଼ା ନାଉ ପରି ନଡ଼ା ହୋଇଛି ।

ବୋଉ ଯେମିତି ହଠାତ୍ ବିରକ୍ତ ହୋଇ ଉଠିଲା –"ଘରଟା ଭିତରେ ମୁହଁ ମାଡ଼ି ପଡ଼ି ରହିଲେ ଦୁଃଖ ଯାଏନି, ମାମା ତ ଫେରି ଦେଖି ପରି... ।"

ଆକୁଳ କଣ୍ଠରେ ଅଳକା ଡାକିଲା ବୋଉ ! "ବୋଉ ଆଜ ଝିଅ କାଳିକ ନୁହଁ । ଜନ୍ମ ଦେଇଛୁ ବୋଲି କର୍ମ ତ କାହାକୁ ଦେଇନା । ନିଜ ଗୁଜୁରାଣ ନ ମେଣ୍ଟେଇଲେ··· ।

ବଜ୍ରରେ ବୋଉର ବେଗଣା କଣ୍ଠ । ବଡ଼ ବିକୃତ ଶୁଭୁଥିଲା ।

ଅଳକା ତରତରରେ ବେଖେଇ ଘର ଭିତରକୁ ଯାଇଁ ଲଣ୍ଠଣଟା ଲଗାଇ ବସିଲା । ଆଖିରେ ଅମାନିଆ ଲୁହ ଗାର ଧରିଛି ।

"ଅପା !"

ଦାଣ୍ଡବନ୍ଧକୁ ଆଉଜି ନନ୍ଦିକା ଛିଡ଼ା ହୋଇଛି । ଝାପ୍ସା ଆଲୁଅରେ ତା'ର ଚେହେରାର ସୂକ୍ଷ୍ମ ପରିବର୍ତ୍ତନଟି ଧରି ହେଉଛି । ଅଳକା ଆବେଗରେ

ଲଣ୍ଠଣଟା ଟେକି ଧରି ପଚାରିଲା—'ନୂଆ ଲୁଗା ପିନ୍ଧିଛୁ ? ଦେହରେ ରଙ୍ଗ, ହାତରେ ଚୂଡ଼ି···କୋଉଠୁ ଆଣିଲୁ ମିନି ?"

"ମଣ୍ଟୁ ଭାଇର ମା' ଦେଇଛନ୍ତି···କେତେ ମୋତେ ଭଲ ପାନ୍ତି··· ଗତେ କହୁ ନ ଥିଲି···!"

ଅଳକା ଅନ୍ୟମନସ୍କା ହୋଇ ଯାଉଥିଲା । ମଣ୍ଟୁ ଭାଇ !···ସେଇ ମଣ୍ଟୁ, ମାଳିମା କହୁଥିଲା ଯାହାପାଇଁ ପାର୍ବତୀ ଖୋଜି ଖୋଜି ମା' ତା'ର ବାୟାଣୀ ହବାକୁ ବସିଲାଣି । ସେଇ ମଣ୍ଟୁ, ମହାଦେବଙ୍କ ମନ୍ଦିରରେ ଯିଏ ତା'ର କହୁଣୀ ବଜାଇ ଅଳକାକୁ ଅଶ୍ଳୀଳ ଇଙ୍ଗିତ କରୁଥିଲା··ସେଇ ମଣ୍ଟୁ, ଯାହା ସଙ୍ଗରେ ପ୍ରଥମ ମଦ୍ୟପାନ କରିବାକୁ ସୁଶାନ୍ତ ଶିଖିଥିଲା···?

ଅଳକାର କୋରଡ଼ ଆଖିରେ ବଜୁଳି ନିଆଁ ଖେଳୁଛି । ଅଜାଣତରେ ବାଁ-ହାତ ପାପୁଲିଟା ସାଏଁ କରି ଉଠିଗଲା ନନ୍ଦିକାର କୋମଳ ଗାଲ ଉପରକୁ । ପର ମୁହୂର୍ତ୍ତରେ ନନ୍ଦିକାର ଉଚ୍ଛ୍ୱସିତ କାନ୍ଦଣା ଭିତରେ କୋଉଠୁ ଚିତ୍କାର ଶୁଭିଲା—"କାହିଁକି ମାରିଲୁ ତାକୁ ପୋଡ଼ାମୁହିଁ ? ଏ ବୟସରେ କେବେଠୁ ବନ୍ଧା ହୋଇଛୁ ନିଜେ, ଲାଜ ମାଡୁ ନାହିଁ···ମଣ୍ଟୁକୁ ମୁଁ ଜନକ ବାହା ଦେବି···ଦେବି···ନିଜ ଜୀବନ ଜଳେଇଲୁ ଆଉରି ସବୁରି ଜୀବନ ଜଳେଇବାକୁ ବସିଛୁ···ମରଣ ନାହିଁ···!"

ଅଳକା ଥରି ଥରି ବାଡ଼ି-ପଛ କୁଅମୂଳକୁ ଚାଲିଗଲା । ସତରେ ତାକୁ ମରଣ ନାହିଁ । ନ ହେଲେ···?

ନ ହେଲେ ସୁଶାନ୍ତ ତାକୁ ଛାଡ଼ି ଯାଇ ନ ଥାନ୍ତା; କିମ୍ବା ଛାଡ଼ି ଚାଲିଗଲେ ବି ସେ ତାକୁ ଗୋଡ଼େଇ ଯାଇଥାନ୍ତା । କୌଣସିଟି ବି ସମ୍ଭବ ହେଲା ନା । ଭାରତୀୟ ନାରୀର ପତିଭକ୍ତି ତା' ରକ୍ତରେ ନାହିଁ କି ପାଶ୍ଚାତ୍ୟ ନାରୀର ଅହଂ ବା ସ୍ୱାଭିମାନ ତା'ଠାରେ ନାହିଁ । କାହିଁକି ? କାହିଁକି ସେ ଏତେ ବେଶି ଉଦାସୀନ ? କାହିଁକି ସେ ଏତେ ବେଶି ଥଣ୍ଡା ? ଜୀବନରେ ବଞ୍ଚିବା ଓ ଜୀଇବା ଭିତରେ କୌଣସିଟା ତଫାତ୍ ନାହିଁ; ବୈଶିଷ୍ଟ୍ୟ ନାହିଁ ତା' ପାଖରେ । କାହିଁକି ?

ସୁଶାନ୍ତ ପାଖରେ ସର୍ବସ୍ୱ ସମର୍ପଣ କଲା ପରେ ମାଳିମା ଭାଷାରେ ସେ ନିଃସ୍ୱ ହୋଇ ଯାଇଛି ଏବଂ ସୁଶାନ୍ତର ବିଦାୟ ପରେ ତା'ର ବୋଧଶକ୍ତି ଲୋପ ପାଇ ଯାଇଛି । ସେ କାନ୍ଦି ପାରୁନି, ହସି ପାରୁନି, ଅପରର ଆନନ୍ଦକୁ ହୁଏତ ସେ ସହ୍ୟ କରି ପାରୁ ନି···

କିନ୍ତୁ ? ସୁଶାନ୍ତପାଇଁ ତ ମନରେ କିଛି କଷ୍ଟ ନାହିଁ । ଦୀର୍ଘଦିନର ବନ୍ଧୁତା ପରେ ବିବାହ, ବିବାହ ପରେ ଗୋଟିଏ ସନ୍ତାନ, ତା' ପରେ ସୁଶାନ୍ତର ଅନ୍ୟମନସ୍କତା, ଉଦାସୀନତା ଅତି ସ୍ୱାଭାବିକ । ସେସବୁ ଭିତରେ ଗୋଟିଏ ଶାନ୍ତ ସୁନ୍ଦର ଆକର୍ଷଣୀୟ ପରିସ୍ଥିତି ସୃଷ୍ଟି କରିବା ଅଳକାର ଆବଶ୍ୟକ ଥିଲା, ମାତ୍ର ସେ ଅପାରଗ । ସେଇ କଥା ନିଜେ ହିଁ ବୁଝିଲା ଆସିଲା । ତା'ର ଆଖି ଆଗରେ ନ ଖାଇ ନ ପିଇ ରୋଗରେ ପଡ଼ି ପୁଅଟି ମରିଗଲା । ସୁଶାନ୍ତକୁ ଖବର ଦିଆ ଯାଇଥିଲା ସେ ବି ଆସିଥିଲା । ଅଳକାକୁ ବୁଝାଇଥିଲା, ଲୁହ ଢାଳିଥିଲା । ସୁଶାନ୍ତ ସହିତ ମିଶି ଅଳକା କାନ୍ଦିଥିଲା ମଲା ପୁଅକୁ କୋଳରେ ଧରି । କାରଣ ସୁଶାନ୍ତ ତା'ର ବାପ ।

ସୁଶାନ୍ତ ତାକୁ ବୁଝାଇ ନେଇ ଯିବାକୁ ବି ଆସିଥିଲା, ମାତ୍ର ସେ ଗଲା ନାହିଁ । ବରଂ ହସି ହସି କହିଥିଲା, 'ତୁମେ ଭଲରେ ରହ, ତୁମେ ଦୁଃଖୀ ହେଲେ ମୋତେ କଷ୍ଟ ହେବ···।' ଆହୁରି ବି କେତେ କ'ଣ କହିଥିଲା - କହିଲାବେଳେ ଅନେକ କଷ୍ଟ ହୋଇଥିଲା, ମାତ୍ର ଏବେ କିଛି ମନେ ନାହିଁ । କାହିଁକି ?

ମାଳମା ଆଶ୍ଚର୍ଯ୍ୟ ହୋଇଛି । ବୋଉ ବି ଆଶ୍ଚର୍ଯ୍ୟ ହୋଇଛି ଆହୁରି ଚିହ୍ନା ପରିଚିତ ଅନେକ ।

ଅଳକା ପରି ବୁଦ୍ଧିମତ୍ତୀ ପାଠୁଆ ଝିଅର ଏମିତି ଦୁର୍ଗତି ହେଲା କାହିଁକି ?

ଘର ବାନ୍ଧିବାକୁ ପୃଥିବୀସାରା ସବୁ ଝିଅ ବ୍ୟସ୍ତ ବ୍ୟାକୁଳ ହେଲାବେଳେ ଅଳକା ଭାଙ୍ଗି ଦେବାକୁ ସୁଖ ପାଇଲା କାହିଁକି ?

ଏ କାହିଁକିର ଉତ୍ତର ଅଳକାକୁ ନିଜେ ହିଁ ଅଗୋଚର । ସେ ଅନ୍ୟକୁ କି ଉତ୍ତର ଦେବ ? ସେ କ'ଣ ତା' ହେଲେ···ତା' ହେଲେ··· ଫ୍ରିଜଡ଼୍···? ସୁଶାନ୍ତର ଅନ୍ତରଙ୍ଗ ବନ୍ଧୁମାନଙ୍କର ସେଇ ମତ ଥିଲା । କାରଣ ଅଶ୍ଳୀଳଭାବ କି ଇଙ୍ଗିତରେ ସେ କଥା କହି ପାରୁ ନ ଥିଲା କି ଅନ୍ୟର କଥା ବା ଇଙ୍ଗିତକୁ ହଜମ କରି ପାରୁ ନ ଥିଲା । ଏପରି କି କାରି ପରିବାର ଅପର ନାମ ବୋଧେ ଫ୍ରିଜଡ଼୍ । ପଶାପାଲି କି ବାଘ ଛେଳି କି ଏମିତି ଶୁନ-ଛକ ଖେଳ ବି ସେ ଶିଖି ପାରି ନ ଥିଲା ।

ନଚେତ୍ ଶିବନାଥ ସେଦିନ ପିକ୍‌ନିକ୍‌ରେ ଗୋଟାଏ ଗଛ ପାଖରେ ତାକୁ ଆଲିଙ୍ଗନରେ ପିଷ୍ଟି କରି ନେଲାବେଳେ ସେ ରାଗିଗଲା ନାହିଁ କାହିଁକି ? କି ଉଚ୍ଚ ସ୍ୱରରେ ଚିତ୍କାର କଲା ନ କାହିଁକି ? କେବଳ ଦୁଇହାତରେ

ତାକୁ ଠେଲି ସେ ଗୁଲି ଯାଉ ଯାଉ ଦେଖିଲା ସୁଶାନ୍ତ ଶିବନାଥର ସ୍ତ୍ରୀ ଶ୍ୟାମଳୀ ସହିତ ଗଭୀର ଆଲିଙ୍ଗନବଦ୍ଧ । କ'ଣ ଭାବି ସେ ପଛକୁ ବୁଲି ଶିବନାଥଙ୍କୁ ଗୁହିଁଲା । ଶିବନାଥ ହସୁଛି···ତା'ର ସିଗାରେଟ୍‌ଖିଆ ହଳଦିଆ ଦାନ୍ତଗୁଡ଼ାକ ଭିତରେ ଗୋଟାଏ ଜାନ୍ତବ କ୍ଷୁଧାର ପ୍ରଚଣ୍ଡ ଅଗ୍ନି ! ଦେହରେ, ଦେହରେ ଯେମିତି ନିଆଁ ଲାଗିଯାଇଥିଲା ଅଳକାର । ଆଉ ସେଦିନ ରାତିରେ ସୁଶାନ୍ତ ତାକୁ ପ୍ରଥମ ଥର ଜଣାଇ ଦେଇଥିଲା ସେ ଫ୍ରିଜିଡ୍—ବିକାରଗ୍ରସ୍ତା ।

ସେ ଅନେକ ଦିନର କଥା, ମାତ୍ର ମନେଅଛି ଅଳକାର—କାରଣ ତା' ପରଦିନ ମନକୁ ମନ ଗୁଲିଆସିଥିଲା ଅଳକା, ମାଳମା କହୁଥିଲା ସେଥିପାଇଁ ହୁଏତ ସେ ଫ୍ରିଜିଡ୍···ଫ୍ରିଜିଡ୍··· ! ନିଜର ଅଜାଣତରେ ଠୋଠୋ ହସ ଶବ୍ଦରେ ତା'ର ସମ୍ବିତ୍ ଫେରିଆସିଲା ? ଆଜି ବି ମାତ୍ର ସେଇକଥା ଭାବିଥିବ ।

ରାତି କେତେ ହେଲାଣି ? ଉପରୁ କାକର ପଡ଼ି ଦେହଟା ଶିରଶିରେଇ ଉଠୁଛି । ବୋଉ କି କମଳର ସୋର-ଶବ୍ଦ ନାହିଁ, ଶୋଇଗଲେଣି ବୋଧେ । କେହି ତାକୁ ଖୋଜୁନାହାନ୍ତି—କାହିଁକି ?

ହଠାତ୍ ତା'ର ସ୍ଥିତି ଏତେ ଅଲୋଡ଼ା ହେଲା ? କାହିଁକି ?

ଅଳକା ଘର ଭିତରକୁ ପଶିଲା । ବୋଉ ଶୋଇଗଲାଣି, ପାଖରେ କମଳ ବି । ରାତିରେ ଖାଇବା ଅଭ୍ୟାସ ଛ'ମାସ ହେଲା କାହାରି ଏ ଘରେ ନାହିଁ । ତେଣୁ ନିଦ ଆସିବାର କୌଣସି ଧରାବାନ୍ଧିକ ସମୟ ନାହିଁ ଏଠି । ଅଳକ ନିଜର ଶୋଇବା ଘରେ ଯାଇଁ ଲ୍ୟାମ୍ପ ଜାଳିଲା ।

ପାରଦ ଛୁଟିଯାଇଥିବା ଦର୍ପଣରେ ନିଜ ମୁହଁ ଦେଖିଲା ବହୁଦିନ ପରେ ସେ । ଏ ମୁହଁକୁ ସଜାଡ଼ି ଦେଲେ ମନ୍ଦ ହେବ ନ । ଏ ଓଠରେ ହସ ଫୁଟିଲେ ଲକ୍ଷ ଚମ୍ପା ଝରି ନ ପାରେ, ମାତ୍ର ଅଗ୍ନି ଝରିବ···ଆଉ ସେଥିରେ ପଡ଼ିବେ ଅନେକ ପତଙ୍ଗ ! ସେମାନଙ୍କ ମୃତ୍ୟୁରେ ହୁଏତ ସେ କିଛିଟା ଆନନ୍ଦ ପାଇପାରେ··· ! ଅଳକା ମନକୁ ମନ ହସିଲା । ଆଃ ! ହସଟାରେ ତ ବେଶ୍ ଝଲକ ଅଛି··· !

ଅଳକା ପୁଣି ଝରକା ପାଖରେ ଯାଇ ଠିଆହେଲା । ଆକାଶର ମେଘଖଣ୍ଡ ଭିତରେ ସେଇ କାଳ୍ପନିକ ଅଳକାପୁରୀ ଆଡ଼କୁ ଆଖି ଟାଣି ହୋଇଯାଉଛି । ବାପା ଆଦର କରି ନାଁ ଦେଇଥିଲେ ଅଳକା । ସେ ସୁଖୀ

ହେବ, ଐଶ୍ୱର୍ଯ୍ୟ-ପ୍ରାଚୁର୍ଯ୍ୟରେ ସେ ସୁଖର ସ୍ୱପ୍ନ ଦେଖିବ··· ! ନା ! ତାହା ହେଲା ନ । ନିଜେ କ'ଣ ସେଥିପାଇଁ ସେ ଦାୟୀ ନୁହେଁ ? ନିଜେ ଦୁଃଖ କଷ୍ଟ ଯନ୍ତ୍ରଣା ଭିତରେ ଛନ୍ଦି ହେବା ପାଇଁ ସେ ଯେପରି ଆଜୀବନ ପ୍ରଚେଷ୍ଟା କରିଆସିଛି; କିନ୍ତୁ କାହିଁକି ? ସବୁ ବନ୍ଧନକୁ ସେ ଫୋପାଡ଼ି ଦେଇ କୁଆଡ଼େ ଯାଇପାରିବ ନି ?

କୁଆଡ଼େ ? ମାଳମାର ପ୍ରସ୍ତାବରେ ? ମାଳମା ତ ବେଶ୍ ଭଲ ଅଛି ···ହସରେ, ହସରେ ସେ ଭାଙ୍ଗି ପଡ଼ୁଛି । ଆହା ! ସେ ଯଦି ଟିକେ ହସି ପାରନ୍ତା ?

ମାଳମା ! ଅଳକାର ମୁଣ୍ଡଟା ଘୁରିଗଲା । ନା ! ସେ ଭୁଲ୍ କରୁଛି । ସେ ଯିବ ତା' ପାଖକୁ, ବୁଝାଇ କହିବ ତା'ର ଭୁଲ୍ ହେଉଛି··· ଭୁଲ୍ ହୋଇଛି !

ଅଳକା ନିଜର ଟ୍ରଙ୍କ ଖୋଲି ବହୁ ପୁରୁଣା ଖଣ୍ଡେ ସିଲ୍କ ଶାଢ଼ୀ କାଢ଼ି ପିନ୍ଧିଲା । ମୁଣ୍ଡ କୁଣ୍ଡାଇ ସେ ପଦାକୁ ଆସିଲା ଗୋଡ଼ ଟିପିଟିପି । ବାହାରପଟରୁ ତାଲା ପକାଇ ଯିବାକୁ ହେବ । ହୁଏତ ଫେରିବାକୁ ଡେରି ହୋଇପାରେ । ଆଜି ବୋଉ ଓ ନମା ଘୁମରେ କେବେହେଲେ ଉଠନ୍ତି ନି··· !

ମାଳମାର ଘରେ ଲାଇଟ୍ ଜଳୁଛି । ବର୍ତ୍ତମାନ ତା' ଘରୁ ଅତିଥି ବିଦାୟ ନେଇଛନ୍ତି ବୋଧେ । କାରଣ ସେ ଆସୁ ଆସୁ ଗାଡ଼ିଟା ବଙ୍କିଗଲା ଡାହାଣପଟ ଗଳିରେ । ମାଳମା ବୋଧେ ଲୁଗା ବଦଳଉଥିବ···ମେକ୍‌ଅପ୍ ଖୋଲୁଥିବ··· ! କିମ୍ବା ଟଙ୍କା ଗଣୁଥିବ··· !

କିନ୍ତୁ ମାଳମା କିଛିଟା କରୁ ନି । ଅଳ୍ପେ ପରଦା ଟେକି ଅଳକା ଚମକି ଉଠିଲା । ସେ ତା'ର ବଡ଼ ଦର୍ପଣ ସାମ୍ନାରେ ଛିଡ଼ା ହୋଇଛି ସମ୍ପୂର୍ଣ୍ଣ ଉଲଗ୍ନ ହୋଇ । ଇସ୍ ! ଉଲଗ୍ନ ଦେହଟାର ଛବି ଏତେ ବୀଭତ୍ସ ! ଅଳକାର ଆଖି ବନ୍ଦ ହୋଇ ଆସୁଥିଲା ଆପେ ଆପେ · ମାଳମାର ଯୌବନ, ଯାହା ବହୁ ପୁରୁଷଙ୍କୁ ଆକର୍ଷଣ କରି ରଖିଛି, ତାକୁ ଏମିତି ନିର୍ବେଳରେ ଦେଖିବାର ଉଦ୍ଦେଶ୍ୟ କ'ଣ ?

ହଠାତ୍ ଅଳକାର ମନେହେଲା ମାଳମା କାନ୍ଦୁଛି । ମାଳମାର ଗାଲଦେଇ ଝରଝର ଅଶ୍ରୁ ତା'ର ବୁକୁ ଭିଜାଇ ବହିଯାଉଛି । ଉଜ୍ଜପଟ ଦେହଟା ବତାସର ଏକ ଗୁରୁ କମ୍ପନରେ କେବଳ କମ୍ପି ଉଠୁଛି । ମାଳମା

ଏମିତି ନିରୋଳାରେ କାନ୍ଦିପାରେ ? ମାଳମା, ଯା'ର ଓଠରେ ହସର ଜୁଆର, ଗଳାରେ ପ୍ରାଣର ସଞ୍ଚାର, କଥାରେ ପ୍ରୀତିର ସ୍ପନ୍ଦନ, ଅଜଣା ଅଶୁଣା ବ୍ୟକ୍ତିକୁ ବି ସମ୍ମୋହନ କରିଦିଏ, ସେଇ ପୁଣି ଏଂର ଅଶାନ୍ତ ଉଦ୍‌ବେଳ ହୋଇ ନିଜକୁ କନ୍ଦାଇପାରେ ଦର୍ପଣରେ ·· !

ମାଳମା ବାଥ୍‌ରୁମ୍‌କୁ ଗଲା । ଅଳକା କପରି ଏକ ସଙ୍କୋଚ ଅନୁଭବ କଲା, ବୋଧେ ବିପରୀତ ଦେଖିବାର ଆଶାଟା ତା'ର ବ୍ୟର୍ଥ ହୋଇଯିବାରୁ ।

ଅଳକାର ଟେବୁଲ୍ ଉପରେ ଟଙ୍କା ବିଡ଼ାଏ । ଆଜିର ରୋଜଗାର ତା'ର । ଆଉ ଏଇ ରୋଜଗାରଟା ତା' ହାତରେ ସମ୍ପି ଦେବାପାଇଁ ମାଳମା ଯାଇଥିଲା ତା' ପାଖକୁ । ଚିର୍ କଷ୍ଟମର୍·· ସେ ଫେରାଇ ଦେଇ ପାରିବ ନ । ବ୍ୟବସାୟ—ଦେଣ ନେଣ—ଲାଭକ୍ଷତିର ହିସାବ ତୁଟିଗଲା-ପରେ ମାଳମା କାନ୍ଦୁଛି କାହିଁକି ?

ବାଥ୍‌ରୁମ୍ କବାଟ ଖୋଲିଲା ମାଳମା ! ସ୍ଲିପିଂ ଗାଉନ୍ ଭିତରେ ମେକ୍‌ଅପ୍ ଛଡ଼ା ଶରୀରଟା ଅଦ୍ଭୁତ ଭାବରେ ବିକୃତ ଦେଖାଯାଉଛି ।

ମାଳମା ବଡ଼ ବଡ଼ ଆଖିରେ ବିସ୍ମୟରେ ଭାଙ୍ଗିପଡ଼ି କହିଲା—"ତୁ··· ? ଅସମୟରେ··· ? ଅଳକା ତୁ ଆସିଲୁ କେମିତି ? ଏତେ ରାତିରେ··· !"

"ଛାଡ଼୍ ସେ ସବୁ କଥା ମାନି ! ତୋର ନୂଆଘରକୁ ଆସି ନ ଥିଲି । ତୁ ବହୁବାର କହୁଛୁ···ଆଜି ବି ଯାଇ ଫେରିଆସିଲି, ମାତ୍ର ମତେ ଶେଷରେ ଆସିବାକୁ ହେଲା·· । ଆଉ ଘରଟା ତୋର ନମା ମତେ ଦେଖାଇ ଦେଇଥିଲା । ରାତି ଅଧରେ ଆସିବାର ମାନେଟା କ'ଣ ବୁଝିପାରୁନୁ ? ମାନି··· ।"

ମାଳମା ଅନ୍ୟମନସ୍କ ଭାବରେ ପଚାରିଲା "ଯିଏ ଆସିଥିଲା ତାକୁ ଦେଖିଲୁ ?"

"ନାଁ ! ଅବଶ୍ୟ ଗାଡ଼ି ଆଉ ଟେବୁଲ ଉପରେ ଟଙ୍କାଥିଲା ଦେଖି ଜାଣିପାରୁଛି, ତୋର କେହି ଚିର୍ ·· !"

ମାଳମା କଥା ଛଡ଼ାଇ ସାଭାବିକଭାବରେ ହସୁ ହସୁ କହିଲା—"ନାଁ ଲୋ ନାଁ । ସେହି ଲୋକ ଆସିଥିଲା ଯାହାପାଇଁ ରାତି ଜାଗି ବାସର ଜାଳି ମୁଁ ବହୁଦିନ ବସିଥିଲି··ସେ କିଏ ଜାଣୁ ? ବିଭୂତି ? କିନ୍ତୁ ଆଜି

ମୁଁ ତାକୁ ଶୀଘ୍ର ସବୁତ ପଠାଇ ଦେଇଛି । ତୁ ଆସିଲୁ ନା···ଅବଶ୍ୟ ତୁ ଆସିଥିଲେ ଠିକ୍ ଠିକ୍ ସମ୍ପୂର୍ଣ୍ଣ ଭାବରେ ତୋର ହୋଇଥାନ୍ତା······!

'ବିଭୂତି ! କ'ଣ କହୁଛୁ ମାନ !"

ଦର୍ପଣ ସାମ୍ନାକୁ ଘୂରିଯାଇ ଗାଲରେ ହିମ ବୋଳିଲା ମଳିମା । ଆଶ୍ଚର୍ଯ୍ୟ ! ବିଭୂତି ଆସିଥିଲା । ଆଜି ସେଇ ବିଭୂତି-ପାଇଁ ଅଳକାକୁ ଖୋଜି ଆଣିବାକୁ ଯାଇଥିଲା ମଳିମା । ଆଜି ସେ ନ ଆସିବାରୁ ଶୀଘ୍ର······?

ଆଶ୍ଚର୍ଯ୍ୟ ! ମଳିମା ବୁଝି ପାରୁ ନ ଅଳକା !

"କ'ଣ ଚମକି ପଡ଼ିଲୁ ଯେ !" ମାଳମା ପ୍ରଶ୍ନ କଲା ।

"କିଛି ବୁଝି ପାରୁ ନ ଅନେକ ଦିନ ପରେ ବିଭୂତି ତୋ ପାଖକୁ ଆସିଥିଲା·····କାହିଁକି···କାହିଁକି ତା' ପାଇଁ ନାଁ ତୁ···!"

"ଓ·····ନିଜ ସ୍ୱାମୀ ପାଖକୁ ଅନ୍ୟ ଜଣେ ସ୍ତ୍ରୀ ଲୋକକୁ ନିମନ୍ତ୍ରଣ କରି ଆଣୁ ଥିବାରୁ ମୁଁ ବ୍ୟଭିଚାରିଣୀ ଅସତୀ ହୋଇଯିବି ବୋଲି ଆଶଙ୍କାରେ ପ୍ରଶ୍ନ କରୁଛୁ ତ ?"

ମାଳମା ;"

'ଉତ୍ତର ଏଥିରେ କିଛି ନାହିଁ ଅଳି ! ବହୁ ପୁରୁଷଙ୍କୁ ମୁଁ ନିର୍ବିକାରରେ ଦେହଦାନ କରିଛି ଆଜି ବିଭୂତି ବେଳକୁ ଏତେ କୁଣ୍ଠା କାହିଁକି ? ଶୁଣିବୁ ? ମୁଁ ତାକୁ ଘୃଣା କରେ ! ତା'ର ସ୍ମୃତିରେ ମୋର ଦେହର ଶିରା ପ୍ରଶିରା ଘୃଣାରେ ସଙ୍କୁଚିତ ହୋଇଉଠେ । ବ୍ୟବସାୟ କରୁଛି ପ୍ରାଚୁର୍ଯ୍ୟପାଇଁ···ବଞ୍ଚିବାପାଇଁ ନୁହେଁ । ଜଗତର ସବୁ ପୁରୁଷ ସହିତ ମୁଁ ନିର୍ବିକାରରେ ଖେଳିପାରେ···ମାତ୍ର ବିଭୂତି ସହିତ ? ନାଁ !"

"କାହିଁକି ? ପୃଥିବୀର ଯେ କୌଣସି ପୁରୁଷ ପରି ବିଭୂତି କ'ଣ ଜଣେ ପୁରୁଷ ନୁହେଁ ମାନ ! ଏବେ ବି ତୁ ତାକୁ ଭଲ ପାଉଛୁ···?"

"ନନ୍‌ସେନ୍‌ସ ! ତୋର ମାମା କାହାକୁ ଭଲ ପାଏନା । ଭଲ ପାଇବାର ଅଭିନୟ କରିବା ମୋର ବ୍ୟବସାୟ···।"

"ତେବେ ବିଭୂତିର ଅପରାଧଟା କେଉଁଠି ମୁଁ ବୁଝି ପରୁନ···!"

"ତୁ ପାରିବୁ ନ ମମା, ମୁଁ ନିଜେ ବି ବୁଝେ ନା । ଘର ବାନ୍ଧିରଖିଥିବା ବହୁ ତଥାକଥିତ ଜୀବନର ସୁଖୀ ପୁରୁଷ ଏଠାକୁ ଆସନ୍ତି

ଗନ୍ତରେ ଶାନ୍ତି ପାଇବାକୁ । ପର ପୁରୁଷ, ପର ସ୍ତ୍ରୀକୁ ନେଇ ବାଘଛେଳି ଖେଳିବା ଯେଉଁ ସମାଜର ଆଭିଜାତ୍ୟ ଆଉ ଗୌରବ, ସେଇ ସମାଜର ମୁଁ କେମିତି ବିରୁଦ୍ଧାଚରଣ କରିବ···!"

ମାଳମାର କଣ୍ଠ ଥରି ଉଠୁଛି କୋହରେ । ଟେବୁଲ ଉପରେ ମୁଣ୍ଡମଡ଼ି ସେ ହଠାତ୍ କାନ୍ଦରେ କମ୍ପି ଉଠିଲା ନିର୍ଜନ ରାତିର ନିସ୍ତବ୍ଧ ଗୃହରେ !

"ମାମା !" ଅଳକା ତା'ର କାନ୍ଧରେ ହାତ ରଖି କୋମଳ କଣ୍ଠରେ ଡାକିଲା ।

ଅଳକାର ଦୁଇହାତ ପାପୁଲିକୁ ଚିପି ଧରି ମାଳମା ଉତ୍ତର ଦେଲା କୋହଭରା କଣ୍ଠରେ—"ବିବାହର ସାମାନ୍ୟ ଦଶଦିନ ପରେ ବିଭୂତି ନିଜେ ଯେତେବେଳେ ତାଙ୍କର ଅନ୍ତରଙ୍ଗ ବନ୍ଧୁମାନଙ୍କୁ ମୋ ସହିତ ରାତି ଯାପନ କରିବାପାଇଁ ପଠାଇଥିଲେ···ସେତେବେଳେ···ସେତେବେଳେ ମୋର ଉପାୟ କ'ଣ ଥିଲା ? ମୁଁ କ'ଣ କରିଥାନ୍ତି କହ ? ହୁଏତ ତୋ' ପରି ହୋଇଥାନ୍ତି ପ୍ରିଂଜଲ୍···ନଚେତ୍···।"

ଅଳକାର ମନେ ହେଉଥିଲା ତା'ର ଦୁଇହାତ ପାପୁଲିରେ ଆଞ୍ଜୁଳାଏ ଲୁହ ଭର୍ତ୍ତି ହୋଇଗଲାଣି । କେଉଁଠୁ କେଜାଣି ସମୁଦ୍ରର ଜୁଆର ଭଳି ତା' ଆଖିରେ ବି ମାଡ଼ି ଆସିଲାଣି ଅଶ୍ରୁ ।

ମାଳମାର କାନ୍ଥରେ ରାତି ପାଞ୍ଚଟିଏ ବାଜିଛି । ଉଚ୍ଛଳ ସମୁଦ୍ରର ବୁକୁ ଉପରୁ ଲମ୍ଫ ଦେଇ ଉଠୁଛି ଶ୍ୱେତ ବଳାକା । ଅସଂଖ୍ୟ ଆଉ ଅଜସ୍ର । ଉପରେ ଆକାଶ ଆଉ ତା'ର ଖଣ୍ଡଖଣ୍ଡ ଦୋଳାୟିତ ମେଘ । ଉନ୍ମୁଖ ହୋଇ ଉଡ଼ିଯାଉଛି ବଳାକା ସେଇ ମେଘଖଣ୍ଡ ଭିତରକୁ । କୁଆଡ଼େ ? ଅଳକାପୁରୀକୁ···ପ୍ରାଚୁର୍ଯ୍ୟ, ଐଶ୍ୱର୍ଯ୍ୟର ଆନନ୍ଦ-ନିଳୟକୁ ।

କାନ୍ଦି କାନ୍ଦି ଅଳକା ଅନେକ ଦିନ ପରେ ଠୋ', ଠୋ କରି ହସି ଉଠିଲା !

ଓଡ଼ିଶା ଗ୍ରନ୍ଥାଗାର
ନଂ ୦/୨୫୦୭
ରୀଡ଼ିଂ ରୁମ୍

# ମେଘ

ଏମିତ ଅସମୟରେ ବିଶେଷତଃ ଗୁରୁଟାବେଳେ କଲେଜ ଫେରନ୍ତା ମେଘ ହେଲେ ମୋତେ ଭଲ ଲାଗେନା ବିଜୟକୁ । କୁଆଡ଼େ ଟିକେ ଯାଇ ହେବନ, ଖେଳାଖେଳର ତ ପ୍ରଶ୍ନ ଉଠେନା ! ମେଘରେ ଭିଜି ଭିଜି ପଡ଼ିଆରେ ଦଉଡ଼ିବାରେ ଗୋଟାଏ ଆମୋଦ ଅଛି ସତ, କିନ୍ତୁ ଏସବୁ ଭଲ ଲାଗେନା ମୋତେ !

ଆକାଶରେ ମେଘ ହୁଁକାର ଛାଡ଼ୁଛି । କଳା କଳା ବାଦଲ ଛାଇ ଗଲାଣି ସମଗ୍ର ପୃଥିବୀ । ଧେତ୍ ! ବର୍ଷାଋତୁଟା ନିହାତି ବାଜେ !

ବିଜୟ ଝର୍କା ଦେଇ ରୁମ୍‌କୁ ଅନେଇଲା । ରତ୍ନାକର ସୁନ୍ଦରଟା ଗୋଡ଼ଠାରୁ ପାଟି ପର୍ଯ୍ୟନ୍ତ ଘୋଡ଼ାଇ ହୋଇ ପଡ଼ିଛି । ଆଖି ଦିଓଟି ଜୁଳୁ ଜୁଳୁ କରି ଛାତକୁ ଚାହିଁଛି । ନିହାତି ଇଡ଼ିୟଟ୍‌ଟା । ଅଳସୁଆଙ୍କ ଗୁରୁ । କଲେଜ ଫେରନ୍ତା ଘଣ୍ଟାଏ ବିଛଣାରେ ପଡ଼ି ନ ରହିଲେ ତା' ମୁଣ୍ଡ କୁଆଡ଼େ ଷ୍ଟଡି ଆଡ୍‌ମାଇରରେ ବନ୍ଦେ । ଆଉ ପଶ୍ଚିମପଟ ଝର୍କାକୁ ମୁହଁ କରି ବାଦଲ କ'ଣ ଗୋଟାଏ ଲେଖୁଛି···ବୋଧେ···କୋଧେ ସେ ପୁଷ୍ପାକୁ ଚିଠି ଲେଖୁଛି । ଏମିତ ଯେ କେତେ ଚିଠି ସେ ଲେଖିଲାଣି ତା'ର ଇୟତ୍ତା ନାହିଁ ; ମାତ୍ର ପୁଷ୍ପା ତା'ର ଉତ୍ତର ଦଉଛି କି ନାହିଁ ଭଗବାନ ଜାଣନ୍ତି । ଦେଇଥିଲେ ବାଦଲ ନିଶ୍ଚୟ ଦେଖେଇ ଥାଆନ୍ତା ତାକୁ । ଉତ୍ତର ନ ପାଇ କାହିଁକି ଯେ ଚିଠି ଲେଖି ଏନର୍ଜି ନଷ୍ଟ କରୁଛି··· ।

'ଏଇ ବି ! କଅଣ କରୁଛୁ ଏଠି ? ଶୁଣ୍, ମୋ ସାଙ୍ଗରେ ଆ । ଗୋଟିଏ ମଜା କଥା କହିବି··· ।'

ବିଜୟ ଦେଖିଲା ଶେଖର ଗୋଟାଏ ମୋଟା ବହି କାଗଜରେ ଗୁଡ଼ାଇ ଧରିଛି ଏବଂ ତା' ଆଡ଼କୁ ଅନାଇଁ ହସୁଛି । ହସିଲା ବେଳେ ତା'ର ସିଗାରେଟ୍ ଖାଇ ପୋଡ଼ି ଯାଇଥିବା କଳା ଓଠ ଭିତରେ ଅପରିଷ୍କାର ହଳଦିଆ ଦାନ୍ତଗୁଡ଼ାକ ବଡ଼ ବିଭତ୍ସ ଦେଖାଯାଉଛି । ଶେଖରଟା ସେମାନଙ୍କ ଭିତରେ ବୟସରେ ବଡ଼ । ଅନେକ କଥା ଜାଣିଛି, ସତରେ

ଛପି ଛପି ବିଜୟର ବେଡ଼୍ ପାଖକୁ ଆସି କେତେକ କଥା ଗପେ ତା'ର ଇୟତ୍ତା ନାହିଁ । ଆଉ ଯାବତ ଅଶ୍ଳୀଳ ବହି କେଉଁଠୁ ଆଣେ କେଜାଣି ! ବିଜୟର ସେ ବହି ପଢ଼ିଲେ କି ବହି ଭିତରେ ଥିବା ଛବି ଦେଖିଲେ ପ୍ରଥମେ ପ୍ରଥମେ ରୁମ ଟାଙ୍କୁର ଉଠୁଥିଲା, ମାତ୍ର ଆଜିକାଲି କପରି ଗୋଟାଏ ଅଦ୍ଭୁତ ଉତ୍ତେଜନା ସୃଷ୍ଟି ହୁଏ ମନରେ । ଯେଉଁ କଥାର ମାନେ ସେ ଆରବର୍ଷ ବୁଝି ନ ଥିଲା ଏବର୍ଷ ସେଗୁଡ଼ା ଭାରି ସହଜ ସରଳ ହୋଇ ବୁଝିହୋଇ ଯାଉଛି । କିନ୍ତୁ ସବୁ ସମୟରେ ଏ ବିଷୟରେ ଆଲୋଚନା ତାକୁ ଭଲ ଲାଗେ ନା । ବିଶେଷତଃ ଏଇ ଗୃହଟା ବେଳେ, କଲେଜରୁ ଫେରି ଭଲକରି ଜଳଖିଆ ଖାଇ ଫୁଟବଲ ପଡ଼ିଆରେ ଘୁରଘେସା ଦଉଡ଼ି ନ ଆସିଲେ ତା'ର ମନେହୁଏ ଦେହ ହାତ ସବୁ ଯେମିତି ନେସମା ହୋଇ ବସି ଯାଉଛି···।

କିରେ, ଗୋଟାଏ ଫିଲୋସଫାର ଭଳି ତ ବେଶ୍ ଧ୍ୟାନମଗ୍ନ ହୋଇଗଲୁ ? 'ଦେଖି ନବ କାଳିକା ବିକାଳିକା ମାଳିକା, ଆଳି କାଳିକା କାନ୍ତ ସ୍ୱର ଯେ···।' ସୁରଟିଏ ଧରିଲା ଶେଖର ତା'ର ଘାଘରା କଣ୍ଠରେ !

ବିଜୟ କହିଲା—'ବାସ୍ ! ବାସ୍ ! ଓଡ଼ିଆ ଅନର୍ସରେ ଗୁଡ଼ାଏ ନମ୍ବର ରଖି ଫାଷ୍ଟ ହୋଇଛୁ ତୁ, ସମସ୍ତେ ଜାଣନ୍ତି ! ଦୟାକରି କଣ୍ଠଟି ନିମ୍ନ କର ; ନଚେତ୍ ପ୍ରେମ ଚିଠି ଲେଖୁ, ଲେଖୁ ବିଧୁ ଆମର ଶଢହଗ ହୋଇ···।'

ଶେଖର ଧାଇଁ ଆସିଲା ଝର୍କା ପାଖକୁ—'ସତେ, ସତେ ବାଦଲ ବନ୍ଧୁ ! ମନ୍ଦୁ ଅଛ ବସି ପ୍ରେମସିନ୍ଧୁ ।' ବାଦଲ ବିରକ୍ତ ହୋଇ ଅନାଇଁ କହିଲା—'ନନସେନ୍ସ ! ତୁମର ଗୋଟାଏ ସ୍ଥାନ କାଳପାତ୍ର ବିବେଚନା ନାହିଁ । ସବୁବେଳେ ତୁମେ ଭାବୁଛ ମୁଁ ପ୍ରେମ ଚିଠି ଲେଖୁଛି···।'

ବିଜୟ କ'ଣ କହି ଆସୁଥିଲା, ମାତ୍ର ପ୍ରକୃତରେ ବାଦଲର ମୁହଁଟା ଏତେ କରୁଣ ଦିଶୁଥିଲା ଝର୍କାର ରେଲିଂ ଫାଙ୍କରେ ଯେ ବିଜୟର ମନଟା ଦବିଗଲା । ଶେଖର ଚୁପ୍ ହୋଇଯାଇ ବିଜୟର ହାତଟା ଧରି ଟାଣି ନେଇଗଲା ଗୋଟାଏ କୋଣକୁ । ସିଗାରେଟ୍ଟା ଲଗାଇ ଆଉ ଗୋଟାଏ ସିଗାରେଟ୍ ବିଜୟର ଓଠରେ ଗୁଞ୍ଜି ଦେଲା—ଶେଖର । ଖୁବ୍ ଧୀରେ ଧୀରେ ଶେଖର କହିଲା—'ବୁଝିଲୁ ବିଜୁ ! ବାଦଲକୁ ଟିକେ ନଜର ରଖିବାକୁ ପଡ଼ିବ । ତା'ର ମାନସିକ ଅବସ୍ଥା ବଡ଼ ସାଂଘାତିକ···।'

'କାହିଁକି ? କ'ଣ ହୋଇଛି ତାର ? ଭଲ ଖାଉଛି । ଆଜ ଜାଣୁ ଶେଖର, ପୁଷ୍ପାଶ୍ରୀ କୁ ହାତକର ମାଛଭଜା ଖଣ୍ଡେ ଭାତ ଭିତରେ ପୁରାଇ ଖାଇଲା । ଶାଳୀ ପୁଷ୍ପାଶ୍ରୀ ! ଆମେ ମାଗିଲେ ଝୋଳ ଟୋପାଏ ବି ଦେବନି... ଦେଖୁଛି ତାକୁ ।' କହି ବିଜୟ ଜୋରରେ ସିଗାରେଟ୍‌ରେ ଗୋଟାଏ ଦମ୍ ଦେଲା ।

"ଏଇଥିପାଇଁ ମୁଁ କହେ ତୋର ନାବାଳକ କଟିନ । ତୋର ଆଉ ହବନି ବିଜୁ । ସବୁବେଳେ ଖାଇବା କଥା...ନ ହେଲେ ଖେଳିବା କଥା... ନ ହେଲେ ସିନେମା କଥା...ଆଉ ବେଶି ହେଲେ ଗୁଡ଼ାଏ ଆଜେ ବାଜେ ପଲିଟିକ୍‌ସ...ନକ୍‌ସାଲାଇଟ ହବୁ, କୋଉଠି କାହାକୁ ବାଡ଼େଇ ପକେଇବୁ, କାହାକୁ ଦଶପଦ ଶୁଣେଇଦବୁ, କୋଉ ମିଟିଙ୍ଗ୍‌ରେ ଢେଙ୍କା ପକେଇବୁ... ପକେଇ ପକେଇ ଶେଷକୁ ତା' ବାପ ମା ଭାଇ-ଭଉଣୀ କୁଟୁମ୍ବ ପର୍ଯ୍ୟନ୍ତ ଯିବୁ...। ଏଇଆ ତ ? ଭଲ । ଏନର୍ଜିଟା ଟିକେ ଅନ୍ୟ ବାଟରେ ଖର୍ଚ୍ଚ କରନ୍ତୁ !"

"କ'ଣ କହୁଛୁ ? ଏତେ introduction ଦେ ନା । ମୋର ଧୈର୍ଯ୍ୟ କମ୍ ଜାଣିଛୁ ତ ?

"ଶୁଣ । ବାଦଲ ବର୍ତ୍ତମାନ ମହାସଙ୍କଟରେ ପଡ଼ିଛି । ପୁଷ୍ପା ପଛରେ ଏତେଦିନ ଗୋଡ଼େଇ ଶେଷକୁ ଆବିଷ୍କାର କଲେ ଯେ, ବୁଝିଲୁ ବିଜୁ ..ହେଁ, ହେଁ ପ୍ରେମଟା ବାବୁ ଏତେ ସହଜ ବ୍ୟାପାର ନୁହେଁ...। ପ୍ରେମ କରିବାକୁ ହେଲେ ଆଉ ଜିତିବାକୁ ହେଲେ ପ୍ରଥମରୁ ଷ୍ଟାର୍ଟ କରି ଦେବାକୁ ହେବ... ।

"ଆବେ ଇଡ଼ିୟଟ୍ ! ତୋର ଲେକଚର ଏଠି ଶୁଣିବାକୁ ମୁଁ ଆସିନି । କହିବୁ ତ କ'ଣ...ନଚେତ ମୁଁ ଚାଲିଲି । ଅନ୍ତତଃ ସାଇକେଲଟା ନେଇ ଘର ଆଡ଼େ ଟିକେ ମୁହଁ ମାରି ଆସିଲେ ଭଲ ।"

"ଚୁପ ବନ୍ଧୁ ! ପ୍ରେମର ବୟସ ଇଏ । ଏପରି ଅଧୈର୍ଯ୍ୟ ହେଲେ କାର୍ଯ୍ୟ ହୁଏନା ।"

ବିଜୟ ସିଗାରେଟ ଶେଷଟାକୁ ପାଦରେ ଦଳିଦେଇ ଖୁବ୍ ଚଢ଼ା ଗଳାରେ କହିଲା—"ହଁ କ'ଣ କହ । ନଚେତ୍ ମୁଁ ଉଠିଲି । ଏକ, ଦୁଇ... ।" ତିନି କହିଲା ପୂର୍ବରୁ ଶେଖର କହିଲା—"ଏଇ ପୁଷ୍ପା ମ' ଯଷ୍ଠାନ୍ ଦାସ ଏକ୍ସିକ୍ୟୁଟିଭ୍ ଆଭିମୁଖ୍ୟ ଓ ଗୌତମ ଦାସ ସାଙ୍ଗରେ ହୋଟେଲ "ଏଭରଗ୍ରୀନ୍"ରେ ଖାଉଥିଲା । ତାକୁଇ ତ ଦେଖି ବାଦଲ ଦୁଇଦିନ ହେଲା ଏମିତି... ।"

"କଣ ହେଲା ସେଠୁ ? ଖାଉଥିଲା ତ ପୁଷ୍ପା ।

"ଶୁଣ, ବାଦଲ ଯେତେହେଲେ ବି ଆମର ବନ୍ଧୁ, ଆଇ ମିନ୍ କ୍ଲାସମେଟ୍, ତା ପାଇଁ ତ ଗୋଟାଏ କିଛୁ କରିବାକୁ ହବ । ମାନେ ଦରକାର ପଡ଼ିଲେ ବି ସେ ଏଣ୍ଡ୍ଗେଜମେଣ୍ଟ୍‌କୁ କେନ୍ସଲ୍ କରି ଦବାକୁ ହବ··· । ବୁଝିଲୁ ?"

ବିଜୟ ବିରକ୍ତ ହୋଇ କହିଲା—"କହିଦେଲେ ତ ହବନି ! ପୁଷ୍ପାର ଯାହାକୁ ଇଚ୍ଛା ହେଲା ତାକୁ ସେ ଭଲ ପାଇଲା, ସେଥିରେ ତମର ଯାଏ ଆସେ କ'ଣ ? ବାଦଲକୁ ବାହାହବ ବୋଲି କଥା ଦେଇଥିଲା ? ଯାଃ ! ମୁଁ ତମର ଏସବୁ ବାଜେ କଥାରେ ମୁଣ୍ଡ ପୂରାଇ ପାରିବି ନି ।"

ଶେଖର ଉଠି ଆସି ବିଜୟର ହାତ ଧରି କହିଲା—

"ବାଜେ ନୁହେଁରେ ବିନୁ ! କାଲି ରାତିସାରା ବାଦଲ ଶୋଇନି । ଝର୍କାକୁ ଧରି କାନ୍ଦୁଛି । ଇହାଙ୍କର ସକାଳେ କହୁଥିଲା ସେ ଟି. ସି. ନେଇ ଚାଲିଯିବ ଅନ୍ୟ କେଉଁ କଲେଜକୁ । ବାଦଲ ଚାଲିଗଲେ ଆମ ଟିମ୍ ଆଉ ଆର ବର୍ଷକୁ··· ।"

"ଆଉ, ଏମିତି ଗୋଲ୍‌କି ଆମର ଦର୍କାର ନାହିଁ । ଶଳା, ଆରବର୍ଷ ବଲ୍ ତ ଯେଉଁ ଧରିଲା···ଆଉ ଏ ବର୍ଷ ତା' ଚେହେରା ଯାହା କଲାଣି ନା ? ତେବେ ଗୋଟାଏ କଥା । ମୁଁ ଚେଷ୍ଟାକରି ଦେଖିବି, ସେ ଏଣ୍ଡ୍ଗେଜମେଣ୍ଟକୁ ପଚାରିବି, ପ୍ରେମ କରିବାକୁ ଆଉ ଝିଅ ମିଳୁନାହାନ୍ତି··· । ଶେଷକୁ···"

ଶେଖର ଅନ୍ୟମନସ୍କ ଭାବରେ ବହି ଓଲଟାଇ ଚାଲିଥିଲା । ହାତରେ ଧରିଥିବା ଗୋଟାଏ ପେନ୍‌ସିଲରେ ମଝିରେ, ମଝିରେ ଗାରଦେଇ ଚାଲିଥାଏ । ବିଜୟ ଉଠିପଡ଼ି ଉହୁଁ କ ଦେଖି ପାଟିକରି ଉଠିଲା—"ଶେଖର ! ଏଗୁଡ଼ା କ'ଣ ତୁ ଦିନରାତି ପଢ଼ୁଛୁ କିରେ ? ମୁଁ ତମ ଘରେ କହିଦେବି···ନଷ୍ଟସ୍ୱ ତୋ' ବାପା, ମା'ଙ୍କୁ ଯଦି ଏକଥା ନ କହିଛୁ ହେଇ ଦେଖ୍ ମୋ କାନ କାଟିନେବୁ ।

'ଯାଉନୁ ଯା, କହିବୁ ଏକା ମୋ ବାପା, ମା'ଙ୍କୁ କାହିଁକି ତୋ ବାପା, ମ'ଙ୍କୁ ଯାଇଁ କହ । ଇସ୍ ଭାରି ଗୋଟାଏ ନୂଆକଥା କହିବୁ ଯେ···'

'କ'ଣ କହିଲୁ ?' ବିଜୟ ଗମ୍ଭୀର ବିସ୍ମୟରେ ପ୍ରଶ୍ନ କଲା ।

ଶେଖର ହସି ହସି ବେଦମ ହୋଇଗଲା । ଟିକକ ପରେ ବିଜୟର

କାନ୍ଧ ଉପରେ ହାତରଖି କହିଲା—'ତୁ ଗୋଟାଏ ବୋକା ବଜପୁ, ସବୁ ବାପ, ମା' ଏକଥା ଜାଣନ୍ତି । ପିଲାଏ ବଡ଼ ହୋଇଗଲେ ଦେଖୁ ଛୁଡ ମନେକର ଟିକ୍ ମନେକର, ଯେତେ ସଂଯତ ହେଲେ ବ, ସବୁ ସ୍ବାଲକ ପଦାରେ ପଡ଼ଯାଏ । ଏଇତ ଓଲଟା ଯୁଗ; ତେଣୁ ସମସ୍ତିଙ୍କି ତାଙ୍କର ପିଲାମାନେ ଅଡୁଆ । ହେଁ, ହେଁ ବୁଝିଲୁ ।

ବଜପୁ ଶେଖର କାନ୍ଧ ଉପରେ ହାତ ରଖି କହିଲା—ଜାଣୁ ଶେଖର, ରତ୍ନାକର କହୁଥିଲା ତା' ବୋଉ ଆଇମିନ ତା ମାମି ବନରେ କେବେହେଲେ ଡାଡ଼ଙ୍କ ସାଙ୍ଗରେ କଥାବାର୍ତ୍ତା କରେନ । ଇଜ୍ ଇଟ୍ ଟ୍ରୁ ? ପସିବଲ୍ ?

ଶେଖର ଗମ୍ଭୀର ସ୍ୱରରେ ଉତ୍ତର ଦେଲା—"ତାଙ୍କ ଏରଆ ଭାର କନ୍‌ସାରଭେଟିଭ୍। ସେମିତି ଆମ ଏରଆ ଭାର...ଆଇମିନ୍ ଭିଷଣ ପ୍ରୋଗ୍ରେସିଭ୍। ଦେଖୁଛୁ ତ ଡାଡ଼, ମାମି ଇଭନ୍ ଇନ୍ ଡେ ଟାଇମ୍...ଆଇମିନ୍... ଆଇମିନ୍... ।

ବଜପୁ ତରତରରେ କହିଲା—"ବୁଝିଲି ବନ୍ଧୁ ! ଅଳମତ ବିସ୍ତରେଣ ।"

ଶେଖର ଉତ୍ତର ଦେଲାନ । ବହିଟା ଧରି ସେ ହଠାତ୍ ଅନ୍ୟମନସ୍କ ହୋଇ ଉଠିଲା । ବଜପୁ ଲକ୍ଷ୍ୟ କରୁଥିଲା ଶେଖର ଆଖିରେ ଗୋଟାଏ ବନ୍ୟ ହିଂସ୍ରତା ।

ସେ ଆସ୍ତେ ଡାକିଲା—"ଶେଖର ! କଣ ହେଲା ? ଏମିତ, ଏମିତ, ଆରେ ତୁ କାନ୍ଦୁଛୁ ଯେ ଶେଖର ! ଆଇ ଆମ୍ ସରି ।"

"ନାଁ ତୋର କିଛି ଦୋଷ ନାହିଁ, ବଜୁ ! ଯେତେ ଚେଷ୍ଟା କଲେ ବ ଗୋଟାଏ କଥା ମୁଁ ଭୁଲି ପାରୁନ । ମୋର ସାରା ଜୀବନ ଧରି ହୁଏତ ମୁଁ କାହାକୁ କ୍ଷମା କରିପାରିବି କ ନାହିଁ ସନ୍ଦେହ... । ଇସ୍ ଭାବିଲେ ସେ କଥା ଘୃଣାରେ ମୋ ଦେହ...।"

ବଜପୁ ଶେଖରର କାନ୍ଧ ଉପରେ ମୃଦୁସ୍ପର୍ଶ ଦେଇ କହିଲା "କ'ଣ ହୋଇଛି କହିବୁଟି ବଜୁ ?"

ଶେଖର ଗୋଟାଏ ସିଗାରେଟ୍ ଲଗାଇ କହିଲା—ଆମ ଘର ଦେଖିଛୁ ବଜପୁ ! "ଆମ ଘରକୁ ଲାଗି ଶଙ୍କର ବାବୁ ବୋଲି ଜଣେ ଲୋୟାର ପ୍ରାଇମେରୀ ସ୍କୁଲର ଟିଚରଙ୍କ ଘର । ଏବେ ବ ଅଛି । ତାଙ୍କର ଗୋଟିଏ

ଝିଅ ଥିଲା ଅଞ୍ଜଳି । ମୁଁ ଯେତେବେଳେ କ୍ଲାସ ଟେନ୍‌ରେ ସେ ସେତେବେଳେ ବୋଧେ ସେଭେନ୍‌ରେ । ଭାରି ସୁନ୍ଦରି କିନ୍ତୁ ଦେଖିବାକୁ ଅଞ୍ଜଳି···।”

ବିଜୟ କଥା ଛଡ଼ାଇ କହିଲା—“ସେଠୁ କ’ଣ ହେଲା ? ତୁ ତା’ ପ୍ରେମରେ ପଡ଼ିଗଲୁ ତ ?

“ନାଁ । ହୁଏତ ପ୍ରେମ କ’ଣ ବୁଝିବା ଭଳି ମୋର ବୟସ ହୋଇ ନ ଥିଲା । ମାତ୍ର···? ପ୍ରତିଦିନ ମୁଁ ତାକୁ ମୋ ଶୋଇଲା ଘର ଝରକା ଖୋଲି ଦେଖୁଥିଲି । କେଜାଣି କାହିଁକି ତାକୁ ଚାହିଁବାକୁ ଭଲ ଲାଗୁଥିଲା । ହଠାତ୍ ଦିନେ ମୁଁ ତାକୁ ଝରକା ପାଖକୁ ଡାକିଲି··· ଏମିତି ଖାଲି ଗପ କରିବାକୁ; ସେ କ’ଣ ଭାବି ଆସୁ ଆସୁ ଅଟକିଗଲା ଆମ ଝରକା ଆଡ଼େ ଚାହିଁ । ମା କେତେବେଳେ ଆସି ମୋ ପଛରେ ଛିଡ଼ା ହୋଇଥିଲେ ମୁଁ ଜାଣି ପାରିନ । ନିମିଷକରେ ମା’ଙ୍କର ପାପୁଲି ଭିତରେ ମୋ କାନ କେରାକ ଝିଁ, ଝିଁ କରି ଉଠିଲା । ତାପରେ ଅକଥନୀୟ ଭାଷାରେ ଗାଳି ଆଉ ମାଡ଼ । ବାପା ଅଫିସରୁ ଫେରିଲାପରେ ମା’ଙ୍କଠାରୁ କ’ଣ ଶୁଣିଲେ କେଜାଣି, ଗୋଟାଏ ବେଲ୍ଟ ଧରି ମତେ ବାଡ଼େଇଥିଲେ । ଇସ୍ । ସେ ଯନ୍ତ୍ରଣା ଏବେ ବି ମୋର ମନେ ଅଛି···।”

“ଠିକ୍ ଏ ଘଟଣାର ଦୁଇଦିନ ପରେ ମୋର ହଷ୍ଟେଲରେ ରହିବାର ବନ୍ଦୋବସ୍ତ କରି ଦିଆ ଯାଇଥିଲା । ଏବେ ମୁଁ ବୁଝୁଛି ଚୂଡ଼ାନ୍ତ ମୋରାଲିଟିର ପରିଚୟ ଦେବା ପାଇଁ ବୋଧହୁଏ ଏଠି ମତେ ଛଡ଼ା ଯାଇଥିଲା । ମୁଁ ଗୌତମ ବୁଦ୍ଧ ହେବି; ଆଉ ଭଦ୍ରତାର ଦୋହାଇ ଦେଇ ସେମାନେ ପାର୍ଟି, କ୍ଲବ୍, ସୋସାଇଟି, ସିନେମା, ରେଷ୍ଟୁରାଣ୍ଟର ଅନ୍ତରାଳରେ କରି ଚାଲିଥିବେ ଅଶ୍ଳୀଳତା ।”

ବିଜୟ ଗମ୍ଭୀର ହୋଇ ଗୋଟାଏ ଦୀର୍ଘ ନିଶ୍ୱାସ ଛାଡ଼ି କହିଲା “ନାଁ ! ସେ କଥା ନୁହେଁ । ସେମାନେ ଯାହା କରିବେ ତା’ର ଜୀବାଣୁ ଆମକୁ ଯେପରି ଗ୍ରାସ ନ କରେ, ସେଥିପାଇଁ ଏ ପ୍ରିକସନାରୀ ମେଜର୍ । ଅନ୍ତତଃ ତାଙ୍କ ପାପରୁ ଆମକୁ ରକ୍ଷା କରିବା ପାଇଁ···”

ଶେଖର ଉତ୍ତର ଦେଲା—“ନାଁ, ସେମାନେ ସୁବିଧାବାଦୀ । ପାପ ପୁଣ୍ୟକୁ ସ୍ୱୀକାର ନ କଲେ ବି ସୁପରଷ୍ଟିସନ୍‌କୁ ଏତେ ଶୀଘ୍ର ଆଡ଼େଇ ଦିଆ ସମ୍ଭବ ନୁହେଁ···।”

"ଆରେ ବୋକା ! ସେଇଥି କଥା ମୁଁ କହୁଛି । କୌଣସି ବାପ, ମା ଆଜିକାଲି ତାଙ୍କ ପିଲାଙ୍କର ଦାୟିତ୍ୱ ନେବାକୁ ପ୍ରସ୍ତୁତ ନୁହଁନ୍ତି, ସେ ଦାୟିତ୍ୱ ସରକାରଙ୍କର । ଗୁରୁଆଡ଼େ ବିଦ୍ରୋହ, ପୂଜୁଣୀକୁ ଫିଙ୍ଗି ଦିଅ । ନୀତି, ନିୟମ, ବିଶ୍ୱାସ, ଅବିଶ୍ୱାସ ସବୁ ମଣିଷ ହାତରେ ଗଢ଼ିଛି । ସବୁକୁ ଫୋପାଡ଼ିଦିଅ, ଭାଙ୍ଗିଦିଅ, ଦଳିଦିଅ । ନିଜ ପାଇଁ ନିଜେ ଜିନ୍ଦାବାଦ କର... ନହେଲେ ଶାନ୍ତି ସବୁ ମରିଯିବ । ମଣିଷ ମରିଯିବ...ତା'ର ଅସ୍ତିତ୍ୱ ରହିବ ନି । ବଞ୍ଚି ରହିବା ଛଡ଼ା ଆଉ ମଣିଷର ଏ ଯୁଗରେ କିଛି 'ଇଜମ୍' ନାହିଁ... ନାହିଁ, ନାହିଁ... ।"

କହୁ କହୁ ଉତ୍ତାଳ ବେଗରେ ଗୃହ ଟିଂଟା ଘୁରାଇ ଥିଲା ବିଜୟ । ଦେଖିଲା ରତ୍ନାକର କେତେବେଳେ ଆସି ଉପରକୁ ଯାଇଥିବା ସିଢ଼ି ତଳେ ବସିଛି ଧୋଡ଼ଧାଡ଼ ହୋଇ; ତା'ର ଆଖି ତଳକୁ କଳା ଗହ୍ୱଡ଼ା ଦାଗ । କପର ଗୋଟାଏ ରୋଗୀଣା ଅପରିଷ୍କାର ଦିଶୁଛି । ବିଜୟର ଆଖି ତା ଉପରେ ପଡ଼ିଯିବାକ୍ଷଣି ମଳିନ ହସି ରତ୍ନାକର କହିଲା—"ମୁଁ ବାପ ମା'ଙ୍କର ଦଶମ ସନ୍ତାନ ବିଜୟ । ମାତ୍ର ତମେ ତ ସବୁ କିଏ ପ୍ରଥମ, କିଏ ଦ୍ୱିତୀୟ । ସୁଖୀ ଓ ସ୍ୱଚ୍ଛଳ ପରିବାରର ସୂଚନା । ବଞ୍ଚି ରହିବାର ସ୍ଲୋଗାନ ଦେବା ତମର ଆବଶ୍ୟକ ନାହିଁରେ... ।"

ଶେଖର ତିରସ୍କାର ଭଙ୍ଗୀରେ କହିଲା—"ତା'ହେଲେ ତୋର ତ ନିଜକୁ ନିଜେ ଗୁଳି କରି ମରିଯିବା ଉଚିତ ଥିଲାରେ ନିର୍ଲଜ ! ପ୍ଲାନ ନାହିଁ, ଯୋଜନା ନାହିଁ, ଆବଶ୍ୟକତା ନାହିଁ ଅଥଚ ତୁ ସ୍ୱର୍ଗରୁ ଡେଇଁ ପଡ଼ିଲୁ ? ମାସକୁ ଦୁଇଟା ଟିଉସନ କଲେ ବି, ତୋର ମିନିମମ୍ ନେସେସିଟି ପୂରଣ ହୁଏନା...ଖାଲି ଜନ୍ମ ହେଲୁ ଷ୍ଟ୍ରଗଲ କରିବା ପାଇଁ ? କ'ଣ ନା ବଞ୍ଚିବୁ ? ମରିଯା...ତମେ ସବୁ ହତଭାଗା ଦଳ ମରିଯା...ବଞ୍ଚିବାର କିଛି ଦରକାର ନାହିଁ । କୋଉ ବାପ ମା ତମ ହାତର ପିଣ୍ଡକୁ ଅନେଇଛନ୍ତି...କେଉଁଥିରେ ସେମାନଙ୍କର ବିଶ୍ୱାସ ନାହିଁ...ସେଗୁଡ଼ା ଖାଲି ଧର୍ମକୁ ଆଖିଠାର । ଦଶମ ଯାହା, ଏକ ବି ସେଇଆ ରତ୍ନାକର । ବେଟର ଇଉ କମିଟ୍...

"ଶେଖର ! ତୋ ମୁଣ୍ଡ ଠିକ୍ ନାହିଁ । କାହିଁକି ରତ୍ନାକର ମରିବ ? ବଞ୍ଚିବ ସେ, ବଞ୍ଚିବାର ହକ୍ ଦାବୀ ତା'ର ଅଛି । ଜନ୍ମ ହେବାର ଅଧିକାର ହୁଏତ ତା'ର ନ ଥିଲା, ମୁଁ ମାନୁଛି । ମାତ୍ର... ।"

ବିଜୟ ଯେପରି କଥାଟାର ସମାଧାନ ସୂତ୍ର ଖୋଜି ପାଉ ନ ଥିଲା । ରତ୍ନାକର ତା ଆଖି ପାଖରେ ଜମି ଆସୁଥିବା ଲୁହକୁ ପୋଛୁ ପୋଛୁ କହିଲା—"ଶେଖର କଥାରେ ତୁ ଘାବରୁଛୁ କାହିଁକି ବିଜୟ । ସେ ଠିକ୍ କହୁଛି···ମୁଁ ମରି ପାରୁନି, ଅଥଚ ଠିକ୍ ଭାବରେ ଜୀଇଁ ବି ପାରୁନି ।" କ'ଣ କହିଲୁ ? ମରିଯିବୁ ? ଏସ୍କେପିଷ୍ଟ··· !"

କାନ୍ଧ ଉପରେ କା'ର ମୃଦୁ ସ୍ପର୍ଶ ଅନୁଭବ କରି ବିଜୟ ବୁଲିପଡ଼ି ଚାହିଁଲା । ବାଦଲ କେତେବେଳେ ଆସି ଯାଇଛି ତା'ର ଚିଠି ଲେଖା ବନ୍ଦ ରଖି । ବାଦଲଟା ସାଙ୍ଗରେ ଯୁକ୍ତି କରିବାକୁ ବିଜୟକୁ କେମିତି ବଡ଼ ବୋକା ମନେହୁଏ । ଭୀଷଣ ସେଣ୍ଟିମେଣ୍ଟାଲ ଏଇ ବାଦଲ । ବିଶେଷତଃ ପୁଷ୍ପାକୁ ପ୍ରେମ କଲାଦିନୁ । ବିଜୟ ଲକ୍ଷ୍ୟ କଲା ବାଦଲ ତାକୁ ବଡ଼ ଜୋର୍‌ରେ ଆଖି ବୁଲାଇ ତର୍ଜମା କରୁଛି । ଧୀରେ, ଧୀରେ ସେ କହିଲା—"ବଞ୍ଚି ରହିବାକୁ ରତ୍ନାକର ଚାହେଁନା, ଏକଥା ତୁ କାହିଁକି ଭାବୁଛୁ ବିଜୁ । କିନ୍ତୁ ଜୀବନର ମାନେ ନୁହେଁ···ମାନେ ନୁହେଁ··· ।"

ଅଧା କଥାରେ ଅଟକିଗଲା ବାଦଲ । ଭୀଷଣ ବାଜେ କଥା କହେ ଆଉ ଅଯଥା ସମୟ ନଷ୍ଟ କରେ । ଶେଖର ଅନ୍ୟମନସ୍କ ଭାବରେ ଆକାଶକୁ ଅନାଇଁଥିଲା । କ'ଣ ଭାବି ସେ କହିଲା—"ଛାଡ଼ ସେ ସବୁ ବାଜେ କଥା । ରତ୍ନାକର ବଞ୍ଚିବ । ମରିଯିବାଟା ତା'ପକ୍ଷରେ ସହଜ ନୁହେଁ କି ଆମେ ବି ତାକୁ ଏତେ ସହଜରେ ଛାଡ଼ି ଦେବୁନାହିଁ ମରିବାକୁ ।"

ଉତ୍ତ୍ୟକ୍ତ କଣ୍ଠରେ ଶେଖର କହିଲା—"ଏମିତି ବଞ୍ଚିବାରେ ତାର ଲାଭ କ'ଣ ? ମୋର ଲାଭ କ'ଣ ? ଇଏତ ବଞ୍ଚିବା ନୁହେଁ···ତିଳ ତିଳ କରି ମରିବା··· ।"

"ବାସ୍ । ସରିଗଲା, ଆଉ କ'ଣ ? ସମସ୍ତେ ମରିବା ପାଇଁ ପ୍ରସ୍ତୁତ । ଏଣିକି ହାତ ମିଳାଅ ବନ୍ଧୁ । ବନ୍ଧୁ ବନ୍ଧୁକ ନେଇ ଚାଲ ସମୁଦ୍ରକୁ । ତା'ପରେ ଆଖି ଯୁଆଡ଼କୁ ଦେଖାଯିବ ଯିବା···ଚଳେଇବା···ବାଟରେ ଯାହା ଦେଖିବା-ସବୁ ଭାଙ୍ଗି ଦେବା, ଚୂନା କରି ଦେବା । ସେ ଘରଦ୍ୱାର, ପଶୁପକ୍ଷୀ କଳାସ୍ଥାପତ୍ୟ ଯାହା କିଛି ହେଉ··· ସବୁ ଭାଙ୍ଗି ଦେଇ ଚଳେଇବା··· ବନ୍ଧୁ ଶକ୍ତିତା ଆସିଲାଣି ।

ବିଜୟ ଅଣନିଶ୍ୱାସୀ ହୋଇ ବସି ପଡ଼ି ଦମ୍ ନେଲା । ରତ୍ନାକର ଚକ୍ ଖଡ଼ିରେ ତଳେ ଗାର ଟାଣୁଛି । ଶେଖର ସେଇ ମୋଟା ବହିଟା

ଆଡ଼େଇବାରେ ଲାଗିଛି ; ଆଉ ବାଦଲ ଗ୍ଭହିଁଛି ସେଇ ଆକାଶକୁ । ମେଘ ଭାଙ୍ଗିଗଲାଣି ବୋଧହୁଏ । ଗ୍ଭରିଆଡ଼େ ହଠାତ୍ ଯେମିତି ଗୋଟାଏ ନସ୍ତବ୍ଧ ହାହାକାର । କିଛି ନାହିଁ···ଶୂନ୍‌ଶାନ୍ । କିଏ ତା' କଥା ଶୁଣିଛନ୍ତି କି ନାହିଁ ବିଜୟ ଜାଣି ପାରିଲା ନି ।

ଆଜ କଣ ବେଶ୍ ପରିଷ୍କାର ହୋଇ ଆସୁଛି । ଘଡ଼ିରେ ଛ'ଟା ବାଜିବ । ଆଉ ଟିକିକ ପରେ ସନ୍ଧ୍ୟା । ଶନିବାର ମନୋରମ ସନ୍ଧ୍ୟାଟା ବର୍ଷା ଯେପରି ନଷ୍ଟ କରି ଦେଇଛି । ତେବେ ଦେଖାଯାଉ, ଅନ୍ତତଃ ସାଇକେଲଟା ଧରି ଥରେ ବୁଲି ଆସିଲେ ଭଲ ଲାଗିବ । ବିଜୟ ବନ୍ଧୁମାନଙ୍କୁ ସେଇପରି ଅବସ୍ଥାରେ ଛାଡ଼ି ଦେଇ ଉଠି ଗ୍ଭଲିଗଲା ।

ସାଇକେଲ ନେଇ ବିଜୟ ଅନ୍ୟମନସ୍କ ଭାବରେ କେତେବେଳେ ନିଜ ଘର ପାଖରେ ପହଞ୍ଚି ଯାଇଛି ତା'ର ଖିଆଲ ନାହିଁ । ରଘୁ ଛିଡ଼ା ହୋଇଛି ଦାଣ୍ଡରେ, ବିଜୟ ଡାକ ପକାଇଲା । 'ରଘୁ ! ମାମୀ ଭାଇ ଅଛନ୍ତି ?'

ରଘୁ ଧାଇଁ ଆସିଲା ହସି ହସି—"ଟୁଆ ବାବୁ ! ଘରକୁ ଆସ । ମା' ତମ ପାଇଁ ଟଙ୍କା ଦେଇଛନ୍ତି । ଯା' କହିବ ତା କିଣି ଆଣିବ । ଘରକୁ ଆସ ।"

ଆବେ ତୋ' ମା' ବାବୁ ଘରେ ଅଛନ୍ତି କି ନାହିଁ ?" ବିଜୟ ବିରକ୍ତ ହୋଇ ଉଠିଲା, ସଙ୍ଗେ ସଙ୍ଗେ ରଘୁ ବଡ଼ ବିମାତ କଣ୍ଠରେ କହିଲା—'ନାହିଁ ଟୁଆବାବୁ ! ବାବୁ ନାହାନ୍ତି । ସେଇ ଯେଉଁ ସାଇବ-ମେମ୍ ସେଥର ଆସି ନ ଥିଲେ ବିଲାତରୁ, ତାଙ୍କ ସାଙ୍ଗରେ ଯାଇଛନ୍ତି କଲିକତା, ଆଇ ମଙ୍ଗଳବାର ଫେରିବେ । ମା ଅଛନ୍ତି ଯେ ହେଲେ···।'

ବିଜୟ ଅଧୈର୍ଯ୍ୟ ଭାବରେ ପଗ୍ଭରିଲା—'ଅଛନ୍ତି ଯେ କଣ, କହୁନୁ କି ନାହିଁ ? କ'ଣ ହୋଇଛି? ଦେହ ଖରାପ ।'

ରଘୁ ଜିଭ କାମୁଡ଼ି କହିଲା—'ନାହିଁ ବାବୁ ! ମା ଗୋଟେ କାମରେ ବ୍ୟସ୍ତ ଅଛନ୍ତି । ସେଇ ଯେଉଁ ବାବୁ ଗଲାସନ ଖରା ଛୁଟିରେ ଆସି ନ ଥିଲେ ସେଇ ଆଇଛନ୍ତି କାଲଠୁ । ମା ତାଙ୍କର ସାଙ୍ଗରେ ପଶାପାଲି ଖେଳୁଛନ୍ତି । ଏବୁବେଳେ ତ ଆଜ୍ଞା ଖେଳ ଗ୍ଭଲିଛି···ଖାଇବା ପିଇବା ଦ'ଦିନ ହେଲା ଭୁଲିଗଲେଣି··· ।"

'ରଘୁଆ !' ଭୀଷଣ ଉତ୍ତେଜିତ ହୋଇ ଚିତ୍କାର କରି ଉଠିଲା ବିଜୟ ।

ମୁଁ ମିଛ କହୁନି ଆଜ୍ଞା ! ମୁଁ ଜଳାବାଟେ ଭିତରୁ ଦେଖିଲି ସବୁ ଖେଳୁଛନ୍ତି... ।'

ବିଜୟ ହଠାତ୍ ଅନ୍ୟମନସ୍କ ହୋଇ ପଡ଼ିଲା । ଏଇପରି ତାଙ୍କ ନ ଥିଲା ବେଳେ ଅନେକ ଥର ସେ ଆସିଛନ୍ତି···ତାଙ୍କ ଥିଲାବେଳେ ବି ସେ ଯେ ଥରେ ଆଧେ ନ ଆସିଛନ୍ତି ଏମିତି ନୁହେଁ । ମାତ୍ର କେତେ ଘଣ୍ଟା ପାଇଁ । କିନ୍ତୁ ଗଲାବର୍ଷ ଖରା ଛୁଟିରେ ତାଙ୍କ ଘରେ ନ ଥିଲାବେଳେ ସେ ଆସିଥିଲେ ଆଉ ରହିଥିଲେ ଆଠ ଦିନ ଧରି । ଏମିତି ପ୍ରତିଦିନ ସେ ଚେସ୍ ଖେଳନ୍ତି···ରାତି ଯାଇ ଦିନ ହୁଏ ଦିନ ଯାଇ ରାତି । ପରିଷ୍କାର ମନେ ଅଛି ବିଜୟର ।

× × × ×

ସାଇକେଲଟା ପଛକୁ ଘୁରାଇ ନେଇ ବିଜୟ କହିଲା—"ଆଚ୍ଛା ତୁ ଯା—ମାଙ୍କୁ କହିବୁ ମୁଁ ଆସିନି । ମୁଁ ଚାଲିଲି··· ।"

ରଘୁଆ କ'ଣ କହୁଥିଲା । ବର୍ଷାର ହଠାତ୍ ଶୀତଳ ଝଲକାଏ ପବନରେ କଥାଟା ଯେପରି ଧକ୍କା ଖାଇ ରହିଗଲା ପଛରେ । ଅଶାନ୍ତ ପବନ ବିଜୟର ସାର୍ଟ ପକେଟ୍‌ରେ ଆଉ ଅଳସ କେଶ ଛୁଇଁ ଛୁଇଁ ଚାଲିଗଲା । କିପରି ଗୋଟାଏ ଅସ୍ଥିରତା ନେଇ ବିଜୟ ମେନ୍ ଆଡ଼କୁ ଦଉଡ଼ିଲା ।

ସବୁ ନିସ୍ତବ୍ଧ । ଯେଝା ରୁମ୍‌ରେ ଯେଝା ପଢ଼ୁଛନ୍ତି ବୋଧେ । ରତ୍ନାକର ଶୋଇଛି ସେମିତି ଘୋଡ଼େଇ ହୋଇ, ଆଉ ବାଦଲ ଝରକା ଆଡ଼କୁ ଚାହିଁ କ'ଣ ଲେଖୁଛି. ଶେଖର ରୁମ୍‌ରେ ନାହିଁ । ଗୋଟାଏ ଅଖଣ୍ଡ ନୀରବତା ଭିତରେ ରହି ରହି ବର୍ଷାର ଝମ୍ ଝମ୍ ଶବ୍ଦ ଯାହା ଆସୁଛି । ବିଜୟ ଚୁପ୍ ଚୁପ୍ ଖଟ ଉପରେ ଶୋଇ ପଡ଼ିଲା ଚାଦରଟା ଟାଣି ନେଇ । ଗୋଟାଏ ଭୟାନକ ଅସ୍ଥିରତା ତା ଛାତି ଭିତରେ ଯେପରି ତାକୁ ଅଣନିଶ୍ୱାସୀ କରିଦେଇଛି । ନାଃ କିଛି ଭଲ ଲାଗୁ ନ ।

ବିଜୟ ଉଠି ବସିଲା । ଘରର ଅବସ୍ଥା ପୂର୍ବ ପରି ଆକାଶ ଆଉ ମେଘ ।

ବିଜୟ ଦେଖିଲା ଶେଖରର ଖଟ ଉପରେ ସେହି ବହିଟା ପଡ଼ିଛି । କ'ଣ ଭାବି କେଜାଣି ସେ ବହିଟାକୁ ଉଠାଇ ଧରିଲା ପ୍ରଥମ ଥର ପାଇଁ । ହେଉ ପଛେ ଅଶ୍ଳୀଳ··· । ଗୋଟାଏ କିଛି ଗୋପନୀୟ ରହିବା ଦରକାର । ସେ ଜ୍ଞାନ ହେଉ, କିବା ମନ ହେଉ, କିବା ବୁଦ୍ଧି ହେଉ··· ।

ବାହାରେ ସେତେବେଳକୁ ଭୀଷଣ ବର୍ଷା, ଆଉ ଘଡ଼ଘଡ଼ି । ଚାଦରଟା ଗୋଡ଼ ଉପରକୁ ଟାଣି ନେଇ ନେଇ ବିଜୟ ଭାବୁଥିଲା ଏ ମେଘ ଯେଉଁ ଶେଷ ନ ହୁଅନ୍ତା ··।

●

# ଉତ୍ତରାଧିକାରୀ

ଜ୍ୟୋତିର୍ମୟ ବିଶ୍ୱାସ କରିପାରୁ ନ ଥିବା କଥାଗୁଡ଼ାକୁ କ୍ରମଶଃ ଶ୍ୱାସ କରିବାକୁ ଚେଷ୍ଟା କରି କ୍ଲାନ୍ତହୋଇ ପଡ଼ୁଥିଲା । ବିରକ୍ତ ଲଜ୍ଜା ମଗ୍ର ଜୀବନର ଅନୁଭୂତି ଯେମିତି ଆଜି କାଟୁ ନାହିଁ !

ଦ୍ୱିପ୍ରହରର କୌଣସି ଉଜ୍ଜ୍ୱଳ ଝରଣରେ ବୁଲିଆସି ଦ୍ୱାର ବନ୍ଦ ରି ବିଶିଷ୍ଟ ସ୍ମୃତି ରୋମନ୍ଥନ କରିବାର ଚିତ୍ତବୃତ୍ତି ତା'ର କେବେହେଁ ନ ଥିଲା, ଆଜି ମଧ୍ୟ ନାହିଁ ; ତଥାପି ସହରରୁ ଗୋଟିକ ପରେ ଗୋଟିକ ବନ୍ଧୁ ବିଦାୟ ନେଲାପରେ ଜ୍ୟୋତିର୍ମୟ କ'ଣ ଆଉ କରିପାରେ ?

ସେ ସିଗାରେଟ୍‌ରେ ନିଆଁ ଧରାଇଲା । ସକାଳର ଦଶପିଆ ଅଧକପ୍ ଚା' ସେମିତି ଥୁଆ ହୋଇଛି । ଲତା ଭାଉଜ ଭୁଲି ଯାଉଛନ୍ତି, ତା'ର ଘର ଓଳେଇ ପରିଷ୍କାର କରିବା, ଆଉ କ'ଣ କ'ଣ ଦରକାର ଠିକ୍ ମତେ ବୁଝି ଯୋଗାଇ ଦେବା କଥା ! ଚାକର ପୁଷ୍ପାରା ତା' ରୁମ୍‌ରେ ପଶିବାକୁ ମନା । କଡ଼ା ତାଗିଦ ରହିଛି ସେଥିପାଇଁ ମା'ଙ୍କର······ !

କେତେବେଳେ କେଉଁ କଥା ।

ଜ୍ୟୋତିର୍ମୟ ଠୋ, ଠୋ କରି ହସି ଉଠିଲା । ମା ଆଉ ଲତା ଭାଉଜ ! ଯେଉଁଦିନ ଜ୍ୟୋତିର୍ମୟର ଟେବୁଲ ଡ୍ରୟାରରୁ ଗଣି ଗଣି ଝିଅଙ୍କର ଫଟୋ ଚାକର ନେଇ ମା'ଙ୍କ ହାତରେ ଦେଇଥିଲା, ସେଦିନ ଫଟୋଗୁଡ଼ାକ ହାତରେ ଧରି ତାଙ୍କର କି କାନ୍ଦ, ଲୁହରେ ଭିଜିଯାଇଥିଲା ଫଟୋଗୁଡ଼ାକ । ମା···ଜ୍ୟୋତିର୍ମୟର ମା··· ! ବିଂଶ ଶତାବ୍ଦୀର ପ୍ରଥମ ଦଶକରେ ଏକ ରକ୍ଷଣଶୀଳ ଆଭିଜାତ୍ୟ ପରିବାରରେ ଜନ୍ମ । ସେ କାହିଁ ବୁଝିବେ ବିଂଶ ଶତାବ୍ଦୀର ଚତୁର୍ଥ ଦଶକରେ ଜନ୍ମ, ତାଙ୍କରି ରକ୍ତରୁ ସୃଷ୍ଟି ବିଜାଣୁଭରି ଜ୍ୟୋତିର୍ମୟର ଅନ୍ତର । ଆଉ ଲତା ଭାଉଜ ? ଯୁଦ୍ଧ କ୍ଷେତ୍ରରେ ତାଙ୍କର ବୀର ସ୍ୱାମୀଙ୍କୁ ହରାଇ ବୁଭୁକ୍ଷୁ ଦେହ ମନ ନେଇ ସତେ କି ଏକ ଉଲ୍କା ତାରା । ପିପାସାଳଗା ତାଙ୍କ ଆଖିକୁ ଅନେଇ ପାରେ ନି ଜ୍ୟୋତିର୍ମୟ······ ।

କବାଟରେ କିଏ ଠକ୍ ଠକ୍ କରୁଛି । ଦ୍ୱାର ଖୋଲିବା ପୂର୍ବରୁ ରୁମ୍‌ର ଚତୁର୍ଦ୍ଦିଗକୁ ଆଖି ବୁଲେଇ ନେଲା ଜ୍ୟୋତିର୍ମୟୀ । ହୁଏତ ମା··· ହୁଏତ ଲତା ଭାଉଜ···କିମ୍ବା ତା' ପରି ସବୁଦିଗରୁ ବିଚ୍ଛିନ୍ନା ହୋଇ ରହିଥିବା ଏକମାତ୍ର ଅନୁଗତ ବନ୍ଧୁ ମଣିଭଦ୍ର !

ସନ୍ଦେହ କରିବାର ଆଶଙ୍କା ବୃଥା । ମା ଛିଡ଼ା ହୋଇଛନ୍ତି । ସବୁଦିନ ପରି ସେ ମୁହଁରେ ଉଜ୍ଜ୍ୱଳତା ଆଜି ନାହିଁ । ପଛରେ ତାଙ୍କର ପୂଝାରୀ ଭାତ ଥାଳି ହାତରେ··· । ଦାନ୍ତ ନିକୁଟି ବୈରାଗୀ ହସୁଛି— ସତେ ବା ସେ ଗଡ଼ ଜିଣିଛି । କାରଣ ଜ୍ୟୋତିର୍ମୟୀ ତାକୁ ଖାଇବ ନାହିଁ ବୋଲି ମନା କରି ଦେଇଥିବା ସତ୍ତ୍ୱେ······ ।

"ଜିଭୁ ।"

ମା'ଙ୍କର ପିଲାଳିଆ ଡାକ । ଜ୍ୟୋତିର୍ମୟୀ ଚଡ଼ାଗଳାରେ କଟୂକ୍ତି କରିବାପାଇଁ ପ୍ରସ୍ତୁତ ନ ଥିଲା । ଭାତ ଥାଳି ବୈରାଗୀ ହାତରୁ ନେଇ ରୁମ୍ ଭିତରକୁ ସେ ପଶିଆସିଲେ । ଜ୍ୟୋତିର୍ମୟୀ ବିରକ୍ତ କଣ୍ଠରେ କହିଲା, "ମୁଁ ଯାହା କହେ ତା' କରେ ତମେମାନେ ଜାଣ । ତା'ପରି ମୁଁ ଆଜି ବାହାରେ ଖାଇ ଆସିଛି······ ।"

"ଗୃକରଣ୍ଟା ଏତେ ସହଜ ନୁହେଁ । ଆଉ ତୋ'ଭଳି ଜିଦ୍‌ଖୋର୍ ପିଲା··· ।" ମା'ଙ୍କର ଆଖିରେ ବିଜୁଳିର ଚମକ । ସେଇ ନିଆଁରେ କଲିଜା ଯେମିତି ଜଳିବ ।

"ତମେ ଜାଣ ମା, ମୋର କିଛି ଭୁଲ୍ ନାହିଁ; କିନ୍ତୁ ରୂପାକୁ ମୁଁ ବାହାହୋଇ ପାରିବ ନ ।"

"କାହିଁକି ? ତା' ସଙ୍ଗରେ ବୁଲି ପାରୁଥିଲୁ, ତା'ର ଫଟୋ ଆଣି ଆଲ୍‌ବମ୍‌ରେ ରଖି ପାରୁଥିଲୁ······ ।"

କଥା ଛଡ଼େଇ ରୁକ୍ଷ କଣ୍ଠରେ ଜ୍ୟୋତିର୍ମୟୀ ଉତ୍ତର ଦେଲା—

"ଅନେକ ଝିଅଙ୍କ ସଙ୍ଗରେ ବୁଲିଛି—ଅନେକ ଝିଅଙ୍କର ଫଟୋ ଆଲବମ୍‌ରେ ରଖିଛି—ଏକା ରୂପା କାହିଁକି ?"

କଥାଟା କହିସାରି ସେ ଯେପରି ଅପ୍ରସ୍ତୁତ ହୋଇ ପଡ଼ିଲା । ଭୀଷଣ ବଦ୍‌ରାଗୀ ମା । ହୁଏତ କ'ଣ ନାହିଁ କ'ଣ କହି ପକାଇବେ, ମାତ୍ର ସେ ଯେପରି ଅନ୍ୟମନସ୍କ ଭାବରେ ନିଜ ହାତ ପାପୁଲିର ରେଖା

ଗଣୁଥିଲେ । ପୁଅର କର୍ମକୁ ନଜର ଭାଗ୍ୟ ଛଡ଼ା ଆଉ କ୍ୱ ସେ କ'ଣ ଭାବବେ ।

କିନ୍ତୁ ଜ୍ୟୋତିର୍ମୟ ଲକ୍ଷ୍ୟକରି ଦେଖିପାରିଲା ମା'ଙ୍କର ଟାଣୁଆ ହାଡ଼ୁଆ ମୁହଁଟା ଧୀରେ କରୁଣ ହୋଇଉଠୁଛି । ଆଖି ପାଖରେ ଝାପ୍‌ସା ଲୁହର ତରଙ୍ଗ ।

କପରି କଷ୍ଟ ହେଲା ଜ୍ୟୋତିର୍ମୟକୁ । ମା'ଙ୍କୁ ସବୁଦିନେ ସେ ଅହଙ୍କାରୀ ଉଦ୍ଧତ ଭାବରେ ଦେଖି ଆସିଛି । ରିଟାୟାର୍ଡ଼ ଆଇ. ସି. ଏସ୍. ଅଫିସରର ଗୃହିଣୀ ହିସାବରେ ତାଙ୍କର ମିଜାଜ୍ ଯେ କୌଣସି ସ୍ତ୍ରୀ ଲୋକଠାରୁ ଉଚ୍ଚରେ । ଅତଏବ ତାଙ୍କ ପୁଅ ତାଙ୍କର ଗ୍ରୁଣରେ ଗଢ଼ି ଉଠିବ ଆଶା କରିବା କିଛି ଅସଂଗତ ନୁହେଁ; କିନ୍ତୁ ପାରିପାର୍ଶ୍ୱିକ ଅବସ୍ଥା ପ୍ରତି ସେ ଯଦି ଅନ୍ଧ ହୋଇ ରହିବେ ତେବେ ସେ କ'ଣ କରିବ । ସେ ତ ଆଉ ସାଧାରଣ ଅଶିକ୍ଷିତା ନୁହନ୍ତି ଯେ ସେ ତାଙ୍କୁ ବୁଝେଇବାକୁ ଚେଷ୍ଟା କରିବ ?

ଅସହ୍ୟ ! ଅସହ୍ୟ ଏଇ ନୀରବତା । ଫ୍ୟାନ୍‌ର ସାଇଁ ସାଇଁ ଶବ୍ଦରେ ଭାତଗୁଡ଼ାକ ଶୁଖିଯାଉଛି···ତରକାରୀ ପ୍ଲେଟରେ ସର ପଡ଼ି ଆସୁଛି···ପେଟରେ ଭୋକ ଯେମିତି ନିଆଁ ଜାଳୁଛି ; ଅଥଚ ଖାଇବା ପାଇଁ ଟିକିଏ ହେଲେ ଆଗ୍ରହ ନାହିଁ ·····।

"ତମେ ବିଶ୍ୱାସ କାହିଁକି କରୁନ ମା ! ଝିଅଙ୍କ ସାଙ୍ଗରେ ସାଙ୍ଗ ହେଲେ ଯେ ତାଙ୍କୁ ବିବାହ କରିବାକୁ ହେବ କିମ୍ବା କୌଣସି ଜାଗାରେ ଚାକିରି କରିବାକୁ ହେଲେ ମାଲିକର ଝିଅକୁ ବାହା ହେବାକୁ ହେବ··· ତ୍ରାସ ।"

"ଜାଣେ ।"

"ତମେ ଜାଣ ମୁଁ ଫାଷ୍ଟକ୍ଲାସ୍ ଫାଷ୍ଟ । ଯେ କୌଣସି ପରୀକ୍ଷାରେ ମୋର ବିଶ୍ୱାସ ଅଛି ମୁଁ ଫାଷ୍ଟ ହେବି । ମୋର ଯୋଗ୍ୟତାକୁ ବାଦଦେଇ ମୁଁ କାହା ଖେୟାଲ୍‌ର କଣ୍ଢେଇ ହେବାକୁ ଚାହେଁନା··· ।"

"କିନ୍ତୁ···କିନ୍ତୁ ଏ ଘର ଚଳିବ କିପରି ? ଶୀଳୁର ପିଲାମାନେ ? ବାପାଙ୍କର ତ ସେଭିଂସ୍ ଆଉ ନାହିଁ କହିଲେ ଚଳେ ।"

ବାପାଙ୍କର ରଖିଯାଇଥିବା ଟଙ୍କା ଯେ ଶେଷ ହୋଇ ଆସିଲାଣି ତା'ର ସୂଚନା ସେ ପାଇଛି ଅନେକ ଦିନରୁ; କିନ୍ତୁ ଏ ଦେଶରେ କୋଟି କୋଟି ବେକାରଙ୍କ ସୂଚନା ମା ଯେ କେମିତି ପାଉ ନାହାନ୍ତି ସେ କଥା ସେଇ

କେବଳ ଜାଣନ୍ତି । ବରଂ ସେ ତ ବାପାଙ୍କର ଉତ୍ତରାଧିକାରୀ ହିସାବରେ··· ବେଶ୍ ଅଛି···ହତଶ୍ରୀ ଅନ୍ୟମାନେ । ଯେଉଁମାନଙ୍କର ଅତୀତ କି ଭବିଷ୍ୟତ ବୋଲି କିଛି ନାହିଁ ସେମାନେ ? ଉଚ୍ଚ ବଂଶ ଆଉ ଉଚ୍ଚ ଅଫିସରର ପୁଅ ବୋଲି ବହୁ ଆଭିଜାତ୍ୟ ଘରର ଝିଅଙ୍କ ସାଙ୍ଗରେ ସେ ମିଶିବାର ସୁବିଧା ପାଇଛି···ଟିକିଏ ବିନୟୀ ହେଲେ ହୁଏତ ମୋଟା ଦରମାରେ ସେ କେଉଁ ମିଲ୍‌ରେ, କି କମ୍ପାନୀରେ ବା ଏକଦା ବାପାଙ୍କର ସୁନାମ ଯୋଗୁଁ ଉଚ୍ଚ ସରକାରୀ ଚାକିରିରେ ବି ନିଯୁକ୍ତି ପାଇ ପାରନ୍ତା; କିନ୍ତୁ ତା ବଦଳରେ ଯେଉଁ ଜିନିଷଟିକୁ ସେ ଦାନ କରିବ ଅର୍ଥାତ୍ ତା'ର ନିଜତ୍ୱ ଯାହା ଅନ୍ୟ ଚକ୍ଷୁରେ ଆତ୍ମମ୍ଭରିତା, ସେ ବିଷକୁ ହଜମ କରି ନେବାର ଶକ୍ତି ସିନା ତା'ର ଥିଲେ ? ଭାବିଲା ବେଳକୁ କିପରି ଗୋଟାଏ ଅବସାଦ ଘୋଟି ଆସୁଛି ତାକୁ ।

ହଠାତ୍ ଏକ କ୍ଷିପ୍ର ଗତିରେ ମା ଭାତ ତରକାରୀ ପ୍ଲେଟ୍ ଉଠେଇ ନେଇ ନେଇ କହିଲେ—"ତୁମେମାନେ ମୋତେ ପୋଷିବ ଏ ଆଶା ମୁଁ ରଖିନାହିଁ । ମାତ୍ର ଯେତେବେଳେ ତୁମମାନଙ୍କୁ ଜନ୍ମ କରିଛି ସେତେବେଳେ ଗୋଟାଏ କର୍ତ୍ତବ୍ୟବୋଧ ମୋର ଅଛି । ବେକାର ହୋଇ ଏଣେତେଣେ ଆଡ୍ଡା ଦେବା ଅପେକ୍ଷା ଅନ୍ତତଃ ରାଜମାର୍ଗରେ ତୋର ଅହଙ୍କାରକୁ ପରୀକ୍ଷା କରିବା ପାଇଁ ଯଥେଷ୍ଟ ସୁବିଧା ସୁଯୋଗ ।"

ଏ ଯୁକ୍ତିରେ ଜ୍ୟୋତିର୍ମୟ ଅବାକ୍ ହୋଇଥିଲେ ବି ହାରିଯିବାର ବ୍ୟକ୍ତି ନୁହେଁ । ଚଟାପଟ୍ ସେ ଉତ୍ତର ଦେଲା ଯଥା ସମ୍ଭବ ରାଗକୁ ଚାପିରଖି—"ସେଥିରେ କେଉଁ ନିସ୍ତାର ଅଛି ମୋ ଅହଙ୍କାର । ରାଜମାର୍ଗରେ ଯୋଗଦେଲେ ଶେଷରେ ଗୋଟାଏ ବଦରାଗୀ ଜିଦ୍‌ଖୋର ଆଉ ଆତ୍ମମ୍ଭରୀ ଲୋକକୁ ଭାରତର ପ୍ରେସିଡେଣ୍ଟ ହେବାର ଦେଖିଲେ···"

"ହୁଁ··· ।" ରାଗରେ ସେ ଫାଟି କେମିତି ଖଣ୍ଡ ଖଣ୍ଡ ହୋଇଯିବେ ।

ସେ ଚାଲିଗଲେ । ପ୍ଲେଟ୍‌ରୁ କେତୋଟା ଭାତ, ପରଦା ଲାଗି ଛିଟିକି ପଡ଼ିଲା ତଳେ ।

ଜ୍ୟୋତିର୍ମୟ ଗ୍ଲାସର ପାଣି ଦେହରେ ରୁମାଲ ଭିଜାଇ ମୁହଁ ନାକ ସବୁ ପୋଛି ଆଣିଲା । ଜଳିଯାଉଛି ତା'ର ଦେହ, ମୁହଁ ଆଉ ମନ । ମା'ଙ୍କ ସହ ପିଲାଟି ଦିନୁ ସେ ଯୁକ୍ତି କରି ଆସିଛି ଏବଂ ତାଙ୍କୁ ହରେଇ-ଦେବାରେ ଯେ ଗୋଟାଏ ଗୌରବ ଅଛି ସେ କଥାରେ ସେ ଆତ୍ମପ୍ରସାଦ

ଆଣ୍ଡିବନ ଅନୁଭବ କରୁଛି । ଆଜ ଯେପରି ଅପମାନରେ ସେ ଜଳ ଉଠୁଛି ।

ଜ୍ୟୋତିର୍ମୟୀ ଧଡ଼ାସ୍ କରି କବାଟ ବନ୍ଦ କରିଦେଲେ ; ଯେମିତି ମାʼଙ୍କ କାନରେ କିଛି ଶବ୍ଦ ଯାଇଁ ପହଞ୍ଚିବ ।

ବର୍ତ୍ତମାନ କʼଣ କରାଯାଇ ପାରେ ? ରୁପାକୁ ସେ ଟେଲିଫୋନ୍ କରି ଦୁଇପଦ କଡ଼ା କଥା ଶୁଣାଇଦେଲେ କ୍ଷତି କʼଣ ? ମାତ୍ର ତାʼର ତ କିଛି ଦୋଷ ନାହିଁ । ବାପାଙ୍କର ପୁରୁଣା ଦୋସ୍ତ ତାʼର ବାପା । ଜ୍ୟୋତିର୍ମୟୀ ସହିତ ବିବାହ ହେଲେ ବନ୍ଧୁତ୍ୱ ରହିବ ପରିବାରର ଆଉ ଜ୍ୟୋତିର୍ମୟୀର ବି ଗୃହକର୍ତ୍ରୀଟା ହେବ । ରୁପା ତ କେବେହେଲେ କହିନି ତାକୁ ବାହାଘର କଥା । ସେ ତ ଜାଣେ ପରିତୋଷକୁ ରୁପା ଭଲପାଏ । ଦେଖିବାକୁ ଅସୁନ୍ଦରୀ; କିନ୍ତୁ ସି ଇଜ୍ ଏ ନାଇସ୍ ଗାର୍ଲ୍··· । ନିଜର ଅହଂ ଦେଇ ଗୋଟାଏ ନିରୀହ ଝିଅକୁ ଗାଳି ଦେବାରେ କʼଣ ବାହାଦୁରୀ ଅଛି··· ? ରୁପାର ବାପା, ନିଜର ମା ଆଉ ସମସ୍ତଙ୍କୁ ଘେରି ରହିଥିବା ପାଚିଲ ଭିତରର ସେଇ ସମାଜଟା ? ତାʼର ଅନ୍ଧ ଚିରାଚରିତ ବିଶ୍ୱାସ ଅବିଶ୍ୱାସ । ତାʼର ଧାରାବାହିକ ଜୀବନ ପ୍ରଣାଳୀ···ଅସହ୍ୟ, ଅସହ୍ୟ··· । ତାʼର ଗତାନୁଗତିକ ଚିନ୍ତାଧାରା ? ଉଃ ! ବିଷ···ବିଷରେ ଯେମିତି ଜ୍ୟୋତିର୍ମୟୀର କଣ୍ଠଟା ଫାଟି ପଡ଼ିବ ଆକ୍ରୋଶ ଅଭିଯୋଗରେ ।

ଟେବଲ୍ ଉପରୁ କୌଣସି ଏକ ମେଳାର ଲଟେରୀ ପକାଇ ପାଇଥିବା ଜୀବନର ଏକମାତ୍ର ରୋଜଗାର ( ହେଉ ପଛେ ତାହା ସୁଯୋଗ ଓ ଜୁଆର ନମୁନା ) ଖୁରଣିଆଁ ଦର୍ପଣରେ ମୁହଁଟିକୁ ଦେଖିବାକୁ କିପରି ଏକ ଇଚ୍ଛା ହେଲା ତାʼର । ରାଗିଗଲେ ନିଜର ମୁହଁଟା କେମିତି ଦିଶେ ?

ଦର୍ପଣଟା ଏତେ ଛୋଟ ଯେ ପୁରା ମୁହଁ ଦିଶୁନି । ନିଶଗୁଡ଼ା ଅନେକ ଦିନ ଧରି ବେଖାପ ହୋଇଗଲାଣି । କଲରଟାର ମାଡ଼ପିଟା ଭଙ୍ଗୀ ଆଦୌ ଭଲ ଲାଗୁନାହିଁ । ଆଖିଗୁଡ଼ାକ ଖରାରେ ସିଝି ପିଆଜ ମିଶା ହଳଦୀ ରଙ୍ଗ ଧରିଛି । ସେ ହସିବାକୁ ଚେଷ୍ଟାକଲା ! ଦାନ୍ତଗୁଡ଼ାକ ହଳଦିଆ···ଇଃ ! ହଠାତ୍ ଫ୍ଲାସ୍ କରିଗଲା ଡେଣ୍ଟାଲ କ୍ରିମ୍‌ର ବିଚିତ୍ର ବିଜ୍ଞାପନ ସବୁ ! ଆଉ ତାʼ ପଛକୁ ପଛ ତାʼପରି ସବୁ ବେକାର କରେ ବଡ଼ ସିଗାରେଟଖିଆ ହଳଦିଆ ଦାନ୍ତର ସାରି ସାରି ଛବି !

ସେ ବିରକ୍ତିରେ ଦର୍ପଣଟା ଫୋପାଡ଼ି ଦେଲା କାନ୍ଥ ଅଢ଼କୁ । ଠୁକୁସ ଠୁକୁସ ହୋଇଗଲା କାଚଗୁଡ଼ାକ ! ଯାଉ ।

ଆଉ କ'ଣ କରାଯାଇ ପାରେ ? ସିନେମାରେ ଦେଖିଥିବା ବେକାର ନାୟକର ଛବି, ବହିରେ ପଢ଼ିଥିବା ଅସଂଖ୍ୟ ଚରିତ୍ରର ଦହନ ଏବଂ ଶୁଣିଥିବା ଅନେକ କାହାଣୀ ସବୁ ଆସି ନାଚିଗଲେ ମନକୁ ମନ ଆଖି ସାମ୍ନାରେ ! କ'ଣ କରିପାରେ ସେ ? କେଉଁଥିରେ ନିଜକୁ ସେ ସାମିଲ୍ କରିପାରୁନି । ମିଶିପାରୁନି—ହଜେଇ ଦେଇ ପାରୁନି । ମଦ ପିଇବ ? ହରେକୃଷ୍ଣ ହରେରାମ ସଂକୀର୍ତ୍ତନ କରିବ ? ଗଞ୍ଜେଇ ଟାଣିବ ? ନା କେଉଁ ଗୁମ୍ଫାକୁ ଯାଇ ସେ ତପସ୍ୟା କରିବ ? କିଛି ତ ଗୋଟାଏ କରିବ ? ଆତ୍ମ-ହତ୍ୟା ? ଡ୍ୟାମ୍ ଇଟ୍—ହେଲ୍ଡ଼ ଆଉଟ୍ ଡେଟେଲ୍ସ !

ନିଜକୁ ସେ ଆଉ ସବୁଦିନ ପରି ବୁଝାଇ ପାରୁନି । ଜ୍ୟୋତି ! ତୋର ନିଜର କିଛି ନାହିଁ···ଗୋଟାଏ ଉତ୍ତରାଧିକାରୀ ସୂତ୍ରରେ ତୁ ଆସିଚୁ ଆଉ ବଞ୍ଚିଚୁ ମଧ୍ୟ ସମାଜରେ ସେହି ନିୟମରେ ! ତାକୁ ଅସ୍ୱୀକାର କରିଗଲେ ବଞ୍ଚିବାର ସ୍ଥିତି କାହିଁ ?

ଏ ପ୍ରଶ୍ନର ଉତ୍ତର କେଉଁଦିନ ସେ ନିଜକୁ ଦେଇପାରିନି···ହୁଏତ ତା'ର ଅନୁଚ୍ଚାରିତ ଉତ୍ତରଟା ନିଜ ସତ୍ତା ଭିତରେ କେଉଁଠି ଲୁଚି ରହିଛି । ତାକୁ ଟାଣି ଓଟାରି ବାହାର କରି ଆଣିବା ପାଇଁ ସେ ଅବିରତ ସଂଗ୍ରାମ କରିଚି······ !

ହଠାତ୍ ମଣିଭଦ୍ରର କୋରଡ଼ିଆ ମୁହଁଟା ଚକ୍ ଚକ୍ କରି ଉଠିଲା । ସେ କ'ଣ ତା'ପରି ଭାବୁଚି ? ଆଉ ଅନ୍ୟମାନେ··· ? ସମସ୍ତଙ୍କର ସେଇ ଆଖିଗୁଡ଼ାକରେ ବଞ୍ଚିବା ପାଇଁ କି ଆପ୍ରାଣ ଚେଷ୍ଟା ! ସେମାନେ ବଞ୍ଚିବା ଓ ଜୀଇଁବା ଭିତରେ ହୁଏତ ଗୋଟାଏ ପାର୍ଥକ୍ୟ ଦେଖି ପାରିଛନ୍ତି ? କିନ୍ତୁ ସେଟା କ'ଣ ? ସ୍ନେହ ? ପ୍ରେମ ? ଈଶ୍ୱର ଭକ୍ତି ? ନା ପ୍ରବଞ୍ଚନା ?

ହୋଇପାରେ କିଛିଟା ନୁହେଁ ? କେବଳ ଏକ ପ୍ରବାହ ? ଏକ ସ୍ରୋତ ···ଯେନ ତେନ ପ୍ରକାରେଣ ଚାଲିବାର ଏକ ଗତାନୁଗତିକ ଅଭ୍ୟାସ !

କିନ୍ତୁ ଏ ଧାରାକୁ କ'ଣ ରୋକି ଦିଆଯାଇ ପାରିବ ନି ?

ନିହାଣରେ ଦୁଇ ପାହାର କିଏ ଯେମିତି ପିଟି ଦେଲା ଜ୍ୟୋତିର୍ମୟର ଛାତିକୁ ! ରୁଦ୍ଧ କକ୍ଷ ଭିତରେ ଯନ୍ତ୍ରଣାରେ ଅସ୍ଥିର ହୋଇ ଜ୍ୟୋତିର୍ମୟ ବାଁ ହାତରେ କମିଜମିଶା ଛାତିକୁ ଯାପୁଡ଼ି ଧରି ଅସ୍ପଷ୍ଟ କଣ୍ଠରେ ଚିତ୍କାର କରୁଥିଲା । ପାରିବ···ପାରିବ ଏ ଧାରାକୁ ବନ୍ଦ କରି ! ରକ୍ତର ପ୍ରାଚୀର ଦେଇ ବନ୍ଧ ବାନ୍ଧିବାକୁ ହେବ···ମଣିଷକୁ ବଞ୍ଚେଇବାକୁ ହେଲେ ମଣିଷର ବଳି ଦର୍କାର ! ମଣିଷର ଉତ୍ତରାଧିକାରୀ ମଣିଷ—ପଶୁ ନୁହେଁ—ଦେବତା ନୁହେଁ···!!

# ସାତ

ସୁନନ୍ଦା ଉଦ୍‌ବେଗରେ ଗରଗର ହୋଇ ପରିବା କାଟୁ କାଟୁ ବାଁ
ଆଂଗୁଠି ଟିପଟା କାଟି ପକାଇଲେ । ଜୀବନସାରା ସେ ସ୍ୱାମୀଙ୍କ ବଦଳି
ହ କେତେ ଛୋଟ ବଡ଼ ସହର ବୁଲି ଆସିଲେଣି ତାର ହିସାବ ନାହିଁ,
ନ୍ତୁ ଅବସର ନେଲାବେଳକୁ ଯେତିକି ଅବ୍ୟବସ୍ଥା ଆସି ଦେଖା ଯାଉଛି ।
ାଙ୍କ କଥାଟା ସିନା କିଏ ଶୁଣିଲେ ହୁଅନ୍ତା ? ସୁନନ୍ଦା ତାଙ୍କର ଅଠର୍ଚ୍ଛଳିଶ
ର୍ଷ ବୟସରେ ଘର ଚଳାଇବାରେ, ପିଲାଙ୍କୁ ମଣିଷ କରି ଗଢ଼ିବାରେ
ାଉ ବନ୍ଧୁବାନ୍ଧବଙ୍କ ସହ ସମ୍ପର୍କ ସ୍ଥାପନରେ ନିଜ ସ୍ୱାମୀଙ୍କ ସହ
ାଲୋଚନା କରିବାକୁ କେବେ ହେଲେ ଇଚ୍ଛା ବି କରି ନାହାନ୍ତି । ସତେ ବା
ଟି ଯାଉଥିବା ଘଟଣାଗୁଡ଼ାକ ତାଙ୍କ ମନର କଥାକୁ ଆଜି ଯାଏଁ ରୂପ
ଦେଇ ଆସିଛି ।

କିନ୍ତୁ ଏଇ ପୁଣ୍ୟ ସହର—ଜଗନ୍ନାଥ ଧାମ ସମୁଦ୍ର ଆଉ ବଡ଼ଦାଣ୍ଡ
ଙ୍କୁ ଶେଷ ଜୀବନରେ ଶାନ୍ତି ଦେବା ପରିବର୍ତ୍ତେ ଗୋଟାଏ ଅକୁହା
ଶାନ୍ତରେ ଭସାଇ ଦେଲା । ସେ ଯେ ଖୁସିରେ ନାହାନ୍ତି ଏକଥା ନରେଶ
ବୁ ବୁଝିଥିଲେ କି ନାହିଁ ସୁନନ୍ଦାଙ୍କର ସନ୍ଦେହ ହେଉଥିଲା ।

"ମା ! ଚନାବାବୁ ଆଠଅଣା ପଇସା ଦେବାକୁ କହିଲେ ।"
ାହିଁକି ?" ଝେଙ୍କି ଉଠିଲେ ସୁନନ୍ଦା । ମାସ କାନର ରେଜା ପଇସା
ର୍ୟସ୍ତ ହସ୍ତ ବ୍ୟୟରେ ଖୋଲି ଯାଉଥିଲା । ପଇସା ଆଠଣା ଫୋପାଡ଼ ଦେଇ
ହିଲେ—"ତୁ ସକାଳୁ ସଞ୍ଜ ସେଇଠି ଟହଲ କରୁଥା ପଞ୍ଚୁ । ବାବୁ-
ନଙ୍କର ଅର୍ଡ଼ର ଶୁଣୁ—ମା' ତ ଅଛି ସବୁ କାମ କରିବ, ତୋର
ଉ ଲୋଡ଼ା କ'ଣ ?

ପଞ୍ଚୁକୁ ଉତ୍ତର ଦେବାକୁ ବେଳ ନାହିଁ । ବାବୁଙ୍କର ଡାକ
ଭିଲଣି । କଟା ଆଙ୍ଗୁଠିର ଟିପଟା ଧରି ବିରକ୍ତିରେ ଫାଟି ପଡ଼ୁଥିଲେ
ନନ୍ଦା । ସେଇ ଅବସ୍ଥାରେ ଜୋତା ମଚମଚ କରି ପ୍ରିୟତର ଦୋଷାରୁ
ବାବୁ । ଶିବୁ, ସୀତା ଆଉ ସବୁ ନାଟର ଗୋବର୍ଦ୍ଧନ ସେଇ ବାବୁଙ୍କା

ଝୋକା ଚନ୍ଦନ କୁମାର ଓରଫ୍ ଚନା ଆସି ହାଜର ହୋଇଗଲେ । କିନ୍ତୁ ଗୋଟାଏ ସୂର୍ଟର ଦରକାର ଥିବ—ରବିବାରର ଗଞ୍ଜିଟା ଜମୁନ । ବରଣ୍ଡାରେ ସୁନନ୍ଦା ମୁଣ୍ଡ ଟେକି ଗୃହିଁବା କ୍ଷଣି ଚନ୍ଦନ କହିଲା— "ମାଉସୀ ! ଗୁ' ଗୃରକପ୍ ଦରକାର···ଟିକେ ଶୀଘ୍ର ହେଲେ ଭଲ । ସିନେମା ପାଇଁ ଟିକଟ କାଟି ଦେଇଛୁ । ହେଲେ ତା' ପୂର୍ବରୁ ଗୁ'ଟା ଟିକେ ପେଟରେ ନ ପଡ଼ିଲେ, ଠିକ୍ ଭାବରେ କଥାଗୁଡ଼ାକ ମୁଣ୍ଡରେ ପଶିବ ନା··· । ଏମାନେ ଡ଼ରୁଥିଲେ କହିବାକୁ, ହେଲେ ମୁଁ କହିବ, ମୋ ସୁନା ମାଉସୀ ! ଟିକେ ଶୀଘ୍ର କରିଦିଅ ··ଇସ୍···ହାତଟା ଏମିତି କଟିଲା କେମିତି ? ଦେଖେ···ଦେଖେ ।"

ବରଣ୍ଡ ଓ ସ୍ୱଗରେ ସୁନନ୍ଦାଙ୍କ ମୁହଁ ଟଣଟଣେଇ ଉଠିଲାଣି । ମାତ୍ର ଚନ୍ଦନର ସେ ଆଡ଼େ ଦୃଷ୍ଟି ନାହିଁ । ପାଟିରେ ଆଙ୍ଗୁଠି ଟିପଟା ପୂରାଇ ସେ ଚୁଚୁମି ନେଲା ଖୁବ୍ ଆବେଗରେ । ହାତଟା ଟାଣି ମଧ୍ୟ ଟାଣି ପାରୁ ନ ଥିଲେ ସେ । ରାକ୍ଷସଟା ନା କ'ଣ ?

ଟିକକ ପରେ ହସି ଦେଇ କହିଲା—'ବାସ ଚନ କନା ଦେଇ ବାନ୍ଧି ଦେଇ ଥାଅ ଏଣିକି ! ମୁଁ ସିନେମା ଫେରନ୍ତା ଗୋଟେ ବଢ଼ିଆ ଔଷଧ ଆଣିଦେବ—କିନ୍ତୁ ସର୍ତ୍ତ ରହିଲା ତମେ ଆଜ ମାଂସ ରାନ୍ଧିବ, ଆଜି ମୁଁ ମନ ଇଚ୍ଛା ଖାଇବ । ହେଁ···ହେଁ···ମୁଁ ମାଗଣା ଏତେ କାମ କରିବ ନା ?"

ସୁନନ୍ଦା ଗୁ'ପାଣି ବସେଇ ଦେଇ ଦେବୁକୁ ଗୃହିଁ କହିଲେ, "···ତୋର କେଉଁ ଦିନଠୁ ଏତେ ଗୁ' ଅଭ୍ୟାସ ହେଲାଣି ? ଯାବତ ବାଜେ ଅଭ୍ୟାସ କେଉଁଠୁ ··· ?" ହାତ ଉଞ୍ଚାଇ ଗ୍ୱପୁଡ଼ାଏ ପକାଇ ଦେଇଥିଲେ ବୋଧେ ଦେବୁକୁ ଅପମାନ ଏତେ ଲାଗି ନ ଥାନ୍ତା ! ମୁହଁ ତା'ର ରାଗରେ ଲାଲ ପଡ଼ିଗଲା । ତା'ର ଅନୁଚ୍ଚାରିତ ଉତ୍ତରକୁ ଚନ୍ଦନ ଯେମିତି ଭାଷା ଦେଇଦେଲା ଅପେକ୍ଷା ନ କରି କାହାକୁ—"ଅଭ୍ୟାସ କ'ଣ ଥାଏ ? ଆଜି ଗୁ ଗୋଟେ କ'ଣ—ଅଭ୍ୟାସରେ ଯାଏ ? ଗୁ'ଟା କରିବାର ନ୍ୟୁନତମ ଆବଶ୍ୟକତା ବୁଝିଲ ମାଉସୀ··ଧେତ୍ତେରିକା ସାଙ୍ଗ, ତତେ ଆମେ ସଙ୍ଗରେ ସିନେମା ନେବୁନି···ମୁଣ୍ଡରେ ଏତେ ବାଳ, ଟିକେ ସଣ୍ଢଣାରେ ଚୁଟି ବି ବାନ୍ଧି ପାରୁନୁ ? ଉକୁଣି ମୁଣ୍ଡି— ।"

ଏଇସବୁ ପ୍ରଶ୍ନ ଉତ୍ତର ଏତେ ଅସଂଲଗ୍ନ ଥିଲା ଯେ ତାକୁ ଏକତ୍ର କରି ଅଳ୍ପ ସମୟ ଭିତରେ ସଜାଡ଼ିବାର ପଦକ୍ଷେପ ନେବାର ଅବକାଶ

ଚନ୍ଦନ କାହାକୁ ଦେଉ ନଥିଲା । ଇତି ମଧ୍ୟରେ ଚା ମଧ୍ୟ ପ୍ରସ୍ତୁତ । ସୁନନ୍ଦା ଗମ୍ଭୀର ହୋଇ ସ୍ୱାତୀକୁ କହିଲେ—"ତୁ କ'ଣ ଇଂଲିଶ୍ ଫିଲ୍ମ୍ ଦେଖି ବୁଝିବୁ ? ଇଂରାଜୀରେ ଦି'ଟା ବାକ୍ୟ ଲେଖି ଆସିବନି···ଷ୍ଟାଇଲରେ ବାହାରିଛୁ କ'ଣ ନାଁ ସିନେମା ଦେଖି··· । ଝିଅଙ୍କର ଢଙ୍ଗ ଦେଖ··· ।" ଚା' କପଟା ଓଠରେ ଦେଉ ଦେଉ ହସର ଝଡ଼ରେ ଫାଟି ପଡ଼ିଲା ଚନ୍ଦନ —"ସେଇଥି, ସେଇଥି ମାଉସୀ । ଗୋଟାଏ ଶବ୍ଦ ବି ତା ଖାତାରେ ଠିକ୍ ଲେଖା ହୋଇନି, ଖାଲି ପିକ୍ଚର ପୋଷ୍ଟ, ସିନେମା ଜଗତ, ସାବୁନ ଆଉ ପାଉଡ଼ରର ମୁଖସ୍ଥ ଛଡ଼ା ତାକୁ ଜଣା କ'ଣ ?"

ସ୍ୱାତୀ ଠୋ ଠୋ ହୋଇ ହସି ଉଠି କହିଲା—"ହେଇଛୁ ବାବା ହେଇଛୁ ମଜା ! ସିନେମା ଯିବ ପରା । ଚା' ପଡ଼ି ସାର୍ଟ କେମିତି ଭିଜି ଗଲାଣି··· ଇମ୍···କି ମଜ୍ଜା !

ଯେ ପାଞ୍ଚେ ପର ମନ୍ଦ···ତା' ମନ୍ଦ ପାଞ୍ଚନ୍ତି ଗୋବିନ୍ଦ···!

ନିଜ ସାର୍ଟକୁ ଚାହିଁ ଚନ୍ଦନ ଚମକି ପଡ଼ିଲା ! ସର୍ବ ନାଶ ! କ'ଣ କରାଯାଏ ? ଦାମୀ ସାର୍ଟଟା—ଚା'କପ୍ ଧରିଲେ ଆଉ ରକ୍ଷା ନାହିଁ । ବିଜୁଳି ବେଗରେ ମୁଣ୍ଡରେ ଗୋଟାଏ ବୁଦ୍ଧି ଜୁଟିଗଲା । ସୁନନ୍ଦାଙ୍କ ଅଞ୍ଚଳଟା ଓଟାରି ନେଇ ବେସିନ୍ ପାଇପରେ ଓଦା କରି ସେ ସାର୍ଟ ଉପରେ ବୁଲାଇ ଆଣିଲା ଚା ପଡ଼ିଥିବା 'ଯାଗାରେ ବେକ ମୁହଁ ନିଶ ଉପରେ ; ତମରି ଝିଅ ଯୋଗୁ ମୋ ସାର୍ଟ ନଷ୍ଟ ହେଲା, ତମ ଲୁଗା ଖରାପ ହେଉ ମୋର କ'ଣ ଯାଏ ଆସେ··· ?

ସୁନନ୍ଦା ଓଠ କାମୁଡ଼ି ତା ମୁହଁକୁ ଚାହିଁଥିଲେ । ଗୁଖଚଣ୍ଡି ଲମ୍ବର ଲି ଆଉ ନିଶ । ଗୋଛାଏ ବାଳ ମୁଣ୍ଡରେ । କେମିତି ଛତରାଟା ଭଳି ଶୁଛି; ତା କଥାବାର୍ତ୍ତା ବରଦାସ୍ତ କରି ହେଉନି । ଏବେ କିଛୁଦିନ ହେଲା ଦେବୁ ଓ ଶିବୁ ମଧ୍ୟ ସେଇ ଢାଞ୍ଚାରେ ପଡ଼ିବାକୁ ଆରମ୍ଭ କଲେଣି । ସର୍ବନାଶ' ଯେମିତି ଗୋଡ଼େଇ ଆସୁଛି । କି ଦୁର୍ଯୋଗରେ ସେ ପୁଅ ଦେଶ ହୋଇ ଆସିଲେ କେଜାଣି ? ବାପାଙ୍କର ପିଲାଙ୍କ ଆଡ଼କୁ ନଜର ହିଁ—ଖାଲି କାମ ଆଉ କାମ ; ଆସନ୍ତୁ ଆଜି ।

ଆଖି ସାମନା ଦେଇ ଦେବୁ, ଶିବୁ ଓ ସ୍ୱାତୀ-ଚାଲିଗଲେ ଚନ୍ଦନ ଙ୍ଗରେ । ଆଜି ରବିବାର, ଦିନସାରା ଏଇ ପାଳି ଚାଲିବ । ରେଡ଼ିଓ, ାସ, କ୍ୟାରମ୍ ଆଉ ପାଟି ଭୁଣ୍ଡି । ରାତି ଦଶକୁ ଚନ୍ଦନ ଖାଇ ପିଇ ଷ୍ଟେଲ ଗଲେ ଯାଇ ରକ୍ଷା । ଦେବୁ ଓ ଶିବୁକୁ ମନ୍ତ୍ର କଲା ପରି ପଛରେ

ବାନ୍ଧି ରଖିଛି ଟୋକାଟା, ସାଇପାଖର ସବୁ ଗଣ୍ଡଗୋଳ ଆଣି ଘରେ ପୂରେଇଛି । କି ଦୁର୍ଯୋଗରେ ପୁଅ ଆସିଲେ କେଜାଣି ? ପିଲା ଗୁଡ଼ାକଙ୍କର ଭବିଷ୍ୟତ ନଷ୍ଟ ହୋଇଗଲା । ଏଇଥି ପାଇଁ କ'ଣ ସାରାଜୀବନ ସେମାନେ ଏତେ ପରିଶ୍ରମ କଲେ ? ନାହିଁ, ଆଜି ଏ କଥାର ଗୋଟେ ମୁକାବିଲା ହେବା ଦରକାର ! ଚନ୍ଦନ ତାଙ୍କ ଘରକୁ ଆସିବ ନାହିଁ, କିମ୍ବା ପୁଅଙ୍କୁ ସେମାନେ ବଦଳି ହୋଇ ଅନ୍ୟତ୍ର କୁଆଡ଼େ ଯିବେ । ଚନ୍ଦନ କ'ଣ ତାଙ୍କ ଭାଇ ନାଁ ବନ୍ଧୁ ଯେ ଏତେ ମୁହଁ ଉପରୋଧ ସେ ସହିବେ ? ପୁଅ ଆସିଲା ଦିନୁ ପିଲାଗୁଡ଼ାକ ତାଙ୍କ କଥା ଟିକେ ବି ଶୁଣୁ ନାହାନ୍ତି । ଆଜି ସିନେମା, କାଲି ଥିଏଟର୍, ସଭା ସମିତି, ଷ୍ଟ୍ରାଇକ୍, ଗଣ୍ଡଗୋଳ, ସେ ବାହାର ନାଁ—ବି ଧରୁ ନାହାନ୍ତି । ମୁହେଁ, ମୁହେଁ ଜବାବ୍ ଦେବାକୁ ଶିଖିଲେଣି—କେବଳ ଚନ୍ଦନ ଯୋଗୁଁ । ଇଏ ବି ତାକୁ ବଡ଼ ହାକିମଙ୍କ ପୁଅ ବୋଲି କିଛି କହିବେ ନି । ହେଲା ଏବେ ତା' ବାପ ବଦଳି ହେଲାବେଳେ କହି ଯାଇଥିଲା ତାକୁ ଟିକେ ନଜର ଦେବାକୁ...ତା' ମାନେ ନୁହେଁ ତାଙ୍କ ପୁଅ ଆସି ଆମ ଘରେ ମନ ଇଚ୍ଛା ରାଜୁତି ଚଳେଇବ । କି ଅବ୍ଦାରରେ ବାବା, ଆଜି ମାଂସ ଖାଇବ—ପୂଜାରୀ ରନ୍ଧା ହେବନି, ମାଉସୀ ରାନ୍ଧିବ, ପ୍ୟାଣ୍ଟଟା ଇସ୍ତ୍ରୀ ଦରକାର, ମାଉସୀ କରିଦେବ, ଦେହ ଭଲ ଲାଗୁନି କହି ଦି'ଦିନ ରହିଯିବ ହଷ୍ଟେଲ୍ ନ ଯାଇ ଆଉ ମାଉସୀ ବସି ଦିନ ରାତି ଘଷାମୋଡ଼ା କରିବ, ଭଲ ମନ୍ଦ ଔଷଧ, ଫଳ ନେଇ ଚର୍ଚ୍ଚା କରିବ...ନ ହେଲେ ନ ଚଳେ । କେଉଁଦିନ ଭଲ ମନ୍ଦ ରାନ୍ଧି ରଖିଥିବେ ପିଲାଏ କଲେଜରୁ ଫେରି ଖାଇବେ—ଆଖି ଲାଗି ଯାଇଥିବ କି ନାହିଁ ବୋଷେଇ ଘର ଧଡ଼୍‌ଧଡ଼୍‌ରେ ନିଦ ଭାଙ୍ଗିଯିବ ତାଙ୍କର । ସବୁ ଖାଇଦେଇ ସାରି, ପଚାରି ନାହିଁ ଉଚାରି ନାହିଁ, ଅନୁମତି କି ପରାମର୍ଶ ଦରକାର ନାହିଁ—ସେ ଯେମିତି ଏ ଘରେ ଥିଲା କେଉଁ ଅନନ୍ତ କାଳରୁ ରହିଛି, ଓ ରହିବ ମଧ୍ୟ । ପିଲାଏ ବାଇ, ତା' ସାଙ୍ଗକୁ ଆଉ ସମସ୍ତେ । ଛି ଛି...ଦୁର୍ଗତି ଆସିଲେ ଘୋଡ଼ା ମୁହାଁ ପୁଅ ଜନ୍ମ ହୁଅନ୍ତି... ।

"ମା ଅଛ ?" ବଡ଼ ଦାଣ୍ଡର ପଇଡ଼ ବିକାଳି ଗଉରମା'ର ପ୍ରଶ୍ନ ।

"କ'ଣ କଲୁ ?"

ସେଇ ଡମରୁ ପୁତୁରା ଚନ ବାବୁ ମା, ଆଠଟା ପଇଡ଼ କେଉଁ ଦିନୁ ନେଲେଣି...ପଇସା ଦେଉ ନାହାନ୍ତି—କହିଲେ କହୁଛନ୍ତି ମାଉସୀଠୁ ନେଇଯିବୁ । ମୁଁ ତ ଗରିବ ଲୋକ ମା... ।"

"ଆଠଟା ଗଲଣି ? ମୋ ଝୁଅ ଥିଲେ ତା ସାଙ୍ଗରେ ?"

"ନାଇଁ ମ ମା ! ତମ ଝୁଅ ଗୁଡ଼ାକ ତ ମାନ୍ଥକୁ ମ କହିବେ ନାହିଁ । ସେଇ ଚନ ବାବୁ । ଭାରି ଦୁଷ୍ଟ ଆଜ୍ଞା—ଚାଲିଗଲା ଶଗଡ଼ରେ ହାତ ଦେଲାବାଲା···ପିଲାଦିନୁ ସେମିତି ।"

ସୁନନ୍ଦାଙ୍କ ରାଗ ମୁଣ୍ଡକୁ ଚଢ଼ିଗଲା । କେଉଁଠି ବାକି କରି ଖାଇବ ତାକୁ କି ସେ ଶୁଝିବେ ? ମାନ ମହତ ଦି'କଡ଼ା ହେଲା ଶେଷକୁ । ବାଧ୍ୟ ହୋଇ କାନିରୁ ପଇସା ଫିଟାଇ ସେ ଦେଲାବେଳେ ଗଉଡ଼ମା' କହିଲା—"ମା ! ରାଗିବ ନାହିଁ । ପାନ ଦୋକାନୀର ସିଗାରେଟ୍ ପଇସା ଟଙ୍କାଟାଏ ବାକି ଅଛି···ଦିଅନ୍ତ ଯଦି ଉପୁକାର ହୁଅନ୍ତା !"

କାନିରେ ଥିବା ସବୁତକ ପଇସା ଝଣଝଣ କରି ପକାଇ ଦେଲେ ବିରକ୍ତିରେ ସୁନନ୍ଦା—"ନେଇ ଯା । ଆଉ କାହାର କେଉଁଠି କ'ଣ ବାକି ଅଛି ନେଇ ଯା । ମୋ ଜୀବନ ଜଳେଇ ଖାଇଗଲା ଟୋକାଟା···ବାପ, ପୁଅ, ଝିଅ ସମସ୍ତେ ଶତ୍ରୁ···ନେଇଯା··· ।"

ଗଉଡ଼ମା' କିଛି ନ କହି ପଇସା ନେଇ ଚାଲିଗଲା । ସେଇ ବିରକ୍ତିରେ ସୁନନ୍ଦା ସ୍ୱାମୀଙ୍କ ସହ କଥାଟାର ଶେଷ ନିଷ୍ପତ୍ତି ନ ହେଲା ପର୍ଯ୍ୟନ୍ତ ଅନ୍ନ ଛୁଇଁବେ ନି ସିଦ୍ଧାନ୍ତ କରି ସେତେଇ କାମ ସାରି ଦାଣ୍ଡ କବାଟ ଦେଇ ଶୋଇବା ଘର ଖଟ ଉପରେ ଗଡ଼ି ପଡ଼ିଲେ । ବାରଟା ବାଜିଲାଣି—ଆଉ ଟିକକରେ ଆସି ପହଞ୍ଚିବେ···ପଞ୍ଝୁଟା ଗହମ କୁଟି ଯାଇଛି ସେ ଯାଇଛି···।

ଦାଣ୍ଡ ଦୁଆରେ କିଏ ପୁଣି ଡାକିଲାଣି । ଟିକେ ବି ଶାନ୍ତି ନାହିଁ ମଣିଷର । କବାଟ ଖୋଲି ସେ ଆଶ୍ଚର୍ଯ୍ୟ ହେଲେ—ଶିବୁ ଝାଳ ସରସର ହୋଇ ଛିଡ଼ା ହୋଇଛି । ଆଉ କେହି ନାହିଁ । ଭିତର ଗୁଣ୍ଡଟା ଜମ୍‌ଜମ୍ କରି ଉଠିଲା । ଶିବୁ ଭୋ' ଭୋ' କରି କାନ୍ଦି ଉଠି କହିଲା—'ମା ! ଆମେ ସିନେମା ଯାଇନୁ···ବାଟରେ ଆମ ରିକ୍ସା ସାଙ୍ଗରେ ଟ୍ରକ୍‌ଟା ବାଡ଼େଇ ହୋଇଗଲା··· ଦେବୁ ଭାଇର ମୁଣ୍ଡ ଫାଟି···ଭିଁ··ଭିଁ···ଦେବୁ ଭାଇ ଆଉ ତନା ଭାଇ ଗୋଟେ ରିକ୍ସାରେ ଥିଲେ—ତା'ର କିଛି ହୋଇନି—ସେ ଖାଲି ଛିଟିକି ପଡ଼ିଗଲା— ।

ସୁନନ୍ଦାଙ୍କ ଦେହ ଯେମିତି ଗୋଟାଏ ଅଗ୍ନିକ ବଳୟରେ ଥରି ଉଠୁଥିଲା । ସେ ପଡ଼ି ଯାଉ ଯାଉ କବାଟ ଧରି ପକାଇ ବଳକରେ ଚିତ୍କାର କଲେ—"ଦେବୁ କେଉଁଠି ? କେମିତି ଅଛି ?"

"ଡାକ୍ତରଖାନାରେ···ତାକୁ ବ୍ଲଡ଼୍ ଦିଆ ହେବ । ଚନ୍ଦନ ଭାଇ ଭାରି ସାହାସିଆ ଏକା ମା । ଡାକ୍ତର କହିଲେ ବ୍ଲଡ଼୍ ନାହିଁ । ତା'ର ଯେଉଁ ଯାଟି ସେଥିରେ ଡାକ୍ତରସାକ ଡର ତ ଗ୍ରୁପଅା । ଏବେ ବ୍ଲଡ଼୍ ଦିଆ ଆରମ୍ଭ ହେବାରୁ ମତେ ପଠେଇଛନ୍ତି ସେ । ବାପା ଗଲେଣି ଆଗରେ । ଆଜ ଚନ ଭାଇ ନ ଥିଲେ ନାଁ···।

ଶିବୁ ଅଟକିଗଲା, ମା' ମୁହଁରେ ରାଗ, ବିରକ୍ତି, ଘୃଣା । ସେ ଗର୍ଜି ଉଠିଲେ—

"ମୁଁ ଜାଣେ ସେ ବଦମାସ ଟୋକା ଦେବୁକୁ ପେଲି ଦେଇଛି— ପେଲି ଦେଇଛି । ମୁଁ କ'ଣ କରିବି—ମୁଁ କେତେ ଦିନରୁ ମନା କରିଛି, ଯମ ପରି ତା ପିଛା ଲାଗିଛି···।

ସେଇ ପରି ଆଲୁଳାୟିତ ଅବସ୍ଥାରେ ଚନ୍ଦନକୁ ଶୋଧି ଶୋଧି ସୁନନ୍ଦା ଶିବୁ ସହ ରିକ୍ସାରେ ବସିଲେ । ଆଶଙ୍କାରେ ତାଙ୍କର ଢଳାପର ମାଥା ବଢ଼ି ଯାଇଥିଲା ।

ଡାକ୍ତରଖାନାରେ ଦେବୁ ବେଡ଼୍ ପାଖରେ ଲୋକାରଣ୍ୟ । ନରେଶ ବାବୁ ଚନ୍ଦନ ସଙ୍ଗେ କ'ଣ କଥା ହେଉଥିଲେ । ସୁନନ୍ଦାଙ୍କ କାନ୍ଦରେ ଚନ୍ଦନ ଘୂରିପଡ଼ି ଦଉଡ଼ି ଆସି ଡାକିଲା—

"ମାଉସୀ ! ମାଉସୀ, କାନ୍ଦନ, ଦେବୁ ଭଲ ଅଛି— ।"

"ଚୁପ୍ କର । ରାକ୍ଷସ, ତାକୁ ମାରି ଦେବୁ ଜାଣି ଜାଣି । ତାକୁ । ଗୋଡ଼େଇଛୁ ଦିନ ରାତି । ମୁଁ କେତେ ନାହିଁ କଲି, ମୋ ମନା ସେ ଶୁଣିଲାନି, କି ତା ବାପା ବି ଶୁଣିଲେ ନି—ତୁ ଯମ ପରି ତା ପିଛା ଲାଗିଛୁ । ପଳା—ମୋ ସାମନାରୁ ପଳା— । କାହିଁ···ଦେବୁ କାହିଁ— ?

"ମାଉସୀ ! ମୋ କଥା ଶୁଣ— ।"

"ମାଉସୀ ! ଚୁପ୍ ପଳା—ତୁ ମୋର ସର୍ବନାଶ ଡାକି ଆଣିଲୁ— ମୋ ଦେବୁ କେଉଁଠି ?"

ନରେଶ ବାବୁ ସୁନନ୍ଦାଙ୍କୁ ଧରି, ଧରି ଆଗେଇ ଚଲେ । ହତ୍‌ବାକ୍ ପରି ଚନ୍ଦନ ସେମାନଙ୍କୁ ଚାହିଁ ଛିଡ଼ା ହୋଇଥିଲେ ବାରଣ୍ଡାରେ ।

ଦେବୁର ଜ୍ଞାନ ନାହିଁ । ଦୁଇପଟରେ ଡାକ୍ତର, ନର୍ସ, ଭଉଁ । ସୁନନ୍ଦା ଲୁହ ଚାପି ପାରୁ ନ ଥିଲେ । ଏକ ଅଖଣ୍ଡ ଅସ୍ଥିରତା ଯେମିତି କମ୍ପନ ସୃଷ୍ଟି କରିଛି— । ଡାକ୍ତର ଦେବୁର ପଲ୍‌ସ ଧରି କ'ଣ

ଦେଖୁଛନ୍ତି—। ଟିକକ ପରେ ଗୋଟାଏ ସ୍ୱସ୍ତିର ରେଖା ଫୁଟି ଉଠିଲା। ଦୀର୍ଘଶ୍ୱାସ ପକେଇ ସେ କହିଲେ—"ଓଃ ! ଭଗବାନ ଭରସା । ବ୍ଲଡ଼୍ଟା ଠିକ୍ ସମୟରେ ନ ମିଳି ଥିଲେ କ'ଣ ଯେ ହୋଇଥାନ୍ତା—। ଆପଣଙ୍କ ଭାଗ୍ୟ ଭଲ ।"

ନରେଶ ବାବୁ ବ୍ୟସ୍ତ ହୋଇ ପଡ଼ିଲେ—"ଯେତେ ଟଙ୍କା ଲାଗୁ କିଛି ଚିନ୍ତା ନାହିଁ । ଆପଣ ବ୍ଲଡ଼୍ ଦେଇ ଦିଅନ୍ତୁ—ବହୁତ ନଷ୍ଟ ହୋଇ ଯାଇ··· ।"

"ବ୍ଲଡ଼୍ କାହିଁ ? ଭାଗ୍ୟକୁ···ଡୋନେସନ୍ ମିଳିଗଲା ।"

"କିଏ ଦେଲା ବ୍ଲଡ଼୍ ? କିଏ ? ନରେଶ ବାବୁ ଓ ସୁନନ୍ଦା ଏକ ସଙ୍ଗେ ପ୍ରଶ୍ନ କଲେ ।

"ସେ କଥା କୁହା ଯିବ ନ—ସବୁବେଳେ ଡୋନର୍‌ମାନଙ୍କ ନାଁ କୁହାଯାଏ ନ—ତା' ପର ଏ କ୍ଷେତ୍ରରେ ଡୋନର୍‌ଙ୍କର କଡ଼ା ହୁକୁମ ତାଙ୍କ ନାଁ କୁହାଯିବ ନାହିଁ । ଡାକ୍ତର ହସୁଥିଲେ ।

"କିନ୍ତୁ ଏମିତି ତ କେହି··· ।"

"ପରମିଶନ୍ ନେବା ପର୍ଯ୍ୟନ୍ତ ବେଳ କାହିଁ ? ଅବଶ୍ୟ ଆପଣଙ୍କୁ ଜଣାଇବା ଉଚିତ୍ ଥିଲା । ମାତ୍ର···ସେଇ ଚନ୍ଦନ ଯିଏ ଆପଣଙ୍କର ପାଳିତ ପୁତ୍ର— ସେଇ ସଙ୍ଗେ ସଙ୍ଗେ ବ୍ଲଡ଼୍ ଦେଇଛନ୍ତି । ଟିକିଏ ବିଚାର ନାହିଁ, ଦ୍ୱିଧା ନାହିଁ । ବ୍ଲଡ଼୍ ନ ନେଲେ ତାଙ୍କ ଠାରୁ ସେ ପ୍ରଳୟ ସୃଷ୍ଟି କରିବେ ବୋଲି ଯେଉଁ ଧମକ ଦେଲେ ନା···ଆଶ୍ଚର୍ଯ୍ୟ, ଏପରି ପିଲା ଖୁବ୍ କମ୍ ଦେଖିଛି ।"

ସୁନନ୍ଦା ଚମକି ଗଲା ପରି ପଚାରିଲେ—"କିଏ ? କିଏ ବ୍ଲଡ଼୍ ଦେଇଛି ? ଚନ୍ଦନ ? ମୁଁ···ମୁଁ···ମୋତେ ବିଶ୍ୱାସ···ଓଃ···ମୋ ମୁଣ୍ଡ କ'ଣ ହୋଇ ଯାଉଛି···ରାକ୍ଷସଟା··· ।"

ନରେଶ ବାବୁଙ୍କୁ ଅନାଇଁ ଡାକ୍ତର ହସି, ହସି କହୁଥିଲେ— "ସୁନନ୍ଦା ଦେବୀଙ୍କୁ ଚନ୍ଦନ ଖୁବ୍ ଭଲ ପାଏ । ବ୍ଲଡ଼୍ ଦେଲା ବେଳେ ତାଙ୍କୁ କେମିତି ସେ ହଇରାଣ କରେ, ପଇସା ନିଏ, ରନ୍ଧାଯାଇ ଖାଇଦିଏ ଇତ୍ୟାଦି ଗପି ଚାଲିଥିଲା ଅର୍ନଗଳ ! ଇସ୍ ! ଶେଷରେ ତା'ର ଅନୁରୋଧ "ଡାକ୍ତର ବାବୁ ! ମାଉସୀଙ୍କୁ ମୋ ବ୍ଲଡ଼୍ ଦେବା କଥା, କ ପାଟି ଲୁଣ୍ଡ

କଥା କିଛି କହିବେ ନି— ବୁଝିଲେ·· କିଛି କହିବେ ନି । ମତେ ସେ ପୁଅ କରି ନେଇଛନ୍ତି ନାଁ, ଶୁଣିଲେ ତାଙ୍କର ମନ ଦୁଃଖ ହେବ··· ।”

ସୁନନ୍ଦା ସକାଳର ଝାଳ 'ଆଇ୍ ସ୍' ଭିଜା ଅଞ୍ଚଳଟା ମୁହଁରେ ଚାପି କହୁଥିଲେ ନରେଶ ବାବୁଙ୍କୁ—“ତୁମେ ଗପ କରୁଛ କ'ଣ ମ । ପିଲାଗୁଡ଼ାକ ସକାଳୁ ଖାଇ ନାହାନ୍ତି । ଯାଇଁ ଦେଖେ ସେ ଚନ ବୁଆଡ଼େ ଗଲା···ରାକ୍ଷସଟା ଗଛ ପତ୍ର ଭୋକ ଜ୍ୱାଳାରେ ଚୋବେଇ ଯିବଣି··· ।”

ନିଜ ଲୁହରେ ଭିଜି ଯାଇଥିଲା ଚନ୍ଦନର ଝାଳୁଆ ମୁହଁଟା ତାଙ୍କ ଛାତି ଭିତରେ । ସତେ ବା ବୁଢ଼ା ପୁଅକୁ ଗେଲ କରିବାକୁ ଯାଇ ଏତେ ଲୋକଙ୍କ ଆଗରେ ସୁନନ୍ଦା ଲଜ୍ଜା ଅପମାନରେ ଝାଉଁଳି ପଡ଼ିଛନ୍ତି··· !

# ସର୍ପ ଶିକାର

ମନର ଏକ ମନ ରହିଛି । ସେ ଅବଚେତନ । ସମୟେ ସମୟେ ସେ ମନକୁ କଥା କହେ । ସେ କଥା ଅଳୁଆଡ଼ୁଆ, କରୁଣ, ଅକରୁଣ, ହସ ଲୁହ ଫେଣ୍ଟାଫେଣ୍ଟି । ସବୁ ମିଶାମିଶି ଗୋଟାଏ ବିଚିତ୍ର ରସର ସମାହାର !

ସୁବ୍ରତ ବଗିଚାର ଗୋଟାଏ କୋଣରେ ଥିବା ମାଳୀର ଘୋଟିଆ କୁଡ଼ିଆଟି ଭିତରକୁ ଝିଙ୍କମାରିଲେ । ସେ ଶୋଇଛି । ଖୁବ୍ ଜର ତାକୁ ସବୁଦିନେ । ମିଞ୍ଜି ମିଞ୍ଜି ହୋଇ ଲଣ୍ଠଣଟି ଜଳୁଛି । ତା'ର ସ୍ତ୍ରୀ ଜାଇ ମରିଗଲା । ବଗିଚାରେ କେଉଁଠି ସାପ ଥିଲା କେଜାଣି, ତାକୁ ଗୋଟେ ମାରିଲା । କିଛି କଲା ପୂର୍ବରୁ ସେ ଚାଲିଗଲା । ଯେପରି ସେ ପୃଥିବୀରେ ସବୁ ଜନ୍ମରୁ ବଞ୍ଚିଭୁ'ତ ! ବିଚରା ମାଳୀର ପିଲା ନାହିଁ ? ନମିତା କହୁଥିଲା, କିଏ କାନ୍ଦିବ ତା' ପାଇଁ ? ପିଲା ଥିଲେ କ'ଣ କାନ୍ଦିଥାନ୍ତା ? କାହିଁ ବାପା ମରିଗଲା ପରେ ସେ ତ ଟିକିଏ ହେଲେ ବ୍ୟସ୍ତ ହୋଇ ନ ଥିଲେ ? ବାପା କ'ଣ ଆଉ ସବୁଦିନେ ବଞ୍ଚିଥାନ୍ତେ କି ? ନମିତାଟା ନିହାତି ବୋକା ! ଜନ୍ତୁ ସାପଟା ।

ସାପଟାକୁ ଖୋଜି ମାରିଦେବାକୁ ସୁବ୍ରତ କହିଲାରୁ ମାଳୀ ହସିଦେଲା ଆଉ କହିଲା—"ସେ ଗୋଖର ସାପ,ବାବୁ ! ଆପଣଙ୍କୁ ରାଜରାଜେଶ୍ୱର ଯୋଗ ଆସୁଛି ! ଭାଗ୍ୟ ଥିଲେ ଏ ସାପ ବସା ବାନ୍ଧେ ! ତା' ଦେହରେ ହାତ ଦେବେ ନାହିଁଟି ? ସେ ସାକ୍ଷାତ ଲକ୍ଷ୍ମୀ··· !"

ବଗିଚା ସମ୍ବନ୍ଧରେ ମାଳୀର ଥରେ ଥରେ ମାନସିକ ବିକୃତ ଘଟେ । ସୁବ୍ରତ ମନେ ମନେ କେବଳ ହସି ଦିଅନ୍ତି । ଲୋକଙ୍କର ଏଇ ବିକୃତ ଭଲ ପାଇବାକୁ ଜୀବନରେ ସେ କେବେ ସ୍ନେହଚକ୍ଷୁରେ ଦେଖି ନାହାନ୍ତି । ମାଳୀକୁ ଉଦାର ନ କହି ବୋକା କହିବାକୁ ହେବ ! ତାଙ୍କର ନାଇଟ୍ ଗାଉନ୍‌ରେ ଗଭିର ଶିଶିର ପଡ଼ି ଓଦା ହୋଇଗଲାଣି । ଚୁରୁଟି ବି ସରିଗଲାଣି । ପକେଟରେ ଖାଲି ବୋତଲଟା ପଡ଼ିଛି । ଜାଡ଼,

କିନ୍ତୁ ଗୋଟାଏ କରିବାକୁ ହେବ । ତୁମକୁ ଫେରିଯାଇ ଶୋଇ ପଡ଼ିବାକୁ ହେବ କିମ୍ବା ବଗିଚାରେ ଗଣି ଗଣି ଚୌରିଶ ଥର ଘୂରିଲେ ରାତିଟା ଶେଷ ହୋଇଯିବ, ମାତ୍ର ଶବ୍ଦ କରିବାକୁ ହେବନାହିଁ । ମାଳି ଶୋଇଛି । ଆଃ ! ମାଳି ଶୋଇଥାଉ । ତା'ର ଲଣ୍ଠଣଟି ଉଜ୍ଜ୍ୱଳ ହୋଇ ଜଳୁଥାଉ । ବଗିଚାରେ ଯେତେ ସାପ ଅଛି, ସମସ୍ତେ ନିଶ୍ଚିନ୍ତରେ ଶୁଅ । ଫୁଲସବୁ ସୁନ୍ଦର ହୋଇ ସକାଳରେ ଫୁଟିଉଠ ।

ବଗିଚାସାରା ଦେଶୀ ବିଦେଶୀ ଫୁଲ ଗଛର ସମାହାର । ରଙ୍ଗ ବେରଙ୍ଗ ଫୁଲ ଆଉ ପତ୍ର ।

ଖଣ୍ଡିଏ ଚୁରୁଟ ହେଲେ ଭଲ ହୁଅନ୍ତା, ମାତ୍ର··· ! ତା' ହେଲେ ଉପର ମହଲାର ବେଡ୍‌ରୁମ୍‌କୁ ଯିବାକୁ ହେବ । କେତେ ସିଡ଼ି ଆଉ କେତେ ଲୋକଙ୍କୁ ଅତିକ୍ରମ କରିଗଲେ ଯିନା ଆସିବେ ! ସେ ଭୀଷଣ କଷ୍ଟକର ବ୍ୟାପର । ହୁଏତ ସିଡ଼ିରେ ତାଙ୍କର ପାଦଶବ୍ଦ ଅନ୍ୟମାନଙ୍କୁ ସତର୍କ କରାଇବ । ହୁଏତ ତାଙ୍କର ପ୍ରିୟ କୁକୁର ତାଙ୍କୁ ଉପରକୁ ଛାଡ଼ି ନ ଦେଇ ପାରେ··· ! ଏ ସବୁ ଅତି ସତର୍କ କାରବାର । ତା' ଅପେକ୍ଷା ଏମିତି ଚୌରିଶ ଥର ବଗିଚା ପ୍ରଦକ୍ଷିଣ ହୁଏତ ସହଜ ବ୍ୟାପର; କିନ୍ତୁ ସେଥିରେ ବି ସାବଧାନତା ଦରକାର ! ଟିକିଏ ଅସତର୍କ, ଅସାବଧାନ ହେଲେ ମାଳି ଉଠିପଡ଼ିବ । ତା ମନରେ ସେଇ ରାଜରାଜେଶ୍ୱର ସର୍ପଟିପାଇଁ ପ୍ରତୀକ୍ଷା ଯେ ନ ଥିବ କିଏ କହିବ ।

ସୁବ୍ରତ ଚୌଧୁରୀ ମନକୁ ମନ ହସିଲେ । ସତର୍କତା ଓ ସାବଧାନତାର ଫଳ ଏଇ ଶତାବ୍ଦୀ । ସେଥିରେ ତାଙ୍କର ଯଥେଷ୍ଟ ପାରଦର୍ଶିତା ରହିଛି ବୋଲି ଖ୍ୟାତି ଅଛି ।

ଶିଶିରଭଜା ରାତିରେ ଏମିତି ଅନେକ ଲୋକଙ୍କ ଉନ୍ନିଦ୍ର ରାତି ଯାପନର ଇତିହାସ ସେ ଶୁଣିଛନ୍ତି । ଶୁଣିଲେ କି ପଢ଼ିଲେ କଥାଗୁଡ଼ିକ ବେଶ୍ ଆମୋଦ ଦିଏ । ସେସବୁ ଗଳ୍ପ ଅବସର-ବିନୋଦପାଇଁ ଉଦ୍ଦିଷ୍ଟ, କିନ୍ତୁ ଅନୁଭବୀର ଜୀବନରେ ଯେ ତା'ର ରୋମାଞ୍ଚ ନାହିଁ ଏ କଥା କେବେ ସୁବ୍ରତ ଚୌଧୁରୀ ବିଶ୍ୱାସ ନ କରିଥିଲେ ବି, ମୁହୂର୍ତ୍ତର ଦାୟରେ ସେ ଯେମିତି ସାଲିଶ୍ କରି ନେବାକୁ ବାଧ୍ୟ ।

ନା, ନା, ହବନ, ଆଉ ନିଷ୍ଫଳ ଭାବରେ ଛିଡ଼ା ହୋଇ । ସେ ଏକ ନିଶ୍ୱାସରେ ମାଳିର ଘର ପାଖରୁ ଗେଟ୍ ପର୍ଯ୍ୟନ୍ତ ଧାଇଁଯିବେ ବୋଲି ଭାବିଲେ । ନା, ସେଇଟା ମଧ୍ୟ ଠିକ୍ ହେବ ନ, ତାଙ୍କର ଦୌଡ଼ଷେଫ

ମଧ୍ୟରେ ଗୋଟିଏ ଟାଙ୍କୁ ବାଦ ଦେବାକୁ ହେବ । କାରଣ ଦରଓ୍ୱାନ ସେଠି ଅଛି, ହୁଏତ ସେ ତାଙ୍କୁ ପାଗଳ ବୋଲି ଶେଷ ସିଦ୍ଧାନ୍ତ କରି ନେଇପାରେ । ଥରେ ସେ ନମିତାକୁ କହୁଥିଲା—'ମା ! ବାବୁ ମହାବାଇଆ ଲୋକ, ଯାହା ମନକୁ ଆସିବ ସେଇଆ କରିବେ !' କେଉଁ ପ୍ରସଙ୍ଗରେ ସେ କଥା କହୁଥିଲା, ସବୁ ତ ଜାଣନ୍ତି ନାହିଁ ; କିନ୍ତୁ ମନେହେଲା ଯେପରି ନମିତାକୁ କଥାଟା ମିଥ୍ୟା ଲାଗିଲା ନାହିଁ ।

ନମିତାର ଏମିତି କଥାଗୁଡ଼ାକ ସହଜରେ ଗ୍ରହଣ କରି ନେବାର ମାନେ କ'ଣ ? ଦରଓ୍ୱାନ ଓ ନମିତାର ମୁଣ୍ଡ ଭିତରେ କିଛି ବୁଦ୍ଧିଗତ ପାର୍ଥକ୍ୟ ନାହିଁ ? ହଁ, ତା' ବି ହୋଇପାରେ । ଭଲ ଖାଦ୍ୟ ଓ ପରିସର ଯେ ସବୁବେଳେ ବୁଦ୍ଧି ଖୋଲିଦିଏ ଏମିତି କିଛି ମାନେ ନାହିଁ । ନମିତା କ'ଣ କମ୍ ବୋକା ! ମନକୁ ମନ ପୁଣି ହସ ଲାଗିଲା ତାଙ୍କୁ । ମାଲି, ଦରଓ୍ୱାନ୍ ଆଉ ନମିତା ସମସ୍ତେ ଏକ ସରଳରେଖାରେ ଅବସ୍ଥିତ ତିନୋଟି ବିନ୍ଦୁ କମ୍ବା ସମବାହୁ ବିଶିଷ୍ଟ ଗୋଟିଏ ତ୍ରିଭୁଜ ; ଅତଏବ ସେମାନଙ୍କ ସମ୍ବନ୍ଧରେ ଆଲୋଚନା କରି ସମୟ ନଷ୍ଟ କରି ଲାଭ ନାହିଁ ।

ରୁମାଲରେ ମୁହଁଟା ପୋଛିନେଲେ ସୁବ୍ରତ ଚୌଧୁରୀ । ଇସ୍ ! ସୁନ୍ଦର ଗନ୍ଧ ଏସେନ୍ସର ଏବେ ବି ରହିଛି । ସିନ୍ଥାର ଏସେନ୍ସ ଗନ୍ଧ ଦିଏ । ସମଗ୍ର ଦେହରେ ମେଞ୍ଚା ମେଞ୍ଚା ଏସେନ୍ସ ସେ ବୋଳିହୁଏ । ତା'ର ଗନ୍ଧ କେବଳ ପ୍ରଫୁଲ୍ଲତା ଦିଏ ନାହିଁ, ନିଶା ଧରାଏ ସୁବ୍ରତଙ୍କୁ । ନିଶା, ଘୋର ନିଶା । ସେ ନିଶାର ଆଭାସ ନାହିଁ ନମିତାଠାରେ କମ୍ବା··· !

ଏକ ନିଃଶ୍ୱାସରେ ଦଉଡ଼ିଗଲେ ସୁବ୍ରତ ଚୌଧୁରୀ, ବଗିଚାର ଏ ମୁଣ୍ଡରୁ ସେ ମୁଣ୍ଡ । ପଶ୍ଚିମ କୋଣର ପାଚେରି ପାଖରେ ସେ ଅଟକିଗଲେ । ଏତେ ଶୀତ ରାତିରେ ବି ଝାଳ ଜକେଇ ଉଠୁଛି, ଆଉ ଛାତି ଭିତରଟା ଧମ୍ ଧମ୍ ହେଉଛି ।

ହଠାତ୍ କେମିତି ମନଟା ଅବସନ୍ନ ହୋଇଗଲା, କେତେ ଏମିତି ତାଙ୍କୁ ବୟସ ହେଲାଣି କି ? ଏ ରକମ କ୍ଲାନ୍ତି ତ ଆଦୌ ଭଲ ନୁହେ । ଏଇ ଦଶ ବର୍ଷ ତଳେ ସେ କେତେ ଖେଳୁଥିଲେ, ଫୁଟବଲ ଖେଳି କେତେ ପ୍ରାଇଜ୍ ପାଇଥିଲେ । ହାଇଜମ୍ପ, ଲଂଜମ୍ପରେ ଫାଷ୍ଟ ପ୍ରାଇଜ ତାଙ୍କର ଥୁଆ । କେବେ ବନେ ହାତଗୋଡ଼ ଛିଡ଼ି ନ, କି ପଡ଼ି ଯାଇ ନାହାନ୍ତି । ତାଙ୍କର ମସ୍‌ଲଗୁଡ଼ାକ ଖୁବ୍ ଶକ୍ତ, ଖୁବ୍ ଟାଣ । ଅଥଚ ତାଙ୍କର ମୁଣ୍ଡ, ଗୋଡଣାଟା,

ଦୁର୍ବଳଆଠା । ଯେତେ ଯାହା କଲେ ବି କିଛି ହେଲା ନା । ବାଧ କରି ସେ ଦିନ ତାଙ୍କୁ ଖେଳ ପଡ଼ିଆକୁ ପଠାଇଥିଲେ ଯେ ଆଣ୍ଠୁ ଫ୍ରାକଚର କରି ହସ୍ପିଟାଲରେ ଦି' ମାସ ରହିଲା । ଦୁର୍ବଳ ନହାନ୍ତି ସେ ।

ଧେତ୍ ! ନିଜ ଆଣ୍ଠୁଟା କାହିଁକି କମ୍ପୁଛି । ବୋଧହୁଏ, ଶୀତ ଟିକିଏ ବେଶି ହୋଇ ଯାଇଛି ; ନଚେତ୍ ସେ ତ ଆଦୌ ଦୁର୍ବଳ ନୁହନ୍ତି । ପ୍ରତି ସପ୍ତାହରେ ତାଙ୍କର ହାଉସ୍ ଫିଜିସିୟାନ୍ ମତ ଦିଅନ୍ତି—ସେ ସୁସ୍ଥ, ପୂର୍ବାପେକ୍ଷା ସେ ଅଧିକ ସୁସ୍ଥ । ପ୍ରଚୁର ପ୍ରୋଟିନ୍ ଭିଟାମିନ୍‌ରେ ସେ ନିଜକୁ ସତେଜ ରଖିଥାନ୍ତି ; ଅତଏବ ଥକିବାର ପ୍ରଶ୍ନ ଉଠେ ନାହିଁ । ସେଇଟା ବୋଧହୁଏ ରାତି ଯୋଗୁ ଟିକିଏ ଭ୍ରମ ସୃଷ୍ଟି କଲା । ତଥାପି ଆଣ୍ଠୁକୁ ସବଳ ସତେଜ ରଖିବା ପାଇଁ ପାଚେର ଉପରେ ସେ ଆଉଜି ପଡ଼ିଲେ ।

ପାଚେରି ସେ ପାଖରେ ଟିକିଏ ଦୂରେଇ ମାଳ ମାଳ ହୋଇ ଛପର ଘର । ଶ୍ରମିକ ବସ୍ତି । ଖାଲି ଶୂନ୍‌ଶାନ୍ । ଏତେବଡ଼ ଶୀତ ରାତିରେ ବି ଦଳ ଦଳ ହୋଇ ବାହାରେ ଶୋଇଥିବାର ଦେଖାଯାଉଛି । ଆଃ, କି ମଜା ଲାଗୁଥିବ ! ଏମାନେ ମଣିଷ ନା ପଶୁ ? ଏପରି ଭାବରେ ମଣିଷ ବସବାସ କଲେ ଜାନୁଆର ପାଲଟି ଯାଏ । ସେଇଥିପାଇଁ ତ ସେମାନଙ୍କର ଏତେ ଷ୍ଟ୍ରାଇକ୍, ଏତେ ହଲ୍ଲା, ଏତେ ଆସୋସିଏସନ୍, ଏତେ ରାଜନୀତି । ଗୁଡ଼ାଏ ଅପଗଣ୍ଡ ଅପଦାର୍ଥ ! ଅଥଚ ଏଇମାନଙ୍କୁ ନେଇ ଦେଶର ସବୁ ବୁଦ୍ଧିଜୀବୀ, ସବୁ ଧର୍ମାନୁଷ୍ଠାନ, ସବୁ ସଂସ୍ଥା ବ୍ୟସ୍ତ । ଏଇମାନେ ନ ହେଲେ ରାଜ୍ୟର ରାଜନୀତି, ଧର୍ମନୀତି ସବୁ ଅଚଳ; କିନ୍ତୁ କାହିଁକି ? ବଞ୍ଚିବାରେ ଯେଉଁମାନଙ୍କର ପ୍ରେମଞ୍ଜବୋଧ ନାହିଁ, ସେମାନେ ବଞ୍ଚିବେ କାହିଁକି ? ରାସ୍ତାରେ ନିଅନ ଆଲୋକରେ ସେମାନଙ୍କର ମୁଣ୍ଡଗୁଡ଼ିକ ଏପରି ଏକ ସରଳ ରେଖ ରେ ଅବସ୍ଥାପିତ ହେଲାପରି ଦେଖାଯାଉଥିଲା ଯେ ସୁବ୍ରତଙ୍କର ଇଚ୍ଛା ହେଉଥିଲା, ବନ୍ଧୁକର ଗୋଟିଏ ଗୁଳିରେ ବେଶ୍ ଆରାମରେ ଅନେକଗୁଡ଼ିଏ ମୁଣ୍ଡକୁ ଉଡ଼େଇ ଦିଆଯାଇ ପାରନ୍ତା । ନାଃ ! ତା' ହେବ ନି । ଏମାନଙ୍କଠାରୁ ବଳି ଆଉ ଏକ ଅପଦାର୍ଥ ତାଙ୍କ ଉପରେ ସବାର ହୋଇ ବସିଛି ; ସରକାର । ଯିଏ ଗଣତନ୍ତ୍ରର ସରକାର, ଯିଏ ଗଣଠାରୁ ଅଧିକ ଦୁର୍ବଳ, ଆହୁରି ଖାଚୁ ।

ସଳଖି ହୋଇ ଛିଡ଼ାହେଲେ ସୁବ୍ରତ । ଆଣ୍ଠୁ ବର୍ତ୍ତମାନ ବେଶ୍ ଶକ୍ତ ଲାଗୁଛି । ଦେହଟି ଟିକିଏ ଫୁର୍ତ୍ତି ଲାଗୁଛି । ରକ୍ତ ସଞ୍ଚଳନ ବେଶ୍

ଭ୍ରୂଭଙ୍ଗରେ । ବାସ୍ତବିକ ଚନ୍ଦ୍ରାଧାସ୍ମି ଓ ବ୍ୟକ୍ତିବିଶେଷର ଗୋଟିଏ ପ୍ରଭାବ ଅଛି । ଶରୀର ଉପରେ ହୁଏତ ସ୍ପିରିଟର ଏସେନ୍ସ ଗନ୍ଧ ଏମିତି ତାଙ୍କୁ ଦୁର୍ବଳ କରେଇ ଦେଇଥିଲା । ସିଏ ନିଜେ ବି କାଓ୍ୱାର୍ଡ଼ । ହାସ୍ୟ, ହାସ୍ୟ ! ଠୋ-ଠୋ-କରି ହସି ଉଠିଲେ ସୁବ୍ରତ ଚୌଧୁରୀ ନିଜ ଚନ୍ଦ୍ରାରେ । କିଏ ? କିଏ ? ହସଟା ତ ତାଙ୍କ ନିଜର ନୁହେଁ··· । କିଏ ତେବେ ହସୁଛି ? ଚତୁର୍ଦ୍ଦିଗକୁ ଗ୍ଭହିଁଲେ ସେ, କେହି ନାହିଁ, କେବଳ ନିଜେ ଆଉ ନିଜର ପ୍ରତିଧ୍ୱନି । ନିଜର କଣ୍ଠଟା କେଉଁଦିନ ଏମିତି କରି କରି ହୋଇ କର୍କଶ ହୋଇଗଲାଣି କେଜାଣି ? ଅଥଚ ମଧୁଛନ୍ଦା କହେ ତାଙ୍କର କଣ୍ଠର ଆଓ୍ୱାଜରେ ତା'ର ନିଥର ନୂପୁରର ଛନ୍ଦ ଚପଳ ଚଞ୍ଚଳ ହୋଇ ଉଠେ ।

ଖୁବ୍ ଦୂରରେ ବୋଧେ ସେଇଟା ତା' ଘରର ଲାଇଟ୍ ଖୁଣ୍ଟି ହେବ । ଅସ୍ପଷ୍ଟ ହେଲେ ବି ଧରି ହେଉଛି । ସେ ଶୋଇଥିବ ? ନାଃ ! ତା' ଘରର ଆସର ଏତେ ଶୀଘ୍ର ସରେ ନାହିଁ । ଗାଇ ଗାଇ କି ନାଚି ନାଚି ସେ କେବେ କ୍ଲାନ୍ତ ହୁଏ ନାହିଁ ! ତା'ର କଣ୍ଠରେ ବଣି ବଣି ମୀରାଭଜନ ଓ ପାଦରେ ଘୁଙ୍ଗୁର ଛନ୍ଦ ବେଶ୍ କଚ୍ଛି ଲାଗୁଥିଲା ସୁବ୍ରତ ଚୌଧୁରୀଙ୍କୁ । ଦେଶ ବିଦେଶର ଉଚ୍ଚସ୍ତରୀୟ ନାଚ-ଗୀତରେ କ୍ଲାନ୍ତ ହୋଇଗଲେ ସୁବ୍ରତ ଥରେ ଥରେ ମଧୁଛନ୍ଦାର ଘରେ ସନ୍ଧ୍ୟା ଯାପନ କରିବାକୁ ଯାଆନ୍ତି···ମାତ୍ର ସେ ସାମାନ୍ୟ କେତେ ମୁହୂର୍ତ୍ତ ।

ତାଙ୍କର ମନେହୁଏ ମଧୁଛନ୍ଦା ଗୋଟାଏ ହିମଶୀତଳ ଝରଣା । ତା'ର ଶୀତଳ ବରଫ ସ୍ପର୍ଶରେ ସୁବ୍ରତ ଚୌଧୁରୀଙ୍କ ଖେଳଓ୍ୱାଡ଼, ଭିଟାମିନପୁଷ୍ଟ ମାଂସପେଶୀ ସବୁ ସ୍ଥାଣୁ ଓ ସ୍ପନ୍ଦନଶୂନ୍ୟ ହୋଇଯାଏ । ତା' ଦେହର ସ୍ପର୍ଶରେ ମାଦକତା ନାହିଁ ସ୍ପିରିଟର ଏସେନ୍ସ ପରି, ଅଛି ଗୋଟାଏ ଅଦ୍ଭୁତ ଜଡ଼ତା। ସବୁଠି ସ୍ତମ୍ଭିତ ହୁଅନ୍ତି ସୁବ୍ରତ ଚୌଧୁରୀ । ମଧୁଛନ୍ଦା ଯେତେବେଳେ ପୁରାଣବର୍ଣ୍ଣିତ ଦେବଦାସୀ ପରି ନାଚରେ ମଶଗୁଲ ହୋଇ ଭଜନ ଗାଇ ଗାଇ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ଆଗରେ ଝରଝର ଧାରରେ ଅଶ୍ରୁ ନିବେଦନ କରେ ! ସେ ଏକ ଅଖାଦ୍ୟ ଅବସ୍ଥା ! ତା'ର ନିଥର ଅପଲକ ଚାହାଣି ଅସ୍ଥିର କରି ପକାଏ ସୁବ୍ରତଙ୍କୁ । ଇଚ୍ଛା ହୁଏ, ତା'ର ଦେବଦାସୀ ପରିଧାନକୁ ଚିରି ଦେଇ ଛିନ୍ନଭିନ୍ନ କରି ପକାଇ ଦିଅନ୍ତେ···ଖିଲଖିଲ କରି ହସିଅନ୍ତେ ତା'ର ଶରୀରର ଭିତ୍ତି । ଶିରା ପ୍ରଶିରା ଆଉ ଇନ୍ଦ୍ରିୟର ଜଟିଳ ଗ୍ରନ୍ଥିସବୁ ଏବଂ ତା'ର ସେଇ ଶୀତଳ ଅଗ୍ନିବର୍ଷୀ ସୁନ୍ଦର ବଡ଼ ବଡ଼ ଆଖି

ଦି'ଟାର ଜ୍ୟୋତିକୁ ନଷ୍ଟ କରି ଦିଅନ୍ତେ ଚିରଦିନ ପାଇଁ । କିନ୍ତୁ···ତା' ହୋଇ ପାରେ ନା···କେବଳ ଏଇ ବିକଳ ଗଣତାନ୍ତ୍ରିକ ଆଇନ ଓ ସରକାର ପାଇଁ । ସେଇଥିପାଇଁ ତାଙ୍କର ବଳିଷ୍ଠ ମାଂସପେଶୀ ମଧୁଛନ୍ଦାର ଶୀତଳ ସ୍ପର୍ଶରେ ଏକ ଭୟାନକ ଅନୁଭୂତିରେ ଜଡ଼ ପାଲଟି ଯାଏ··· !

ନମିତା ପରି ତା'ର ଅଭିଯୋଗ ନାହିଁ, ସ୍ମିତା ପରି ତା'ର ଅଭିମାନ ନାହିଁ । ଅଛି ତା'ର ଅପରିସୀମ ମମତା, ଅସୀମ ଭକ୍ତି ! ସେ କହେ ସୁବ୍ରତ ତା'ର ଜୀବନ୍ତ ଦେବତା ! ଶ୍ରୀକୃଷ୍ଣଙ୍କ ଫଟୋ ଅନ୍ତରାଳରେ ସେ ସାଇତି ରଖିଛି ତାଙ୍କର ଫଟୋ । ସେଥିରେ ବି ଲାଗିଛି ସିନ୍ଦୁର ଚନ୍ଦନ । ହୁଏତ ସେ ତାଙ୍କୁ ଭୋଗ ବି ଦେଉଥିବ···!

ନିଜର ତାରିଫରେ ସୁବ୍ରତ ଚୌଧୁରୀ ହସି ଉଠିଲେ । ତାଙ୍କର ଶରୀର-ଗଠନ ଅପୂର୍ବ ସତେ ! ଦେହ ହାତ ମୁହଁ ଉପରେ ହାତ ବୁଲାଇ ଆଣିଲେ ସେ । ବରଫପରି ଶୀତଳ ଲାଗୁଛି ତାଙ୍କର ଖଣ୍ଡା ପରି ନାକଟା । ସେଇ ଚିନ୍ତାର ପ୍ରଭାବ । ପୁଣି ଆଣ୍ଠୁଟା କିପରି କମ୍ପି ଉଠୁଛି କାହିଁକି କେଜାଣି ! ମଧୁଛନ୍ଦା ପାଖରେ ବେଳେ ବେଳେ ଯେଉଁ ବିଭତ୍ସ ଶୀତଳତା ତାଙ୍କୁ ଆଚ୍ଛନ୍ନ କରିଦିଏ ସେଥିରୁ ଗୋଟାଏ କଣିକା ବୋଧହୁଏ ବର୍ତ୍ତମାନ ତାଙ୍କର ଗୋଡ଼କୁ ନିହାତି ଦୁର୍ବଳ ଭାବ ଆକ୍ରମଣ କରି ବସିଛି !

ସୁବ୍ରତ ଚୌଧୁରୀ ନିଜ ଉପରେ ବିରକ୍ତ ହୋଇ ଉଠିଲେ । ମନଭିତରେ କାନ ରଗଡ଼ି କିଏ ଯେମିତି କହି ଉଠିଲା, ଗୋଡ଼ହାତ ଭାଙ୍ଗିଯାଉ, ମୁଁ କ'ଣ କରିପାରେ, ନନ୍‌ସେନ୍‌ସ ! ଯେତେ କହିଲେ ବି ନାରୀ ସମ୍ବନ୍ଧୀୟ କିମ୍ବା ଧର୍ମ ସମ୍ବନ୍ଧୀୟ ଚିନ୍ତା ବିଶେଷତଃ ଶ୍ରୀକୃଷ୍ଣଙ୍କ ପ୍ରଳୟଙ୍କରୀ ପ୍ରେମଲୀଳାଠାରୁ ନିଜକୁ ସ୍ୱତନ୍ତ୍ର ରଖିବାକୁ । ତୁ ଇଡ଼ିୟଟ୍ ନମ୍ବର ୱାନ୍, କେବଳ ଅହର୍ନିଶ ସେଇ ଚିନ୍ତାରେ ସମୟ କଟାଇବୁ । ତୋ' ଦେଇ କିଛି ହେବ ନି···!

ଧେତ୍‌ତରି ! ମମାନ୍ଦ୍ରର କଥାଗୁଡ଼ାକ ଶେଳ ବିନ୍ଧିଲା ପରି ଛାତି ଭିତରଟା ଫୁଟେଇ ଦଉଛି । ସେ ଟିକିଏ ଅନ୍ୟମନସ୍କ ହେଲେ ମମାନ୍ଦ ତାଙ୍କୁ ଏମିତି ଗୁଡ଼ାଏ ଭର୍ତ୍ସନା କରେ, ଆଉ ଆକ୍ଷେପ କରେ ଯେ ସେ ସ୍ତ୍ରୈଣ ! ସ୍ତ୍ରୈଣ ? ଫୁଲ୍, ମମାନ୍ଦ୍ର ଗୋଟାଏ ଜବରଦସ୍ତ ଫୁଲ୍···କାରଣ ସ୍ତ୍ରୈଣ ଶବ୍ଦର ମାନେ ସେ ଜାଣେ ନାହିଁ ! ଅଥଚ ସୁବ୍ରତ ଚୌଧୁରୀ କେବେ ତା' କଥାରେ ପ୍ରତିବାଦ କରିନାହାନ୍ତି··· ! ମମାନ୍ଦ୍ରର ନିଜ ସ୍ତ୍ରୀପାଇଁ ରହିଛି ଗଭୀର ନିଷ୍ଠା,

ଗାନ୍ଧାରୀ ପ୍ରେମ ଆଉ କର୍ତ୍ତବ୍ୟବୋଧ ! ସ୍ତ୍ରୀକୁ ନେଇ ସବେ ଅବା ସେ ଯାଗଲ ! ମାତ୍ର ପ୍ରତିଦିନ ଟୋକାଏ ଫୁଲ ନେଇ ସେ ସୁଚରିତା ଘରକୁ ଯାଏ କାହିଁକି ? କାହିଁକି ସୁଚରିତାକୁ ଦେଖିଲେ ସେ ଅନ୍ୟମନସ୍କ ହୋଇ ଯାଏ ? ଜାଣେ, ସୁବ୍ରତ ଚୌଧୁରୀଙ୍କୁ କେହି ଏତେ ସହଜରେ ଫାଙ୍କି ଦେଇ ପାରିବ ନ ! ଉଡ଼ନ୍ତା ଚଢ଼େଇର ପର କ'ଣ ଶିରା-ପ୍ରଶିରା ବି ସେ ଗଣିଦେବ ଆଖି ପିଛୁଳାକେ ! ତେବେ ମଣାନ୍ଦ ଉଡ଼ ଶିଖୁଛି, ଶିଖୁ, ବର୍ତ୍ତମାନ ତାକୁ ବାଧା ଦେଲେ ତା'ର ଅଣ୍ଟା ଭାଙ୍ଗିପଡ଼ିବ···ସୁବ୍ରତ ଚୌଧୁରୀ ତ ବଜ୍ରକପୋତ !

ନିଜର ଚିନ୍ତାରେ ନିଜେ ସେ ହସି ଉଠିଲେ, ମାତ୍ର ଗୁଣ୍ଡ ଖୋଲି ହସି ହେଉ ନ କାହିଁକି ? କପାଳ ଗୋଟାଏ ଅସ୍ୱସ୍ତିବୋଧ ଜମି ଆସୁଛି ! ହଠାତ୍ ଗୋଟାଏ ଖସ୍ ଖସ୍, ସୁଁ ସୁଁ ଶବ୍ଦରେ ସେ ଚମକି ପଡ଼ିଲେ । ସାପ ? ହୋଇପାରେ, ହୋଇପାରେ ସେଇ ରାଜରାଜେଶ୍ୱର ସର୍ପଟି । ତାଙ୍କର ଚିନ୍ତାକୁ ଅଭିବାଦନ କରିବାକୁ ଶଙ୍ଖନାଦ କରି ଆସୁଛି ! କିନ୍ତୁ ବଡ଼ ଅସମୟରେ ଆସିଗଲା ଯେ !

ଫେର୍ ଇଏ କ'ଣ ? ଗୋଡ଼ ଦୁଇଟା କମ୍ପୁଛି । ଆଣ୍ଠୁଟାରେ ଜମିଗଲାଣି ଶୀତରାତ୍ରିର ସମସ୍ତ ଜଡ଼ତା ! ନା, ନାଁ ସେ ଆଉ ଠିଆହୋଇ ପାରିବେ ନାହିଁ ! ଖାଟେର ଉପରେ ଆଉଜିଗଲେ ସୁବ୍ରତ ! କିନ୍ତୁ ବେଶି ସମୟ ନୁହେଁ··· ! ଶବ୍ଦଟା ଯେମିତି ନିକଟରୁ ନିକଟତର ହେଉଛି ! ଆଉ ହେବନି···ହେବନି, ଅସମ୍ଭବ !

ଏକ ଲମ୍ଫରେ ଖାଟେର ଉପରକୁ ଉଠିଗଲେ ସେ ! କି ସାଙ୍ଘାତିକ ଭୟ ଆଜି ତାଙ୍କର ହୋଇଛି ! ସେ ଆଣିନାହାନ୍ତି ଚାବୁକ୍, ପିସ୍ତଲ୍ କିମ୍ବା ସାପଙ୍କର ପେନ୍‌ସିଲ ଟର୍ଚ୍ଚ ! ସମସ୍ତଙ୍କୁ ଛାଡ଼ି ଆସି ସେ ଅସହାୟ ହୋଇ ପଡ଼ିଛନ୍ତି ! ସାମାନ୍ୟ ଗୋଟାଏ ସାପର ଉପସ୍ଥିତି ତାଙ୍କ ଭଳି ବିଖ୍ୟାତ ଶିକାରୀଙ୍କୁ ଥରତରକିତ କରାଉଛି ! ଆହା ! ପକେଟ୍ କୋଣରେ ଟୋପାଏ ମଦ ହୁଇସ୍କି ଥାଆନ୍ତା ?

ସୁବ୍ରତ ଚୌଧୁରୀ ନିଜର ଗୋଡ଼ ଦଣ୍ଡଟିକୁ ଶକ୍ତ କରିବାକୁ ଚେଷ୍ଟା କରିଥିଲେ ! ନିଜର ଅସହାୟତାରେ ସେ ଲଜ୍ଜିତ ହୋଇ ଉଠୁଥିଲେ ! ସାମାନ୍ୟ ଗୋଟାଏ ସାପର ଉପସ୍ଥିତି ତାଙ୍କୁ ବିଚଳିତ କରିଦେଉଛି··· !

ଅଥଚ ? ଅଥଚ ମିସ୍‌ଲଜା ଗୃହେ ଗୋଟାଏ ସାପର ଚମଡ଼ା ! ତାକୁ ସେ ସାପୁଆ କେଳାପରି ବେକରେ ପକାଇ ନାଚିବ ! ଚମତ୍କାର

ସ୍ପିଟଫେଡ୍ ଝିଅ ଏକା ଲିଜା—ଏଲିଜାବେଥ ! ଶରୀରର ରଙ୍ଗ, କେଶର ଲାବଣ୍ୟ ସହିତ ମନର ବିଳାସ ବେଶ୍ ଉପଭୋଗ୍ୟ । ଭୋଗର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କ୍ଲାନ୍ତି ନାହିଁ, ଅଭିମାନ ନାହିଁ, ଖାଲି ନିରବଚ୍ଛିନ୍ନ ଭୋଗ ଆଉ ଭୋଗ··· । ବାଃ ! ଲିଜାକୁ ଯଦି ସେଇ ରାଜରାଜେଶ୍ୱର ସର୍ପଟିର ଚମଡ଼ାଟିକୁ ଉପହାର ଦେଇପାରନ୍ତେ ସୁବ୍ରତ ?

ମନ ଭିତରେ ଏକ ଅପୂର୍ବ ଉଲ୍ଲାସ ସ୍ୱତଃସ୍ଫୂର୍ତ୍ତ ହେଉଛି ! ଲିଜାର ସ୍ମରଣରେ ହିଁ ଅଛି ସାମ୍ପେନ୍‌ର ଆମେଜ୍ । ଗୋଟାଏ ବିଭୋର ଓ ଆଚ୍ଛନ୍ନ କରି ରଖିବାର ଶକ୍ତି ! କି ଏନର୍‌ଜେଟିକ୍ ଲିଜା ? ଜଙ୍ଗଲସାରା ସେଦିନ ବୁଲି ବୁଲି ସେ କ୍ଲାନ୍ତ ହେଲା ନାହିଁ । ଖରାରେ ତା'ର ଗୋରା ଦେହଟା ପୋଡ଼ି ଯାଇ ତମ୍ବା ରଙ୍ଗ ଧାରଣ କରିଥାଏ । ମୁହଁସାରା ଝାଳ । ଆଉ ? ଆଉ ଯେତେବେଳେ ସେ ତା'ର ସ୍କାର୍ଟଟା ଖୋଲି ଦେଇ ଗଛ-ଛାଇ ତଳେ ତା'ର ଅଳସକ୍ଲାନ୍ତ ନଗ୍ନ ଶରୀରକୁ ବିଛେଇ ଦେଇଥିଲା ମନେ ହେଉଥିଲା ଗୋଟାଏ ସ୍ୱର୍ଗର ଅପ୍‌ସରୀ ଅବା ଖସି ପଡ଼ିଛି । ସେ ଦୃଶ୍ୟରେ ସୁବ୍ରତ ଚୌଧୁରୀଙ୍କୁ ନିଶା ଲାଗି ଯାଇଥିଲା···ଘୋର ନିଶା ! ଯେଉଁ ନିଶା ଯେଉଁ ସରପ୍ ନମିତା, ସ୍ମିତା, ମଧୁଚ୍ଛନ୍ଦା କି ଲୀନା ତାଙ୍କୁ କେହି ଦେଇପାରି ନ ଥିଲେ··· ! ଆଉ ଯେତେବେଳେ ଲିଜା ତା'ର ବାହୁଗୁଡ଼ାଇ ତାଙ୍କ କଣ୍ଠ ଦେଶରେ ନିବେଦନ କରି କହିଥିଲା, ଡାର୍ଲିଂ ! ଉଃ ! ସେ ଘୋର ନିଶା, ସମଗ୍ର ପୃଥିବୀ ଟଳୁଥିଲା··· ! ଏଇ ମୁହୂର୍ତ୍ତରେ ବି ସେ କଥା ସ୍ମରଣରେ ତାଙ୍କୁ ନିଶା ଧରି ଆସୁଛି । ରକ୍ତର ବେଗ ପ୍ରଖର ହୋଇଆସୁଛି··· !

ନାଁ, ନାଁ ଲିଜା ପରି ବନ୍ଧୁ ବିରଳ । ଆଜିର ଦୁନିଆରେ ବାପ, ମା', ଭାଇ, ଭଉଣୀ, ସ୍ୱାମୀ, ସ୍ତ୍ରୀ ସବୁ ମିଳିବ; ମାତ୍ର ସଚ୍ଚୋଟ ବନ୍ଧୁ ମିଳିବା ଏକ ଦୁରୂହ ବ୍ୟାପାର । ବନ୍ଧୁ ପୁଣି ଲିଜା ପରି ବନ୍ଧୁ । ଗୋଟିଏ ଯୁଗ ଯାହା ପାଖରେ ଗୋଟିଏ ପଲକରେ ସରିଯାଏ ଅଥଚ ତା'ର ବାଧ୍ୟ ନାହିଁ, ଯନ୍ତ୍ରଣା ନାହିଁ, କି ଅନୁତାପ-ବୋଧନାହିଁ । ଅଛି ଖାଲି ଉଲ୍ଲାସ, ତନ୍ଦ୍ରା ଆଉ ନିଶା··· !

ସେଦିନ ସେ କହୁଥିଲା, ଭାରତବର୍ଷରୁ ଫେରିଗଲା ବେଳେ ସେ ସାଙ୍ଗରେ ନେଇଯିବ ଗୋଟାଏ ଉତ୍କୃଷ୍ଟ ସର୍ପର ଚମଡ଼ା, ଯେ ତା'ର ଚିର ଦିନପାଇଁ ସ୍ମୃତିର ସ୍ମାରକୀ ହୋଇ ରହିବ । ସୁବ୍ରତ ଚୌଧୁରୀ ଉତ୍ତର ଦେଇ ପୂର୍ବରୁ ଅମରନାଥ ଆଗ୍ରହ ଦେଖାଇ କହିଥିଲା, ତା' ଅଧୀନରେ ଥିବା

ସମସ୍ତ ଜଙ୍ଗଲ ଅନୁସନ୍ଧାନ କରି ସେ ଗୋଟାଏ କାହିଁକି ହଜାରେ ସାପର ଚମଡ଼ା ତାଙ୍କୁ ଭେଟି ଦେବ ! ଅମରନାଥ ସଙ୍ଗରେ ଟକ୍କର ଦେଇ କଥା କହିବାକୁ ଇଚ୍ଛା ହେଉଥିଲା ତାଙ୍କର ! କିନ୍ତୁ ଭୁଲ ହୋଇଥାନ୍ତା ! ଅମରନାଥ ଆଇ. ଏଫ୍. ଏସ୍ ବେଲ ଗବୁଛି; ଜନ୍ତୁଜାନ୍ତା ସବୁ କେବଳ ତା'ର ଅଧୀନରେ ଚଳପ୍ରଚଳ ହେଉଛନ୍ତି । କାଓ୍ୱାର୍ଡ଼ ! ଗୋଟାଏ ଠେକୁଆ ବି ସେ ମାରିପାରିବ ନାହିଁ !

ସୁବ୍ରତ ଗ୍ୱେଧୁରୀ ତାଙ୍କ ଅଜାଣତରେ ଖାଟର ଉପରେ ବସି ପଡ଼ିଥିଲେ । ଲଜାର ସ୍ମୃତି ତାଙ୍କୁ ବାସ୍ତବିକ୍ ଆଚ୍ଛନ୍ନ କରିଦେଇଥିଲା । ... ଯେପରି ସେ ପାଖରେ ଛିଡ଼ା ହୋଇ ତାଙ୍କୁ ନିମନ୍ତ୍ରଣ କରୁଛି ଆଉ ସେ ଗୋଟାଏ ସର୍ପର ଚମଡ଼ା ତା' ବେକରେ ଫୁଲମାଳ ପରି ପକାଇ ଦେଉଛନ୍ତି ...ସେ ହସୁଛି । ସେ ହସ ଗମ୍ଭୀର ବନ୍ଧୁତ୍ୱର ସ୍ୱାକ୍ଷର ଏବଂ ସେ ହସର ସ୍ରୁପରେ ଫୁଲ ଫୁଲ ଉଠୁଛି ସମୁଦ୍ରର ଫେଣ ପରି ତା'ର ଭରା ଜଳାତ ବକ୍ଷ ! ଇସ୍ ! ଏ ଭରା ସମୁଦ୍ରର ଆହ୍ୱାନକୁ ସେ ଉପେକ୍ଷା କରି ପାରିବେ ନାହିଁ... ! ଅମରନାଥର ଉପହାର ପୂର୍ବରୁ ସେ ନିଜେ ନେଇ ଦେଇ ଆସିବେ ସର୍ପର ଚମଡ଼ାଟିଏ...ହଁ, ହଁ ସେ ଯିବେ ଆଗ କରି ଲଜା ପାଖକୁ... !

କିନ୍ତୁ ସାପଟାକୁ ସେ ମାରିବେ କେମିତି ? ବନବେଳେ ସାପର ଦର୍ଶନ ମିଳିବା ଏତେ ସହଜ ବ୍ୟାପାର ନୁହେଁ । ତା'ପରେ, ଅନ୍ୟାନ୍ୟ ଅନେକଗୁଡ଼ାଏ ପ୍ରତିବନ୍ଧକ, ଯଥା—ମାଳି, ଦରଓ୍ୱାନ୍ ଓ ନମିତା ଇତ୍ୟାଦିଙ୍କର ଅଯ୍ଯାଚିତ ଉପସ୍ଥିତି, ଉପଦେଶ ଓ ଭର୍ତ୍ସନା ମଧ୍ୟ ରହିଛି ! ଏଇ ଗଳିରେ ତାଙ୍କୁ ମାରିଦେବା ବ୍ୟତୀତ ଅନ୍ୟ ଉପାୟ ନାହିଁ ? ତେବେ ?

ମନରେ ଖଟ୍କା ଲାଗୁଛି ! ସାପଟା ପାଇଁ ପିସ୍ତଲର ଆବଶ୍ୟକତା ନାହିଁ, ଅଛି ସତର୍କତା, ଲେଡ଼ା ସାହସ । ତା'ର ବେକଟାକୁ ଯଦି ସେ ଶକ୍ତ କରି ଧରିପାରନ୍ତେ... ? ବାସ୍ ! ସେତିକି ଦରକାର । ସାପ ଧରିବାରେ ଆଉ ବାହାଦୁରି କ'ଣ ? ମହାଶିକାରୀ ସୁବ୍ରତ ଗ୍ୱେଧୁରୀ । ଶିକାର କରିବାର ପ୍ରବଳ ଲିପ୍ସାରେ ତାଙ୍କର ଶରୀର ଭିତରେ ରକ୍ତର ବେଗ ଦ୍ରୁତରୁ ଦ୍ରୁତତର ହୋଇ ଉଠୁଥିଲା ।

କିନ୍ତୁ ଅନ୍ଧକାର ଚତୁର୍ଦ୍ଦିଗରେ ଜମାଟ ବାନ୍ଧିଛି ! ସାପଟା ତ ଦେଖାଯାଉନାହିଁ, କେବଳ ଯା' ଝପ୍ ଝପ୍ ଶବ୍ଦ ଶୁଭୁଛି । ସାପର ମୁଣ୍ଡ

ଆଉ ଲାଞ୍ଜ ଠାଉରେଇବା ମୁସ୍କିଲ୍ ! ପକେଟ୍‌ରେ ନାହିଁ ଆଜ ଟର୍ଚ୍ଚ ! କିନ୍ତୁ ଟର୍ଚ୍ଚ ଆଣିବାକୁ ଯଦି ସେ ଯା'ନ୍ତି ହୁଏତ ସାପଟି ତାଙ୍କୁ ଆଉ ପ୍ରତୀକ୍ଷା କରି ନ ପାରେ ! ସୁଯୋଗ ଥରେ ଆସେ । ଗୋଟିଏ ମୁହୂର୍ତ୍ତ ନଷ୍ଟ ହେଲେ ସମଗ୍ର ଜୀବନରେ ଏପରି ମୂଲ୍ୟବାନ୍ ମୁହୂର୍ତ୍ତ ସେ ଆଉ ଫେରିପାଇବେ ନି ! ସେ ବିଜନେସ୍‌ମ୍ୟାନ । ରିସ୍କ ନ ଥିଲେ ପ୍ରଫିଟ୍ ହୁଏ ନାହିଁ । ମହାବଳ ବାଘ ପାଟିରେ ହାତ ପୂରାଇ ଦେଇଛନ୍ତି ସୁବ୍ରତ ଚୌଧୁରୀ । ଭାଲୁ ଲାଞ୍ଜ ଧରି ମାଇଲଏ ବାଟ ଦଉଡ଼େଇ ନେବାର ସୁଖ୍ୟାତି ତାଙ୍କର ଅଛି । ସାମାନ୍ୟ ଗୋଟାଏ ସାପକୁ ଶକ୍ତ କରି ଧରିଲେ ସେ ଗୋଟାଏ ସେକେଣ୍ଡରେ କାବୁ ହୋଇଯିବ···ଏଥିପାଇଁ ଏତେ ଯୋଜନା ?

ହେଇ ତ, ହେଇ ତ ବୋଧେ ସାପଟା ଖସର ଖସର, ସୁ ସୁ ଶବ୍ଦ କରି ଧାଉଁଛି । ରାତିର ନୀରବତା ଓ ଅନ୍ଧକାରକୁ ରୋମାଞ୍ଚକର କରି ଦେଉଛି ତା'ର ସେଇ ସ୍ୱରହୀନ ସଂଗୀତ । ଆହା ! ମାଳ କିଛୁଥିଲା ଇଏ ଏକ ରାଜରାଜେଶ୍ୱର ସର୍ପ !

ନା, ଆଉ ଗୋଟାଏ ସେକେଣ୍ଡ ନଷ୍ଟ କରିବାକୁ ହେବ ନାହିଁ । ସେ ପାଦରୁ ଜୋତା କାଢ଼ି ପକାଇଲେ । ଯେହେତୁ ଜୋତାର ଖରି ଶବ୍ଦ ହୁଏତ ସାପକୁ ସତର୍କ କରାଇ ଦେବ । ଖସର ଖସର ଶବ୍ଦ···ସେ ଚମକି ପଡ଼ିଲେ । ସେ ଡରୁଛନ୍ତି, ସୁବ୍ରତଟା ବାସ୍ତବିକ ଦୁର୍ବଳ । ତାଙ୍କୁ ସବଳ କରି ଦେଖାକୁ ହେବ··· ! ସାପଟା ସାମ୍ନା ଝୋପ ଭିତରେ ଅଛି ନିଶ୍ଚୟ । ଆଉ ବିଳମ୍ବ କଲେ ସେ ସୁବର୍ଣ୍ଣ ସୁଯୋଗ ହରାଇବେ ।

ଆଖି ବୁଜି ନିଜକୁ ହାଲ୍‌କା କରି ବାଜପକ୍ଷୀଟିଏ ପରି ତଳକୁ ଝାମ୍ପ ଦେଲେ ସୁବ୍ରତ ଚୌଧୁରୀ । ଇସ୍ ! ଗୋଟାଏ କ'ଣ ଫୋଡ଼ ହୋଇଗଲା ତାଙ୍କ ପାଦ ତଳପାରେ ମୋଜା ଫୁଟାଇ । କ'ଣ···କ'ଣ··· ? ସାପର ଦାନ୍ତ ନୁହେଁ ତ ? ମହାଶିକାରୀ ସୁବ୍ରତ ଚୌଧୁରୀଙ୍କର ଗୋଡ଼ଠାରୁ ମୁଣ୍ଡ ପର୍ଯ୍ୟନ୍ତ ଏକ ଶୀତଳ ଶିହରଣରେ କମ୍ପି ଉଠିଲେ । ରାଜରାଜେଶ୍ୱର ସର୍ପର ଦନ୍ତାଘାତ ? ମୁଣ୍ଡଭିତର ଥରିଯାଉଛି; ବିଷ, ନୀଳ ବିଷ ସମଗ୍ର ଦେହ ଚରି ଯାଉଛି···ଆଉ ଟିକକ ପରେ ତାଙ୍କ ପ୍ରାଣ ଛୁଟିଯିବ··· । ମଲେ, ମଲେ ସେ । ସାପଟା ତାଙ୍କର ଚତୁର୍ଦ୍ଦିଗରେ ସୁ ସୁ କରି ବୁଲୁଛି··· ତାଙ୍କର ସମଗ୍ର ଶରୀର ସେ ଆଘାତ କରିବ, ମୃତ୍ୟୁ ନ ହେଲା ପର୍ଯ୍ୟନ୍ତ ସେ ଛାଡ଼ିବ ନି ।

ତାଙ୍କର ମନେ ହେଲା କିଏ ଜଣେ ଧାଇଁ ଆସିଛି । ସମଗ୍ର ଶକ୍ତି ଏକତ୍ର କରି କେବଳ ସେ ଚିତ୍କାର କଲେ ସା···ପ···ସାପ । ତାଙ୍କର ସଜ୍ଞା ପ୍ରାୟ ଲୋପ ପାଇଯିବା ଉପରେ···

ବାବୁ, ବାବୁ, କଣ୍ଟା ଝୋପଟା ଭିତରେ କେମିତି ପଡ଼ିଗଲେ ଆଜ୍ଞା । ଗୋଡ଼ ହାତ ସବୁଆଡ଼େ କଣ୍ଟା ଫୁଟି ଗଲାଣି, ଭାଗ୍ୟକୁ ମା ସିନା କେଳା ଡକାଇ ସାପଟା ଆଜ ଧରେଇ ଦେଇଥିଲେ··· ! ଆପଣଙ୍କର ଏଇ ବାଇଆ ଗୁଣ ଯୋଗୁ ମା ନଙ୍ଗି ଠାକୁରାଣୀକ ବଦା କରିଦେଲେ··· । ସାପଟା ଏଇଠି ସେଇ ଟିକିଏ ଗୁଡ଼ି ବସା କରିଥିଲା । ମୁଁ ତା' ଗାତ ବନ୍ଦ କରିବା ପାଇଁ କଣ୍ଟା ଛଣା ପକେଇ ଦେଇଥିଲି···। ଆଜ୍ଞା···ମା କହୁଥିଲେ··· କହୁଥିଲେ ବାବୁ ରାତିରେ ବୁଲି ବୁଲି ସେଇଠି ପଡ଼ିଯିବେ···ମୁଁ ମିଛ ମଣୁଥିଲି ।

ସୁବ୍ରତ ସେତେବେଳକୁ ସଂଜ୍ଞାଶୂନ୍ୟ ହୋଇ ଯାଇଥିଲେ ।

# ନିଷିଦ୍ଧ ଲଗ୍ନ

ମଧ୍ୟରାତ୍ରିର ଏକ ଉଦାସ ନକ୍ଷତ୍ରକୁ ନିରୀକ୍ଷଣ କରୁଥିଲେ କଲ୍ୟାଣୀ । ନିସ୍ତବ୍ଧ ହୋଇଛି ପୃଥିବୀ, ଆକାଶ ଆଉ ଅଶାନ୍ତ ନିଜର ମନ । କେବଳ ସେଇ ନକ୍ଷତ୍ରଟି ! ସକଳ ସ୍ଥିରତା ଭିତରେ ସତେ ଅବା ଅସ୍ଥିରତାର ଏକ ଜୀବନ୍ତ ସାକ୍ଷୀ ଅଥଚ ନିସ୍ତେଜ ଓ ଉଦାସ ।

ଆହା ! ଝଲକାଏ ବର୍ଷା ହୁଅନ୍ତା କି ! ମନରେ ଆସୁଛି ପ୍ରଦୀପର କଥା—"ଜୀବନ ଏକ ସବୁଜ ବୃକ୍ଷ, କଲ୍ୟାଣୀ ! ଉର୍ବର ମୃତ୍ତିକା, ପ୍ରଚୁର ଜଳ ଓ ଅନୁକୂଳ ଜଳବାୟୁରେ ହିଁ ଏହାର ଶାଖା ପ୍ରଶାଖା ସଜୀବ ଓ ଲୋଭନୀୟ ହୁଏ । ଜୀବନ ସବୁବେଳେ ସୁନ୍ଦର ଓ କମନୀୟ ! କେବଳ ନିଜର ଦୃଷ୍ଟିଭଙ୍ଗୀରେ ହିଁ ଥାଏ ତଫାତ୍ ।"

ଜୀବନର ଏଇ ମନ ମୁଗ୍ଧକର ରୋମାଞ୍ଚକର ସଂଜ୍ଞା ଶୁଣି ହସି ହସି ସେ ଉତ୍ତର ଦେଉଥିଲେ—"ଜୀବନକୁ ତମେ ଗୋଟିଏ ଦିଗରୁ ବିଚାର କରିଛ ପ୍ରଦୀପ ! କେଉଁ ଏକ ଗଳ୍ପରେ ପଢ଼ିଥିଲି ଜୀବନ ଏକ ନଦୀର ଧାରା । କେତେ ଶଯ୍ୟା ସେ ପରିବର୍ତ୍ତନ କରେ, କେତେ କୂଳ ସେ ଲଙ୍ଘିଯାଏ ତା'ର ଇୟତ୍ତା ନାହିଁ । କେଉଁଠି ସୃଷ୍ଟିକରେ ସବୁଜ ଘଞ୍ଚ ଫଳପୁଷ୍ପଭରା ପୃଥିବୀ ତ କେଉଁଠି ନଷ୍ଟ କରେ ଐଶ୍ୱର୍ଯ୍ୟ ! ଜୀବନ ବଡ଼ ଅଶାନ୍ତ, ବଡ଼ ଅସ୍ଥିର... !"

କଲ୍ୟାଣୀଙ୍କର କଥାକୁ ଅଧାରୁଖି ଉଚ୍ଚସ୍ୱରରେ ହସି ଜବାବ ଦେଇଥିଲେ ସୁମନ୍ତ—"ନଦୀର ଢେଉ ଯେତେ ତରଙ୍ଗାୟିତ ହେଉ, ଯେତେ କୂଳ ଲଙ୍ଘି ଯାଉ, ତା'ର ଗତି ସେଇ ସମୁଦ୍ରକୁ । ଲକ୍ଷ୍ୟସ୍ଥଳରେ ପହଞ୍ଚିଲେ ସବୁ ସ୍ଥିର, ସବୁ ଶାନ୍ତ; କିନ୍ତୁ କଲ୍ୟାଣୀ, ତମେ ସମୁଦ୍ରବକ୍ଷକୁ ଝାମ୍ପ ଦେଲବେଳେ ଆସ୍ତେ... ।"

ପ୍ରଦୀପ କିନ୍ତୁ ସୁମନ୍ତକୁ କଥା ଶେଷ କରିବାକୁ ଅବସର ନ ଦେଇ କହିଥିଲେ—"କଲ୍ୟାଣୀରୂପୀ ଏଇ ନଦୀ ବଡ଼ ବେଶୀ କଲ୍ଲୋଳମୟୀ, ବଡ଼

ବେଶୀ ତରଙ୍ଗାୟିତ ବନ୍ଧୁ ! ତୋର ବକ୍ଷକୁ ବିଶେଷ ଭାବରେ ପ୍ରସାରି ଓ ଗମ୍ଭୀର କରି ରଖିବାକୁ ହେବ, ନଚେତ୍...।"

କଲ୍ୟାଣୀ ବାକ୍ୟ ପୂରଣ କରିଥିଲେ—"ନଚେତ୍ ବନ୍ଧୁ ! ସମୁଦ୍ର ଲୁପ୍ତ ହେବ ନଦୀର ବକ୍ଷରେ... !"

ତିନିଜଣଙ୍କର ପ୍ରାଣଖୋଲା ହସରେ ସୃଷ୍ଟି ହୋଇଥିଲା ଏକ ବିଶ୍ୱାସ, ଏକ ନିର୍ଭରଶୀଳ ମନୋଭାବ ଆଉ ତା'ର ନିଶ୍ୱାସରେ ଆତ୍ମହର୍ଷ କଲ୍ୟାଣୀ ସେଦିନ ଭବିଷ୍ୟତର ସୁଖ ସ୍ୱପ୍ନରେ ବିଭୋର ହୋଇଥିଲେ ।

ମଧ୍ୟରାତିର ନିସ୍ତବ୍ଧତା ଭିତରେ ପ୍ରତିଟି କଥା ବାର ବର୍ଷ ଅତୀତ ହେଲେ ବି ବଡ଼ ପ୍ରାଣବନ୍ତ ମନେହେଲା ତାଙ୍କର ।

ଆଜି ସୁମନ୍ତ ନାହାନ୍ତି । ଗବେଷଣା କରିବାକୁ ଯାଇ ଘର୍ଷି କେତେଦିନ ଧରି ସେ ଆମେରିକାରେ । ଆଉ ପ୍ରଦୀପ ! ଗାନ୍ଧିବାଦର ଅଖଣ୍ଡ ବିଶ୍ୱାସୀ ଦୀର୍ଘଦିନ ଧରି ନିଗାଁ ମଫସଲରେ କର୍ମୀ ହୋଇ ବୁଲୁଛି ରାମରାଜ୍ୟର ବିରାଟ ପରିକଳ୍ପନା ନେଇ !

ରାତିର ସେଇ ତାରକାଟି ନିଷ୍ପ୍ରଭ ହୋଇଆସୁଛି । ଅଶାନ୍ତ, ଅସ୍ଥିର ମନ ହୋଇଉଠୁଛି ସ୍ଥିର ଅଚଞ୍ଚଳ । ଆଖିରେ ତନ୍ଦ୍ରା । ଜୀବନର ବୃକ୍ଷ କେତେ ସବୁଜ କେତେ ପଲ୍ଲବିତ ହୋଇଛି ସେ ଜାଣନ୍ତି ନାହିଁ, ଜୀବନର ସ୍ରୋତ କେତେ କଲ୍ଲୋଳମୟ, କେତେ ବେଗବାନ୍ ହୋଇଛି ସେ ବୁଝନ୍ତି ନାହିଁ । ସମୁଦ୍ରର ଦୈର୍ଘ୍ୟ, ପ୍ରସ୍ଥ ଓ ଗଭୀରତା ମାପିବାକୁ ଅବକାଶ ବା କାହିଁ ?

ନିର୍ଜନ ବିରସ ତାରକାଟିକୁ ହାତ ବଢ଼ାଇ ଧରିବାକୁ ଇଚ୍ଛା ହେଲା ତାଙ୍କର । ଆହା ବିଚରା !

ମଶାରି ଟେକି ସେ ଛବିକୁ ଚାହିଁଲେ । ତା'ର ମୁହଁ ଓ ଆଖିରେ ସତେ ବା ଅଜସ୍ର ତାରକାର ଦ୍ୟୁତି ! ଛବିର ଆଖିପତାରେ ଓଠ ଲଗାଇ ଶୋଇବାକୁ ଚେଷ୍ଟାକଲେ ସେ ।

ହଠାତ୍ ଏକ ଦୁଃସ୍ୱପ୍ନ ଦେଖି ସେ ଉଠି ବସିଲେ । ସୁମନ୍ତଙ୍କପାଇଁ ଏକ ଆଶଙ୍କାରେ ତାଙ୍କର ନିଃସଙ୍ଗ ହୃଦୟ ଥରିଉଠିଲା । ଇସ୍ ! ସାମାନ୍ୟ ଟିକିଏ କାହିଁ ନିଜକୁ ଆଶ୍ୱାସନା ଦେବାର ଅଧିକାର କ'ଣ ତାଙ୍କର ନାହିଁ ? ନା—ସୁମନ୍ତ କହନ୍ତି । କାନ୍ଦିବା ଏକ ଦୁର୍ବଳତା । ଆତ୍ମ-ବିଶ୍ୱାସହୀନ ଲୋକ କେବଳ କାନ୍ଦି କାନ୍ଦି ନିଜକୁ ନିଜେ ଭଣ୍ଡାଏ !

ପ୍ରସ୍ତୁତ ହେବାକୁ ଆତୁର ସମସ୍ତ ଲାଗିବ । ମନର ଉଦ୍‌ବେଗକୁ ହାଲୁକା କରିବାକୁ ଯାଇଁ ସେ ପ୍ରଦୀପକୁ ଲେଖି ବସିଲେ ଚିଠି ।

ଏକ ଅବସନ୍ନ ଦ୍ୱି-ପ୍ରହରରେ ସେ ଉତ୍ତର ପାଇଲେ ପ୍ରଦୀପଠାରୁ—

କଲ୍ୟାଣୀ ! ପୃଥିବୀ ଉପରରୁ ତୁମେ ଏତେ ଶୀଘ୍ର ଆସ୍ଥା ତୁଟାଅ ନାହିଁ । ବହୁ ବିଚିତ୍ରବର୍ଣ୍ଣା ଏଇ ଆମର ଆଦିମ ପୃଥିବୀ । କେତେ ରାଜା, ମହାରାଜା, କେତେ ପ୍ରତିପତ୍ତି, କେତେ ମତବାଦ, ଆଉ କେତେ ଧର୍ମର ରଙ୍ଗଲୀଳା, କେତେ ଉତ୍‌ଥାନ-ପତନ ଭିତରଦେଇ ଆଜି ଧରଣୀ ହୋଇଛି ସର୍ବଂସହା । ଯୁଗେ ଯୁଗେ ପରିବର୍ତ୍ତନପାଇଁ ରକ୍ତର ନଦୀ ବହିଛି, ଅଶ୍ରୁର ସୁଅ ଛୁଟିଛି, ପ୍ରାଣର ଆହୁତି ତଳା ହୋଇଛି । ଅବଶେଷରେ ଜୟ ହୋଇଛି ସତ୍ୟର, ହୃଦୟର ଓ ଶାଶ୍ୱତ ଚିନ୍ତାଧାରାର ।

କାହିଁକି ଜାଣ ? ସକଳ ବିରୋଧ, ମତଭେଦ ଓ ପାର୍ଥକ୍ୟସତ୍ତ୍ୱେ ମନୁଷ୍ୟ ବଞ୍ଚିରହିଛି ପରସ୍ପର ପ୍ରତି ସ୍ନେହ, ମମତା, ବିଶ୍ୱାସ ଓ ଅନ୍ତରଙ୍ଗ ପ୍ରୀତି ନେଇ କେବଳ । ପୃଥିବୀର ଦୁଇଟି ଗୋଲାର୍ଦ୍ଧରେ ଆଜି ଯେ ଅସମତା ଦେଖାଯାଏ ତା'ର ଦିନେ ବିଲୋପ ଘଟିବ । ଯୁଦ୍ଧରେ ନୁହେ କଲ୍ୟାଣୀ, ହୃଦୟର ଆଲିଙ୍ଗନରେ । ଦମ୍ଭ କି ଅହଙ୍କାରରେ ନୁହେ, ପ୍ରାଣର ଅଶ୍ରୁରେ ।

ମୁଁ ମାନବବାଦୀ, କଲ୍ୟାଣୀ ! ମନୁଷ୍ୟକୁ ମୁଁ ଶ୍ରଦ୍ଧାକରେ । ତା'ର ଶିରା ପ୍ରଶିରା, ତନୁ ଓ ଆତ୍ମା ଉପରେ ମୋର ଗଭୀର ବିଶ୍ୱାସ ଅଛି । ବହୁ ସଂଘାତ, ବହୁ ବିରୋଧସତ୍ତ୍ୱେ ମନୁଷ୍ୟ ବଞ୍ଚିବ, ପୃଥିବୀ ରସସିକ୍ତ ହେବ । କାରଣ ସ୍ନେହ, ପ୍ରେମ, ବିଶ୍ୱାସ ଓ ନିର୍ଭରଶୀଳତା କେବେହେଲେ ତାକୁ ନିଃସ୍ୱ ହେବାକୁ ଦେବ ନାହିଁ ।

କଲ୍ୟାଣୀ ଆଉ ପଢ଼ିପାରିଲେ ନାହିଁ । ଚିଠିଟାକୁ ଟୁକୁରା ଟୁକୁରା କରି ଛିଡ଼େଇ ଦବାକୁ ମନହେଲା ତାଙ୍କର । ପ୍ରଦୀପର ଅଖଣ୍ଡ ମାନବିକତା-ବୋଧ ତାଙ୍କୁ ହୁଏତ ପାଗଳ କରିଦେବ !

ହାୟ ! ନିର୍ବୋଧ ପ୍ରଦୀପ ଜାଣେ ନାହିଁ ଯେ ମନୁଷ୍ୟ ଆଜି କାହା ଉପରେ ନିର୍ଭର କରେ ନାହିଁ । ନିଜ ଅପେକ୍ଷା କାହାକୁ ସେ ବେଶି ଶ୍ରଦ୍ଧା ଦିଏ [illegible] ଦିଏ ନାହିଁ ।

[illegible] ପଡୁଛି......

[illegible] ଆମେରିକା ଯିବାର ଦୁଇ ବର୍ଷରେ ଏକ ଅସାଧ ରୋଗରେ [illegible] [illegible] ହେଲେ । କଲ୍ୟାଣୀ ଆମେରିକାରେ ତାଙ୍କ [illegible]

ବନ୍ଦୋବସ୍ତ କରି ପ୍ରଦୀପଙ୍କୁ ସଙ୍ଗରେ ନେଇଯିବାପାଇଁ ଯେଉଁଦିନ ଖବର ପାଇଥିଲେ କଲ୍ୟାଣୀ ସୁମନ୍ତଠାରୁ, ସେଦିନ ଗଭୀର ଆବେଗରେ ଆନ୍ଦୋଳିତ ହୋଇଥିଲା ତାଙ୍କର ମନ । କେବଳ ନିସ୍ତେଜ ପ୍ରକୋଷ୍ଠର ନିବିଡ଼ ଶଯ୍ୟାରେ ସୁମନ୍ତ ତାଙ୍କର ଦେହକୁ ସ୍ପର୍ଶ କରନ୍ତି ନାହିଁ, ସେ ଭଲ ପାଆନ୍ତି ତାଙ୍କର ଆତ୍ମାକୁ, ତାଙ୍କର ବ୍ୟକ୍ତିତ୍ୱ ଓ ସର୍ବୋପରି ଅସ୍ତିତ୍ୱକୁ ।

ଏକ ଅଖଣ୍ଡ ନିର୍ଭରଶୀଳତାରେ କଲ୍ଲୋଳିତ କଲ୍ୟାଣୀ ସେଦିନ ଦିଗ-ବିଦିଗଶୂନ୍ୟ ହୋଇ ସମୁଦ୍ରର ବକ୍ଷଦେଶରେ ଉନ୍ମାଦିନୀ ପରି ଝାସ ଦେଇଥିଲେ; କିନ୍ତୁ ସେ କ'ଣ ଜାଣିଥିଲେ ତାହା ସମୁଦ୍ର ନୁହେଁ, ସେଥିରେ ଗଭୀରତା ନାହିଁ । ସେ ଏକ ନିସ୍ତବ୍ଧ ମରୁଭୂମି, ସେଥିରେ ଝାସ ଦେଲେ ତାଙ୍କୁ ବାରିଶୂନ୍ୟ ହୋଇ ହାହାକାର କରିବାକୁ ହେବ !

ନିଉୟର୍କର ପୃଥିବୀ ପ୍ରସିଦ୍ଧ ଚିକିତ୍ସାଳୟରେ ସେ ସୁସ୍ଥ ଶରୀର ଲାଭ କରିଥିଲେ ସତ, ମାତ୍ର ସୁମନ୍ତଙ୍କୁ ସେ ହରାଇ ବସିଥିଲେ । ବହୁ ଉତ୍ସବ, ସମ୍ମିଳନୀ, ପାର୍ଟି ଓ ଗବେଷଣାଗାରରେ ସେ ରହୁଥିଲେ ବ୍ୟସ୍ତ । ସେ ଦେଶର ବାୟୁମଣ୍ଡଳ, ଜୀବନପ୍ରଣାଳୀ ଓ ଚିନ୍ତାଧାରା ସୁମନ୍ତଙ୍କୁ ଯେପରି ପାଗଳକରି ଦେଇଥିଲା । ବାଧ୍ୟହୋଇ ନିଜର ଅପରେସନ୍ ଦିନ ସୁମନ୍ତଙ୍କୁ ଖବର ପଠାଇଥିଲେ କଲ୍ୟାଣୀ. ମାତ୍ର କର୍ମର ଛଳନା କରି ସୁମନ୍ତ ନ ଆସି ଫୋନ୍‌କରି କହିଥିଲେ, 'ସାମାନ୍ୟ କଥାରେ ତୁମେ ଏତେ ଉତ୍କଣ୍ଠିତ ହେଲେ ପୃଥିବୀ ତୁମକୁ ପଛରେ ପକେଇ ଆଗେଇଯିବ । ନିଜ ଉପରେ ବିଶ୍ୱାସ ନ ରଖିପାରିଲେ ବିଜ୍ଞାନ, ଉପରେ ବିଶ୍ୱାସ ରଖ । ଆତ୍ମ-ନିର୍ଭରଶୀଳତା ମଣିଷର ସର୍ବଶ୍ରେଷ୍ଠ ସମ୍ପଦ ।

ନିର୍ବାକ୍ ହୋଇ ଯାଇଥିଲେ କଲ୍ୟାଣୀ । ଭାରତ ସରକାରଙ୍କର ଉଚ୍ଚବୃତ୍ତିର ଅଧିକାଂଶ ପୃଥିବୀର ବିଶିଷ୍ଟ ବୁଦ୍ଧିଜୀବୀମାନଙ୍କ ଭିତରୁ ଅଗ୍ରଗଣ୍ୟ ସୁମନ୍ତ ଆଜି ବିଶ୍ୱବିଖ୍ୟାତ । ଆବେଗ ଓ ହୃଦୟର ଆକୁଳତାକୁ ଯେଉଁ ଦେଶରେ ମେସିନ୍ ସାହାଯ୍ୟରେ ମାପ କରାଯାଇ ପ୍ରେମର ମାତ୍ରା ନିର୍ଣ୍ଣୟ କରା-ଯାଉଛି, ସେ ଦେଶରେ ଆଖିରେ ନୂତନ ଅଞ୍ଜନ ଲଗାଇ ଆତ୍ମ-ବିଭୋର ହୋଇଥିବା ମଣିଷଟିକୁ ସେ କ'ଣ କହି ବୁଝାଇବେ ନିଜକୁ ?

ଅବଶେଷରେ କଲ୍ୟାଣୀ ସୁସ୍ଥ ଶରୀରରେ ଫେରି ଆସିଥିଲେ । ପ୍ଲେନ୍‌ରେ ପ୍ରଦୀପ ତାଙ୍କୁ ପଚାରିଥିଲା—"ମୋର ମନେହୁଏ କଲ୍ୟାଣୀ,

ସାମାଜିକ, ଶାରୀରିକ, ଆର୍ଥିକ ସର୍ବୋପରି ମାନସିକ ଦୃଷ୍ଟିକୋଣରୁ ସୁମନ୍ତ ତୁମ ଉପରେ ନିର୍ଭର କରେନାହିଁ । ଦୀର୍ଘ ତିନିମାସ ଧରି ଧାରାବାହିକ ତା'ର ଜୀବନକୁ ବିଶ୍ଳେଷଣ କରି ମୋର ଏତିକି ଅନୁଭୂତି ହୋଇଛି । ଦିନ ଥିଲା, ଭାରତୀୟ ନାରୀକୁ ଆର୍ଥିକ ପରାଧୀନତା ବନ୍ଧନରେ ରଖିଥିଲା; କିନ୍ତୁ ଆଜି ତ ଆଉ ସେ କଥା ନାହିଁ··· !

ନୀରସ ହସି କଥା ଛଡ଼ାଇ କଲ୍ୟାଣୀ ଜବାବ ଦେଇଥିଲେ — ଜୀବନର ଏକ ରୋମାଞ୍ଚକର ସଂଜ୍ଞା ତମେ ମତେ ଶୁଣାଇଥିଲ, ପ୍ରଦୀପ ! ସେଦିନ ତା'ର ମାନେ ମୁଁ ବୁଝି ନ ଥିଲି, ଆଜି କିନ୍ତୁ ମର୍ମେ, ମର୍ମେ ଉପଲବ୍ଧି କରୁଛି । ଉପଯୁକ୍ତ ମୃତ୍ତିକା ଓ ଜଳର ଅଭାବରୁ ବୃକ୍ଷ ଯଦି ଶୁଷ୍କ ହୁଏ, ଜୀବନ ନୀରସ ବୋଲି ସିଦ୍ଧାନ୍ତ ନେବାର ବ୍ୟକ୍ତି ମୁଁ ନୁହେଁ । ସେ ମୋର ଅପାରଗତାର ଚୂଡ଼ାନ୍ତ ପରିଚୟ କେବଳ ।

ନୀରବ ହୋଇ ଯାଇଥିଲା ପ୍ରଦୀପ । ପ୍ଲେନ୍‌ର କାଚଦେଇ ଉଦାସ ଆଖିରେ ଦୂର-ଦିଗନ୍ତକୁ ଚାହିଁ ରହିଥିଲେ, କଲ୍ୟାଣୀ ।

ଭାରତବର୍ଷକୁ ଫେରିବାର କିଛିଦିନ ପରେ ସେ ପ୍ରଦୀପଠାରୁ ପାଇଥିଲେ ଖଣ୍ଡିଏ ଚିଠି । ସେ ଲେଖିଥିଲେ—"ସେଦିନ ମୋ କଥାରେ ତମେ ଆଘାତ ପାଇଥିଲ, କଲ୍ୟାଣୀ । ତାହା ମୋର ଉଦ୍ଦେଶ୍ୟ ନ ଥିଲା । ମୁଁ ଜାଣେ ଆମେ ସମସ୍ତେ ଆଜି ବୃନ୍ତଚ୍ୟୁତ, କାରଣ ମଣିଷ ଆଜି ମଣିଷକୁ ବିଶ୍ୱାସ କରେ ନାହିଁ । ଆମର ବ୍ୟକ୍ତିଗତ ଚେତନାବୋଧରେ ଏପରି ଏକ ସଂଘାତ ସୃଷ୍ଟି ହୋଇଛି ଯାହାକି ଆମର ପାରିବାରିକ ଓ ସମଷ୍ଟିଗତ ଜୀବନକୁ ନଷ୍ଟ କରି ଦେଇଛି । ସ୍ୱାର୍ଥ ଓ ଛଳନାର କୃତ୍ରିମ ଆବରଣ ଭିତରେ ମମତାବୋଧ ଓ ନିର୍ଭରଶୀଳତା ନଷ୍ଟ ହୋଇଯାଇଛି । କଲ୍ୟାଣୀ ! ତୁମେ ନାରୀ, ପରିବାରକୁ ଶାନ୍ତ ମଧୁର କରି ତୁମେହିଁ କେବଳ ଗଢ଼ିପାର ।"

ପ୍ରତ୍ୟୁତ୍ତର କଲ୍ୟାଣୀ ଲେଖିଥିଲେ—ପ୍ରଦୀପ ! ନାରୀ ଯେତେବେଳେ ପୁରୁଷର ପୌରୁଷ ଉପରେ ନିର୍ଭର କରେ ନାହିଁ ସେତେବେଳେ ପ୍ରେମ, ପରିଣୟ ଓ ପରିବାରର ବନ୍ଧନ ଭିତରେ କୌଣସି ମମତାବୋଧ ରହେ ନାହିଁ । ପ୍ରେମ ସୃଷ୍ଟିକରେ ହୃଦୟ ଭିତରେ ଶାଶ୍ୱତ ସାବଲୀଳତା, ଯାହା ଜୀବନକୁ ମୁଗ୍ଧ ଓ ମଧୁର କରେ, ପରିଣୟ ସୃଷ୍ଟିକରେ ଅଖଣ୍ଡ ନିର୍ଭରଶୀଳତା, ଯାହା ଜୀବନକୁ ଶାନ୍ତ ସୁସ୍ଥିର କରେ । ପ୍ରେମର ଶାଶ୍ୱତ ଉଚ୍ଛଳ

ମତେ ପ୍ଲାବିତ କରି ନାହିଁ କି ପୁନଃ ପରିଣୟର ଭରସା ମୋର ନାହିଁ । କେବଳ ପରିବାରର ଗୁରୁଦାୟିତ୍ୱରେ ମୁଁ ଭାରାକ୍ରାନ୍ତ । ମୋର ମନେହୁଏ ପ୍ରଦୀପ, ନିଷିଦ୍ଧ ଅନ୍ଧକାର ଗୃହରେ ସାମାନ୍ୟ ଟିକିଏ ଆଲୋକ ସାମାନ୍ୟ ଟିକିଏ ମୁକ୍ତ ବାୟୁ ପାଇଁ ମୁଁ ଯୁଗ ଯୁଗ ଧରି ବନ୍ଦୀ !

ଆର୍ଥିକଭାବରେ ମୁଁ ସ୍ୱଚ୍ଛଳ ଓ ସ୍ୱାଧୀନ ମାତ୍ର ଛୁଆପାଇଁ ମୁଁ ଉତ୍କଣ୍ଠିତା । ପାଶ୍ଚାତ୍ୟ ଦେଶରେ ପିତାର ଆବଶ୍ୟକତା ନ ଥାଇପାରେ, ମାତ୍ର ଛୁଆର ମାତୃଭୂମିରେ ପିତା ଯେ ଆକାଶଠାରୁ ବଡ଼...... ।

ଏସବୁ ଘଟଣା ଦଶବର୍ଷର ହେଲାଣି । ଏ ଚିଠିପରେ ପ୍ରଦୀପ ଆଉ କେବେ ସୁମନ୍ତ ସମ୍ବନ୍ଧରେ ପ୍ରଶ୍ନ କରି ନାହାଁନ୍ତି । ସ୍ତର-ସ୍ତରଧରି ଶିଉଳି ଜମାଟ ବାନ୍ଧୁଛି ମନ ଉପରେ କେବଳ ।

ବହୁଦିନ ପରେ ଏକ ଦୁଃସ୍ୱପ୍ନ ଦେଖି ନିଜେ ହିଁ କଲ୍ୟାଣୀ ଉଦ୍‌ବେଗ ପ୍ରକାଶ କରି ପ୍ରଦୀପଙ୍କୁ ଚିଠି ଲେଖିଥିଲେ ଆଉ ସେଇ ସୁଯୋଗରେ ତାଙ୍କୁ ମାନବବାଦର କାବ୍ୟ ଶୁଣାଇ ସାନ୍ତ୍ୱନା ଦେବାକୁ ଚେଷ୍ଟା କରିଛି । ତା'ର ବା ଭୁଲ୍ କ'ଣ ? ବନ୍ଧୁ ପାଇଁ ବନ୍ଧୁର ସମବେଦନା ତ ବନ୍ଧୁତ୍ୱର ଲକ୍ଷଣ ।

× × × ×

ଅର୍ଦ୍ଧ କେତେଦିନ ପରେ !

କଲ୍ୟାଣୀ ଖବର ପାଇଲେ ସୁମନ୍ତର ନିଷ୍ଠାପର ଗବେଷଣାକୁ ଟପିଯାଇ ତୁଷ୍ଟର ଜଣେ ବୈଜ୍ଞାନିକ ପୃଥିବୀକୁ ନୂତନଜ୍ଞାନ ଓ ଆଲୋକରେ ଉଦ୍‌ଭାସିତ କରି ସାରିଲେଣି । ନିଜ ଭିତରେ ଏକ କାରୁଣ୍ୟବୋଧ ଜାଗିଲେ କଲ୍ୟାଣୀ । ସତେ ଅବା ନିଜକୁ ନିଜେ ସେ ଧରି ରଖି ପାରିବେ ନାହିଁ କି ସହ୍ୟ କରି ପାରିବେ ନାହିଁ ।

ତା' ପରଦିନ ପ୍ରଭାତରେ ପ୍ରଦୀପର ଚିଠି ସେ ପାଇଲେ । ସେ ଲେଖିଛି—କଲ୍ୟାଣୀ ! ଗତକାଲି ତୁମ ପାଖରୁ ଫେରି ଆସିଲି, କାରଣ ତୁମର କକ୍ଷଭିତରେ ତୁମେ କାନ୍ଦୁଥିଲ ଅଶାନ୍ତ ଗତିରେ । ତୁମକୁ କାନ୍ଦିବାର ଅବସର ଦେଇ ମୁଁ ଚାଲି ଆସିଲି—ଯେହେତୁ ସେ ଅଶ୍ରୁ-ସ୍ରୋତରେ ପୃଥିବୀର ବହୁଯୁଗବ୍ୟାପୀ ମାରସଶୁଷ୍କ ଟାଙ୍ଗର ଭୂମି ହେବ ରସସିକ୍ତା, ସବୁଜ ଓ ପୁଷ୍ପଗର୍ଭା ।

ନିଜ ପରାଜୟର ସମ୍ବାଦ ସୁମନ୍ତ କେବେହେଲେ ତୁମକୁ ଦେବ ନାହିଁ । କାରଣ ତା'ର ଆତ୍ମନିର୍ଭରଶୀଳତା ଓ ବିଶ୍ୱାସ ନିଜ ଉପରୁ ନଷ୍ଟ ହୋଇ ଥିଲେହେଁ ପୀଡ଼ିତ ଅପମାନିତ ଅହଂକାର ଏବେ ବି ମୁଣ୍ଡ ଟେକାଇ

ନାହିଁ । ମଣିଷ ଯେତେବେଳେ ବିଶ୍ୱବ୍ରହ୍ମାଣ୍ଡର କୌଣସି ସ୍ଥାନରେ ନିଜପାଇଁ ଏକଇଞ୍ଚ ଆଶ୍ରୟ ସମ୍ଭବ କରିପାରେ ନାହିଁ, ସେତେବେଳେ ସେ ନିଜ ଉପରେ ପ୍ରତିଶୋଧ ନିଏ । ଆମେରିକାର ପ୍ରାଚୁର୍ଯ୍ୟଭିତରେ ଅବସନ୍ନ ଜଡ଼ତା ଅବଶେଷରେ ଯେ ତାକୁ ଗ୍ରାସ କରି ନ ବସିବ ଏ କଥା କିଏ କହିବ ? ପାଶ୍ଚାତ୍ୟର ଆଭିଜାତ୍ୟ, ଐଶ୍ୱର୍ଯ୍ୟ ଓ ବୁଦ୍ଧିମତ୍ତା ସହିତ ଯଦି ପ୍ରାଚ୍ୟର ମାନବିକତା ଓ ସହନଶୀଳତାର ସମ୍ମିଶ୍ରଣ ହୁଅନ୍ତା କଲ୍ୟାଣୀ, ତେବେ ମଣିଷକୁ ବିଶ୍ରାମ ଗ୍ରହର ସନ୍ଧାନ କରିବାକୁ ପଡ଼ନ୍ତା ନାହିଁ ।

ତମେ ଜନନୀ କଲ୍ୟାଣୀ, ମାତାର ହୃଦୟ ନେଇ ଥରେ କ'ଣ ତୁମେ ସୁମନ୍ତକୁ କ୍ଷମା କରିବ ନ ? ନିଜ ସନ୍ତାନର ମଙ୍ଗଳପାଇଁ ତମେ କ'ଣ ଜୀବନର ଧାରା ଥରେ ହେଲେ ପରିବର୍ତ୍ତନ କରିବ ନାହିଁ ?

ପ୍ରଦୀପର ଭାଷାରେ ସବୁଦିନେ ଆବେଗ ଥାଏ; କିନ୍ତୁ ଆଜିର ଚିଠିରେ ସତେ ଯେମିତି ବହୁତ ବେଶି ବେଦନାବୋଧ ରହିଛି—ଯାହାର ତରଙ୍ଗରେ କଲ୍ୟାଣୀ ପ୍ଳାବିତ ହେଲେ ନିଜ ଅଶ୍ରୁରେ ।

କେତେ ସମୟ ଧରି ଯେ କଲ୍ୟାଣୀ ସମ୍ମୋହିତା ଥିଲେ ତାହା ତାଙ୍କର ଖିଆଲ ନାହିଁ । ହଠାତ୍ ନଜର ପଡ଼ିଲା ଛବି ତାଙ୍କ ପାଖରେ ଅନ୍ୟ ଏକ ଚେୟାରରେ ବସି କାନ୍ଦୁଛି । ତା' ହେଲେ କ'ଣ ପ୍ରଦୀପର କଥା ସତ, ମଣିଷ ମନର ସ୍ନେହପ୍ରୀତି, ବିଶ୍ୱାସ ଓ ନିର୍ଭରଶୀଳତା ଚିରନ୍ତନ । ପାରିପାର୍ଶ୍ୱିକ ଅବସ୍ଥା ତାକୁ ବିଭ୍ରାନ୍ତ କରେ, ଆଚ୍ଛନ୍ନ କରେ ଯେପରି ଦିନର ଆକାଶରେ ତାରକାର ଦ୍ୟୁତି ପ୍ରତିଭାତ ହୁଏ ନାହିଁ ।

ଅଭିମାନିନୀ ଛବିର ଫେରନ୍ତା ପଥକୁ ଚାହିଁ କଲ୍ୟାଣୀ କପରି ଉଷ୍ମତା ଅନୁଭବ କରୁଥିଲେ ନିଜ ଭିତରେ ନିଜକୁ । ନାଃ ! ଅବଶେଷରେ, ନିଜର ଶଯ୍ୟା ସେ ପରିବର୍ତ୍ତନ କରିବେ । ପର୍ବତର ବନ୍ଧୁର ବକ୍ଷକୁ ବିଦୀର୍ଣ୍ଣ କରି ସେ ସମୁଦ୍ରର ଅନୁସନ୍ଧାନ କରିବେ । ନିଜର ତରଙ୍ଗମାଳାକୁ ସଙ୍କୁଚିତ କରି ସେ ସୃଷ୍ଟି କରିବେ ଦୁଇଧାରରେ ଶସ୍ୟଶ୍ୟାମଳା ସବୁଜା ପୃଥିବୀ ।

ପୁରୁଷର ସମ୍ଭୋଗରେ ପ୍ରକୃତି ଯେତିକି ପୀଡ଼ିତା, ଲାଞ୍ଛିତା, ଆହତା ହୋଇଛି; ସୃଷ୍ଟିର କମନୀୟତାରେ, ପାଳନର ବେଦନାବୋଧରେ ସେ କ'ଣ ସେତିକି ବିଜୟିନୀ ହୋଇ ନାହିଁ ?

ଅଶ୍ରୁସିକ୍ତା କଲ୍ୟାଣୀଙ୍କର ଇଚ୍ଛା ହେଉଥିଲା ନିଜର ମୁଖକୁ ଦର୍ପଣରେ ଦେଖିବାକୁ ।

# ପ୍ରତିଧ୍ୱନି

ଗୋପୀନାଥ ଦୁଆରା ଉପରେ ଅଣ୍ଟା ସଳଖି ଛିଡ଼ାହେଲେ । ଦୂରରୁ ମନେ ହେଉଛି କୁହୁଡ଼ି ବଢ଼ୁଛି ହୋଇ ପଡ଼ୁଛି । ଅଥଚ ଶୀତଋତୁ ଆସିବାକୁ ଅନେକ ଡେରି । ଜାଲୁଜାଲୁଆ ଚାହାଣୀ ଦେଇ ନିଜ ବିଲ ଖଣ୍ଡକର ଆସ୍ତରଣ ସେ ଠିକ୍ ଠଉରେଇ ପାରୁ ନ ଥିଲେ । ନଜର ଆଉ କ'ଣ ? ତଥାପି ମନ ବୁଝେ ନା ! ପୁଅ ନାତିଙ୍କୁ ତ ସେ ଦେହରୁ ରକ୍ତ ନିଗାଡ଼ି ଜନ୍ମ ଦେଇଛନ୍ତି ସେମାନେ କ'ଣ ପର ?

ଗୋପୀନାଥ ବାଡ଼ିଖଣ୍ଡିକ ଧରି ଘରଆଡ଼କୁ ମୁହାଁଇଲେ । ଗଲା ବର୍ଷଠୁଁ ବୟସ ଥାଉ ଥାଉ ସେ ବାଡ଼ି ଧରିଲେଣି । କିଛି ଗୋଟାଏ ନ ଧରିଲେ ଚାଲିବା ଯେମିତି ମୁସ୍କିଲ୍ । କେତେ ଲୋକେ କହିଲେ ଦୁଇ ପିଅଙ୍କ କାହାଘରରେ ତାଙ୍କର ବଳ ଭାଙ୍ଗି ପଡ଼ିଲା । ମୋଟେ ନୁହେଁ··· ମୋଟେ ନୁହେଁ··· । ସେ କଥା ତ ସେ କାହା ଆଗରେ କହି ପାରିବେ ନ । ଆଉ କେତେକ କହିଲେ ପୁଅମାନେ ପରିଛନ୍ତି ଜାହାନ୍ତି, ଭଲ ମନ୍ଦ ଖବର ନେଉ ନାହାନ୍ତି । ସେଇଥିପାଇଁ ସେ ଦିନକୁ ଦିନ ଏମିତି ହତୋତ୍ସାହ ହୋଇ ପଡ଼ୁଛନ୍ତି । ଗୋପୀନାଥଙ୍କ ଶୁଖିଲା ଚମରେ ଯେମିତି ନିଆଁ ଲାଗିଯାଏ କ୍ଷଣିକ ପାଇଁ । ପୁଣି ସେ ତାକୁ ଲିଭାଇ ଦିଅନ୍ତି ହସି ହସି । ତାଙ୍କ ଭଳି ଲୋକ ପକ୍ଷରେ ଆଉ କ'ଣ ବା ସମ୍ଭବ ? ଗତ ସ୍ରୋତରେ ସେ ଭାସି ଭାସି ଯାଇଛନ୍ତି, ହେଲେ ମୁହଁ ଶୁଖାଇ ନାହାନ୍ତି, ଅଭିଯୋଗ କରି ନାହାନ୍ତି । ଏବକୁ କେମିତି କେମିତି ହତାଶିଆ ଲାଗୁଛି ।

ଗାଁ ଦାଣ୍ଡରେ ଗୋଟାଏ ଖରଖରିଆ ଶୂନ୍ୟତା । ମାଗୁଣୀ ବୋଉର ଏଧାବେଳିଆ ନିତିଦିନିଆ କାନ୍ଦଣା ବି ଶୁଭୁନାହିଁ । ଆକାଶରେ ତାରା ଗୁଡ଼ାକ ମିଟି ମିଟି ଖାଲି ହେଉଛନ୍ତି ।

ନିଜ ପିଣ୍ଡାର ଖାମ୍ବାଟା ପାଖରେ କିଏ ଜଣେ ଗୋଡ଼ଠାରୁ ମୁଣ୍ଡ ପର୍ଯ୍ୟନ୍ତ ଘୋଡ଼େଇ ହୋଇ ବସିଛି । ଗୋପୀନାଥ ଗଳା ଖଙ୍କାରି ଉଠିଲେ । ମୂର୍ତ୍ତିଟା ଯେପରି ସଜୀବ ହୋଇ ଉଠିଲା । ଆଜି ଗୋପୀନାଥ

ଜାଣିଲେ ସେ ତାଙ୍କର ସ୍ତ୍ରୀ ହେମପ୍ରଭା ଓରଫ କୁନାବୋଉ । କପରି ଗୋଟାଏ ହାଲୁକା ଗଣ୍ଡରେ ସେ ସେଠାରେ ବସି ପଡ଼ିଲେ ।

କୁନା ବୋଉ ପାନଛେପ ଢୋକ ନେଇ କହିଲେ—"ହୁନା ଶଠି ତ ପଡ଼ିଲ—କ'ଣ ଠିକ୍ କଲ ?"

"ତମେ କହୁନ କ'ଣ କରିବା ? ମୁଁ ତ ଆଉ ଏ ବୁଢ଼ା ବୟସରେ କେଉଁଠି ଅର୍ଜନ କରିବାକୁ ଯିବ ନା । ଛ' ଛଅଟା ପୁଅ—ହେଲେ...... ଗଣ୍ଡେ ଖାଇ ନିଶ୍ଚିନ୍ତରେ ଟିକେ ହରିନାମ କରିବାକୁ ଭାଗ୍ୟରେ ଜୁଟିଲା ନା । ଓଲଟି ମୋ ଉପରେ ଜୁଲୁମ—ଜମି ଦିଅ, ଘର ଦିଅ, ଭଲମନ୍ଦ ବୁଝ... ଝିଅ ଦି'ଟାଙ୍କ ବାପଘରକୁ ପୁଅମାନଙ୍କ ଢଙ୍ଗ ଦେଖିଲ ତ ?"

ଗୋପୀନାଥ ଦୀର୍ଘ ନିଃଶ୍ୱାସଟାଏ ପକାଇ ପକାଇ ଅଟକିଗଲେ । ଘର ଭିତରୁ କୁନାର ପୁଅ ଚିରିଚିରେଇ କାନ୍ଦ ଉଠିଲା । ତା' ସଙ୍ଗରେ ବୋହୂର କଳକଳା ରଡ଼ି ଚତୁର୍ଦ୍ଦିଗରେ ହଠାତ୍ ଗୋଟାଏ ଝଙ୍କାର ତୋଳି ଉଠିଲା ।

କୁନାବୋଉ ଖେଙ୍କି ଉଠିଲେ—"ପିଲାଟାକୁ ବୁଝେଇ ପାରୁନୁ, ମା ହୋଇଚୁ କ'ଣ ?—ଶବଦ କରି ଗାଁ ଦାଣ୍ଡ କମ୍ପଉଚୁ ?"

କୁନା ବୋହୂ କାନ୍ଦ କାନ୍ଦ କଣ୍ଠରେ ଜବାବ ଦେଲା—"ପିଲାଟାକୁ ଦି'ଦିନ ହେଲା ଜ୍ୱର । ପାଣି ଟୋପାଏ ପାଟିକୁ ଯାଉ ନା । ଘରେ ତ କିଛି ନାହିଁ...ମୁଁ କରିବି କ'ଣ ?"

କୁନା ବୋଉ ଜୋକ ମୁହଁରେ ଲୁଣ ଦେଲାପରି ବନ୍ଦ ହୋଇଗଲେ ! ଘରେ ଦି'ମୁଠା ଚାଉଳ ବି ନାହିଁ । ସକାଳୁ କୁନା କୁଆଡ଼େ ଯାଇଚି ଯେ ସଞ୍ଜ ହେଲାଣି । ତା'ର ପାଞ୍ଚ ପାଞ୍ଚଟା ପିଲା ରାତିଟାରେ ଉପାସ ରହିବେ କି କ'ଣ ?

ଗୋପୀନାଥ ବାଡ଼ି ଖଣ୍ଡିକ ଧରି ପିଣ୍ଡା ତଳକୁ ଓହ୍ଲାଇଲେ । କୁନା ବୋଉ କରୁଣ ସ୍ୱରରେ କହିଲେ—"ଆଉ, ଯିବା ଦରକାର ନାହିଁ । ମୁନା ଘରେ ସକାଳେ ନାଟ ଲାଗିଥିଲା । ବୋହୂ ମୁଣ୍ଡ ଫାଟେଇ ରକତରେ ଜୁଡ଼ୁ ବୁଡ଼ୁ ହୋଇଚି ।"

ତଥାପି ଗୋପୀନାଥ ପଚାରିଲେ—"କାହିଁକି ?"

"କାହିଁକି ଆଉ କ'ଣ ? ସେଇ ଖାଇବାକୁ ନାହିଁ...ତିନି ବୁଢ଼ା ଚଢ଼ ଚଢ଼ ହେଉଛନ୍ତି । ବୋହୂଟାର ହାତ ବଢ଼ିଲାଣି—ପାଞ୍ଚ ପଇସା [illegible] [illegible] କ'ଣ ?"

"ମୁନାଇ ତ ଦରମା ଗଣ୍ଠାକ ଅଛି ଜଗିରଖି ଚଳିଲେ ସିନା ହବ ! ଦିନେ ଯଦି ମାଛ ପଲଉ, ଆଉ ଦିନକୁ ଉପାସ ! ଯାବତ୍ ବେହିସାବୀ ।"

"କାହିଁକି ମିଛରେ ତା' ଉପରେ ଚିଡ଼ୁଛ ଶୁଣେ ? ଦରମା ତ ଟଙ୍କା ପଚିଶଟା—ଫେର୍ ମିଲ୍ ବନ୍ଦ ହେଲେ ସେଥିରୁ କାଟି ବି ଯାଏ କଛି । ଛ' ପରାଣୀ, ଭଲ ମନ୍ଦ ସବୁ ସେଇଥିରୁ—ଆଉ ହାତୀ ନା ଘୋଡ଼ା ? ଭଲା ଦି'ଅକ୍ଷର ପଢ଼ିଥାନ୍ତେ ।"

ବୁନା ବୋଉ କଥା କହିସାରି ଆଣ୍ଠୁ ଭିତରେ ମୁହଁ ଲୁଚାଇଲେ । ପୁଅମାନଙ୍କର ଅପାରଗତାକୁ ସେ ଏମିତି ଘୋଡ଼େଇ ନେବାକୁ ଚେଷ୍ଟା କରି ଜାଣନ୍ତି ।

ଗୋପୀନାଥ ପିଣ୍ଡା ଉପରେ ବସି ପଡ଼ିଲେ ପୁଣି । ଦି' ଅକ୍ଷର ପଢ଼ାଇଥାନ୍ତେ କେମିତି ସେ କାହାକୁ ? ବୁନା ବୋଉ ଦିନେ ବି ବୁଝିବାକୁ ଚେଷ୍ଟା କଲା ନି । ସେତେବେଳେ ସେଇ ତ ପିଲାଙ୍କୁ ସ୍କୁଲ ଛୁଡ଼ାଇଲା ନି । ଖାଲି କହିଲା ବାପ ଜେଜେ ଅମଳରୁ ସଭିଏଁ ଜମି ନେଇ ବ୍ୟସ୍ତ ଥିଲେ...... ଠାକୁରେ ଗଢ଼ିଲେ, ଭାଗ୍ୟରେ ଥିଲେ...... । ଟଙ୍କାକୁ ଜିଦ୍ କରି ସେ ପଢ଼ାଇଥିଲେ । ହେଲେ ଲାଭ ବା କ'ଣ ହେଲା ? ସାନ ଭଳି ପୁଅଙ୍କୁ ଉପରି ଦୁଇଟା ବଡ଼ ଚାକିରି ପାଇବା ଆଶାରେ କଲିକତା ଆଉ କଟକ ଗଲେ । କ'ଣ ହେଲା ? ଜଣେ ଚେଷ୍ଟା କରି ଜେଲ ଖଟୁଛି, ଅନ୍ୟ ଜଣେ ମନକୁ ମନ ବାହା ହୋଇ ଘର ସଂସାର କରି ଏବେ ଚୌଦ୍ଦଟ ସମ୍ପତ୍ତିରୁ ଭାଗ ମାଗୁଛି । ସବା ସାନଟା ବୁଲୁଛି ଗାଁରେ ଟୋ-ଟୋ ହୋଇ ! ଜମି ବାଡ଼ିରେ ତା'ର କାମ କରିବାକୁ ମନ ନାହିଁ ।

ଗାଁ ପିଲାଙ୍କୁ ମଚେଇ ଖାଲି ନାଟ ତାମସା ଆଉ ଗାଁ ଝିଅଙ୍କ ପଛରେ ସୁଷୁରି ମାରି ବୁଲିବା ହେଉଛି ତା'ର କାମ । ଘରକୁ ପଇସାଟିଏ ଆଣିବାର ତା'ର ଶକ୍ତି ନାହିଁ । ଓଲଟି ଜୁଲୁମ କରି ବାଡ଼ି ଜମିରୁ ବାଣ୍ଟ ଚାହେଁ । ସବା ସାନ ଝିଅଟି ବାହା ହେବାର ବୟସ ଡେଇଁ ଗଲାଣି ।

ହଠାତ୍ କରି ଭାରି ଦୁର୍ବଳ ମନେକଲେ ଗୋପୀନାଥ । ବୟସ ପଞ୍ଚଷଠି ଟପି ଗଲାଣି । କେତେବେଳେ କୋଉ କଥା ?

"କ'ଣ କହୁଛ କହୁନ ଯେ ?" ନିସ୍ତବ୍ଧତା ଭାଙ୍ଗି ବୁନା ବୋଉ ପ୍ରଶ୍ନ କଲେ !

ଗୋପୀନାଥ ଅନ୍ୟମନସ୍କ ଭାବରେ ଉତ୍ତର ଦେଲେ—"ବୁନାକୁ ଏଇଠି ଘରକୁ ଡକାଇ ଆଣ । ସେ ସବୁ ବୁଝୁ...ମୋର ଆଉ ଶକ୍ତି ନାହିଁ..."

କୁନା ବୋଉ କାନ୍ଦି ଉଠିଲେ । କୁନା ତାଙ୍କର ବଡ଼ ପୁଅ । ତାଙ୍କର ଘୋର ଅନିଚ୍ଛା ସତ୍ତ୍ୱେ ସେ କୁନାକୁ ନିଜ ଭଉଣୀକୁ ଦେଇଥିଲେ । କୁନା ଗଲା ପରେ ଅବଶ୍ୟ ଭଉଣୀର ପଛକୁ ପଛ ସାତୋଟି ପିଲା ହୋଇଛନ୍ତି । ମାତ୍ର କୁନାକୁ ସେ ଫେରେଇ ନାହାଁନ୍ତି କି ଗୋପୀନାଥ ଆଣିବାର କୌଣସି ଯୁକ୍ତି ଦେଖି ନାହାନ୍ତି । ଏତେ ଗୁଡ଼ାଏ ପିଲା ଥାଇ ବି ହେମପ୍ରଭା ଓରଫ କୁନା ବୋଉଙ୍କ ସ୍ମୃତି କୁନା ପାଇଁ ବେଳ ଅବେଳରେ କାନ୍ଦି ଉଠେ ।

ମାତ୍ର କୁନାକୁ କେମିତି ଫେରେଇବେ ଆଉ କାହିଁକି ? ଛ'ପୁଅରୁ ଜଣେ ସେଆଡ଼େ ଥିବାରୁ ଅନ୍ତତଃ ଜଞ୍ଜାଳ ଟିକେ କମି ଯାଇଛି । ନ ହେଲେ ତିନମାଣ ଜମିକୁ ଏଇନେ ଛ'ଭାଗ କରିବାକୁ ହୁଅନ୍ତା !

କିନ୍ତୁ ? ସେଠାରେ ପୋଷ୍ୟପୁତ୍ର ବୋଲି ତା'ର ଭାଗ ନାହିଁ; ଏକଘରକିଆ ହୋଇ ଚଳୁଛି । ଏଠାକୁ ନେଇ ଆସିବା ସେ ତାକୁ କ'ଣ ଦେବେ ? କ'ଣ ଅଛି ? ଆଉ ଯେଉଁ ପୁଅର ଦାୟିତ୍ୱ ସେ ପିଲାଦିନୁ ନେଇ ନାହାନ୍ତି କେଉଁ ସାହସରେ ସେ ତାକୁ କହିବେ ଅନ୍ୟମାନଙ୍କର ଦାୟିତ୍ୱ ତୁ ବୁଝ; ମୁଁ ଚାଲିଲି ·· !

ତା' ପାଇଁ ତ ଜମି ଖଣ୍ଡେ ସେ ରଖି ନାହାନ୍ତି ।

“କୁନା ଛଠିରେ ଜବାବ କ'ଣ ଦେବ ? ନଇଲେ ଯଦି ଝଗି ମାଗି କେଶ୍ଟା କରିଦଏ···ତାଣ୍ଡରେ ମୁହଁ ଦେଖେଇବା କେମିତି ?”

“ଭଗବାନ ଅନନ୍ତ ! ଜୀଇଁ ଥାଉଁ ଥାଉଁ ଦେଖିବ ଆଖି ଆଗରେ ଜମିବାଣ୍ଟ । କୋଉ ସାତପୁରୁଷ ଅମଳର ଜମି···ଆଉ ଘରଡ଼ିହ ଖଣ୍ଡେ, ମୁଁ ଜୀଇଁଛି, କେମିତି ତାକୁ ବାଣ୍ଟ କରିବ ? ଆଉ ମୁହଁ ଦେଖାଇ ପାରିବନି । ତା ଅପେକ୍ଷା ଆତ୍ମହତ୍ୟା କରି ମରିବା ଭଲ !”

କୁନାବୋଉ ବଡ଼ ବଡ଼ ହୋଇ ଘର ଭିତରକୁ ଉଠିଗଲେ । କୁନାର ପୁଅଟା କୁଣି ଖଡ଼ା ଧରିଛି । ଅନ୍ୟ ପିଲାଗୁଡ଼ା ବୋଧେ ଖେଳରେ ମାତିଲା ହୋଇ କୁଆଡ଼େ ଉଡ଼ିଗଲେଣି । କୁନାଟା ଫେରୁ ନ ଥାନ୍ତି କି ? କୁଆଡ଼େ ଗଲା ? ଟୋକାଙ୍କ କେଉଁଠି ଅଧିଆ ପଡ଼ିଥିବ କି କ'ଣ ?

ଗୋପୀନାଥ କ'ଣ ଭାବି ବାଡ଼ିଧରି ଆଗେଇ ଗଲେ ; ଦେଖିଲେ ନାଳଘରେ ଯଦି ବନ୍ଧୁ ଧାଇ ଭଜନ ମିଳେ । ମନଟା ଉଚ୍ଛନରେ [illegible] । [illegible] କ'ଟାରେ ଯୋଗେ ବଳ ନାହିଁ ।

ଗାଁଟାସାରା ନିସ୍ତବ୍ଧ ହୋଇ ଆସୁଛି । ଛପିଲା ଛପିଲା ଜହ୍ନ ଭିତରେ ସବୁ ଘରଗୁଡ଼ାକ ଅସ୍ପଷ୍ଟ ଦିଶୁଛି । ଘରଗୁଡ଼ାକ ନଇଁ ପଡ଼ୁଛି ସତେ ବା କେଉଁ ଦୁଃଖ ଭାରରେ ।

ଗୋପୀନାଥ ଡାହାଣ ହାତ ରାସ୍ତା ଉପରେ ଥମକି ଛିଡ଼ାହେଲେ । ବୁଢ଼ା ବରଗଛ ସେପଟେ ଜାଲିଜାଲିଆ ଅନ୍ଧାରରେ କିଏ ଜଣେ ଆସୁଛି । କାନ୍ଧରେ ତା'ର ପିଲାଟାଏ ନାଁ କ'ଣ ? ପଛରେ ଜଣେ ସ୍ତ୍ରୀଲୋକ । ଆଉ ତା' ପଛକୁ ପଛ କି କେତେଗୁଡ଼ିଏ ଛୋଟ ବଡ଼ ଭାଇ··· ।

ଗୋପୀନାଥଙ୍କ ଛାତି ଭିତରଟା ଗୁଡ଼ୁଉଁକିନା ହୋଇଗଲା ! ବାଡ଼ିଟା ଉପରେ ହାତଟା କମ୍ପିବାକୁ ଲାଗିଲା । କିଏ ? କିଏ ? ଏ ଯେ ବୁନା !

"ବାପା !"

ଗୋପୀନାଥ ଉତ୍ତର ଦେଇ ପାରିଲେ ନି ।

"ବାପା···ବାପା ! ବୁନା ଭାଇ··· !"

ଦୁଃଖ ଯନ୍ତ୍ରଣାରେ ବୁନା ଭେ ଭେ କରି କାନ୍ଦିଉଠିଲା । ତା ପଛକୁ ପଛ ସ୍ତ୍ରୀ ଲୋକଟି ! ତଥାପି ଗୋପୀନାଥ କିଛି କଥା କହିପାରୁ ନ ଥିଲେ । ସ୍ତ୍ରୀ ଲୋକଟିର ପଛଆଡ଼େ ହାଡ଼ୁଆ ରୋଗୀଣା ଛୋଟ ଛୋଟ ପିଲାଗୁଡ଼ିକ ଭେ ଭେ କାନ୍ଦୁଥିଲେ ।

"ବୁନା ଭାଇ ବିଷ ଖାଇ ସବୁଦିନ ପାଇଁ ଚାଲିଯାଇଛି ।"

ଗୋପୀନାଥ କର୍କଶ କଣ୍ଠରେ ଚିତ୍କାର କରି ଉଠିଲେ, "କିନ୍ତୁ କାହିଁକି ? କାହିଁକି ବିଷ ଖାଇଦେଲା ?"

ପିଲାଗୁଡ଼ାକ ଚମକି ପଡ଼ିଲେ ସେ କଣ୍ଠରେ ! ବୁନାବୋହୂ, ବୁନା ଓ ପିଲାଙ୍କର ବିକଳ କାନ୍ଦଣାରେ ନିସ୍ତବ୍ଧ ରାତି କମ୍ପି ଉଠିଲା—ଆଉ ତା' ଭିତରେ ଗୋପୀନାଥଙ୍କର 'କାହିଁକି'ର ପ୍ରତିଧ୍ୱନି ଭାଙ୍ଗି କାନ୍ଦିକରି ବାଜି ତାଙ୍କୁ ହିଁ ଖତେଇ ହେଉଥିଲା ଯେପରି ।

ପଛୁ ସେମିତିବେଳକୁ ମୁନା, ମୁନାବୋହୂ, ବୁନାବୋହୂ, ହେମନ୍ତଙ୍କ ଆଉ ତାଙ୍କର ପିଲାଗୁଡ଼ାକ କିଛି ନ ବୁଝି ବାହାରି ଧାଇଁ ଆସିଥିଲେ । ଆଗପଛ ଚାରିପଟକୁ ଚାହିଁ ଗୋପୀନାଥ ପାଗଳ ହେଲାପରି ବଜ୍ରଗମ୍ଭୀର କଣ୍ଠରେ 'କାହିଁକି' 'କାହିଁକି' ଯେତିକି ଚିତ୍କାର କରୁଥିଲେ, ପିଲା-ଗୁଡ଼ାଙ୍କର ଅବୁଝା କାନ୍ଦଣାର ସ୍ୱର ସେତିକି ସେତିକି କରୁଣ ହୋଇ ଉଠୁଥିଲା !

●

# ସାଧାରଣ

ଆକାଶ ସୁନ୍ଦର । ତାର ସୁନ୍ଦର, କାରଣ ସେ ଦୂରରେ । ପ୍ରାପ୍ତିର ନିଶା ନାହିଁ, କି ବିରହର ଜ୍ୱାଳା ନାହିଁ । ପୃଥିବୀ ଲୋଭନୀୟ, କାରଣ ତା'ର ପ୍ରାପ୍ତି ଅଛି । ସେ ମର୍ମନ୍ତୁଦ, କାରଣ ତା'ର ବେଦନା ଅସମାପ୍ତ ।

ଆରତି ଆକାଶ ଓ ପୃଥିବୀର ତର୍ଜମା କରୁଥିଲେ । କ୍ଲାନ୍ତ, ଖାଲି କ୍ଲାନ୍ତ, ପାଦ ଆଗକୁ ପଡ଼ୁନି । ବୃଖଣ୍ଡେ ବାଟ ହେବ ନା ନନ୍ଦତାର ଘର । ଅଥଚ କ୍ଲାନ୍ତରେ ଯେମିତି ସେ ଭାଙ୍ଗି ପଡ଼ୁଛନ୍ତି ।

ସେପ୍ଟେମ୍ବରର ଖରା ଅଦ୍ଭୁତ ଭାବରେ ପ୍ରଖର । ବଗିଚାରେ ବେଶ୍ ବଡ଼ ବଡ଼ ଚମ୍ପାଫୁଲ ଫୁଟିଛି ।

ଆରତି ଡ୍ରଇଂ ରୁମ୍‌ରେ ପଙ୍ଖା ଫ୍ୟାନ ଖୋଲିଦେଲେ । ଘରଟି ଶୂନ୍ ଲାଗୁଛି । ପିଲା ଦୁଇଟା ସ୍କୁଲକୁ ଯାଇଛନ୍ତି । ଆଗେ ଟିଫିନ୍ ଛୁଟିରେ ଗୋଟାଏ ବେଳେ ସେମାନେ ଆସି ଘରେ ଖାଉଥିଲେ । ସୁକାନ୍ତ ଅଫିସ୍‌ରୁ ଲଞ୍ଚ ଆୱାରରେ ଆସି ବେଳେ ବେଳେ ଯୋଗ ଦେଉଥିଲେ ସେମାନଙ୍କ ସହ । ହଇଚଇରେ ଘରଗୋଟାକଯାକ ଯେପରି ଫାଟିପଡ଼େ ଆରତିଙ୍କ କାନ ଉପରେ ! କ୍ରମଶଃ ତାଙ୍କୁ ସେସବୁ ଭଲ ଲାଗିଲା ନାହିଁ । ରୀନା ମୀନାଙ୍କର ମିସ୍ କ'ଣ କହିଲେ, କେମିତି ପଢ଼ାଇଲେ ଆଉ ସୁକାନ୍ତଙ୍କର ବସ୍ କପର ତାଙ୍କୁ ଏପ୍ରିସିଏଟ୍ କରନ୍ତି ଆଉ ସେ କେମିତି ସମସ୍ତଙ୍କର ପ୍ରଶଂସାର ପାତ୍ର ଅର୍ଥାତ୍ ଭଲ ବ୍ରିଜ୍ ଖେଳନ୍ତି, ସମୟେ ସମୟେ କ୍ଲବରେ ଡ୍ୟାନ୍ସ କରନ୍ତି, ଆଉ ନାରୀ ବନ୍ଧୁମହଲରେ ସେ କେମିତି [illegible] କରନ୍ତି, ଏସବୁ ଶୁଣିବାକୁ ଆରତିଙ୍କ ଧୈର୍ଯ୍ୟ ରହେ ନାହିଁ । ଭଲ ଲାଗେ ନାହିଁ । କହିବାକୁ ଇଚ୍ଛା କରନ୍ତି, ହସଟା କିନ୍ତୁ ଆପଣାର [illegible] ନା । କଥାରେ ତାଳ ଦେବାକୁ ଇଚ୍ଛା କରନ୍ତି, ମନଟା ସମାନ ଦେଇ [illegible] ଯୋଗାଇ ଦିଏ ନା । ସମୟେ ସମୟେ ଭଲ ଲାଗେ, ସମୟେ [illegible] ଲାଗେ ନା !

ଏ ସମସ୍ତ ଜଞ୍ଜାଳରୁ ସେ ଏବେ ମୁକ୍ତି ଲାଭ କରିଛନ୍ତି । ପିଲାମାନଙ୍କର ଟିଫିନ୍ ସେ ପଠାଇ ଦିଅନ୍ତି ସ୍କୁଲକୁ । ସୁକାନ୍ତ ଦଶଟା ବେଳେ ଲଞ୍ଚ ସାରି ଅଫିସ୍ ଯାଆନ୍ତି; କାରଣ ଅଫିସରେ ଜରୁରୀକାଳୀନ ଅବସ୍ଥା-ପାଇଁ କାମର ମାତ୍ରା ବେଶୀ । ସେଥିରେ ଆରତି ହସନ୍ତି...କିଛି ଲାଇଟ୍ ଟିଫିନ୍ ପଠାଇବାପାଇଁ ସ୍ତ୍ରୀସୁଲଭ ଅନୁରାଗ ସେ ନ ଦେଖାଉଛନ୍ତି ଏମିତି ନୁହେଁ, ମାତ୍ର ସୁକାନ୍ତ ମନା କରନ୍ତି । ମିସ୍ ଲତିକା ରାୟ ତାଙ୍କର ସହକର୍ମିଣୀ ପ୍ରତିଦିନ ଦୁଇଟା ସନ୍ଦେଶ, ଗୋଟାଏ କଦଳୀ ତାଙ୍କ ପାଇଁ ଆଣନ୍ତି । ବାସ୍ ଆଉ ଲୋଡ଼ା କ'ଣ ? ମାତ୍ର ପିଅନଠାରୁ ସେ ଶୁଣିବାକୁ ପାଆନ୍ତି, ବାବୁ ପ୍ରତିଦିନ ଟିଫିନ୍ କିଛି ବଜାରରୁ ମଗାନ୍ତି... । ଭଲ ଲାଗେ ନା । ଲତିକା ପ୍ରତି ସୁକାନ୍ତଙ୍କର ଦୁର୍ବଳତା ସେ ଜାଣନ୍ତି । ଆଜିକାଲି ସୁମନା ଓ ଛନ୍ଦା ସହିତ ମଧ୍ୟ ବନ୍ଧୁତ୍ୱ ବଢ଼ିଯାଇଛି—ବ୍ୟସ୍ତ ହେବାର କିଛି ନାହିଁ । ଗୋଟିଏ ନାରୀ ପ୍ରତି ସୁକାନ୍ତଙ୍କର ଦୁର୍ବଳତାକୁ ଯଦି କ୍ଷମା କରି ପାରନ୍ତି, ବା ଉଦାସୀନ ହୋଇପାରନ୍ତି, ତେବେ ସହସ୍ର ନାରୀ ପ୍ରତି ଦୁର୍ବଳତାକୁ ସେ କ୍ଷମା କରି ପାରିବେ ନାହିଁ ? ପାରିବାପାଇଁ ସେ ଯେ ବାଧ୍ୟ ! ନ ପାରିବାର ପ୍ରଶ୍ନ ଉଠେ ନାହିଁ । ସେ ଉଦାସ ଓ ନିଶ୍ଚଳ ; ଅଥଚ ଏ ଲୋକ[illegible]ନ ଓ ସମାଜ ତାଙ୍କୁ ବସେଇ ଉଠେଇ ଦେଉ ନା । କ'ଣ ଅବା ସେ କରି ପାରିବେ ? ତାଙ୍କଦେଇ କିଛି ଆଉ ହେବା ସମ୍ଭବ ନୁହେଁ; ଦୁଇଟି ସନ୍ତାନର ଜନନୀ ହୋଇ ସାରିଲା ପରେ ଶରୀରର ଲୁକ୍ ତାଙ୍କର ନଷ୍ଟ ହେବା କଥା—ହୋଇଛି ମଧ୍ୟ । ପ୍ରେମ ଓ ଅନୁରାଗ ପ୍ରତି ଉଦାସୀନ ନ ହେଲେ ବି ପ୍ରକାଶ କରିବାପାଇଁ ନାଟକୀୟ ଭଙ୍ଗୀରେ ସେ ପ୍ରତିମୁହୂର୍ତ୍ତରେ ସଜାଗ ରହି ପାରିବେ ନ । ଇଚ୍ଛା ମଧ୍ୟ ନାହିଁ । ଆବଶ୍ୟକତା ମଧ୍ୟ ନାହିଁ । ଭଲକରି ମୁଣ୍ଡ ବାନ୍ଧିଲେ ଝିଅ ଦି'ଜଣ ପଚାରନ୍ତି ମା' କୁଆଡ଼େ ଯିବ ? ସୁକାନ୍ତ ଖବର ନିଅନ୍ତି ତାଙ୍କର ଗାଡ଼ି ଦରକାର କି ନାହିଁ । ପ୍ରଷ୍ଟାସ୍ ସ୍ୱକର ଗେଷ୍ଟେଇର ଆଗକୁଆ ବଗିଚାପାଇଁ ଧାଡ଼ି ଦିଅନ୍ତି । ବେଳେ ବେଳେ ମନ ଉପରେ ବିରକ୍ତ ହୁଅନ୍ତି, ବେଳେ ବେଳେ ହସନ୍ତି ମଧ୍ୟ । ସମାଜ ଓ ପରିବାର ତାଙ୍କର ଏଇ ଅସମସ୍ତ ଚପଳତାକୁ ହୁଏତ ପସନ୍ଦ କରେ ନାହିଁ । ଅଥଚ... ?

ସାଙ୍ଗ ସାଥି କେହି ଭଲ ଲାଗୁ ନାହାନ୍ତି । କାହା ସହିତ କଥା ଭଳି କ ଅବସର କଟାଇ ସେ ଆନନ୍ଦ ପାଉ ନାହାନ୍ତି । କୁଆଡ଼େ ବୁଲିଲେ ସମସ୍ୟା...ସମସ୍ତଙ୍କର ଖାଲି ସମସ୍ୟା ଶୁଣି ଶୁଣି ସେ ପାଗଳ ହୋଇ

ଗଲେଣି । ସେ କାହାକୁ କ'ଣ କହିବେ ? କେଉଁଠି କେଉଁ ମଣିଷ ପାଖରେ ସେ ଛୁଆଁ ହୋଇ କହିବେ 'ମୁଁ କ୍ଳାନ୍ତ, ମୁଁ ବିଷଣ୍ଣ, ମତେ ସଜୀବ କର, ମୋତେ ପ୍ରାଣର ସ୍ପର୍ଶ ଦେଇ ରଙ୍ଗିନ୍ କର ।' ନାଁ ନାଁ ସେ ପାରିବେ ନାହିଁ··· ପାରିବେ ନାହିଁ··· !

ଏଇ ତ ନନ୍ଦିତାର ଘରୁ ଫେରି ସେ ଆହୁରି ବେଶି କ୍ଳାନ୍ତ ହେଲେ । ନନ୍ଦିତାର କାନ୍ଦ ଦେଖି ସେ ଆଉ ବିଚଳିତ ହେଲେ ନାହିଁ । କ'ଣ ଦର୍କାର ? ନନ୍ଦିତା ତା' କର୍ମର ଫଳ ଭୋଗକରିବ ନ ତ ଆଉ କିଏ ତା' ପାଇଁ କରିବ ! ବିବାହ କଲି ନାହିଁ, ପୁଅ ଝିଅ ସଂସାର ବୋଇଲେ କିଛି ନାହିଁ—ଅଛି ଖାଲି କାନ୍ଦିବାର ଶକ୍ତି ! କ'ଣ ଦର୍କାର ଥିଲା ସୌମେନ୍ଦ୍ର ଭଳି ଗୋଟିଏ ବସ୍ତୁ-ସର୍ବସ୍ୱ ଲୋକପାଇଁ ସମଗ୍ର ଜୀବନ ତିଳ ତିଳ କରି ଉତ୍ସର୍ଗ କରିବାରେ ? ସେ କହେ ସେ ତ୍ୟାଗ କରିଛି, ସମଗ୍ର ଜୀବନର ଶାନ୍ତି, ସୁଖ, ଆନନ୍ଦ ତଥା ଇହକାଳ ପରକାଳ ସେ ସବୁ ତ୍ୟାଗ କରିଛି ସୌମେନ୍ଦ୍ର ପାଇଁ ? ନନ୍ଦିତା ମିଥ୍ୟା କଥା କହେ । ତ୍ୟାଗର ପଶ୍ଚାତ୍‌ରେ ଅହମିକା ଯଦି ନ ଥାନ୍ତା··· ନନ୍ଦିତା ଏପରି ଦିନକୁ ଦିନ ଶ୍ରୀହୀନ ଦିଶନ୍ତା ନାହିଁ । ସମସ୍ତ ଛାଡ଼ିଦେଇ ଗ୍ଲଲିଛି ସୌମେନ୍ଦ୍ର । କେତେ ଯୁଗ ଏମିତ ଗଡ଼ିଯିବ କିଏ କହିବ ?

ନନ୍ଦିତା ! ଆରତି ମନେ ମନେ ହିସାବ କଲେ । ହୁଏତ ନନ୍ଦିତା ତାଙ୍କଠାରୁ ବର୍ଷେ କି ଦି' ବର୍ଷ ଜ୍ୟେଷ୍ଠ ହେବ । ନିଜ ମନ ଭିତରୁ ସ୍ପର୍ଶ ଓ ଚେତନାବୋଧ କାହିଁ କେତେ ଦିନରୁ ମରିଗଲାଣି, ଅଥଚ ନନ୍ଦିତାକୁ ଯେପରି ପ୍ରତିଦିନ ନୂଆ ନୂଆ ମନେ ହୁଏ । କେଉଁ ଅଦ୍ଭୁତ ଦେଶରେ ତା'ର ପ୍ରାଣପ୍ରାଚୁର୍ଯ୍ୟ ଲୁଚି ରହିଛି, ଆଜ ବି ଆରତି ଜାଣନ୍ତି ନାହିଁ । ଆଜ ଯଦି ସେ କାନ୍ଦୁଛି କାଲି ସେ ହସି ହସି ବେଦମ୍ କରେଇବ । ଆଜ ଯଦି ଘରର ଆସବାବ ଓ ଘରପାଟି ଛିନ୍ନ ଭିନ୍ନ ତେବେ ଆସନ୍ତାକାଲି ସେ ସଜ୍ଜିତ ହେବ ନୂତନ ଭଙ୍ଗୀ ଓ ଢଙ୍ଗରେ । ପ୍ରତିଦିନ ଇନ୍ଦ୍ରଧନୁର ବର୍ଣ୍ଣଛଟା— ସେଥିରେ କାରୁଣ୍ୟ ଯେତିକି ଆନନ୍ଦ ବି ସେତିକି ।

ଭଲ ଲାଗେ ନା ନନ୍ଦିତାକୁ ଆଉ ଆଜକାଲି । ପ୍ରତିଦିନ ତା'ର ବଦ୍‌ଗନ୍ଧ ପ୍ରେମର ଇତିବୃତ୍ତ ଯେମିତି ଆରତିଙ୍କୁ ବେଶି ବେଶି ଅବସନ୍ନ କରି ଦେଉଛି ।

ଆରତି କ'ଣ କେବେ ପ୍ରେମ କରି ନ ଥିଲେ ? ସୁକାନ୍ତକୁ ପାଇବାଠୁ ଓହିଁ ଦିନେ ସେ ପାଗଳୀ ହୋଇ ଯାଇଥିଲେ । ପ୍ରତିଷ୍ଠିତ ପିତାର କନ୍ୟା

ପ୍ରାଚୁର୍ଯ୍ୟକୁ ସୁକାନ୍ତର ପାଦତଳେ ଭେଟିଦେଇ ଏ ଘରକୁ ସେ ବଧୂ ହୋଇ ଆସିଥିଲେ । କଥା ଦେଇଥିଲେ ସେ ଓଜର ଆପତ୍ତି କରିବେ ନାହିଁ । ରକ୍ଷଣଶୀଳତାର ଆବେଷ୍ଟନୀ ଭିତରେ ଚୌଧୁରୀ ବଂଶର ଆଭିଜାତ୍ୟକୁ ସେ ଜୀବନର ରକ୍ତବିନ୍ଦୁ ଦେଇ ରକ୍ଷା କରିବେ; ମାତ୍ର ଏ ସବୁ ବଦଳରେ ସେ ତ ପରିବାରର କୁଳବଧୂ ହେବାକୁ ଚାହିଁ ନ ଥିଲେ, ସେ ଚାହିଁଥିଲେ ପ୍ରତିଦାନରେ ସୁକାନ୍ତଙ୍କୁ । ପାଇଛନ୍ତି ବି, କିନ୍ତୁ କେତେ ମାତ୍ରାରେ, କେତେ ପରିମାଣରେ ? ଏ ପ୍ରଶ୍ନର ଉତ୍ତର କିଏ ଦେବ ? କିଏ ଦେବ ? କ'ଣ ଖାଲି ନିଜ ମନକୁ ମନ ହସିଲେ ଆରତି, ମାତ୍ର ସଙ୍ଗେ ସଙ୍ଗେ ଦ୍ୱାରମୁହଁରେ କାହାର ଘୋଷରା ଚଟି ଶବ୍ଦରେ ସେ ସତର୍କ ହୋଇ ଉଠି ପଡ଼ିଲେ ! ପରଦା ସେ ପଟେ ଦୁଇଟି ପରିଚିତ ପାଦ !

"କିଏ ? ଲତିକା ? ଆରେ ଆସ, ଆସ । ଘର ଭିତରକୁ ଆସ ! ଏମିତି ଚୁପ୍‌ଚାପ୍ ଛିଡ଼ା ହୋଇ ରହିଛ ଯେ ? ଆସ... ..।" କଥା ଅଧା ରଖି ପରଦା ଟେକି ଧରିଲେ ଆରତି । ସତେ ବା ବହୁ ସମ୍ମାନିତ ଅତିଥି ତାଙ୍କ ସାମ୍ନାରେ । ଏପରି ଅଭାବନୀୟ ଅଭ୍ୟର୍ଥନା ପାଇଁ ଲତିକା ବୋଧେ ପ୍ରସ୍ତୁତ ନ ଥିଲେ । ସେ ସଙ୍କୋଚରେ ଘରଭିତରକୁ ପାଦ ପକାଇଲେ । ଆରତିଙ୍କ ଇଙ୍ଗିତରେ ସେ ସୋଫାରେ ବସିଲେ ।

"ହଠାତ୍ ବହୁଦିନ ପରେ ଏବଂ ଅସମୟରେ ! ତମର ବସ୍ ବଡ଼ ବେଶି ଲିବରାଲ୍ ଦେଖୁଛି ଯେ...!" କହି ମୁରୁକି ହସିଲେ ଆରତି ।

"ଚିନ୍ତା କରୁଛ ନା ?"

"ଚିନ୍ତା ମୁଁ ଖୁବ୍ କମ୍ କରେ ଲତିକା । ମୋର ଅଭ୍ୟାସ ଓ କଥାବାର୍ତ୍ତା ସହିତ ତମର ପରିଚିତ କ'ଣ ଏତେ ଅଳ୍ପ ଦିନର ! ତା' ଛଡ଼ା ଅନେକ ଦିନ ପରେ ଦେଖା । ତମର ଖବର ସବୁ ଭଲ ତ ?"

ହସିବାକୁ ଚେଷ୍ଟା କରି ଲତିକା କହିଲେ, ନିଜକୁ ସଳଖି ନେଇ ନେଇ, "କ'ଣ ଆଉ ଭଲ ! ସମସ୍ତ ଗୋଟାଏ ରକମ ଗଡ଼େଇ ନେବା କଥା । ଘରେ ବୁଢ଼ା ବାପା ଆଉ ଚାରି ଚାରିଟା ସାନ ଭଉଣୀ । ସବୁର ଦାୟିତ୍ୱ ମୋ ଉପରେ । ଅଫିସ୍‌ର ପ୍ରାୟ ଅଧିକାଂଶ କାମର ବୋଝ ମୋ ଉପରେ । ସମସ୍ତଙ୍କର ମନ ନେଇ ଚଳିବା ଯେ କେତେ କଷ୍ଟ, ତା' ତୁମେ ବୁଝି ପାରିବ ନି । ତମ ପାଖକୁ ଅନେକ ଥର ଭାବିଛି ଆସିବି, ମାତ୍ର ସମୟ ପାଇ ନି ।"

ହଠାତ୍ ଆରତି ବ୍ୟସ୍ତ ହୋଇ ପଡ଼ିଲେ ଘଣ୍ଟାକୁ ଚାହିଁ—"ଆରେ, ସାଢ଼େ ତିନ ହେଲାଣି ! ସୁକାନ୍ତ ଏ ପର୍ଯ୍ୟନ୍ତ ଫେରିଲେ ନି ! ମୋର ତ ମନେ ନାହିଁ । ତାଙ୍କର ଆଜି ଟୁର୍‌ରେ ଯିବା କଥା···ସଙ୍ଗରେ ଅନ୍ତତଃ କିଛି ଜଳଖିଆ ନେବା ଦରକାର । ଅବଶ୍ୟ ବେଡ଼୍‌ଂଟି ଗାଡ଼ିରେ ସବୁବେଳେ ଥାଏ ।"

ଯେପରି ଏଇ ମୁହୂର୍ତ୍ତକୁ ଅପେକ୍ଷା କରିଥିଲେ ଲତିକା ! ତରତର ଭଙ୍ଗିରେ ସେ କହିଲେ—"ମୁଁ ତ ସେହି କଥା କହିବାକୁ ଆସୁଛି ଆରତି ! ସୁକାନ୍ତ ଚାଲିଗଲେଣି । ଏଇ ତ ତାଙ୍କ ଗାଡ଼ି ଛୁଟିଲା, ଆଉ ମୁଁ ଆସିଲି । ତୁମକୁ ଫୋନ୍ କରି ଜଣାଇ ଦେବାକୁ ସେ କହୁଥିଲେ ପିଅନକୁ । ସଙ୍ଗରେ ସୁମନା ଯାଇଛି । ତା'ର କ'ଣ କାମ ଅଛି ସମ୍ବଲପୁରରେ ବୋଲି କହୁଥିଲା । ମିଛରେ ମ ! କି କାମ ତା'ର ? ଅଫିସ୍ ସାରା ଲୋକେ ଫୁସ୍ ଫାସ୍ ହେଉଛନ୍ତି । ଗୃହଆଡ଼େ ବାର କଥା । ତମେ ଅନ୍ତତଃ···?"

ଶାଣିତ କଣ୍ଠରେ ଆରତି ଉତ୍ତର ଦେଲେ—"ତମେ ଯାଇ ପାରିଲ ନି ବୋଲି ଦୁଃଖ ହଉଛି ନା ? ସୁମନା ସହିତ ତୁମେ କମ୍ପିଟ୍ କରି ପାରିଲ ନି ବୋଲି ଦୁଃଖ କରନା ଲତିକା ! ବୟସର ଦାବୀକୁ କେହି ଅଗ୍ରାହ୍ୟ କରି ପାରେ ନା ! ପୁରୁଷ ପାଖରେ ରୂପ ଯୌବନର ଚିରନ୍ତନ ଆକର୍ଷଣ ରହିଛି । ଧର୍ମ ଓ ମାର୍ମ ପୁରୁଷ ହେଲେ କଥା ସରିଲା······!"

କଥା ବନ୍ଦ କରିବାକୁ ବାଧ ହେଲେ ଆରତି । କାରଣ ଲତିକାର ମୁହଁ ପାଣ୍ଡୁର ବର୍ଣ୍ଣ ହୋଇ ଯାଇଛି । ଆଖିରେ ଅଶ୍ରୁର ତରଳ ଆଭା ।

"ମୁଁ କାହାକୁ ଦୁଃଖ ଦେବାକୁ ଚାହେଁ ନି । ସତକଥା କହିବାକୁ ଗଲେ ଦୁଃଖ ସୁଖ ମୁଁ ଆଜିକାଲି କିଛି ଅନୁଭବ ହିଁ କରେ ନା । ସୁକାନ୍ତ ମୋର ସ୍ୱାମୀ । ନ୍ୟାୟତଃ, ମୁଁ ତାଙ୍କର ଏପରି ବ୍ୟବହାରରେ ଦୁଃଖିତ !"

"ତମେ ମିଛି ଅଯଥା ଭୁଲ୍ ବୁଝିଛ । ସୁକାନ୍ତ ସହିତ······!"

ମୁଁ ସେସବୁ ଉପରେ ମୋଟେ ଜୋର୍ ଦିଏ ନା ଲତିକା ! ପାଣିରେ ଘର କରି କୁମ୍ଭୀର ସହିତ ବିବାଦ ରଖିବାକୁ ମୁଁ ଚାହେଁ ନା । ସୁକାନ୍ତଙ୍କୁ ମୁଁ ଭଲପାଏ । ପାଉଥିଲି । ତାଙ୍କ ବିନା ମୋ'ର ଜୀବନ ଦୁଃସହ ହେବ ବୋଲି ମୁଁ ତ ଜାଣି ଜାଣି ତାଙ୍କୁ ସବୁ ଛାଡ଼ି ଦେଇଛି । ପତ୍ନୀତ୍ୱର ଦାବିକୁ ମୁଁ କେବେ କରି ନାହିଁ······ଲାଭ କ'ଣ ଲତିକା ? ଜୀବନରେ ମୁଁ କିଛି ଉପଭୋଗ କରି ପାରିଲି ନି ବୋଲି ମୋର ସ୍ୱାମୀଙ୍କୁ ମଧ୍ୟ କିଛି ଉପଭୋଗ କରିବାକୁ ଦେବି ନାହିଁ ? ମୁଁ ଆଧୁନିକତାରେ ବିଶ୍ୱାସ କରେ······!"

"ତମେ ନିଜେ କ'ଣ କହୁଛବା କହିବାକୁ ଯାଉଛ ଆରତି, ତା' ମାନେ ବୁଝୁଛ ତ ? ଏ ସବୁର ପରିଣାମ······!"

"ପରିଣାମ ?" ତମର ଭୁଲ୍ ଧାରଣା ଲତିକା ! ତୁମେ ଡାଇଭର୍ସର କଥା କହୁଛ ତ ? ତାହା କେବେ ସମ୍ଭବ ହୁଏ ନା । ସେ ବିଷୟରେ ସୁକାନ୍ତ ବେଶ୍ ସତର୍କ । ତମେ ତାଙ୍କୁ ମୋଟେ ଜାଣ ନା—ସେ ସବୁ ବ୍ୟାପାରରେ ପିଲାଳିଆମି ବା ଅସାବଧାନ ହୋଇ ପାରନ୍ତି, ମାତ୍ର ଟଙ୍କା ବିଷୟରେ ସେ ଖୁବ୍ ସତର୍କ ଆଉ ଧୂର୍ତ୍ତ । ମୋର ଯେ ଅଜସ୍ର ପୈତୃକ ସମ୍ପତ୍ତି ରହିଛି ଲତିକା ! ସେ ସବୁର ଆକର୍ଷଣ ଯେ କୌଣସି ରୂପସୀ ନାରୀଠାରୁ ଯଥେଷ୍ଟ ବେଶୀ···ହାଃ, ହାଃ, ହାଃ···।"

"ଆରତି, ତମେ ବଡ଼ ନିଷ୍ଠୁର ! ଜାଣି ଜାଣି ନିଜ ଉପରେ ତମେ ଏପରି ପ୍ରତିଶୋଧ ନେଉଛ କାହିଁକି ? ଏ ସବୁର ସମାଧାନପାଇଁ ନିଜେ ଟିକିଏ ସତର୍କ ହେବାକୁ ଚେଷ୍ଟା କଲେ କେବଳ ତୁମେ ହିଁ ପାରନ୍ତ । ନିଜର ଅଧିକାରକୁ ନିଜେ ହିଁ ହରେଇ ବସୁଛ !"

ଆରତି ଜବାବ ନ ଦେଇ ୱିଣ୍ଡୋ ପାଖକୁ ଗଲେ ଏବଂ ଲତିକାକୁ ସେଠାକୁ ଯିବାପାଇଁ ଅନୁରୋଧ କଲେ । ଆଙ୍ଗୁଠିରେ ଇଙ୍ଗିତ କରି କହିଲେ —"ସେଠି ଥିବା ଜଳାଶୟରେ ପଦ୍ମପତ୍ରକୁ ଦେଖୁଛ ଲତିକା ! ଫାଉଣ୍ଟେନ୍ରୁ ଅନବରତ ପାଣି ପଡ଼ୁଛି ତା' ଉପରେ, ମାତ୍ର ସବୁ ଗଡ଼ି ପଡ଼ୁଛି । ଫୋଟାଏ ହେଲେ ଜଳ ତା' ବକ୍ଷରେ ନାହିଁ । ଜଳର ମାତ୍ରା ଅତିଶୟ ହେଲେ ସାମାନ୍ୟ ପତ୍ର କ'ଣ ତାକୁ ଧରି ରଖିପାରିବ ? ବରଂ ତା'ର ମୃତ୍ୟୁ ହେବ ସେଥିରେ । ମନର ସୃଷ୍ଟି ସେହିପରି । ଜୀବନର ଦୁଃଖଯାକ ଯଦି ସେଥିରେ ଜମା ହୋଇ ରହେ, ତା'ହେଲେ ତାକୁ ସେ ସମ୍ଭାଳି ପାରିବନି ? ଜୀବନର ଜନ୍ମକାଳରୁ କେତେ ଯେ ଦୁଃଖ ·····ଆଃ ! ଖାଲି ଦୁଃଖ···"

"ଆରତି !"

"ନା ! ତୁମେ ଫେରିଯାଅ ଲତିକା । ମତେ ସାନ୍ତ୍ୱନାର ବାଣୀ ଶୁଣାଅ ନାହିଁ । ଆଇ ହେଟ୍ ଇଟ୍ ! ହିଁ ଶୁଣ, ସୁକାନ୍ତ ସହିତ ନିଜର ମନଟାକୁ ବିଶେଷ ଡୁବାଇ ଦିଅ ନାହିଁ । ତା'ହେଲେ କଷ୍ଟର ସୀମା ରହିବ ନାହିଁ । ଶରୀର ନେଇ ତମେ ଖେଳ ପାର, ଘୃରି ପାର, ବୁଲି ପାର । ସୁକାନ୍ତଙ୍କୁ ମୋ ହାତରୁ ନେଇ ତମ ଘରେ କମ୍ୱା ମନ ଘରେ ରଖିବାକୁ ହେଲେ ବହୁ ଅର୍ଥର ପ୍ରୟୋଜନ । ଅଜସ୍ର, ଅଜସ୍ର ! ତା'ର ପରିଣାମ ମୁଁ

ନିର୍ଣ୍ଣୟ କରି ପାରିବ ନା···କେହି ପାରିବେ ନି ଲତିକା ! ତେଣୁ ବୃଥା ସମୟ ନଷ୍ଟ କରିବା ଅପେକ୍ଷା ତମେ ଅନ୍ୟ କିଛି ଗଠନମୂଳକ କାର୍ଯ୍ୟରେ ମନୋନିବେଶ କରିପାର ।"

ଲତିକା କିଛି କହିଲେ ନାହିଁ । ପଣତରେ ଆପଣା ମୁହଁର ଝାଳ ପୋଛୁଥିଲେ । କଥା ବଦଳେଇବା ପାଇଁ ସେ କହିଲେ ଭ୍ୟାନିଟିବ୍ୟାଗ୍ ଖୋଲୁ ଖୋଲୁ—"ମୋର ଗୋଟାଏ ଭାରି ବଦଭ୍ୟାସ । ରୁମାଲ୍‌ଟା ବ୍ୟାଗ ଭିତରେ ଅଛି । ଅଥଚ କାନିଟା ମଇଳାରେ ଅସନା ହୋଇ ଗଲାଣି···!

"ଶାଢ଼ୀଟିଏ ବଦଳି ପକାଅ ନା···କ୍ଷତି କ'ଣ ? ଆରେ, ଆରେ ଦେଖି ତମ ବ୍ୟାଗ୍‌ଟି ତ ଭାରି ସୁନ୍ଦର ହୋଇଛି ?"

ଲତିକାର ବ୍ୟାଗ୍‌ଟି ଖୋଲି ଦେଖିଲେ ଆରତି । ବ୍ୟାଗ୍ ଭିତରେ ଗୁଡ଼ାଏ ଔଷଧ ଓ ଅଳମାଲିକା କାଗଜ ପତ୍ର । ହଠାତ୍ ସେ ମନେ ମନେ ଚମକି ଉଠିଲେ । ଠିକ୍ ଏଇ ଔଷଧ ବଣ୍ଟାକ ତଳେ ସେ ନନ୍ଦିତାର ଘରେ ଦେଖିଥିଲେ । ସୌମେନ୍ଦ୍ରଠାରୁ ଯାହାକୁ ବେଶି ଭଲ ପାଏ ବୋଲି ନନ୍ଦିତା ଗର୍ବ କରେ । ସ୍ଲିପିଂ ଟାବ୍‌ଲେଟ୍ ! ସୌମେନ୍ଦ୍ର ତାକୁ ଉପେକ୍ଷା କରେ, ପୃଥିବୀର ସମସ୍ତେ ତାକୁ ଛଳନା କରି ପାରନ୍ତି, ଦୁଃଖ ଦେଇ ପାରନ୍ତି, ପ୍ରତାରଣାରେ ତା'ର ରକ୍ତକୁ ଶୋଷି ନେଇ ପାରନ୍ତି ! ମାତ୍ର ସେଇ ସ୍ଲିପିଂ ଟାବ୍‌ଲେଟ୍ । ଆଃ ! ସେଇ କେବଳ ତାକୁ ଶାନ୍ତି ଦିଏ— ଜୀବନରେ ବଞ୍ଚିବା ପାଇଁ ପ୍ରାଚୁର୍ଯ୍ୟ କେବଳ ସେଇ ତାକୁ ଯୋଗାଏ । ନନ୍ଦିତାର ସେତେବେଳକାର କଥା କହିବାର ଭଙ୍ଗୀରେ ଆରତିଙ୍କୁ ମନେ ହୋଇଥିଲା—ନନ୍ଦିତାଟା ଫୁଲେଇ କମ୍ପା ଏବ୍‌ନରମାଲ୍ । ମାତ୍ର ଲତିକାର ବ୍ୟାଗ୍‌ରେ ମଧ୍ୟ ସେଇ ଟାବ୍‌ଲେଟ୍ । ସେଇ ଜୀବନକା, ସେଇ ପ୍ରାଣପ୍ରାଚୁର୍ଯ୍ୟ !

ସବତ୍ରୁ ଭୁଲି ଆରତି ହାତରେ ଟାବ୍‌ଲେଟ୍ ଧରି ଚାହିଁଥିଲେ ଲତିକାର ମୁହଁକୁ । କେତେ ବିକଳ ଦିଶୁଛି ସେ—କେତେ ଶ୍ରୀହୀନ ଦିଶୁଛି ଲତିକାର ପ୍ରଲେପଶୂନ୍ୟ ମୁହଁ । ସାମାନ୍ୟ କେତୋଟା ଟଙ୍କା ଦରମା । ଘରେ ଗୁଡ଼ାଏ ଦାୟିତ୍ୱ । ତା'ଉପରେ ପୁଣି ଏଇ ଟାବ୍‌ଲେଟ୍ ବାବଦ୍ ଖର୍ଚ୍ଚ ! ବିଚାରି···! ଆରତି ଯେପରି ଲତିକାର ଦୁଃଖରେ ବିହ୍ୱଳା ହୋଇଉଠିଲେ ।

"ମତେ ସେଗୁଡ଼ାକ ଦିଅ ଆରତି, ମୁଁ ଯାଏ !"

"ମତେ ଏଇ ଟାବ୍‌ଲେଟ୍ କିଛି ଆଣି ଦେଇପାରିବ ତମେ ! ମୋର ବି ଏଇଆ ଲୋଡ଼ା; କିନ୍ତୁ ମୁଁ ନିଜେ ତାକୁ ଆଣି ପାରିବି ନାହିଁ···!"

"ଆରତି ! ଆରତି ତମେ···ତମେ···?"

"ହଁ, ହଁ ମୁଁ, ମୁଁ ଲତିକା। ମୁଁ···! ସୁକାନ୍ତ ଚୌଧୁରୀଙ୍କ ଧର୍ମପତ୍ନୀ, ମୁଁ କୋଟିପତି ପୁଞ୍ଜିପତି ଅବନୀନ୍ଦ୍ର ନାଥ ସାମନ୍ତରାୟଙ୍କର ଏକମାତ୍ର କନ୍ୟା ଓ ଉତ୍ତରାଧିକାରିଣୀ! ମାତ୍ର ମୋ ଭିତରେ ଆଉ ତମ ଭିତରେ ପ୍ରଭେଦ କାହିଁ ଲତିକା ? ଅଜସ୍ର ଧନର ଆକର୍ଷଣରେ ମୁଁ ସୁକାନ୍ତଙ୍କୁ ବାନ୍ଧି ଆଣିଥିଲି, ମାତ୍ର ତମେ ପୁଣି ଅଜସ୍ର ରୂପର ଅହଙ୍କାରରେ ତାଙ୍କୁ ଆକର୍ଷଣ କରି ରଖିଥିଲ କିଛି ଦିନ। ମୋର ଐଶ୍ୱର୍ଯ୍ୟ ଆଉ ଧନ ଅସରନ୍ତି । ମାତ୍ର ତମର ରୂପ ଯେ କ୍ଷଣସ୍ଥାୟୀ···! ଖବର ନାହିଁ ଲତିକା, ମତେ କଷ୍ଟ ହେଉ ନ···ଦେଖି ଦେଖି, ଶୁଣି ଶୁଣି ଠିକ୍ ମୋର ମନଟା ଆଜି କିଛି ନୂତନ କରି ଗ୍ରହଣ କରି ପାରୁ ନ, ଅନୁଭବ କରି ପାରୁ ନ ଖାଲି କୋଉ ଲାଗୁଛି। ବିରକ୍ତ, ବିରକ୍ତ···ଅଥଚ କେହି ମୋର ଆଗରେ ନୁହଁ, କାହା ପ୍ରତି ମୋର ଅଭିଯୋଗ ନାହିଁ! ମୁଁ ଦୀର୍ଘ ଜୀବନଧରି କ୍ଳାନ୍ତ, ଅବସନ୍ନ ଲତିକା! ପାରିବ ମତେ ଏଇ ଟାବ୍‌ଲେଟ୍‌ରୁ କିଛିଟା ଅନୁଗ୍ରହ କରି··· ?"

"ଆରତି !" ଲତିକା ଆରତୀଙ୍କ ମୁଠା ଭିତରେ ଥିବା ଔଷଧକୁ ନେଇ ଆସିବାପାଇଁ ତାଙ୍କ ପାପୁଲି ଉପରେ ମୃଦୁ ଚାପ ଦେଲେ। ମାତ୍ର ଖୁବ୍ ଶକ୍ତ ଭାବରେ ମୁଠାକୁ ଚାପି ଧରିଥିଲେ ଆରତୀ।

"ତମେ ପାରିବ ନ ମୋ ସାଙ୍ଗରେ ଯୁଦ୍ଧ କରି। ବଳ କଷାକଷିରେ ମୁଁ ଯେ ତୁମକୁ ବହୁ ପୂର୍ବରୁ ଜିତିଛି ଲତିକା! ମାତ୍ର, ମାତ୍ର···!" ହଠାତ୍ ଯେମିତି ଆରତୀଙ୍କ ଗଳା ପାଖରେ ପ୍ରଚଣ୍ଡ କାରୁଣ୍ୟର ଲହଡ଼ି! ଆଉ ସେଇ ଅସ୍ୱାଭାବିକ ଲହଡ଼ିର ଆଘାତରେ ଲତିକାଙ୍କର ମନ ଯେପରି ଅସମ୍ଭବ ଭାବରେ ଆର୍ଦ୍ର ହୋଇଉଠିଲା !

ନମ୍ର ଓ କରୁଣ ସ୍ୱରରେ ଆରତୀ କହିଲେ—"ମୁଁ ଜିତି ଜିତି ହାରିଛି, ଆଜି ତୁମେ ହାରି ହାରି କେତେଦୂର୍ ଜିତିଛ ମୁଁ ଜାଣେ ନା···!"

"ଆରତି···!" ଲତିକା ଅଶ୍ରୁ ଉଦ୍‌ଗତ କଣ୍ଠରେ କ'ଣ କହିବାକୁ ଆସି କହିପାରିଲେ ନ କିଛି !

ନିମିଷକରେ ହାତମୁଠା ପରସ୍ପରର କୋହଳ ହେଲା ! ଅଥଚ ହାତ କେହି କାହା ପାପୁଲି ଉପରୁ ଉଠାଇ ନେଇ ପାରୁ ନ ଥିଲେ !

ଦୁଇଟି ନାରୀର ବହୁବର୍ଷର ସଞ୍ଚିତ ଅଶ୍ରୁଧାରା ସତେ ବା ମୁକ୍ତି ପାଇଥିଲା ଅତି ଅକସ୍ମାତ୍ ଭାବରେ !

ଗୋଧୂଳିର ଆକାଶରେ ସେତେବେଳେ ନୂଆ ମୌସୁମ ବର୍ଷାର ଜଳତରଙ୍ଗ !

●

# ଗୁମ୍ଫା

ପାତଳା କୁହୁଡ଼ିର ଆବଛାୟା ଅନ୍ଧାର ଭିତରେ ଆଖି ଦି'ଟାରେ ଝଲସି ଉଠିଲା ପାଣି । ଓଦା ଓଦା କାକରମିଶା ପବନ ଗାଲକୁ ଯେମିତି ତା'ର କାଟୁଥିଲା ଗୋଟାଏ ଅସ୍ୱସ୍ତିରେ ।

ଜାଲଜାଲିଆ ଅନ୍ଧାର ଭିତରେ ସେ କୋଠା, ବଗିଚାର ଫୁଲଗଛ, ଶୋଇବାଘର, ଏପରି କି ଶୁଭେନ୍ଦୁର ଶୋଇଲା ମୁହଁଟା ବି ଦେଖିପାରୁ ଥିଲା !

ଅଦ୍ଭୁତ ଭାବରେ ସବୁ ଯେମିତି ନୀରବ, ଶାନ୍ତ—ଆଖି ଆଉ ମନ ଯେତେଦୂର ଯାଇ ପାରନ୍ତି । କିଏ ଯେମିତି କେଉଁଠି ପୂର୍ଣ୍ଣଚ୍ଛେଦ ଟାଣୁ ଟାଣୁ ଅଧାରୁ ଅଟକି ଯାଇଛି ।

ସୁପ୍ରୀତି ଶୁଭେନ୍ଦୁର ମଶାରି ଦେହରେ ଶାୟିତ ମୁହଁକୁ ଅନେଇଲା । ହୁଏତ·· ହୁଏତ··· !

କେଉଁଠି କେମିତି ଥିର, ଥିର କରି କିଏ ନିମ୍ନ ସ୍ୱରରେ ଗୀତ ଗାଉଛି । ବଇଁଶୀ ବାଜୁଛି । ମୂର୍ଚ୍ଛନାରେ ଗୋଟାଏ ଶିହରଣ ଅଛି, ମାତାଲ କରି ଉତ୍ତାଳ କରିବାରେ ଯେପରି ଏକ କାରୁଣ୍ୟ ଭରି ରହିଛି । ···ଅଥଚ ତାକୁ ଧରି ହେଉ ନି, ଶବ୍ଦ ବାନ୍ଧି ହେଉନି···କ'ଣ ସେ ଗୀତ, କି ତା'ର ଭାଷା, କି ତା'ର ସୁର ? ଏତେ ଚଞ୍ଚଳତା କାହିଁକି ଯେ ତା'ର ଦେହ ମନରେ ଭରି ଉଠିଲା, ସେ ନିଜେ ବି ବୁଝିପାରୁ ନାହିଁ !

ଆଖିବୁଜି ତନ୍ମୟ ହେବାକୁ ସେ ସୁରରେ, ସେ ମୂର୍ଚ୍ଛନାରେ ଚେଷ୍ଟା କଲା, ମାତ୍ର ସେ ଜାଣିପାରୁ ଥିଲା—ତା'ର ଆଖିରୁ ଲୁହସବୁ ସ୍ୱାଭାବିକ ଭାବରେ ଝରି ପଡ଼ୁଛି । ମନ କାହାକୁ ଧରୁ ଧରୁ ଯେମିତି ଧରି ପାରୁନାହିଁ । କପରି ଗୋଟାଏ ଅସ୍ଥିରତାରେ ସେ ତା'ର ବଡ଼ ବଡ଼ ମୁନିଆ ନଖରେ ଆଖିଜଳା ବୁଢ଼ାକୁ ସମ୍ମୁଢ଼ ଘଷାଇଲା ; ତଥାପି ତ ବଇଁଶୀ ବାଜୁଛି ···ଜଣା ଅଜଣା ଗୀତଟିର ମୂର୍ଚ୍ଛନା ଖେଳି ଯାଉଛି, ତା'ର କାନର ଶିରା ପ୍ରଶିରାରେ···କୋଉଁଠି···କୋଉଁଠି ?

କିଏ ଯେମିତି କାନେ କାନେ କହୁଛି—ବଇଁଶୀଟି ଶେଷକଥା ଜୀବନର । ବଇଁଶୀଟି ବନ୍ଦ ହେଲେ ଦୁନିଆସାରା ସବୁ ଶୂନ୍‌ଶାନ । କଥାଟିର ଭାବ ଯାହା ହେଉନା କାହିଁକି, ତା'ର ମୂର୍ଚ୍ଛନାଟିଏ ସୃଷ୍ଟି...ତା'ର ରାଗିଣୀଟିଏ ଅନ୍ତରକୁ ଛୁଇଁଯିବା ହିଁ ତ ଚରମ ସାର୍ଥକତା !

ସୁପ୍ରୀତି କାନରେ ହାତ ଦେଲା । ଝିଙ୍କାରି ଝିଂ, ଝିଂ କଣାପରି କାନରେ ବାଜୁଛି । "ବଂଶୀ ବଦନ ସୁନ୍ଦର ଗିରିଧାରୀ ହେ..." । ସ୍ୱରର ଭାଷାଟୀ ଯେମିତି ମୁଦ୍ରିତ କାନରେ କିଏ କହି ଦେଉଛି... ।

ସୁପ୍ରୀତିର ଚତୁର୍ଦ୍ଦିଗରେ ଗୋଟାଏ ଅବରୁଦ୍ଧ କୋଳାହଳ, ଯନ୍ତ୍ରଣା —ଯାହା ଭିତରେ ସେ ସ୍ପଷ୍ଟ ଦେଖି ପାରୁଛି ।

ଏକ **ଛୋଟଘର** :—

ଦୁଇଟା ବଡ ମଳ ମଳ ଆଖିରେ ହାର୍ମୋନିୟମ୍ ଉପରେ ଝୁଙ୍କି ପଡ଼ିଛି ବାର ତେର ବର୍ଷର ଝିଅଟିଏ । ବାହାରେ ଝିଣିଝିର ପତଳା କୁହୁଡ଼ି । ସକାଳ ହେବାକୁ ହୁଏତ ଆହୁରି ଘଣ୍ଟାଏ ଅଛି ! ସେ ଗୀତ ଗାଉଛି ଭଙ୍ଗା ଭଙ୍ଗା ଗଳାରେ—"ବଂଶୀ ବଦନ ସୁନ୍ଦର ଗିରିଧାରି ହେ... !" ଗୀତର ମାନେ ସେ କ'ଣ ବୁଝିଛି ? ନାଁ, ତା'ର ଅନିଚ୍ଛାସତ୍ତ୍ୱେ ସେ ଗାଉଛି ।

ସାମ୍ନାରେ ତା'ର ଶ୍ମଶ୍ରୁ ଜଡ଼ିତ ଜଣେ ବୃଦ୍ଧ । ଉନ୍ନତ ନାସିକା, ଗମ୍ଭୀର ମୁଖମଣ୍ଡଳରେ ଏକ ଅପୂର୍ବ ଜ୍ୟୋତି । କଣ୍ଠରୁ ଝରୁଛି ସେଇ ପ୍ରେମମୟ ସଙ୍ଗୀତ । ବଂଶୀ ବଦନ ସୁନ୍ଦର ଗିରିଧାରି ହେ ! କିନ୍ତୁ ହଠାତ୍ ବିଚଳିତ ହୋଇ ସେ ଆଖି ଖୋଲିଦେଲେ, ଆଉ ଆବେଗଭରା ନରମ କଣ୍ଠରେ କହିଲେ—"ସୁନା ! ଗୀତ ସଙ୍ଗରେ ପ୍ରାଣ ନ ମିଶାଇଲେ ସୁର ଖୋଲିବ ନାହିଁ । ଖାଲି କଣ୍ଠ ଥିଲେ ଏ ଗୀତ ଗାଇ ହେବ ନି—ଏଥିରେ ମନ ଦେବାକୁ ହେବ, ଭକ୍ତିରେ ମଜ୍ଜି ଯିବାକୁ ପଡ଼ିବ ।"

ସୁନା ଜେଜେବାପାଙ୍କର ମୁହଁକୁ ଚାହିଁ ଆହୁରି ବେଶି ବିରକ୍ତ ହୋଇ ଉଠିଲା । କାହିଁକି, କାହିଁକି ସେ ଏତେ ସକାଳୁ ଉଠି ଏମିତି ଗୋଟାଏ ଗୀତ ଗାଇବ ତା'ର ଅନିଚ୍ଛା ସତ୍ତ୍ୱେ, ମାତ୍ର ପଚାରି ପାରିଲା ନାହିଁ । କିପରି ଗୋଟାଏ ଭୟ... । ଜେଜେଙ୍କର କବଳରୁ ସମଗ୍ର ଜୀବନ ତା'ର ମୁକ୍ତି ଯେପରି ନାହିଁ ।

ଆଖିରେ ତା'ର ଲୁହ ଉଛୁଳି ଆସିଲା । ବାପା ଓ ବୋଉଙ୍କ ଉପରେ ଅଭିମାନରେ ତା'ର ଓଠ, କଣ୍ଠ ଆଉ ଆଖି ଲୁହରେ ଭରି

ହୋଇ ଏକ ଅଦ୍ଭୁତ କରୁଣସ୍ୱର ବାହାରିଲା । ଜେଜେବାପା ଗୀତ ବନ୍ଦ କରି ଖୁସି ଗଦ୍‌ଗଦ୍ କଣ୍ଠରେ ତା'ର ପିଠି ଆପୁଡ଼େଇ କହୁଥିଲେ 'ଗା, ଗା, ମା ! ଗାଇଯାଅ...ହୃଦୟସ୍ଥ ତୋର ନିର୍ମଳ ପବିତ୍ର—ମନ ଭରି ଡାକ ଯା, ଛୁଗାଅନା କୁଞ୍ଜ ଗୁଡ଼ ସେ ଦିନେ ମଣିଷ ରୂପିଣୀ ରାଧାର ଘରେ ମାନମହତ ସାରିଥିଲା...ଆହା ! "ଭକ୍ତବତ୍ସଳ ଗିରିଧାରି...ଆସ ...ଆସ...ହେ ସୁନ୍ଦର ବନମାଳୀ... !" ତାଙ୍କ ଆଖିରୁ ଧାରଧାର ଲୁହ ବୋହିଯାଇ ପତାଗୁଡ଼ିକ ମନକୁ ମନ ମୁଗ୍ଧ ହୋଇ ଯାଇଥିଲା । ସୁନାର ଲୁହ ଶୁଖି ଯାଇଥିଲା । ବିତୃଷ୍ଣା ଦୃଶାରେ ସେ ମରୁଭୂମିରେ ହଠାତ୍ ଯେପରି ବାଟ ହଜେଇ ମଧ୍ୟାହ୍ନର ଆକାଶକୁ ଅନେଇଛି...ଯେତେବେଳେ ଜେଜେବାପା ବଂଶୀବଦନ ବନମାଳୀଙ୍କୁ ଦୁଇହାତ ମେଲେଇ ନିମନ୍ତ୍ରଣ ଜଣାଇବାରେ ଉନ୍ମତ୍ତ... ! ସେଇ ଆକାଶକୁ ଅନେଇଲା ଭିତରେ ସୁନାର ଆଖିଟା କଟ୍‌କଟ୍ ଅନ୍ଧାର ଭିତରେ ଧରି ପକାଇଲା କାହାର ହାତଟିଏ—

"ତୁମେ ମତେ ନେଇ ଚାଲ ମନୁଭାଇ ! ଗୀତରେ ଲୁଚେଇ ତମେ ମତେ ନେଇ ଚାଲ !"

ଚନ୍ଦ ଚମ୍ପା ଗଛତଳେ ଝାପ୍‌ସା ଜହ୍ନ ଆଲୁଅରେ ଛିଡ଼ା ହୋଇ ମନୁଭାଇଙ୍କ ମୁହଁକୁ ସ୍ପଷ୍ଟ ଦେଖିପାରୁ ନ ଥିଲା ସୁନା, ଖାଲି ବୁଝୁଥିଲା ଜେଜେବାପାଙ୍କୁ ମନୁଭାଇ ଡରୁଛନ୍ତି । କାରଣ ତାଙ୍କ ସହିତ କଥାବାର୍ତ୍ତା ନ ହେବାପାଇଁ ପରୋକ୍ଷରେ ସେ ତାକୁ କହୁଛନ୍ତି; ଅଥଚ ମନୁଭାଇ କେଡେ ଭଲ !

ମନୁଭାଇ ତା'ର ହାତଟା ଧରି କ'ଣ ଭାବୁ ଭାବୁ ଅନ୍ୟମନସ୍କ ହୋଇ ଯାଇଥିଲେ । ଆଉ ସେହିଦିନ ସେଇ ମୁହୂର୍ତ୍ତରେ ସୁନା ସ୍ୱପ୍ନ ଦେଖିବାକୁ ଆରମ୍ଭ କରି ଦେଇଥିଲା ।

ଜୀବନର ଅବୁଝା ପ୍ରଥମ ସ୍ୱପ୍ନ—!

ଛିଣ୍ଡା-ବାଦଲ ଖଣ୍ଡ ପରି ଜୀବନର ପଛେ ଖାଲି ଉଙ୍କିମାରେ, କପରି ସେ ସ୍ୱପ୍ନ ଅଧରେ ଜେଜେବାପା ଶୋଇଥିଲାବେଳେ ଲୁଚିକି ମନୁଭାଇଙ୍କ ସଙ୍ଗେ କଲିକତା ଚାଲିଆସିଲା, ଭାବିଲେ ତାକୁ ଆଶ୍ଚର୍ଯ୍ୟ ଲାଗେ ! ସତେ କା ଗୋଟାଏ ଭୀଷଣ ସ୍ୱପ୍ନ ସେ ।

ମନୁଭାଇ ତା'ର 'ସୁନା' ନାଁଟାକୁ ବଦଳାଇ ରଖିଥିଲେ ଗୀତ । ଲତାଟିଏ ପରି ମନୁଭାଇଙ୍କ ଦେହ ଓ ମନ ବୃକ୍ଷରେ ଗୀତ [illegible]

ଗୁଞ୍ଜୁଥିଲା । ସେ ଭୁଲି ଯାଇଥିଲା ବାପା, ବୋଉ, ଜେଜେବାପା, ଗାଁ ଦାଣ୍ଡ ଚନଚମ୍ପା ଗଛ, ଆମ୍ବଗଛଡେରା ତା'ର ବଉଳ ପୋଖରୀ, ଗୋପାଳଜୀ ମନ୍ଦିର, ବଂଶୀ-ବଦନ ଗିରିଧାରୀ, ଆଉ ତା'ର ଷୋଳ ବର୍ଷ ଧରି ସଞ୍ଜ ସକାଳେ ଗାଉଥିବା ଗୀତଟିର ସୁରକୁ···!

ପ୍ରୀତିକୁ ଅବା କଏ କାଉଁରୀ କୁହୁକ କରି ଦେଇଥିଲା ।

କିନ୍ତୁ ହଠାତ୍ ଦିନେ ତା'ର ସ୍ୱପ୍ନ ଭାଙ୍ଗି ଦେଇ ମନୁଭାଇ ବାହାରି ପଡ଼ିଲେ ଗାଁକୁ । ବାପାଙ୍କ ଦେହ ଖରାପ । ଟେଲିଗ୍ରାମ୍ ହାତରେ ଧରି ସେ ଯେମିତି ବ୍ୟସ୍ତ ହୋଇ ପଡ଼ିଲେ । ପୁଣି ଏକା ଝଡ଼ ବାଦଲ ରାତିରେ ମନୁଭାଇ ବିଷଣ୍ଣ ମୁହଁରେ ଗାଁ ଆଡ଼କୁ ଫେରନ୍ତା, ଟ୍ରେନ ଧରିଲେ,··· ,

କିନ୍ତୁ··· ? ମନୁ ଭାଇଙ୍କର ଫେରି ଆସିବାର ଅନେକ ଉଚିତ୍ ଥିଲେ ବି ସେ ଫେରି ନ ଥିଲେ । ବସନ୍ତର କୋଇଲି କେବଳ ପ୍ରୀତିର ଆଖିରୁ ଉଜ୍ଜ୍ୱଳ, ଓଠରୁ ରକ୍ତିମା ପୋଛି ନେଇଥିଲା । ଜଣାର କୋଳାହଳମୟ ସହରର ରୁଦ୍ଧ କକ୍ଷ ଭିତରେ ହୁଏତ ସ୍ୱପ୍ନ ଦେଖାଯାଇ ପାରେ·· ଜୀବନକୁ ନେଇ ଚଳି ହୁଏ ନା, ତା'ର ଜାନ୍ତବ କ୍ଷୁଧାକୁ ଉପଶମ କରାଯାଇ ପାରେନା ? ସେଥିପାଇଁ ପ୍ରୀତିର ଧୂମ୍ର ବିଜଡ଼ିତ ଆଖି ଦୁଇଟା ଖୋଜି ବୁଲୁଥିଲା ଆଉ ଯୋଡ଼ିଏ ବୁଝି ପାରିଲାର ଆଖି—ଜୀବନ ପାଇଁ ନୁହେଁ, ଜୀବିକାର ପ୍ରୟୋଜନ ପାଇଁ । ପ୍ରୀତିର ଆଖି ଦୁଇଟା ସୁଚ୍ଛନ୍ଦାର ଆଖି ଦେହରେ ହଠାତ୍ ଯେପରି ନିଜକୁ ଖୋଜି ପାଇଥିଲା । ବର୍ତ୍ତମାନ ପ୍ରୀତିର ଆଖିଟା ଲୁହରେ ଫୁଲି ଫୁଲି କୌଣସି ଏକ ଗଳି ପାଖରେ ସୁଚ୍ଛନ୍ଦାର କାଚ ଆଖିର ପର୍ଦ୍ଦାରେ ଧକ୍କା ଖାଉଛି···ସୁଚ୍ଛନ୍ଦାର କାଚ ଆଖି ସେଇଟାରେ ଯେମିତି ଗୋଟାଏ ସମୁଦ୍ର ଅଛି, ପ୍ରୀତିର ଲୁହ ସବୁ ସେ ପାଖରେ ଜମି ଗଲେ ବି କାଚ ପରଦାରେ କିଛି ପରିବର୍ତ୍ତନ ନାହିଁ । ଆଶ୍ଚର୍ଯ୍ୟ ! ଆଶ୍ଚର୍ଯ୍ୟ ଭାବରେ ପ୍ରୀତିର ଆଖି ଦୁଇଟା ସୁଚ୍ଛନ୍ଦାକୁ ଦେଖି ଚମକି ପଡ଼ୁଥିଲା ; କିନ୍ତୁ ସେ ତ ଜାଣି ନ ଥିଲା ସେଇଟା ତା'ର କାଚ ଆଖି—

ଭିକ୍ଟୋରିଆ ମେମୋରିଆଲ ପାଖରେ ଅସ୍ତ ସୂର୍ଯ୍ୟର ଆକାଶକୁ କ୍ଷୁଧାରେ ଜଳୁଥିବା ଅନ୍ତନାଡ଼ୀକୁ ଚାପି ଧରୁଥିଲା ଦୁଇଓଠ ପୂରାରେ ପ୍ରୀତି । ସୁଚ୍ଛନ୍ଦାର ହାତ ପାପୁଲି ହଠାତ୍ ତା'ର କାନ୍ଧରେ ଆସି ଏକ ମୃଦୁସ୍ପର୍ଶ ଦେଇଥିଲା । ସୁଚ୍ଛନ୍ଦାର ମୃଦୁ ମୃଦୁ ହସ ଓ ପ୍ଲାଷ୍ଟିକ ପରି ଆଖିର ଭାଷା ପ୍ରୀତିକୁ ଯେମିତି ଆକର୍ଷଣ କରି ନେଇଥିଲା ।

ସୁଛନ୍ଦା ସଙ୍ଗରେ ସେଦିନ ସେ ହୋଟେଲକୁ ଯାଇ ଖୁବ୍ ଭଲ କରି ଖାଇଥିଲା । ଗପିଥିଲା ତା'ର ସମଗ୍ର ଜୀବନର ଅନୁଭୂତି । ସୁଛନ୍ଦାର ସହାନୁଭୂତି ଝରି ପଡ଼ୁଥିଲା ତା'ର ପ୍ରତିଟି କଥାରେ ।

ତା'ପରେ ? ତା'ର ମନେ ନାହିଁ କିପରି କେଉଁଦିନ ସେ ନିଜର ସେଇ ଅପରିଷ୍କୃତ ଠିକଣା ଘରୁ, ସେଇ ଆବର୍ଜ୍ଜନା ଗଳିରୁ ବାହାରି ଆସି ସୁଛନ୍ଦାର ଷ୍ଟ୍ରେଟ ଫ୍ଲାଟରେ ପୁଣି ନୂଆ କରି ସ୍ୱପ୍ନ ଦେଖିବାକୁ ଆରମ୍ଭ କରି ଦେଇଥିଲା ।

ସୁଛନ୍ଦାର ଘରେ ବସି ରାନ୍ଧିଦେବା, ଘର ସଜେଇବା, ଚା' କରି ସାଙ୍ଗସାଥୀଙ୍କୁ ପରଶିବା ବ୍ୟତୀତ ସେ ଅନ୍ୟ କିଛି ଜାଣି ନ ଥିଲା । ସୁଛନ୍ଦାର ଦିନ ଆଉ ରାତି କାମ । କିନ୍ତୁ କି କାମ ?

ଦିନେ ସୁଛନ୍ଦା ତାକୁ ସଙ୍ଗରେ ନେଇ ସନ୍ଧ୍ୟାରେ ସିନେମା ଦେଖି ବାହାରିଲା । ଉଃ···ପ୍ରୀତିର ସମଗ୍ର ଶରୀରରେ ଯେପରି କଣ୍ଟା ଫୋଡ଼ି ହୋଇଯାଉଛି । ସିନେମା ହଲରେ ନିଜକୁ ସେ ଆବିଷ୍କାର କଲା ଜଣେ ଅଜଣା ପୁରୁଷ ସହିତ । ସୁଛନ୍ଦା ତା'ର ସାମ୍ନା ସିଟ୍‌ରେ ଆଉ ଜଣେ ଭଦ୍ରଲୋକ ସହିତ ବେଶ୍ ଆଳାପରତ ଥିଲା । କିପରି ଗୋଟାଏ ଆଶଙ୍କାରେ ସେ ସୁଛନ୍ଦାର କାନ ପାଖକୁ ମୁହଁ ଲଗାଇ କହିଥିଲା "ମତେ ଭାରି ଡର ମାଡ଼ୁଛି । ତୁ ମୋ ପାଖରେ ଆସି ବସ ।" ବିରକ୍ତିରେ ସୁଛନ୍ଦାର ଭ୍ରୂ କୁଞ୍ଚିତ ହୋଇ ଉଠିଲା । କାଚ ଆଖିରେ ଯେମିତି ବିଦ୍ୟୁତ୍‌ର ଝଲକ । ଥରି, ଥରି ପ୍ରୀତି ନିଜ ସିଟ୍‌ରେ ବସି ପଡ଼ିଥିଲା, ତା'ର ବେକ ସ୍ପର୍ଶପଟେ ସେଇ ଅଜଣା ଭଦ୍ରଲୋକଙ୍କ ହାତଟା ସାପ ପରି ଗୁଡ଼େଇ ହୋଇ ଯାଇଥିଲା । ହଲ୍ ଅନ୍ଧକାର ହେବା ମୁହୂର୍ତ୍ତରେ ଆଉ ତାଙ୍କର ନିଶ୍ୱାସ ବାଜୁଥିଲା ପ୍ରୀତିର ଗାଲରେ ବିଷାକ୍ତ ଷ୍ଟ୍ରେଟ ପରି··· ।

ସିନେମା ପରେ ଖାଦ୍ୟ ପାଇଁ ହୋଟେଲ, ତା'ପରେ ନାଚ-ଗୀତ ଆଉ ପାନୀୟ··· । ପ୍ରୀତିର ତେଇଶ ବର୍ଷ ଜୀବନର ସଂଜ୍ଞା, କଳ୍ପନାର ସୀମାରେଖା ଆଉ ଭବିଷ୍ୟତର ସ୍ୱପ୍ନସବୁ ଓଲଟ ପାଲଟ ହୋଇଗଲା । ଅତିରିକ୍ତ ନିଶା ଯୋଗୁ ତାକୁ ମନେ ହେଉଥିଲା ମଣିଷମାନଙ୍କର ଗୋଡ଼-ଗୁଡ଼ାକ ଉପରକୁ ଆଉ ମୁଣ୍ଡ ସବୁ ତଳକୁ ହୋଇଯାଉଛି···ଏବଂ ବୋଧେ ସେପରି ହବା ହିଁ ଉଚିତ୍ । ତା'ପରେ ସେ ହସିବାକୁ ଆରମ୍ଭ କରି ଦେଇଥିଲା, ଯେତେବେଳେ ସେଇ ଅଜଣା ଭଦ୍ରଲୋକ ହୋଟେଲର ଏକ

ନିରୋଳା ପ୍ରକୋଷ୍ଠରେ ତା'ର ଉଲଗ୍ନ ଶରୀରକୁ କୁମାରୀତ୍ୱର ମାପ ନିରୂପଣ କରୁଥିଲେ । ସେ ହସି ଉଠିଲା—ସେଇ ମୂହୂର୍ତ୍ତରେ ହସଟା ତା'ର ନିଜସ୍ୱ ଚେତନାରେ ବୋଧେ ଶେଷ ସ୍ୱାକ୍ଷର ଥିଲା··· ।

ନିଜକୁ କେବଳ ସେ ଦେଖିପାରୁଛି—ଏକ ବୀଭତ୍ସ ଚିତ୍କାର କରି ହୋଟେଲର ସିଢ଼ି ପରେ ସିଢ଼ି ଡେଇଁ ତଳକୁ ସେ ଧାଇଁ ଆସୁଛି । କୁଆଡ଼େ ଯାଉଛି, କ'ଣ କରୁଛି ସେ ଜାଣେନା···ସେ କେବଳ ଧାଉଁଛି··· ଆଉ ଚିତ୍କାର କରୁଛି··· ।

ପୃଥିବୀର ଜଳରାଶି ସବୁ ଯେପରି ସ୍ଫୁଲିଙ୍ଗ ପରି ଆକାଶକୁ ସ୍ପର୍ଶ କରିବାକୁ ଧାଉଁଛି । ଆଉ ଉପର ଆକାଶଟା ମୋଟେ କିଛି ଦେଖାଯାଉ ନି···। କି ଜଘନ୍ୟ ଅନ୍ଧାର । କିଛି ଦେଖାଯାଉ ନି ପ୍ରୀତିକୁ । ହଠାତ୍ ସେଇ ଶୂନ୍ୟତା ମଧ୍ୟରେ ଯେମିତି କେଉଁଠି ବାଡ଼େଇ ହୋଇଗଲା··· !

ପ୍ରୀତି ସ୍ପଷ୍ଟ ଦେଖିପାରୁଛି···ଦୃଶ୍ୟର ପଟ ପରିବର୍ତ୍ତନ···ଗୋଟାଏ ଅଜଣା ମୁହଁ···ଗୋଟିଏ ଅପରିଚିତ ପୁରୁଷର ମୁହଁ । ତା'ର ଅଧା ଖୋଲା ଆଖିକୁ ସିଗରେଟ୍‌ର କୁଣ୍ଡଳୀ ଭିତର ଦେଇ ଅନେଇଛି ; କିନ୍ତୁ ସେ କ'ଣ ଖାଲି ମୁହଁଟିଏ ?

ଚିହ୍ନା, ଅଚିହ୍ନା, ପଶୁପକ୍ଷୀ, ଠାକୁର, ଭୂତ, ଦେବତା କାହା ସହିତ ? ସେ ମୁହଁର ମେଳ ଅଛି । କାହା ସହିତ ସେ କ'ଣ ଖାଲି ଦେହଟିର ମୁଁହଁଟିଏ ନା ମୁହଁଟିର ମୁହଁଟିଏ ?

ଶୁଭେନ୍ଦୁ ଘରେ ଅନେକ ଦିନ ରହିଲା ପରେ ବି ପ୍ରୀତି ବୁଝିପାରି ନ ଥିଲା ବାସ୍ତବିକ୍ ସେ କ'ଣ ଚାହେଁ । ସାଧାରଣ ପୁରୁଷର କୌତୂହଳ ବି ତା' ପାଖରେ ନ ଥିଲା । ଅଯାଚିତ ଭାବରେ ପ୍ରୀତି ନିଜର ଜୀବନ କାହାଣୀ ତା' ପାଖରେ ଗପି ବସିଥିଲା । ଉପରେ ପଡ଼ି କଥା କହିଥିଲା । କେବେ କେବେ ତନ୍ମୟ ହୋଇଥିଲା, ଦୁଃଖରେ କାତର ହୋଇ କାନ୍ଦିଥିଲା କିନ୍ତୁ ମାତ୍ର ଶୁଭେନ୍ଦୁର ମୁହଁଟିରେ କୌଣସି ଆନ୍ଦୋଳନ ସେ ଦେଖିପାରୁ ନ ଥିଲା ।

ପ୍ରୀତି ଯେପରି ଗୋଟାଏ ଗଳଗ୍ରହ ! ହଠାତ୍ ସେ ନିଜର ଆବିଷ୍କାରରେ ଅସ୍ଥିର ହୋଇ ପଡ଼ିଲା । କେଉଁଦିନ ଏକ ଅସହାୟ ଅବସ୍ଥାରେ ନିର୍ଜନ ରାସ୍ତାରେ ଶୁଭେନ୍ଦୁର ଦେହରେ ଧକ୍କା ଖାଇ ଯାଇଥିଲା ବୋଲି ସେ କି ସମଗ୍ର ଜୀବନ ତା' ଉପରେ ବୋଝ ହୋଇ ବସିବ ! କାହିଁକି ବା

ତା' ଭଳି ଗୋଟାଏ ନଷ୍ଟ ଚରିତ୍ରା ଝିଅକୁ ଶୁଭେନ୍ଦୁ ଆଶ୍ରୟ ଦେବ । ଯୁକ୍ତି ଓ ଆବେଗ ଦୁଇଟା ହିଁ ଶୁଭେନ୍ଦୁ ପାଖରେ ହାର ମାନିଥିଲା ।

ଏପରି ଉଦାସୀନ ଭାବରେ କେତେଦିନ ଚଳା ଯାଇ ପାରେ ? କେତେଦିନ ପଡ଼ୋଶୀ ବନ୍ଧୁ ବାନ୍ଧବଙ୍କ ପ୍ରଶ୍ନବାଚୀକୁ ପ୍ରହସନ ବୋଲି କୁହାଯାଇ ବନ୍ଧୁତ୍ୱର ଡିଣ୍ଡିମ ପିଟା ଯାଇପାରେ ? ସେକଥା ଶୁଭେନ୍ଦୁ ପାରିବ—ମାତ୍ର ପ୍ରୀତି ପକ୍ଷରେ ସମ୍ଭବ ନୁହେ । ନିର୍ଯ୍ୟାତନା, ଲାଞ୍ଛନା, ଅପମାନ ସବୁକିଛି ତାର ପ୍ରିୟଜନଠାରୁ ସେ ସହିପାରେ ; କିନ୍ତୁ ଉଦାସୀନତା । ଅସମ୍ଭବ ! ଅପେକ୍ଷା···ତା' ଅପେକ୍ଷା···ତା' ଅପେକ୍ଷା···

ନିସ୍ତବ୍ଧ ରାତିରେ ସେଦିନ ପ୍ରୀତି ଶୁଭେନ୍ଦୁର ରୁମ୍ ଭିତରକୁ ପଶିଗଲା, ଧୂମ୍ର କୁଣ୍ଡଳୀ ଭିତରେ ମୁହଁଟା ତା'ର ଅସ୍ପଷ୍ଟ ଦିଶୁଥିଲା । ମାତ୍ର ପ୍ରୀତି ସ୍ପଷ୍ଟ ଜାଣିଥିଲା, ଶୁଭେନ୍ଦୁ ତା'ର ଅପ୍ରତ୍ୟାଶିତ ଆବିର୍ଭାବରେ ଚମକି ପଡ଼ିଛି । ଟେବୁଲ ଉପରୁ ଗୋଡ଼ କାଢ଼ି ଦେଇ ସନ୍ତର୍ପଣରେ ଶୁଭେନ୍ଦୁ ଉଠି ପଡ଼ିଲା ଆଉ ତା'ର ସେଇ ସଂଯତ ହେବା ସମୟରେ ପ୍ରୀତି କହିଲା—"ମୁଁ କାଲି ଚାଲି ଯାଉଛି ।"

"କିନ୍ତୁ କୁଆଡ଼େ ?" ଶୁଭେନ୍ଦୁର କଣ୍ଠରେ ବିସ୍ମୟ ଅପେକ୍ଷା ଗୋଟାଏ କୌତୂହଳ ଯେପରି ପ୍ରଚ୍ଛନ୍ନ ଥିଲା । ଏହାର କୌଣସି ନିର୍ଦ୍ଦିଷ୍ଟ ଉତ୍ତର ପ୍ରୀତି ପାଖରେ ନାହିଁ । ଗୋଟାଏ ଅସହାୟ କାରୁଣ୍ୟ ତା'ର ତଣ୍ଟିକୁ ଚିପି ଧରିଲା । ଉତ୍ତରଟାଏ ଅନ୍ତତଃ ଆଗରୁ ପ୍ରସ୍ତୁତ କରି ରଖିବା ଦରକାର ଥିଲା । ସାମାନ୍ୟ ନୀରବତା ପରେ ଶୁଭେନ୍ଦୁ କହିଥିଲା—

"କାଲି ଆମର ବିଭାଘର ହୋଇଯାଉ ସୁପ୍ରୀତି । ତମର ମତ କଣ ?"

"ନାଁ···ନାଁ, କି ଅସମ୍ଭବ !" ଥରି ଉଠିଥିଲା ଏକ ଅଜଣା ଆଶଙ୍କାରେ ସୁପ୍ରୀତି । ଏ କ'ଣ ଶୁଣୁଛି ସେ ?

"ତୁମର ପସନ୍ଦ ଅପସନ୍ଦ ଉପରେ ମତ ଦେଇପାର । ସମ୍ଭବ, ଅସମ୍ଭବ, ସମାଜ, ବନ୍ଧନ ଏ ସବୁର ଅବତାରଣା କରିବା ଅନ୍ତତଃ ମୋ ମତରେ ସୌଜନ୍ୟବିରୋଧୀ ।"

ସୁପ୍ରୀତି ଅନେଇଥିଲା ଶୁଭେନ୍ଦୁକୁ ଯେ କି ଝର୍କାର ରେଲିଂ ଦେଇ ଅନ୍ଧକାରର ଗଭୀରତା ମାପୁଥିଲା··· । ଆଶ୍ଚର୍ଯ୍ୟ !

ଗୋଟାଏ ଅଜଣା ଆଶଙ୍କା ଓ ଭୟରେ ସୁପ୍ରୀତି କମ୍ପି ଉଠୁଥିଲା ଗୋଡ଼ଠାରୁ ମୁଣ୍ଡ ପର୍ଯ୍ୟନ୍ତ ।

"ଶୁଣ ସୁପ୍ରୀତି ! ପ୍ରତିଟି ମଣିଷର ଜୀବନରେ ସମ୍ଭବ, ଅସମ୍ଭବ ଅନେକ ଘଟଣା ଘଟେ । ସବୁକଥା କୁହାଯାଇ ପାରେନା, ବୁଝାଯାଇ ପାରେନା, ଶୁଣାଯାଇ ପାରେନା । ପରିସ୍ଥିତି ଯାହାକୁ ସରଳ କରିଥାଏ, ବ୍ୟାଖ୍ୟା ତାକୁ କୁଟିଳ କରିଦିଏ··· । ତଥାପି ମଣିଷ···ନାଁ, ନା, ତମ ସହିତ ମୁଁ ଛଳନା କରିପାରିବି ନି । ଅନେକ ଥର ଭାବିଛି, ତମକୁ କହିବି— ।"

ଶୁଭେନ୍ଦୁର ହାତ ପାପୁଲି ଭିତରେ ସୁପ୍ରୀତିର ପାପୁଲି ଦୁ'ଟା କମ୍ପି ଉଠୁଥିଲା । ଜୋର କରି ତାକୁ ନିଜର ବକ୍ଷଣା ଉପରେ ବସାଇ ଶୁଭେନ୍ଦୁ ଗପି ଚାଲିଥିଲା ଏକ ପ୍ରଗଳ୍‌ଭ କିଶୋର ପରି ତା'ର ଜୀବନର ଘଟଣାବଳୀ । ସୁପ୍ରୀତି ବୁଝିଥିଲା ଶୁଭେନ୍ଦୁର ସନ୍ନ୍ୟାସବୋଧ ସୃଷ୍ଟି ହୋଇଛି "ଶାନ୍ତି"ର ମୃତ୍ୟୁ ପରେ । ଶାନ୍ତି ବୋଲି ଗୋଟିଏ ଅନନ୍ୟ ସୁନ୍ଦରୀଝିଅର ଆକସ୍ମିକ ବିଦାୟଜନିତ ବ୍ୟଥାରେ ଶୁଭେନ୍ଦୁ ଘର, ପ୍ରିୟଜନ ସବୁ ଛାଡ଼ି ଗୁମ୍ଫାରେ ଅପେକ୍ଷା କରିଥିଲା ଅନାଗତ ମୃତ୍ୟୁକୁ । ଆଜି ଏଇ ଅବସରରେ ଦେଖା ଦେଇଛି 'ସୁପ୍ରୀତି' ଗୋଟାଏ ଆନନ୍ଦର ମୂର୍ତ୍ତିମନ୍ତ ଉତ୍ସ ପରି । ସହାନୁଭୂତିରେ ଫୁଲି ଫୁଲି ସେ ଥରେ କାନ୍ଦି ପକାଇବ । ସେଇ ଅବସ୍ଥାରେ ସେ କଳ୍ପନା କରୁଥିଲା ମରୁଭୂମିରେ ଗ୍ଲାଇ ଯାଇଥିବା ଶୁଭେନ୍ଦୁର କୋମଳ ହୃଦୟରେ ସେ ସବୁଜିମା ସୃଷ୍ଟି କରିବ । ଫଲ୍‌ଗୁ ଆଜି ପ୍ରୀତିର ମନ୍ଦାକିନୀ ହୋଇ ସର୍ଜନା କରିବ ଅମରାବତୀ । ହଠାତ୍ ଏକ ଆବେଗରେ ସେ ପ୍ରଶ୍ନ କଲା—"ଶାନ୍ତି କ'ଣ ଖୁବ୍ ସୁନ୍ଦରୀ ଥିଲା ?"

"ଜାଣେନା; କିନ୍ତୁ ତମକୁ ଦେଖିଲେ ଶାନ୍ତିର ମୁହଁଟା ଯେମିତି ଭାସିଉଠେ ଆଖିଆଗରେ ! ସେଦିନ ରାତିରେ ତୁମେ ଯେତେବେଳେ ବେହୋସ ହୋଇ ପଡ଼ିଗଲ ଇଲେକ୍‌ଟ୍ରିକ୍ ଖୁଣ୍ଟ ଦେହରେ ଧକ୍କା ଖାଇ ମୁଁ ତମକୁ ଗୋଟାଏ ସେକେଣ୍ଡରେ ଉଠେଇ ନେଇଥିଲି ତଳୁ । ତୁମେ ଟେଭା ହରିଜ ହରିଜ ଅସ୍ପଷ୍ଟ ସ୍ୱରରେ ଚିତ୍କାର କରିଥିଲ ! ଆଜି ତମର ଆହତ ମୁହଁ ଉପରେ ପାଣ୍ଡୁବର୍ଣ୍ଣ ତଳେ ଲୁଚିଯାଇଥିବା ଶାନ୍ତିର ଶ୍ୟାମଳ ମୁହଁଟା ହଠାତ୍ ଝଲସି ଉଠିଥିଲା··· । ତା'ପରେ ଜାଣେନା—ଗୋଟାଏ ଅଜଣା ବନ୍ଧନ ମତେ ଗ୍ରାସ କରି ପକାଇଲା, ସୁପ୍ରୀତି !

ଶୁଭେନ୍ଦୁର ହାତ ଭିତରେ ବନ୍ଦୀ ତା'ର ପାପୁଲି ଦୁଇଟା ଠକ୍ ଠକ୍ କମ୍ପି ଉଠୁଥିଲା । ଏକ ନିମିଷକରେ ଉଚ୍ଚାଙ୍ଗ ପର୍ବତ ଶିଖରରୁ ପୁଣି ବା ସେ ତଳକୁ ଗଡ଼ି ପଡ଼ିଛି ସାମାନ୍ୟ ଟିକିଏ ଅସାବଧାନତା ଯୋଗୁ । କିଏ

ଯେପରି ତା'ର କାନେ କାନେ କହୁଛି, 'ସାଲସ୍ ! ସାଲସ ! ଜୀବନସାରା ସାଲସ । ବଞ୍ଚି ରହିବାକୁ ହୁଏ ଅନ୍ୟର ରୁଚି ନେଇ, ଅନ୍ୟ ମଣିଷର ଇଚ୍ଛା ଆଉ ଆଦର୍ଶର ବଶୀଭୂତ ହୋଇ । ପୃଥିବୀର କେଉଁ ସୁଖୀ ମଣିଷ କ'ଣ ନିଜ ଇଚ୍ଛା ଯୋଗୁ ସୁଖୀ ହୋଇପାରେ !'

ଶୁଭେନ୍ଦୁ ଆଖି ବୁଜି ଶୋଇ ଆସୁଥିଲା ବୋଧେ । ତା'ର କପାଳରେ ହାତ ବୁଲାଇ ସୁପ୍ରୀତି ଟିକ୍ କରୁଥିଲା ଯେ ସେ ତା'ର ଗୋଟାଏ ସ୍ୱତ ଅନ୍ତତଃ ଶୁଭେନ୍ଦୁକୁ ସ୍ୱୀକାର କରିଯିବ··· ।

ଶୁଭେନ୍ଦୁ ଶୋଇଛି । ଏଇ ବୋଧେ ଭୋର ହେବ । ପାହାନ୍ତିର ଫିକା ଜହ୍ନ ପଡ଼ୁଛି । ମେଞ୍ଚା ମେଞ୍ଚା କୁହୁଡ଼ି ଝର୍କାର ରେଲିଂ ଦେଇ ତା'ର ଗାଲକୁ ଛୁଇଁ ଯାଉଛି ।

ଅନେକ ଚେଷ୍ଟା କରି ସେ ଶୋଇ ଆସୁ ଆସୁ ଉଠି ପଡ଼ୁଛି···ସେଇ ସ୍ୱର, ସେଇ ବଇଁଶୀର ସ୍ୱର—ସେଇ ଗୀତ "ବଂଶୀ-ବଦନ ଗିରିଧାରୀ" କେମିତି ଭୁହାଇ ଭୁହାଇ କେଉଁଠି ବାଜୁଛି । କେଉଁଠି ? ପ୍ରତିଟି ଝର୍କା ପାଖରେ, କାନ୍ଥରେ, କବାଟ କାଠରେ ସେ କାନ ପାରିଲା—ସବୁଠି ସେଇ ସ୍ୱର । ସେଇ ଆକୁଳ ମୂର୍ଚ୍ଛନା । କ'ଣ ଯେମିତି କେଉଁଠି ଗୋଟାଏ ମାତାଲ୍ କରିବାର ଯନ୍ତ୍ର ବାଜୁଛି ।

'ପିଲାଦିନର ସେଇ ଅବୁଝା 'ସୁନା'ର ଲୁହଗୁଡ଼ା ଚକ୍‌କରି କାଟୁଛି ତା'ଗ୍ଳାଣ ଭିତରେ । ଜେଜେବାପାଙ୍କର ସେଇ ଉଜ୍ଜ୍ୱଳ ଗୋରା ଚକ୍‌ଚକ୍ ହାତ ଦୁଇଟା ଯେପରି ଦିଗନ୍ତବିସ୍ତାରୀ ଲମ୍ବି ଯାଇଛି, ଆଉ ତାଙ୍କର ସେଇ କଣ୍ଠର ସ୍ୱର—"ଆସ, ଆସ ହେ···ସୁନ୍ଦର ବନମାଳୀ···ବଂଶୀ-ବଦନ ଗିରିଧାରୀ···" ଗଗନ ପବନ ଚଉଦ ବ୍ରହ୍ମାଣ୍ଡରେ ଘୂରି ଯାଉଛି । ବଂଶୀ ବାଜୁଛି···ସୁଗନ୍ଧ ଚନ୍ଦନରେ ଭରି ଯାଉଛି ଚତୁର୍ଦ୍ଦିଗ ! ଆଉ ରହୁ ରହୁ ଜେଜେବାପାଙ୍କର କଣ୍ଠ 'ମନଭରି ଗା' ମା ! ଗାଇ ଯାଆ ! ବଇଁଶୀର ସୁରେ, ସୁରେ, ବୁ ମଜ୍ଜି ଯା—ସଂସାରର ସବୁ ସ୍ୱର ଅସାର—ଯନ୍ତ୍ରଣାରେ ପୂର୍ଣ୍ଣ-ଶାନ୍ତି କେବଳ ସେଇ ବଇଁଶୀ ସ୍ୱରରେ—ଆନନ୍ଦ ଖାଲି ତାକୁ ମନ୍ଦିରରୁ ଘର ଭିତରକୁ ଉଠାଇ ଆଣିବାରେ··· ଗାଁ, ମା', ଗାଇ ଯାଆ—'ବଂଶୀ ବଦନ ଗିରିଧାରୀ ହେ···!' ସେ କ'ଣ ସତରେ ଆଉ ଉଠି ଆସିଲେ କି ହେଉଛି ଛାଡ଼ ? ପାଗଳ ହୋଇଯିବ ସୁପ୍ରୀତି । ପାଗଳ ହୋଇଯିବ [illegible] ବେଶି ସମୟ ରହିଲେ ଘର ଭିତରେ ! ବୁଆଙ୍କେ ଯେମିତି ପିବାକୁ [illegible]

ଯିବାକୁ ହେବ··· ! କଠୁଣ୍ଠା ଶବ୍ଦ ଉଚ୍ଚାରଣ କରିବାକୁ ହେବ । କାହାକୁ ? ଓଃ କାହାକୁ ନିଜକୁ ? ନିଜପାଇଁ ତା'ର ଯେ କିଛି ଭାଷା ନାହିଁ—କିଛି କାହାଣୀ ନାହିଁ—କିଛି ସ୍ୱପ୍ନ ନାହିଁ··· ଖାଲି··ଖାଲି···ଖାଲି··· । ଦୁଇକାନକୁ ଦୁଇ ପାପୁଲିରେ ଚିପିଧରି ହାଉ, ହାଉ କରି କାନ୍ଦି ଉଠିଲା ସୁପ୍ରୀତି ! ଗୋଟାଏ ବିକଟାଳ ଶବ୍ଦ ଯାହାକି ସେ ନିଜେ ଶୁଣି ଶୁଣି, ପାରୁ ନଥିଲା ! ବୁଝି, ବୁଝି ପାରୁ ନ ଥିଲା ! ନିଜର ଶବ୍ଦ ନେଇ ଅନ୍ୟର ଶବ୍ଦ ଗୁଡ଼ାକୁ ସେ ଯେମିତି ଦୂରେଇ ଦେବାକୁ ଆପ୍ରାଣ ଚେଷ୍ଟା କରୁଥିଲା ।

ଶୁଭେନ୍ଦୁ ମଶାରି ଟେକି ଉଠି ଆସି ତା'ର ହାତଧରି ହଲାଇ ପଚାରିଲା—କ'ଣ ହେଲା ? ସୁପ୍ରୀତି କ'ଣ ହେଲା···?"

ଗୋଟି ଗୁଙ୍ଗ ଅନୁଥିଲା ସୁପ୍ରୀତି । ଏକ ଅନ୍ୟ ଜଗତରେ ଥିଲାପରି ସେ କମ୍ପିଲା କଣ୍ଠରେ ଜବାବ ଦେଲା—"ଜେଜେବାପା··· ।"

"ଓଃ, ସ୍ୱପ୍ନ ଦେଖିଲି ବୋଧେ ।"

ଉତ୍ତର ଦେବାର ଅବସ୍ଥାରେ ନ ଥିଲା ସୁପ୍ରୀତି । ଅପ୍ରସ୍ତୁତ ଭଙ୍ଗୀରେ ଶୁଭେନ୍ଦୁ କହୁଥିଲା—"ମୁଁ ଅଳ୍ପସମୟ ପାଇଁ ଶୋଇ ଯାଇଥିଲି ବୋଧହୁଏ । ତମେ ଏହା ଭିତରେ ସ୍ୱପ୍ନ ଦେଖି··· !"

'ନାଁ, ନାଁ ସ୍ୱପ୍ନ ନୁହେଁ ଶୁଭେନ୍ଦୁ ! ଭୂତ···ଭୂତ··· !

"ଭୂତ, ଏ ଘର ଭିତରେ ?"

ଏକ ବିହ୍ୱଳସ୍ୱରେ ଘରର ଚତୁର୍ଦ୍ଦିଗକୁ ନିରୀକ୍ଷଣ କରୁଥିଲା ଶୁଭେନ୍ଦୁ । ସୁପ୍ରୀତି କାଠପରି ଛିଡ଼ା ହୋଇଥିଲା ଝର୍କା ଦେହକୁ ଆଉଜି । ଶବ୍ଦର ତରଙ୍ଗ, ସ୍ୱରର ଝଙ୍କାର, ସବୁ ନିସ୍ତବ୍ଧ ହୋଇ ଆସୁଥିଲେ ତା' ଭିତରେ । ଗୋଟାଏ ଅମୃତ ଲଗ୍ନକୁ ହରାଇ ବସିଥିବାରୁ ମାଦେ ଯନ୍ତ୍ରଣା, ଗ୍ଲାନି, ଆଉ ହାହାକାରରେ ତା'ର ବାକ୍‌ସ୍ଫୁର୍ତ୍ତି ହେଉ ନ ଥିଲା ।

ଏହା ସତ୍ତ୍ୱେ ବି ଶୁଭେନ୍ଦୁକୁ ବୁଝେଇ ଦେବାକୁ ହେବ—"ସବୁ ମଣିଷ ଦେହରେ ମୁହଁଟିଏ ଥାଏ ସତ, ମାତ୍ର ସବୁ ମୁହଁରେ ଯେ ମୁହଁ ନ ଥାଏ, ଏ ବୋଧେ ଅତୁଟ ଦେଖି ସତ ! !

●

# ସତୀଦାହ

ମୁଁ ଜୀବନରେ ସୁଖୀ ହେବ ଏ ଚିନ୍ତା ମୁଁ ଜୀବନରୁ ଅନେକ ଦିନୁଁ କେଉଁଟି କେଉଁ ମୁହୂର୍ତ୍ତରେ ହଜେଇ ଦେଲିଣି ମୋର ଠିକ୍ ଖିଆଲ୍ ନାହିଁ । କାହିଁକି ? କ'ଣପାଇଁ ? ଏ ପ୍ରଶ୍ନର ଉତ୍ତର କାହାଠୁ ପାଇ ନ ।

ସକାଳ ଓ ସନ୍ଧ୍ୟା ଉଭୟେ ମୋ ପାଇଁ ଅନିଶ୍ଚିତ । ଅପରିକଳ୍ପିତ ଏବଂ ରସଶୂନ୍ୟ ; ସମୟେ ସମୟେ ଏକ ଅବ୍ୟକ୍ତ ଗଭୀର ଯନ୍ତ୍ରଣା! ବ୍ୟତୀତ ମୁଁ ଅନ୍ୟ କିଛି ଅନୁଭବ କରିବାର ଶକ୍ତି ଯେମିତି ହରେଇ ବସୁଛି ।

ମୁଁ ମ୍ୟାଗାଜିନ୍‌ଟା ଫୋପାଡ଼ି ଦେଇ ଉଠିଥିଲି । କାରଣ ଦୀର୍ଘ ଏକ ଘଣ୍ଟା ଧରି ସେଥିରେ ଛପା ଯାଇଥିବା ବଶିଷ୍ଟ ମହିଳାଙ୍କ ଛବିକୁ ଚାହିଁ ମୁଁ ଅନ୍ୟମନସ୍କ ହୋଇ ପଡ଼ିଥିଲି ।

ଘର, ଘାଟ ଏବଂ ଶବ୍ଦସବୁ ବଡ଼ ଚୁପ୍ ଚାପ ମନେ ହେଉଥିଲେ । ସେଇଥିକୁ ଉପାୟ ନାହିଁ, ମୁଁ ପଦାକୁ ଉଠିଥିଲି । ଗେଟ୍ ନିଶ୍ଚୟ ଘଣ୍ଟା ଗୋଟାକ ପର୍ଯ୍ୟନ୍ତ ଖୋଲାଥିବ ; କାରଣ ଗୋଟାକ ପରେ ଏଠାରେ ବନ୍ଦ ହେବା କେହି ଲୋକ ବାହାରେ ରହନ୍ତି ନାହିଁ ।

ମୁଁ ଶୁଣିଥିଲି ପାଚିଲେ ବୁଢ଼ା ହାଡ଼ ଦେଇ ଶବ ସବୁ ଭିତରକୁ ଯାଇପାରନ୍ତି; ମାତ୍ର ବାହାରକୁ ଆସି ପାରନ୍ତି ନ ।

ବାରଟା ପରେ ସେ ଫକ ସ୍ଟୁଡ଼ିଓରୁ ବେଡ୍‌ରୁମ୍‌କୁ ଆସନ୍ତି । ଦ୍ୱାର ବନ୍ଦ କରି ସେ କ'ଣ ଯେ କରନ୍ତି······। ମୁଁ ସେ ବିଷୟରେ କୌତୂହଳ ଅନୁଭବ କରେ ନା ; ଅଥଚ ସେ ବେଡ୍‌ରୁମ୍‌କୁ ଆସିଲେ ମୋର ମନ ବଢ଼ିଯାଏ । ମୁଁ ତାଙ୍କ ଇଚ୍ଛାର ଶୀକାର ହୁଏ ·· । ସେ କ'ଣ ଇଚ୍ଛା କଲେ ସେଠାରେ ସେଇ ଷ୍ଟୁଡ଼ିଓରେ ଶୋଇ ଯାଇ ପାରନ୍ତେ ନ ?

ତାଙ୍କର ସବୁ କଥାରେ ନିଜକୁ ଜାହିର କରିବାର ପ୍ରବୃତ୍ତି । ସବୁ ବିଷୟରେ ଆଳଙ୍କାରିକ ଭାଷା ପ୍ରୟୋଗ, ମତେ ଅଯଥା ପ୍ରଶଂସା କରିବାର ଢଙ୍ଗ ଓ ଗମ୍ଭୀର ଭାବରେ ବିରକ୍ତ କରିବାର ପ୍ରବୃତ୍ତି ଏକ ଅଭ୍ୟାସରେ ପରି

ଲାଇନ୍‌ରେ ବା ଧାରାରେ ପଢ଼ିଥିବାକୁ ସହ୍ୟ କରିବା ହୁଏତ ସମ୍ଭବ ହୋଇଛି; କିନ୍ତୁ ସବୁବେଳେ କି ଏହି ଧାରା, ଏହି ଲାଇନ୍‌ରେ ଚାଲିବା ସମ୍ଭବ ?

ମୁଁ ବାରଣ୍ଡାରେ ଛିଡ଼ା ହୋଇ ହୋମହଲ୍‌ର ସିଡ଼ି ଉପର ଦେଇ ଟୁକୁକୁ ଯିବାର ଦେଖିଲି ।

ଟୁକୁ କ'ଣ ସନ୍ତର୍ପଣରେ ଚାଲୁଛି ? ନାଁ । ସେ ଭଲ କରି ଜାଣେ ସେ ମୋର ସୁଖୀ ପରିବାରର ଏକମାତ୍ର ଉତ୍ତରାଧିକାରୀ ଲାଳିତା ଝିଅଟାଏ, ବଡ଼ ହୋଇ ଚାଲିଯିବ । ସମ୍ପତ୍ତିର ମୋଟା ଅଂଶ, ବାପା, ମା, ଯଥେଷ୍ଟ ତାକୁ ଯୌତୁକ ହିସାବରେ ଦେବେ । ପ୍ରଗତିଶୀଳ ହେଲେ ବି, ବୈଜ୍ଞାନିକ ମନନେଇ ସବୁକୁ ସେ ବିଶ୍ଳେଷଣ କଲେ ବି ଅନ୍ଧକାର ଗୁହର ନରବଜ୍ଜିନ୍ନ ପରବର୍ତ୍ତୀ ଭିତରେ ସେମାନେ ଥାଆନ୍ତି । ପରଜନ୍ମ ପାଇଁ ଏହି ଜନ୍ମରେ ଅସୁମାରି ଚିନ୍ତା । ତେଣୁ ନରକରୁ ମୁକ୍ତିପାଇଁ···କିମ୍ବା ସାମାଜିକ ଦାୟିତ୍ୱବୋଧରେ ଛନ୍ଦି ହୋଇ ସେମାନେ ଟୁକୁକୁ ଛାଡ଼ି ପାରିବେ ନାହିଁ ; କିନ୍ତୁ ମୁଁ କ'ଣ ତା'ର ସେଇ ମା ?

ମୁଁ ମୋର ହାତବନ୍ଧା ଘଣ୍ଟାକୁ ଚାହିଁଲି । ବାରଟା ବାଜି ପନ୍ଦର ମିନିଟ୍, ହୁଏତ ଟୁକୁ କାହା ସଙ୍ଗରେ ଗପୁଥିଲା କି ସିନେମା ଦେଖୁଥିଲା । ମୁଁ ପଚାରିବି କି ? ଅବାନ୍ତର ମନେ ହେଲା ନିଜକୁ ନିଜେ । କାରଣ ପ୍ରଶ୍ନର ଉତ୍ତରରେ ମୋର ପ୍ରାଗ୍ ଐତିହାସିକ ମାତୃତ୍ୱର ସତ୍ତା ମୋଟେ ହିଁ ଆନନ୍ଦିତ ହେବ ନାହିଁ ।

ମୁଁ, ମୋର ସ୍ନେହ, ଆଦର୍ଶ ଆଉ ଚେଷ୍ଟା ଦେଇ ମୁଁ କ'ଣ ଟୁକୁକୁ ଗଢ଼ିବାକୁ ଚେଷ୍ଟା କରି ନ ? କିନ୍ତୁ ସେ ଏପରି ହେଲା କାହିଁକି ? ଏ କାହିଁକିର ଉତ୍ତର କିଏ ଦେବ ? ମୋର ରକ୍ତ, ମୋର ବେଦନା, ଦିନରାତି ଅକ୍ଳାନ୍ତ ପରିଶ୍ରମ କରି ଅର୍ଥ ସଞ୍ଚୟ କ'ଣ ପାଇଁ ? କାହାପାଇଁ ? କିନ୍ତୁ ମୁଁ କ'ଣ ଏଥିପାଇଁ କୁଣ୍ଠିତ ?

ମୁଁ·····ମୁଁ ବୋଧେ ରକ୍ଷଣଶୀଳ । ଏକ ପୁରାତନ ସ୍ରୋତରେ ଗୁରୁକଥା ଭାବୁଛି । ଲିଲି ଏକଥା ମତେ ବହୁବାର କହୁଛି । ତାର ଷୋଳବର୍ଷ ବୟସରେ ସେ ଅନେକ କଥା ଜାଣିଛି···ସେ ଅନେକ କଥା ଶିଖିଛି··· ଅନେକ କିଛି ଦେଖିଛି । ତାକୁ ଏତେ ସ୍ମାର୍ଟ କିଏ କଲା ? ମୁଁ ! ତା'ର ଚଲାପଥରେ ମୁଁ ବାଧା ଦେବାକୁ ଭଲପାଏ ନା । ଉପରେ ଯେତେ କହିଲେ ବି ମୁଁ ଡରିଯାଏ ଭିତରେ ଭିତରେ । ବୋଧେ ବୃଥା ଆଶଙ୍କାରେ । ଷୋଳବର୍ଷ ପରି ଯଦି ସେ ପୁଣି ଭୁଲ୍ କରି ବସେ ?

ମୋର ଜୀବନପାଇଁ ଆଶଙ୍କା ବି ଅବାନ୍ତର । କାରଣ ସେମାନଙ୍କୁ ମୁଁ ଗଢ଼ି ପାରିବି ନି ମାପଚୁପ ହିସାବକରି ଅହଙ୍କାର ଦେଇ ! ଅହଂକାର ନୁହେଁତ କ'ଣ ? ମୁଁ ନିଜକୁ ନିଜେ ପ୍ରଶ୍ନ କେତେଥର ଭାବୁଛି ମୁଁ କିଏ ? ମୁଁ ନିଜେ ଯାହା କହୁଛି ବା କରୁଛି ସବୁ କେମିତି ଓଲଟପାଲଟ ହୋଇ ଯାଉଛି । ମୁଁ କିଛି ଠିକ୍ ବୁଝିପାରୁ ନି ! ପ୍ରଥମେ ପ୍ରଥମେ ବଡ଼ ଗୋଟାଏ କଷ୍ଟ ହେଉଥିଲା··· । ଏବେ ଯେମିତି ଏକ ସାଧାରଣ କଥା—ମୋର ସମସ୍ତ ଗଣନାକୁ ଅତିକ୍ରମ କରି ପୃଥିବୀ ପ୍ରତିଦିନ ସକାଳ ସନ୍ଧ୍ୟାରେ ନିଶ୍ଚିତ ଅନ୍ୟ ଏକ ରାସ୍ତାରେ ଆଗେଇ ଯିବ । ଆଉ ମୁଁ ଅଣନିଶ୍ୱାସୀ ହୋଇ ତା'ପଛରେ ଦୌଡ଼ୁଥିବି···ତା'ର ଯେପରି ଶେଷ ନାହିଁ ।

ମୁଁ ପୁଣି ଫେରି ଆସିଲି । ମୋର ବିଛଣାରେ ଶୋଇଯିବାପାଇଁ ଅପର୍ଯ୍ୟାପ୍ତ କ୍ଳାନ୍ତି ଆସିନାହିଁ ।

ମୁଁ ଆଲବମଟା ଖୋଲିଲି । ଅମିତାର ଫଟୋ ସହିତ ମୋ ଫଟୋଟା ଚକ୍‌ଚକ୍ କରୁଉଠିଲା । ମୁଁ ଅମିତା ସହିତ ପଢ଼ୁଥିଲି, ଅନ୍ତରଙ୍ଗ ବନ୍ଧୁ ; ସେ କ'ଣ ଏମିତି ଭାବୁଥିବ ? ନାଁ, ନାଁ ସେ ଭଲ ଅଛି । ତା'ର ମୋ' ପରି ବାହାରକୁ ଚାହାଁବାର ଅଧିକାର ନାହିଁ । ଗୃହସ୍ଥ କରିବାର ଅନେକ ଆବଶ୍ୟକତା ଥିଲେ ରକ୍ଷଣଶୀଳତାର ବନ୍ଧ ଡେଇଁ ସେ ଯାଇ ପାରିବ ନି । ବାହାରର ପୃଥିବୀ ତା'ପାଇଁ ଚମତ୍କାର । ଅନେକ ସ୍ୱପ୍ନ, ଅନେକ କଳ୍ପନା, ଅନେକ ଫୁଲରେ ଗନ୍ଧଭରା । ହୁଏତ ସେ ଜାଣେନା, ହୁଏତ ସେ ବୁଝେନା, ତାକୁ ଆଉ ତା'ର ସଂସାର ଛାଡ଼ି ପୃଥିବୀର ଅନ୍ୟ କେଉଁଠି ଆବର୍ଜନା ଅଛି କି ନାହିଁ ? ଅମିତାକୁ ଭାବୁଛି କହିବି ବୋଲି, ପାରୁନାହିଁ । କାହିଁକି ନିଜର କଥାଗୁଡ଼ା ଅନ୍ୟ ଆଗରେ ଠିକ୍ ସମୟରେ କହିବାପାଇଁ ମୁଁ କୌଣସି ଶବ୍ଦ ପାଏ ନାହିଁ କେଜାଣି ।

ଅମିତା କିପରି ଅଛି କେଜାଣି ? ତାକୁ ପ୍ରତିଦିନ ଚିଠି ଲେଖିବାକୁ କଥା ମୁଁ ଭୁଲି ଯାଉଛି କାହିଁକି ? ମନ ଖୋଲି କଥାବାର୍ତ୍ତା ହେଲେ ହାଲୁକା କ'ଣ ଟିକେ ଲାଗନ୍ତା ନି ? କିନ୍ତୁ କିଏ କହିବ ? କ'ଣ ବା କହିବ ? ସବୁ ମଣିଷର ଚତୁର୍ଦ୍ଦିଗରେ ପଥରର ବନ୍ଧ ବାନ୍ଧି ହୋଇ ରହିଛି । କେହି ଭାଙ୍ଗିବାକୁ ଇଚ୍ଛା କରୁ ନି, କେହି ଭାଙ୍ଗି ଦେଇ ପଳେଇ ଆସିବା ବି ପସନ୍ଦ କରୁ ନି । ସମସ୍ତେ ଘେରର ଉଦାସୀନ । ସମସ୍ତେ ପଥରରେ ଦେଖ [illegible] [illegible] ବେଳେ ମୂଲ୍ୟବାନ ଲୋକଙ୍କ ଲକ୍ଷ୍ୟ, ଦୁଇଭାବେ ମା[illegible] ସୀମା ଓ ଗହ୍ୱର ଅନ୍ତର୍ଗତ ।

ମତେ ଭଲ ଲାଗୁ ନ……ଭଲ ଲାଗୁ ନ । ମୁଁ ବିଛଣାରେ ଟେପଟେଇ ହୋଇ ଶୋଇ କାନ୍ଦିବାକୁ ଇଚ୍ଛା କରୁଥିଲି । କିଛି ତ କରିବାକୁ ହେବ ! ନା ! ହେବ ନ, ହେବ ନ…।

ସେ ଆସି ଗଲେଣି, ବୋଧେ ଗୋଟାଏ ବାଜିବ । ମୋର ବାମ ପଟର ଖଟ ଉପରେ ସେ ବସିଗଲେ ! ବୋଧହୁଏ ତୁଳୀରୁ ରଙ୍ଗ ଲାଗିଥିବା ଆସନ । ହାତ ଦେହ ସେ ପରିଷ୍କାର କରି ନାହାନ୍ତି । ସଦ୍ୟ ପିଇଥିବା ମଦର ଗନ୍ଧ ଆସୁଛି…।

"ଓଃ ! କିଛି ଭଲ ଲାଗୁ ନ," ତାଙ୍କର ଅବଶ କଣ୍ଠ । ମୁଁ ଉତ୍ତର ଦେଲି ନ ; ମନ୍ଦ କପରି ଦେଖାପ୍ ଲାଗିଲା କଥାଟା ତାଙ୍କର । କାରଣ ଦୈନନ୍ଦିନ ଜୀବନରେ ତାଙ୍କର ଅଭିବ୍ୟକ୍ତି କମ୍ । ସକାଳୁ ଉଠି ଦୈନିକ କର୍ମପରେ ଅଫିସ ଯିବା, ସନ୍ଧ୍ୟାରେ କ୍ଳବ, ରାତି ଦଶଟା ପରେ ତାଙ୍କର ଫେରିବା । ଗୋଟାଏ ବେଳକୁ ମୁଁ, ଅର୍ଥାତ୍ ମୋର ଦେହ ସହିତ ମୌନ ସମ୍ପର୍କ ବ୍ୟତୀତ ଆଉ କିଛି ଧାରାବାହିକ ଅଭ୍ୟାସ ତାଙ୍କର ଅଛି ବୋଲି ମୁଁ ଜାଣେ ନା । ଏଇ ମୁହୂର୍ତ୍ତର ଯେପରି ଏକ ବ୍ୟତିକ୍ରମ ।

"କ'ଣ ଭାବୁଛ ?" ଆଉଥରେ ପ୍ରଶ୍ନ କଲେ ।

ମୋର ଅଭିଯୋଗ କରିବାର କିଛି ନାହିଁ । ମୁଁ ଶାନ୍ତ ହୋଇ ସଂଯତ କଣ୍ଠରେ କହିଲି—

"ମୁଁ ତମ ସହିତ ଏକମତ ।"

"ଚାଲ ତେବେ…।"

"କୁଆଡ଼େ ?"

"ପଳେଇବା ?"

"ଟ୍ରାସ୍ !" ମୁଁ କାନ୍ଥରେ ଟଣା ହୋଇଥିବା ପରିବାରର ଏକ ଗ୍ରୁପ୍ ଫଟୋକୁ ଅନେଇଥିଲି ।

"କାହିଁକି !"

"ଆଜି କ'ଣ ପେଣ୍ଟ କଲ ?"

"କେବଳ କ୍ୟାନ୍‌ଭାସ୍‌ରେ ଗାର ପଡ଼ିଛି ।"

"ଓଃ !"

"ବଞ୍ଚିବାକୁ ତମର କହିବା ଇଚ୍ଛା… ?"

ମୁଁ ତୀକ୍ଷ୍ଣ କଣ୍ଠରେ ଉତ୍ତର ଦେଲି—

"ମୋଟେ ନୁହେଁ...ମାତ୍ର ମରିବାକୁ ନୁହେଁ... ।"

"ନୁହେଁ... ? ସତେ ଅବା ସେ ଚମକି ପଡ଼ିଲେ, ଯେପରି ମୋର ମରିଯିବାକୁ ପ୍ରବଳ ଇଚ୍ଛା ଅଛି । ଖାଲି କ'ଣ ଗୋଟାଏ ପାଇଁ ମରି ପାରୁନି ; ହୁଏତ ତାଙ୍କର ସଦସ୍ୟ ସମ୍ମତି ବା ସାହାଯ୍ୟ ଲୋଡ଼ାଥିଲି !

ମୁଁ ନିର୍ଲଜ ଭାବରେ (ଜାଣେନା କାହିଁକି) ଠୋ, ଠୋ କରି ହସି ଉଠିଲି ।

ସେ ମୁହଁକୁ ଏକ ନିର୍ବୋଧ ବାଳକପରି ବଲବଲ କରି ଅନେଇ ଥିଲେ । ଅଣନିଶ୍ୱାସୀ ହୋଇ ଉଚାରଣ କରିଗଲି ମୁଁ, ମୋ ଭିତରେ ଅବରୁଦ୍ଧ ଥିବା ଅନେକ କଟୁ ଶବ୍ଦକୁ ।

ସେ ଆଶ୍ଚର୍ଯ୍ୟ ହେଲେ ବି ଆଘାତ ପାଇ ନ ଥିଲେ ; କାରଣ ମୋର ଅଭିଯୋଗ ତାଙ୍କ ପ୍ରତି ନ ଥିଲା... ।

ସେ ଅନ୍ୟମନସ୍କ ହେଲାପରି ଘରସାରା ବୁଲୁଥିଲେ, ଆଉ ମୁଁ ଚୁପ୍ ହୋଇ ଯାଇଥିଲି ।

ମତେ କିଛି ଭଲ ଲାଗୁ ନ ଥିଲା । ହୁଏତ ତାଙ୍କୁ ବି !

# ଧୂର୍ତ୍ତ

ରାଣୀହାଟରୁ ତୁଳସୀପୁର ଆଉ ତୁଳସୀପୁରରୁ ରାଜାବଗିଚା ପୁଣି ସେଇ ପୁରୁଣି ରାସ୍ତା ! ଦିନ—ପ୍ରତିଦିନ । ଖରା, ବର୍ଷା, ଶୀତ କିଛି ବାରଣ ନାହିଁ । ଆଜି, ଯାଆନା ବୋଲି କେହି ମନା କରିବାକୁ ନାହିଁ, କିମ୍ବା କାହିଁକି ନ ଆସିଲ ଏପରି ପ୍ରଶ୍ନ କରିବାକୁ କାହାର ସାହସ ନାହିଁ ।

ତଥାପି ଯିବାକୁ ହୁଏ, ଯାଏ ମଧ୍ୟ । କେବେ ଖୁବ୍ ତରତରରେ, କେବେ ଖୁବ୍ ହାଲୁକା ହାଲୁକା ଢଙ୍ଗରେ । ବେଳେବେଳେ କାଠଯୋଡ଼ି କୂଳରେ ମଟର ରଖି ସୂର୍ଯ୍ୟାସ୍ତର ଛବି ଦେଖେ ସେ ! ଆଉ ଥରେ ଥରେ ରାଣୀହାଟ ଛକରେ ଭୀଷଣ ଟ୍ରାଫିକ୍ ଭିଡ଼ରେ ସାଇକେଲ୍ ଉପରେ କହୁଣୀ ଭର ଦେଇ କୌଣସି ପରିଚିତ ଲୋକ ସହିତ ଅନ୍ୟମନସ୍କ ଭାବରେ କଥାବାର୍ତ୍ତା କରେ । ସେ ଯେପରି ଚର୍ଚ୍ଚୀ ! ଧୂ ଧୂ......! ବୁଝେ; ପୁଣି ବୁଝେ ନା ।

କେହି ପଚାରିଲେ ହସିଦେଇ କହେ—ନ ଘୂରିଲେ ପେଟ ପୋଷିବ କେମିତି ?

ପ୍ରଶ୍ନକର୍ତ୍ତା ବୋକା ହୋଇ ରହେ । ତା'ପରେ ସୁଖେନ୍ଦୁ ପ୍ରାଣ-ଖୋଲା ହସିଦିଏ—ସତେ ଯେମିତି ହସି ହସି ସେ ପୃଥିବୀଟାକୁ ଖୁସିରେ ଭସେଇ ଦେବ ।

ସୁଖେନ୍ଦୁ ମନେ ମନେ ଭାବେ ସେ କି'ଣ ? ଉତ୍ତର ପାଏ ନା ; ତେଣୁ ଏହିପରି ସକାଳୁ ସଞ୍ଜ ସହର ପରିକ୍ରମା ! ଆଶ୍ଚର୍ଯ୍ୟ ! ରାତିରେ ବେଳେ ବେଳେ ତୁଳସୀପୁରର ପୁରୁଣା ମଇଳିଆ କୋଠାଟା ଭିତରେ ଅଜଣା ପକ୍ଷୀର ଟିଁ ଟିଁ ଡାକରେ ତା'ର ନିଦ ଭାଙ୍ଗିଗଲେ ଇଚ୍ଛାହୁଏ ଗୋଟାଏ ଝାମ୍ପ ମାରି ପୃଥିବୀକୁ ସେ ତେଇଁପଡ଼ି ପଳାନ୍ତା କି ! ପୃଥିବୀ ! କେତେ ଲମ୍ବ; କେତେ ପ୍ରସ୍ଥ ତା'ର ?

ରେଲିଂ ଧରି ଝର୍କାରେ ସେ ଚାହେଁ ଦୂରକୁ । ଝଙ୍କାଳିଆ ହେନା ଗଛ ଦେଇ ସେ ପଥରେ ରାସ୍ତା ବଣେ ଝାମ୍ପୁସା ଝାମ୍ପୁସା ! ଏଇସବୁ ରାସ୍ତା ଦେଇ ସେ ରାଣୀହାଟ ଆଉ ରାଜାବଗିଚା, ସେଠୁ କଲିକତା, ବମ୍ବେ, ମାଡ୍ରାସ; ତା'ପରେ ଲଣ୍ଡନ, ପ୍ୟାରିସ୍ ଆଉ ରୋମ୍ କେତେ ଜାଗା ବୁଲି ଆସିଛି । ପ୍ରତିଥର ହେନାଗଛକୁ ଆଉ ତା'ର ବୁକୁ ଫଟାଇ ବାହାରି ଯାଇଥିବା ରାସ୍ତାକୁ ସେ ଚୁମା ଦେଇ ଯାଇଛି । ଆହା ! ସେଇଥିପାଇଁ କି ସୁଖେନ୍ଦୁ ବାରମ୍ବାର ଏଠିକି ଫେରି ଆସିଛି ।

ଥରେ ଥରେ ବର୍ଷା ହେଲେ ସେ ଜାଣି ଜାଣି ଭିଜିଯାଏ । ଚୂନା ଚୂନା ବର୍ଷାରେ ଭିଜା ଓଦାଳିଆ ଗନ୍ଧ ତାକୁ ମୁହୂର୍ତ୍ତକ ପାଇଁ ସାଇକେଲରେ ଘୁରୁଥିବାବେଳେ ପକ୍ଷାଘାତ ରୋଗୀ ବୋଲି ମନେ କରେଇ ଦିଏ । ସେ ଓହ୍ଲେଇ ପଡ଼େ । ଆଣ୍ଠୁ ଚାପିକି ନିଜ ହାତ କାମୁଡ଼ି କୌଣସି ସ୍ଥାନରେ ବସିପଡ଼େ ।

ଚତୁର୍ଦ୍ଦିଗ ଭରିଯାଏ ଆମେରିକା ଲଣ୍ଡନର ଛବିରେ । କକ୍‌ଟେଲ୍ ପାର୍ଟି, ସିନେମା ହାଉସ୍, ଉଇକ୍ ଏଣ୍ଡର ଡେଟିଂ ସବୁ ଭାସିଉଠେ ଆଖି ସାମ୍ନାରେ ! ଆଉ ତା ସହିତ କ୍ୟାଥ୍‌ରାଇନ୍, ଆନ, ମାର୍ଥା ଏବଂ ସୁଶାନ୍... କିଏ ସୁନ୍ଦରୀ, କିଏ ଚତୁରୀ, କିଏ ବୁଦ୍ଧିମତୀ ଏବେ ବି ସୁଖେନ୍ଦୁ ନିର୍ଣ୍ଣୟ କରି ପାରେ ନା । ସୁଖେନ୍ଦୁ ପରି ବୁଦ୍ଧିମାନ୍ ଯୁବକକୁ ଧରି, ମୁଣ୍ଡରେ ଓଢ଼ଣା ଦେଇ, ସିନ୍ଥିରେ ସିନ୍ଦୁର, ପାଦରେ ଅଳତା ଲଗାଇ ବୋହୂ ହେବାପାଇଁ କେହି, କେହି ଯେ ପ୍ରତିଶ୍ରୁତି ଦେଇ ନ ଥିଲେ ଏମିତି ନୁହେଁ ! ପ୍ରତି ଉଇକ୍ ଏଣ୍ଡରେ ଯେତିକି ଉଚ୍ଛ୍ୱାସ ନେଇ ସେ ଯାଇଥାଏ; ସେତିକି ନିରାଶା ନେଇ ସେ ଫେରିଆସେ ! ସେଇ ଗୋଟିଏ ରାତି, ସେଇ ଗୋଟିଏ ଭାଷା, ସେଇ ଗୋଟିଏ ଦେହ—ଭଲ ପାଇବାର ପ୍ରତିଶ୍ରୁତି; ଭବିଷ୍ୟତ ପାଇଁ ଶପଥ—ଯାହା ସେ ହୋମ, ଯଜ୍ଞ, ମନ୍ତ୍ର ଦେଇ ଅନେକ ଦିନ ତଳେ ପ୍ରତିମାକୁ ଦେଇଥିଲା ଏକ ପରିଚ୍ଛିନ୍ନ ରୂପରେ । ବାହାରକୁ ଅବଶ୍ୟ ଏକ ବିଶେଷ ପରିଚ୍ଛିନ୍ନ ବୋଲି ବୁଝାଯାଇ ପାରେ । ପ୍ରତିମାର ବୋକାଳିଆ ଚାହାଁଣୀରେ ଯେଉଁ ପ୍ରଶ୍ନ ଲୁକ୍କାୟିତ ଥିଲା, ସେଇ ପ୍ରଶ୍ନ ସବୁ ବୁଦ୍ଧିମତୀ, ଚତୁରୀ, ସୁନ୍ଦରୀ ନାରୀର ଓଠରେ ଚମକୃତ ଭାଷାରେ ଫୁଟି ଉଠୁଥିଲା । ପ୍ରଥମେ ପ୍ରଥମେ ଭିତରେ ଅସ୍ପୃଶ୍ୟ ଲାଗୁଥିଲା । ତା'ପରେ ଉଦାସ ଲାଗିଲା । ସବୁଶେଷରେ ଭୟ....ଗୋଟାଏ ଅଜଣା ଭୟ ତାକୁ ସନ୍ତ୍ରସ୍ତ କରି ଦେଇଥିଲା ।

ଭସ୍ମ ଅବଶ୍ୟ ପ୍ରତିମା ପାଇଁ ନୁହେଁ ! ନିଜକୁ ଦୁର୍ବଳ; ଆଉ ବେଶୀ ବେଶୀ ବୋକା ମନେ ହେଉଥିବାର ଭସ୍ମ । ବେଶୀ ମାତ୍ରାରେ ବରଫ ଝଡ଼ ହେଲେ ଯେଉଁ ଭସ୍ମ ତା' ମନରେ ସୃଷ୍ଟି ହେଉଥିଲା ଠିକ୍ ସେଇ ଭସ୍ମ ! ପଢ଼ାପଢ଼ିରେ ବ୍ୟାଘାତ ହେଲା କ୍ରମଶଃ ! ମାତ୍ର ସେ କିଛୁଦିନ······ । ତା'ପରେ ମନକୁ ମନ ବରଫ ଝଡ଼, କକ୍‌ଟେଲ ପାର୍ଟି, ଡେଟିଂ ଆଉ ପାଠପଢ଼ା ସବୁ ଦେହସୁହା ହୋଇଗଲା । ଗୋଟାଏ ମେସିନ୍ ପରି ସେ ପ୍ରତ୍ୟେକ କାମ ଠିକ୍ ସମୟରେ କରିବାକୁ ଶିଖିଲା । ଏପରିକି ସ୍କେଟିଂ ମଧ୍ୟ । କିନ୍ତୁ ମଝିରେ ମଝିରେ କ'ଣ ଯେ ହୁଏ···?

ସବୁ ଅଭ୍ୟାସ ଉପରେ ନିର୍ଭର କରେ ! ଅଭ୍ୟାସ ଛାଡ଼ିଗଲେ ଗୋଟାଏ ପାଦୁଣ୍ଡ ରାସ୍ତା ବି ଚାଲି ହୁଏନା ! ସୁଖେନ୍ଦୁ ଜବରଦସ୍ତ ନିଜକୁ ଅଭ୍ୟାସ ଧାରାରେ ମଡ଼ାଇ ରଖିଥିଲା ! ମାତ୍ର ଭୀଷଣ ଜନଗହଳି ଭିତରେ କେବେକେବେ ତାକୁ ହତାଶ ଲାଗୁଥିଲା ! ସେ ଅନ୍ୟମନସ୍କ ହୋଇ ଯାଉଥିଲା ! ସେଥିପାଇଁ ଲ୍ୟାବରେଟରୀରେ କିଛି ରିସର୍ଚ୍ଚ କରୁ କରୁ ବି ପ୍ରଫେସର ଅନେକବାର ବିରକ୍ତ ହୋଇଛନ୍ତି··· ।

ସୁଖେନ୍ଦୁ······କୃତୀ ଛାତ୍ର ସୁଖେନ୍ଦୁ । ଦେଶର ଗର୍ବ ହୋଇ ଫେରିବାର ବାସନାଟା ଯେମିତି ତାର କ୍ରମଶଃ ଅପସରି ଯାଉଥିଲା, ଅଷ୍ଟ୍ରେଲିଆର କଥା, ନିଜ ପ୍ରତି ମାୟା ମମତା ତା'ର ସେତିକି କମିଯାଉଥିଲା । ଭାରତବର୍ଷର ଓଡ଼ିଶାରେ କଟକ ସହରରେ ଥିବା ତାର ଘର କଥା, ପ୍ରତିମା ଆଉ ଝିଅର କଥା କମ୍ପା ବାପା ଛାଡ଼ି ଯାଇଥିବା ଲକ୍ଷାଧିକ ସମ୍ପତ୍ତିର କଥା କିଛି ମନେ ପଡ଼ୁ ନ ଥିଲା । କିନ୍ତୁ ଅଭ୍ୟାସ ଯୋଗୁଁ ସେ ସେମାନଙ୍କ ସହିତ ଚିଠିପତ୍ର ଦ୍ୱାରା ଧାରାବାହିକ ସମ୍ପର୍କ ରଖିଥିଲା ।

କେବେ କେବେ ରାତିରେ ବରଫ ଝଡ଼ ହେଲେ ସୁଖେନ୍ଦୁ ଅସ୍ୱସ୍ତି ମନେକରେ । ନିଦ ଭାଙ୍ଗିଯାଏ । ଆଖି ଆଗରେ ଭାସିଉଠେ ରାସ୍ତା କଡ଼ରେ ଦଳ ଦଳ ହିପିଙ୍କ କଥା । ହାଇଡ୍ ପାର୍କରେ ନଗ୍ନ ନାରୀ ପୁରୁଷର ଛବି ଆଉ ପାର୍ଟି ପିକ୍‌ନିକ୍‌ରେ ଚାଲିଥିବା ବଭତ୍ସତା । ଅର୍ଥ ପାଇଁ ଓ୍ୟାଲ୍‌ସ୍ଟ୍ରିଟ୍‌ର ଆକୁଳତା ଦଲାଲ୍‌ସ୍ଟ୍ରିଟ୍‌ଠାରୁ କିଛି କମ୍ ନୁହେଁ । ସୁଖେନ୍ଦୁକୁ ଜ୍ୱର ହେଲା-ପରି ଲାଗେ । ମୁକ୍ତି ଖୋଜେ ସେ — । ମାତ୍ର କୁଆଡ଼େ ଯିବ ? ଭାରତକୁ ? ବରଫ ଝଡ଼ ହେଲେ କଟକ ସହରର ଝଡ଼ର ଝଡ଼ର ବର୍ଷା ଯେ ତାର ମନେ ନ ପଡ଼େ, ଏମିତି ନୁହେଁ । ଚତୁର୍ଦ୍ଦିଗ କର୍ଦ୍ଦମାକ୍ତ । କୁଷ୍ଠରୋଗୀ

ଭିଖାରି ଗୁଡ଼ାଙ୍କ ଟିଣ 'ଡାଟିଆ ଧରି ଏପଟ ସେପଟ ଦୌଡ଼ିବା ଦୃଶ୍ୟ ସେ ଦେଖିଛନ୍ତି । ମହାନଦୀ ଆଉ କାଠଯୋଡ଼ିର କୁଳୁଫୁଲି ଦୁଇକୂଳ ଖାଇବାର ପ୍ରବଳ ନିଶା ସେ ଜାଣିଛନ୍ତି । ସିନେମା ହଲ୍‌ରେ ଅଶ୍ଳୀଳ ସଙ୍ଗୀତ, ଝିଲ ଓଢ଼ଣା ତଳୁ କୁଆଁରୀ ଝିଅଙ୍କ ଉଦ୍ଧତ ଯୌବନ ପ୍ରତି ସିଟି ମାରିବାର କୁତ୍ସିତ ଇଙ୍ଗିତ ଏବଂ ସ୍ୱେଚ୍ଛାରେ ସ୍ୱେଚ୍ଛାରେ ଝିଅ ପୁଅଙ୍କର ଏକତ୍ର ହୋଟେଲରେ ରାତି ଯାପନ ବି ସେ ଜାଣିଛନ୍ତି । ତଫାତ ପ୍ରକାର ଭେଦରେ କିଛି ନାହିଁ । କିନ୍ତୁ ଏଇ ହିପିଦଳ ମାରିଜୁଆନା ନିଶାରେ ଧାରି ହୋଇ ଏବେ ଦୌଡ଼ିଛନ୍ତି ଭାରତବର୍ଷକୁ—ସେଠାରେ କିଏ ଯାଇଛି ଶାନ୍ତି ଖୋଜିବାକୁ, କିଏ ଯାଇଛି ଯୋଗ ଶିଖିବାକୁ, କିଏ ଯାଇଛି ପରମାତ୍ମାଙ୍କ ସହ ଏକ ସତ୍ତା ହେବାକୁ । ଆହା—ହା ସୁଖେନ୍ଦୁ କଷ୍ଟ ଅନୁଭବ କରେ—କୁଆପଥର ପଡ଼ି ବର୍ଷା ହେଲେ ଭାରତର ଭିକାରି ଗୁଡ଼ାକଙ୍କ ପରି ଏଇ ହିପିଗୁଡ଼ାକ ବଡ଼ କଲବଲ ହେଉଥିବେ—ଯଦିଓ ଏଇଥିପାଇଁ ସେଠାକୁ ଯାଇଛନ୍ତି ।

ଏ ଦେଶ—ଆଉ ସେ ଦେଶ । ସମାନ । କେବଳ ଜଳବାୟୁ, ଗୋଲାର୍ଦ୍ଧ ଆଉ ସେଇ କାଲ୍ପନିକ ଅକ୍ଷାଂଶ ଦ୍ରାଘିମାକୁ ନେଇ ଯେତିକି ଗଣ୍ଡଗୋଳ । ଗୋଟିଏ ଦେଶରେ ବରଫ ଝଡ଼, ଶୀତଳ ପବନର ଝଞ୍ଜା ତ ଆଉ ଗୋଟିକରେ ବର୍ଷା, କୁଆପଥର, ଝଡ଼, ବତାସ ଆଉ ବନ୍ୟାର ତାଣ୍ଡବଲୀଳା । ସମାନ—ସମାନ— । ସବୁ ସମାନ । ସୁଖେନ୍ଦୁର ସ୍ମୃତି ଭିତରେ ଏଇ ତୀବ୍ର ସମତା ଉପଲବ୍ଧି ହେଲାପରେ ଯେପରି ଏକ ଅସହାୟତା ବିକଳ ବିଷଣ୍ଣ, ହତାଶା ତାକୁ ପକ୍ଷାଘାତ ରୋଗୀପରି ସ୍ଥାଣୁ ଅକର୍ମଣ୍ୟ କରିଦିଏ । ସେ କାନ୍ଦି ପାରେନା; ସେ ସହି ପାରେନା, ବୁଝି ପାରେନା, କହି ପାରେନା କି ଶୁଣି ପାରେନା— । ପୃଥିବୀର ଯେ କୌଣସି ପ୍ରାନ୍ତରରେ, ଯେ କୌଣସି ବନ୍ଦରରେ, ଯେ କୌଣସି ଅବସ୍ଥାରେ ଥାଉ ନା କାହିଁକି ସେ ପକ୍ଷାଘାତ ରୋଗୀରେ ପରିଣତ ହୁଏ । ଏଥିପାଇଁ ସେ କୌଣସି ଔଷଧର ବ୍ୟବସ୍ଥା କୌଣସି ଦେଶରେ ଥିବା କଥା ଜାଣିନାହିଁ—ବୁଝିନାହିଁ—ହୁଏତ ଚେଷ୍ଟା ବି କରିନ— ।

ସୁଖେନ୍ଦୁର ମନେନାହିଁ କେବେ, କାହିଁକି ଆଉ କେମିତି ସେ ଚାଲିଆସିଲା କଟକକୁ । ନିଜକୁ ହସମାଡ଼େ । କେହି ପଚାରିଲେ ଉତ୍ତର ଦେଇ ପାରେନା । କାରଣ ଦେଶ ଆଉ ବିଦେଶ ଭିତରେ ତା ପାଇଁ କିଛି ତଫାତ ନାହିଁ ।

ପ୍ରଥମେ ପ୍ରଥମେ ସୁଖେନ୍ଦୁ ମଟରର ଗାଡ଼ି ଧରି ସହରର ପରିକ୍ରମା କରୁଥିଲା । ପ୍ରତିବର୍ଷ ମଡେଲ ବଦଳେଇ ନିଜକୁ ସ୍ୱତନ୍ତ୍ର କରିବାକୁ ଚେଷ୍ଟାକଲା । ଲାଭ ନାହିଁ । ଛୁଟିଗୁଡ଼ାକ ହିଲ୍ ଷ୍ଟେସନରେ କେବଳ କଟେଇଲା ନାହିଁ; ଛୁଟି ଯାପନର ବିସ୍ତୃତ ପ୍ରୋଗ୍ରାମ ବନ୍ଧୁ ମହଲରେ ଛଅମାସ ପୂର୍ବରୁ ଜଣେଇ ଦେଉଥିଲା । ସାଙ୍ଗରେ ଏଠାରେ ପ୍ରତିମା ବ୍ୟତୀତ ଅନ୍ୟ କେହି ଯାଇପାରିବେ ନ—ଅଗତ୍ୟା ପ୍ରତିମା ଝିଅକୁ ନେଇ ଯାଉଥିଲା । ଉଇକ୍ ଏଣ୍ଡ ଆଉ ଡେଟିଂର ପ୍ରଶ୍ନ ଏଠାରେ ଏବେ ବି ପ୍ରଶ୍ନବାଚକ—ଝିଅ ପୁଅ ଗୁଡ଼ାକ ଉପରେ ଫୁଲୁଛି ଫୁଲୁଛି ହେଲେ ବି ଭିତରେ ମହାପ୍ରଭୁ । କାଓ୍ୱାର୍ଡ଼ । ଏ ଦେଶର ସମସ୍ତେ କାଓ୍ୱାର୍ଡ଼ । କେବଳ ବଡ଼ ବଡ଼ କଥା କହି ଶିଖିଛନ୍ତି—ନାମ ନେବାକୁ ଧର୍ମ, ଅଧର୍ମ, ନୀତି, ଅନୀତି, ଇତିହାସ, ପୁରାଣ ସବୁକୁ କାନ୍ଧରେ ବୋହି ଅକାଳ ବାର୍ଦ୍ଧକ୍ୟରେ ଗୌରବାନ୍ୱିତ ମନେ କରନ୍ତି ।

ଏଇପରି ଅବସ୍ଥାରେ ଏକ ସିନେମା ହଲରେ ତାର ଏକଦା ପ୍ରଣୟିନୀ ନର୍ମଦା ସହିତ ଦେଖାହେଲା । କେଜାଣି କେମିତି ବଡ଼ ଭୟ ଲାଗିଲା ତାକୁ । ନର୍ମଦା ସହିତ ତାର ସ୍ୱାମୀ—ବିରାଟ ମିଲିଟାରୀ ଅଫିସର । ବଡ଼ ବଡ଼ ନିଶ, ରାଗିଲା ରାଗିଲା ଆଖି । ଅସ୍ୱସ୍ତିରେ ତା ମନଟା ଭରିଯାଇଥିଲା । ନର୍ମଦା ମୁଣ୍ଡରେ ଲୁଗା ନ ଥିଲା—ମାତ୍ର ସେ ଚନ୍ଦ୍ରକର କପାଳ ଉପରକୁ ଢାଙ୍କି ଆଣିଲା ପଣତ । ( ତାକୁ ଦେଖି କେହି ଓଢ଼ଣା ଦେବା ଏପରି କି ତାର ସ୍ତ୍ରୀ ପ୍ରତିମାକୁ ବି ସେ ଦେଖିନି । କେବଳ ତା ବୋଉ ମୁଣ୍ଡରେ ଲୁଗାଟା ସଜାଡ଼ି ଦେବାର ଭଙ୍ଗୀଟି ବ୍ୟତୀତ ଅନ୍ୟ କେଉଁ ନାରୀକୁ ତାର ଓଢ଼ଣା ସଂକ୍ରାନ୍ତୀୟ ବ୍ୟାପାରରେ ମନେ ପଡ଼େନି । )

କ'ଣ ଭାବି ସୁଖେନ୍ଦୁ ଅନ୍ୟମନସ୍କ ହୋଇଗଲା । କାରଣ ସୁଖେନ୍ଦୁକୁ ବିବାହ ନ କଲେ ନର୍ମଦା ବିଷ ଖାଇବ ବୋଲି ଧମକାଇ ଚିଠି ଲେଖିଥିଲା । ମାତ୍ର ସୁଖେନ୍ଦୁର ବିବାହ ପୂର୍ବରୁ ସେ ବିବାହ କରିଗଲା । ସେଥିପାଇଁ ସୁଖେନ୍ଦୁର କିଛି ଦୁଃଖ ନ ଥିଲା—କାରଣ ପ୍ରେମ କରିଛି କି ସମ୍ପର୍କ ରହିଛି ବୋଲି କୌଣସି ଝିଅକୁ ସେ କି ବିବାହ କରିବ ନାହିଁ, ଏକ ମଧ୍ୟଯୁଗୀୟ ରାଜପୁତ ଭଳି । ତା'ପର ନର୍ମଦାର ପୃଥିବୀ ସହିତ ସହଯୋଗ ଭଙ୍ଗୀଟା ତାକୁ କିଛି ଖରାପ ଲାଗି ନ ଥିଲା !

ସିନେମାର ଟିକେଟ କାଉଣ୍ଟରରେ କ୍ୟୁରେ ଦଣ୍ଡାୟମାନ ନର୍ମଦା ସ୍ୱାମୀର ବଳିଷ୍ଠ ଦଶଟିଙ୍କୁ ଦେଖି ଚୁପ୍‌କରି ଲାଇନ୍‌ରୁ ଖସିଆସି ସୁଖେନ୍ଦୁ ନର୍ମଦା ପାଖରେ ଛିଡ଼ାହେଲା ଗୋଟାଏ କୋଣରେ । ସ୍ୱାମୀଙ୍କ ଆଡ଼କୁ ଥରେ ଅନାଇ ଏବଂ ଅନୂନ୍ୟ ପଚିଶ ଲୋକଙ୍କ ପଛରେ ତାଙ୍କ ସ୍ଥାନ ଦେଖି ସ୍ୱସ୍ତିରେ ନର୍ମଦା ହସି ଆସୁ ଆସୁ ଅଟକିଗଲା । ଆଖିରେ ତା'ର ବିସ୍ମୟ ଓ ସଙ୍କୋଚ ।

ସୁଖେନ୍ଦୁ ନର୍ମଦାର ଚିକ୍‌କଣ ଦେହକୁ ତର୍ଜମା କରୁଥିଲା । ତା'ର ଦେହରେ ବିଶେଷ ପରିବର୍ତ୍ତନ ସେ ଲକ୍ଷ୍ୟ କରି ପାରିଲା ନାହିଁ । ଏବେ ବି ତାକୁ ସୁନ୍ଦରୀ କୁହାଯିବ । ଯଦି ଭାରତ ଛାଡ଼ି ଅନ୍ୟ କୌଣସି ପାଶ୍ଚାତ୍ୟ ଦେଶରେ ସେ ଦେଖିଥାନ୍ତା ନର୍ମଦାକୁ··· । ନା, କଟକ ପରି ଏକ ଶ୍ୱାସରୁଦ୍ଧ ସହରରେ ଏସବୁ ସମ୍ଭବ ନୁହେଁ । କୌଣସି କଥା କିପରି ଆରମ୍ଭ କରିବ କିଛି ନ ଭାବିପାରି ସୁଖେନ୍ଦୁ କେବଳ ନର୍ମଦାର ସ୍ୱାମୀ ଆଡ଼କୁ ଚାହିଁ ମୁରୁକି ମୁରୁକି ହସିଲା । ଆଶ୍ଚର୍ଯ୍ୟ ! ଆଖିରେ ଆଖିଏ ପାଣି ଭରି ନର୍ମଦା କହିଲା—"ଲମ୍ପଟ, ମରିବ ବୋଲି ଧମକେଇ ଚିଠିଲେଖି ନ ମଲ କାହିଁକି ? ପ୍ରଭୁ ଜାଣନ୍ତି······ପ୍ରଭୁଙ୍କର ସାକ୍ଷାତ ପାଇ ନ ଥିଲେ କ'ଣ ଯେ ଅବସ୍ଥା ହୋଇଥାନ୍ତା ?"

ଆଖି କୋଣରୁ ସେଣ୍ଟଦିଆ ରୁମାଲରେ ଲୁହ ପୋଛୁ ପୋଛୁ ନର୍ମଦା କହିଲା ଏବଂ ସେଇ ଅବସରରେ ନର୍ମଦାର ଡାହାଣ ହାତ କହୁଣୀରେ ପୁଞ୍ଜାଏ ଢେଉଁରିଆ ସୁଖେନ୍ଦୁର ଦୃଷ୍ଟିଗୋଚର ହେଲା । ଆଉ ତା ସହିତ ସେ ଏକ ଅନ୍ୟ ଜଗତରେ ଆଖି ପିଛୁଳାକେ ଯାଇଁ ପହଞ୍ଚିଲା··· ।

ଫେରିବାର ଅଳ୍ପ ପୂର୍ବରୁ ଥରେ ସୁଶାନ ତାକୁ କହିଥିଲା— "ସୁଖେନ୍ଦୁ ! ତୁମେ ଯୋଗ ଜାଣ ! ଗୁଣିମନ୍ତ୍ର ଜାଣି ନ ଥିଲେ ତୁମେ ଏମିତି ମତେ ଭୁଲେଇ ନେଇ ପାରନ୍ତ ନି···ଆଇ ଗୋ ମ୍ୟାଡ୍, ସୁଖେନ୍ଦୁ··· ! ମୁଁ ବି ଦିନେ ଇଣ୍ଡିଆ ଯିବି, କୌଣସି ଯୋଗୀ ପାଖରୁ ମନ୍ତ୍ର ଆଣିବି, ଢେଉଁରିଆ ଆଣିବି··· ।"

ସୁଖେନ୍ଦୁ କହିଥିଲା—"ମୁଁ ଯୋଗ ଜାଣେ, ମନ୍ତ୍ର ଜାଣେ ! ତୁମେ ମତେ ପୂଜା କଲେ ମୋର ଭିତରୁ ଭଗବାନ ବାହାରି ତୁମକୁ ମନ୍ତ୍ର ଦେବେ··ଇଣ୍ଡିଆରେ ଅଲୌକିକ ଯୋଗ ଶକ୍ତି ଅଛି—ଇଣ୍ଡିଆରେ ଭରିଛି ଏକ ଏକ ଶ୍ରେଷ୍ଠ—ଯୋଗୀ— ।"

ସୁଶାନ ତାଙ୍କୁ ବଡ଼ ବଡ଼ ଆଖିରେ ଚାହିଁ କିଛି କହିପାରି ନ ଥିଲା । କିନ୍ତୁ ବନ୍ଧୁ ମହଲରେ ସେ ଯୋଗୀ ଜଣେ ବୋଲି ଖ୍ୟାତି ବ୍ୟାପି ଯାଇଥିଲା । ଆଜି ସେଥିପାଇଁ କାନତବଟି, ନାକଫୁଲଇ, ପେଟ ଫମ୍ପାଇ କେତେଥର ଯୋଗର ନମୁନା ଯେ ସେ ନ ଦେଖାଇଛି ଏମିତି ନୁହେଁ । କି ମୁସ୍କିଲ ? ଏଇଥିପାଇଁ ଦଳ ଦଳ ହିପ୍ପି ବେଶରେ ସେମାନେ ଇଣ୍ଡିଆ ଆସୁଛନ୍ତି । ଆଜି 'ହରେ କୃଷ୍ଣ ହରେ ରାମ' ଭଜନରେ ଲଣ୍ଡନର ଅଧେ ଲୋକଙ୍କୁ ନିଦ ନାହିଁ··· ।

ନର୍ମଦା ଗାଇ ଚାଲିଛି ତା'ର ପ୍ରଭୁଙ୍କ ସହ ମୃତ୍ୟୁର ଦୁଇଘଣ୍ଟା ପୂର୍ବରୁ କପଟ ସାକ୍ଷାତ ହେଲା—କପଟ ବିଭୂତି ମନ୍ତ୍ର ତେଉଁରିଆ ସେ ଦେଲେ—ଆଜି କପଟ ନର୍ମଦା ସହିତ ମିଲିଟାରୀ ଅଫିସରର ବିବାହ ମଙ୍ଗଳମୟ ବୋଲି ନିର୍ଦ୍ଦେଶ ଦେଲେ—କପଟ ତେଉଁରିଆ ବାନ୍ଧିଲେ ରୋଗ, ଶୋକ, ଯନ୍ତ୍ରଣା ତାଙ୍କୁ ସ୍ପର୍ଶ କରିବ ନାହିଁ ଇତ୍ୟାଦି ଇତ୍ୟାଦି ।

ସୁଖେନ୍ଦୁ କେବଳ ତା'ର ଶେଷ କଥାଟି ଶୁଣିଥିଲା ଏବଂ ଭାବୁଥିଲା କହିବ ଯେ ମୋଟା ମୋଟି ତାଙ୍କୁ ଛାଡ଼ି ନର୍ମଦା ସୁଖୀ ଅଛି ବୋଲି ପ୍ରମାଣ ଦେବାପାଇଁ ଆଉ ଅଧିକ 'ପ୍ରଭୁ'ଙ୍କ ଅବତାରଣା ନ କରି ସିଧା ଗୋଟିଏ ଶବ୍ଦରେ 'ସୁଖୀ' କହି ଦେବା ବର୍ତ୍ତମାନ ଅବସ୍ଥା ଅର୍ଥାତ୍ ସମସ୍ତ ଅଳ୍ପଥିବା ଦୃଷ୍ଟିରୁ ଉଚିତ । ତା'ପର ? ଗୋଟାଏ ଦୁଷ୍ଟାମୀ ହଠାତ୍ ସୁଖେନ୍ଦୁ ମୁଣ୍ଡରେ ପଶିଲା ଏବଂ ସିଗାରେଟ୍‌ରେ ନିଆଁ ଧରାଇ କହିଲା—

"ଉହୁଁ—ଭୁଲ୍ ହେଲା । ତମେ ସିନା ମତେ ଭୁଲେଇ ନେବାର ମନ୍ତ୍ର ଆଣିଥାନ୍ତ । ତମର 'ପ୍ରଭୁ'ଙ୍କ ଠାରୁ—ଯା' ପାଇଁ ମରିଯାଉଥିଲ, ତାଙ୍କୁ ଭୁଲିବାପାଇଁ—ଶେଷରେ ମନ୍ତ୍ର ଆଣିଲ ?"

"ଛିଃ—ଛିଃ— ! ଏ କ'ଣ କହୁଛ—କି ପାପ କଥା—ମା' ଲୋ—ପ୍ରଭୁ !"

ନର୍ମଦା ଡାହାଣ ହାତରେ ବ୍ରତ ଛୁଇଁ ମୁଣ୍ଡରେ ମାରିଲା । କାନରେ ହାତ ଦେଲା ଏବଂ ଆଖି ବୁଜି ଦେଲାବେଳେ ତାର ଆଖିରୁ ଟୋପାଏ ଲୁହ ପୁଣି ଗଡ଼ିପଡ଼ିଲା । ସୁଖେନ୍ଦୁ ଏଇ ଟୋପାକ ଲୁହ କାହାପାଇଁ ଉତ୍ସର୍ଗୀତ ହେଉଛି ତର୍ଜମା କରୁ କରୁ ମିଲିଟାରୀ ଅଫିସରଙ୍କ ନର୍ମଦା ପାଖକୁ ଉଡ଼ିଆସୁଥିବା ଜଣ ବ'ଟା ଦେଖିପାରି ଧୀରେ ବୁଲିପଡ଼ି କାନ୍ଥରେ ମରା ହୋଇଥିବା ଇଂରାଜୀ ଛବିରେ ନାୟକ ନାୟିକାଙ୍କର ଚୁମ୍ବନରତ

*

ଏକ ଛବି ପ୍ରତି ମନଯୋଗ କଲା । ସମସ୍ତ ଅଳ୍ପ । ତାକୁ ଟିକେଟ କାଟିବାକୁ ହେବ । ଶେଷ ପ୍ରଶ୍ନ ସେ ସେଇ ଅବସ୍ଥାରେ ପଚାରିଲା ।

"ତମ ପ୍ରଭୁଙ୍କର ଟିକଣା ମତେ କହିବ ? ଅନ୍ୟୂନ ଦୁଇଟିହ ଡେଇଁରିଆ ପାଇଁ କେତେ ଭକ୍ତ ଦରକାର ?"

ଉତ୍ତର ନାହିଁ । ବୋଧେ ନର୍ମଦା ଭାବୁଛି ଟିକଣା ଦେବ କି ନାହିଁ ? ବୋଧେ ଭାବୁଛି ବଜାରଟା ! ଛତରାଟ—!

ମାନ୍ଧ, ନା ! ସେ ସବୁ କିଛି ନୁହେଁ ।

ନର୍ମଦା କେବଳ ମିଲଟାରୀ ଅଫିସରଙ୍କ ଆଡ଼କୁ ଆଗେଇ ଯାଉଛି । ମୁଣ୍ଡରୁ ଲୁଗା ପୁଣି ଖସିଗଲାଣି— ।

ସୁଖେନ୍ଦୁ ଟିକେଟ ନ କାଟି ସାଇକେଲ ଧରି ଫେରିବା ଉଚିତ ମନେକଲା । କାରଣ ସିନେମା ହଲରେ ଆଣ୍ଟୁରେ ମୁହଁମାନଙ୍କ ହାତ କାମୁଡ଼ି ବସି ପାରିବ ନାହିଁ !

# କସ୍‌ମେଟିକ୍‌ସ

ଜଳବାୟୁ କମ୍ବା ପାଣିପାଗ ବିଷୟରେ ମୁଁ ସଚେତନ କେବେ ବି ନ ଥିଲି, ମାତ୍ର ହଠାତ୍ ମୋର ମନେ ହେଲା ପବନରେ ସାମାନ୍ୟ ଆର୍ଦ୍ରତା। ଆଉ ଚତୁର୍ଦ୍ଦିଗର ଖୋଲା ଆକାଶରେ ଛୋଟ ଛୋଟ ମେଘ।

କୃଷ୍ଣମୂର୍ତ୍ତି ବାଲିରେ ଗଡ଼ୁଛି। ଅସ୍ପଷ୍ଟ ସ୍ୱରରେ ଗୀତ ଗାଉଛି। ରିକ୍‌ସା ଚଳେଇ ଆସିଲାବେଳେ ତା'ର ମଦ ଗନ୍ଧରେ ମୋର ଦେହର ସେଣ୍ଟ୍ କୁଆଡ଼େ ଲୀନ ହୋଇ ଯାଉଥିଲା। ବିରକ୍ତ ଲାଗୁଥିଲା। ତେଣୁ ତାକୁ ବିଦାୟ ଦେବାପାଇଁ ବହୁତ ଛଳନା ମୁଁ କରିଥିଲି। ମାତ୍ର···ସେ ଗଲା ନାହିଁ। ବାଲିରେ ଗଡ଼ୁଛି। ମୁଁ ଗଲେ ସେ ଯିବ···। ମୋର ଦଶଦିନର ଛୁଟି ଭିତରେ କୃଷ୍ଣମୂର୍ତ୍ତିର ଏଇ ଆବେଗ ବା ଚଞ୍ଚଳତା ମତେ ଆଜି ଅସହ୍ୟ ଲାଗୁଛି। ମାତ୍ର ସେ ନିର୍ବିକାର।

ସମୁଦ୍ରର କରେ କରେ ପଥରର ବନ୍ଧ ପ୍ରହସନ। ଖୋଲା ଦେଇଥିଲେ ସମୁଦ୍ରକୁ କ'ଣ କ୍ଷତି ହୋଇଥାନ୍ତା? ଅଥଚ ଏଠିକାର ସମୁଦ୍ର ଭୟଙ୍କର ନୁହେଁ, ଚଞ୍ଚଳ ନୁହେଁ କି ଅସନ୍ତୁଷ୍ଟ ନୁହେଁ। ମୋର ତ ମନେ ହୁଏ, ସେ ଶୋଇଛି କେଉଁ ଅନାଦି ଅନନ୍ତ କାଳରୁ—କେବେ କ'ଣ ନିଦ୍ରା ଭାଙ୍ଗିବ?

ସମୁଦ୍ରର ଶୀତଳ ହାଓ୍ୱା ଭିତରେ ଅଜସ୍ର କଣ୍ଠର ଗୁଣୁଗୁଣୁ କୋଳାହଳ।

ମୁଁ ହଠାତ୍ କୌତୂହଳୀ ହୋଇ ଉଠିଲି। ପାର୍ଶ୍ୱରୁ ଜଣେ ବିଦେଶୀ ବୁଲି ବୁଲି ଆସୁଥାନ୍ତି ସେ ଟଳ ଟଳ ମାତାଲ ହେଲା ଭଙ୍ଗୀରେ ଆସୁଛନ୍ତି। ନିକଟରୁ ଜାଣି ପାରିଲି ସକାଳେ ପଥରର ଖୋଲା ଦେହରେ ଖୋଦିତ ହାତୀ ମୂର୍ତ୍ତିକୁ ଦୁଇ ହାତରେ କୁଣ୍ଢାଇ ଧରି ଯିଏ ଗେଲ କରୁଥିଲେ, ମୋଟା ଟଙ୍କା ନେଇ ଯିଏ ଭାରତବର୍ଷର ମୂର୍ତ୍ତି ଗବେଷଣାପାଇଁ ବିଦେଶରୁ ଆସିଛନ୍ତି, ଏ ସେଇ ଭଦ୍ରଲୋକ। ପଥରର ହାତୀଟିକୁ (ଅନ୍ୟ କୌଣସି

ଜୀବ କ ପକ୍ଷୀ ହୋଇଥିଲେ ହୁଏତ ବିଚାର ଲାଗି ଜ ଥାନ୍ତା···) ଗେଲ କରିବାର ଭଙ୍ଗୀରେ ଏକ ଅଦ୍ଭୁତ ଆତ୍ମୀୟତା ମତେ ତାଙ୍କ ପ୍ରତି ଆକୃଷ୍ଟ କରିଥିଲା ।

ସେ ମୋ ସାମ୍ନା ଦେଇ ଚାଲିଗଲେ ସେଇପରି ହସ ହସ ଭଙ୍ଗୀରେ । ପଛରେ ତା'ର··· । ହାତରେ ଅବଶ୍ୟ ରଜନୀଗନ୍ଧାର ଗୋଟିଏ ଫୁଲତୋଡ଼ା । ମୁଣ୍ଡରେ ସେବତୀ ଫୁଲ । ଦେହରେ ପରିଧାନ ଏକ ଶସ୍ତା ନାଇଲନ୍ ଶାଢ଼ୀ । ଚିହ୍ନି ନ ହେବା ସ୍ୱାଭାବିକ, ମାତ୍ର ହୋଟେଲରେ ଘର ଓଳେଇବାପାଇଁ ଦୀର୍ଘ ଦଶଦିନ ଧରି ଆସୁଥିବା ମଧ୍ୟବୟସ୍କା ସ୍ତ୍ରୀ ଲୋକଟି ହଠାତ୍ ଏକ ଯୁବତୀ ବେଶରେ ଏବଂ ଜଣେ ବିଦେଶୀ ଲୋକ ସହିତ··· । ମତେ ହସ ମାଡ଼ିଲା ନିଜର ବୋକାମି ଯୋଗୁଁ । ଆଜିକାଲି ନାରୀ ବେଶରେ ପୁରୁଷ ଦୋକାନ ବଜାର, ସିନେମାଘର, ହୋଟେଲ୍, ଅଭ୍ୟର୍ଥନା ସବୁଠାରେ ଗହଳି ସୃଷ୍ଟି କରିଥିଲାବେଳେ, କସ୍‌ମେଟିକ୍‌ଭରା ପୃଥିବୀରେ ଏଇ ସାମାନ୍ୟ କଥାରେ ଅନ୍ତତଃ ଆଶ୍ଚର୍ଯ୍ୟ ହେବାର ମୋ ଭଳି ଲୋକର କିଛି ନାହିଁ ।

କିନ୍ତୁ··· !

ହଠାତ୍ ଗୋଟାଏ ରୁଦ୍ଧ କ୍ରନ୍ଦନରେ ମୁଁ ଚମକି ପଡ଼ି ପଛକୁ ବୁଲି ଚାହିଁଲି । କୃଷ୍ଣମୂର୍ତ୍ତି ଛିଡ଼ାହୋଇ ମନକୁ ମନ କ'ଣ କହୁଛି, ଆ ଲୁଚି ଲୁଚି କାନ୍ଦୁଛି । ବୋଧେ ମଦ ନିଶାରେ । ବାତୁଳ ! ତାକୁ ଆ ବେଳ ନ ଥିଲା··· ?

ମୁଁ ମୋର ଅଜାଣତରେ ବାମ ପଟକୁ ଚାହିଁ ଚାଲିବାକୁ ଲାଗିଲି । ପବନର ଆର୍ଦ୍ରତା ତୀବ୍ରତର ମନେ ହେଉଛି । ଝାପ୍‌ସା ଜହ୍ନଟା ବଡ଼ ବେଶି ଝାପ୍‌ସା ଲାଗୁଛି । ସମୁଦ୍ରରେ ସାମାନ୍ୟ କମ୍ପନ ହେଲାପରି ମନେ ହେଉଛି··· ।

ହଠାତ୍ ଏକ ନିଃସଙ୍ଗତା ମତେ ଗ୍ରାସ କରି ବସିଲା । ଗୋଟାଏ ଅସ୍ଥିରତାରେ ମୁଁ ମୋର ମନ ଭିତରେ ଥିବା ସମସ୍ତଙ୍କ ସ୍ମୃ ଆଉଡ଼ାଇବାକୁ ଲାଗିଲି । କୌଣସିଟି ଘଟଣା ବା ବ୍ୟକ୍ତିବିଶେଷର ସ୍ମୃ ଶୀତଳର ନୁହେଁ । ଆଜି ମୋ ନିଜର ସ୍ମୃତିଶକ୍ତି ବି ଅତି କ୍ଷୀଣ ।

ସ୍କୁଲରୁ ପାଞ୍ଚଦିନ ଛୁଟି ନେଇ କାହା ସଙ୍ଗରେ ମୁଁ କରିଛି ? ଜଳବାୟୁ ପରିବର୍ତ୍ତନ ପାଇଁ ଅବଶ୍ୟ ଡାକ୍ତରଙ୍କ ସା ପାଖରେ ଅଛି । ସାଙ୍ଗରେ ଅଛି ଦରକାରୀ ଜିନିଷପତ୍ର,

ପ୍ରେସ୍କ୍ରିପ୍‌ସନ । ସବୁ ନିୟମରେ ଚାଲିଛି···ଔଷଧ ଖିଆଠାରୁ ଡାଏରି ଲେଖା ପର୍ଯ୍ୟନ୍ତ ଭାରତସାରା ସବୁ ହିଲ୍ ଷ୍ଟେସନ୍, ସବୁ ସମୁଦ୍ର ଉପାନ୍ତ ବୁଲି ଆସିଲେ କ'ଣ ମୁଁ ସୁସ୍ଥ ହେବି ?

ହସିବାକୁ ପୁଣି ଥରେ ଇଚ୍ଛା ହେଲା । ଇଚ୍ଛାଗୁଡ଼ାକ ଯଦି ମନକୁ ମନ ମୁକୁଳି ଯାଆନ୍ତା ? ତେବେ ଏ ଜଳବାୟୁ ପରିବର୍ତ୍ତନ ନ କରି ସକାଳୁ ସଞ୍ଜ ନିରବଚ୍ଛିନ୍ନ ଭାବରେ ଉଚିତ୍, ମାତ୍ର ମୁଁ ସୁସ୍ଥ ବୋଲି ଏକ ସାର୍ଟିଫିକେଟ୍ ପୁଣି ଦରକାର ଯେ ! ଆଉ ମୋ ସ୍ତ୍ରୀ ହେନା ସେଥିରେ ସନ୍ତୁଷ୍ଟ ହେବା ଏକାନ୍ତ ଭାବରେ ଜରୁରୀ ।

ଧେତ୍ । ଝିପି, ଝିପି ବର୍ଷା । ସମୁଦ୍ର କୂଳର ଏଇ ଅନିଶ୍ଚିତତା ମତେ ବେଶି ବିରକ୍ତ ଲାଗେ । ସବୁ କଥାରେ ହଠାତ୍ ଗୋଟାଏ ଯବନିକା କିଏ ଟାଣିଦିଏ ଯେମିତି !

ମୁଁ ଲେଉଟି ପଡ଼ିଲି ପଛକୁ । ପୁଣି ସେଇ ବିଦେଶୀ ଗବେଷକ ଆଉ ହୋଟେଲର ଆୟା । ସାହେବ ଏଥର ପକେଟରୁ ଲାଲ ଟୁକ୍ ଟୁକ୍ ରକ୍ତ ଗୋଲାପଟିକୁ କାଢ଼ି ଆୟା ମୁଣ୍ଡରେ ଖୋସି ଦେଲେ ଆଉ ଆୟାର କାଳକୁଟ୍ଟ ମୁଖ ମଣ୍ଡଳର ପରିବର୍ତ୍ତନ ଦେଖିଲା ପୂର୍ବରୁ କୃଷ୍ଣମୂର୍ତ୍ତିର ବିକଳ କନ୍ଦଣାଟା ମୋ କାନରେ ଆସି ବାଜିଲା । ସତେ ବା ଛନ୍ଦ ପତନ ହେଲା କେଉଁ ଅଜଣା ସ୍ୱରର ।

ମୁଁ ରାଗରେ ପୁଣି ଅଜ୍ଞାନ ହେଲା ପରି ଅନୁଭବ କଲି । ପଛକୁ ଜୋରରେ ପାଦ ପକେଇ କୃଷ୍ଣମୂର୍ତ୍ତି ଆଡ଼କୁ ଧାଇଁବାକୁ ବାଧ୍ୟ ହେଲି ।

ବାଲିରେ ବସି ବସି ସେ କାନ୍ଦୁଛି । ଆଣ୍ଠୁ ଭିତରେ ମୁହଁଟା ଗୁଞ୍ଜି ଦେଇ ଛୋଟ ପିଲାଙ୍କ ପରି ସେ କଇଁ କଇଁ କାନ୍ଦୁଛି । ବିଚରା ।

ରାଗରେ ତା'ର ବାଳକେଶକୁ ଝିଙ୍କି ଦେଇ ମୁଁ ଗର୍ଜ୍ଜି କଲି-
"କୃଷ୍ଣମୂର୍ତ୍ତି ! ତତେ ହଜାର ବାର ମନା କଲିଣି ତୁ ମତେ ଅପେକ୍ଷା କରିବୁ ନି···ବସି ବସି ମାଇକିନାଙ୍କ ପରି କାନ୍ଦୁଣା ଲଗେଇଛୁ । ଇଡ଼ିୟଟ୍ !"

କୃଷ୍ଣମୂର୍ତ୍ତି ମୁଣ୍ଡ ଟେକି ଅନାଇଲା । ବାସ୍ତବିକ ଦୁଃଖରେ, ଲଜ୍ଜାରେ କଳା ମୁହଁଟା ଆହୁରି କଳା ଓ ବିକଳ ଦିଶୁଛି । ସେ ହାତ ଦେଖାଇ ଆୟା ଆଡ଼କୁ କ'ଣ ଇଙ୍ଗିତ କରି ମାଲୟାଳୀ ଭାଷାରେ କହିଲା, ତା' ମୋ ପକ୍ଷରେ ବୁଝିବା ଦୁଃସାଧ୍ୟ ; କିନ୍ତୁ ମନରେ ଲାଗିଲା ଗୋଟାଏ ଖଟ୍‌କା । ଆୟା କୃଷ୍ଣମୂର୍ତ୍ତିର କିଛି ନୁହେଁ ତ ? ହୋଇପାରେ, ନ ହୋଇପାରେ

ହଠାତ୍ ମୋର ସ୍ୱଗତା ଯେ କୁଆଡ଼େ ଚାଲିଗଲା ମୁଁ ବୁଝି ପାରିଲି ନାହିଁ । ଗୋଟାଏ ଗଭୀର ନିଃସଙ୍ଗତା ମତେ ପୁଣି ଗ୍ରାସ କରି ଆସିଲା । ସଲ୍ଲିଲାକୁ ଏମିତି ଭୁଲେଇ ନେଇ ଯାଇଥିଲା ମାଳକଣ୍ଠ—ଧନର ପ୍ରାଚୁର୍ଯ୍ୟରେ, ରୂପର ସମ୍ଭାରରେ ସଲ୍ଲିଲା ପାସୋରି ଯାଇଥିଲା । ଜୀବନ କ'ଣ, ପ୍ରେମ କ'ଣ ଏବଂ କଥା ଦେଇ କଥା ଫେରାଇ ନେବାର ମାନେ କ'ଣ ? ସଲ୍ଲିଲା କ'ଣ ନାରୀ ନ ଥିଲା ? ତା ଭିତରେ କି ଅପରକୁ ବୁଝିବାର ଶକ୍ତି ସାମାନ୍ୟ ହେଲେ ନ ଥିଲା ? ସଲ୍ଲିଲା···ସଲ୍ଲିଲା··· ? ସମୁଦ୍ରର ଉଚ୍ଛଳ ଜଳରାଶିରେ ସଲ୍ଲିଲାର ଅଜସ୍ର ପ୍ରତିବିମ୍ବ ଯେପରି ମତେ ଉପହାସ କରି ହସି ଉଠୁଛି ।

ମୁଁ କୃଷ୍ଣମୂର୍ତ୍ତି ପାଖରେ କେତେବେଳେ ବସି ତା' ମୁଣ୍ଡ ଉପରେ ହାତ ରଖିଛି ମୋର ଖିଆଲ ନାହିଁ । ଘଣ୍ଟାରେ ରାତି ସାଢ଼େ ଆଠ । ତଥାପି କୃଷ୍ଣମୂର୍ତ୍ତି ସହିତ ମୁଁ କଥା କହିବାକୁ ଆରମ୍ଭ କଲି । ପାର୍ଥ ସାରଥୀ ଦାଶରଥି ଧରି ହୋଟେଲରୁ ମୁଁ ଯୁଆଡ଼େ ଯାଉଛି ସେଆଡ଼େ ସେ ମତେ ବୋହି ନେଉଛି ତା' ରିକ୍ସାରେ । ଘଣ୍ଟା ଘଣ୍ଟା ଧରି ଅଟକ ରହୁଛି । କୌଣସି ଭଦ୍ରଲୋକ ହୋଇଥିଲେ ବହୁ ପୂର୍ବରୁ ତା'ର ଇତିହାସ ସଂଗ୍ରହ କରିଥାନ୍ତି । କିପରି ଗୋଟାଏ ଦୋଷୀ ମନେ କରି ମୁଁ କଥା ଆରମ୍ଭ କଲି—"ତୋର ଘର ଏଇଠି···ମାନେ ଏଇ ସହରରେ ?"

କୃଷ୍ଣମୂର୍ତ୍ତି ମୁଣ୍ଡ ଟେକିଲା ।

"ଘରେ କିଏ ଅଛନ୍ତି ? ବାପା, ମା, ଭାଇ, ଭଉଣୀ, ସ୍ତ୍ରୀ··· !"

କୃଷ୍ଣମୂର୍ତ୍ତି ଏଥର କାନ୍ଦ୍ କାନ୍ଦ୍ ହସିଲା । ସତେ ବା ପ୍ରଶ୍ନ [illegible] ମୋର ନିହାତ ଅବାନ୍ତର । ହିନ୍ଦମିଶା ଇଂରାଜୀରେ ସେ ଉତ୍ତର ଦେଲା— "କେହି ନାହାନ୍ତି···ମୁଁ ମା' ଛଡ଼ା କାହାକୁ ଜାଣେ ନାହିଁ ବାବୁ ।" [illegible] ଏଇ ଆମ୍ବା କିଏ ? କ'ଣ ତା'ର ସମ୍ପର୍କ ? କାହିଁକି ବିଦେଶୀ ଭଦ୍ରଲୋକ ସହିତ ତାକୁ ଦେଖି ଦେଖି ସେ ଏମିତି କାନ୍ଦି ଉଠିଲା ?

"ମା ବର୍ତ୍ତମାନ ତୋ' ପାଖରେ ଅଛି କି ? ମୁଁ ପ୍ରଶ୍ନ [illegible] କୃଷ୍ଣମୂର୍ତ୍ତି ଅବାକ୍ ଆଖିରେ ମତେ ଚାହିଁଲା । ସତେ ବା ଗୋଟାଏ [illegible] ପ୍ରଶ୍ନ ମୁଁ ତାକୁ କରିଛି । ଧୀରେ ଧୀରେ କୃଷ୍ଣମୂର୍ତ୍ତି ସଂଯତ [illegible] କଲା ; ଆଉ ଖୁବ୍ ଧୀରେ କେହି ନ ଶୁଣିଲା ଭଳି କଥା ଆରମ୍ଭ [illegible] "ମା' ନାହିଁ ବାବୁ । ମା' ବର୍ତ୍ତମାନ ସ୍ୱର୍ଗବାସରେ । ଅନେକ [illegible] ମତେ କେତେବେଳେ ଆଠବର୍ଷ ହୋଇଥିଲା, ପ୍ରାଦ୍ଧରୁ [illegible]

ଆସି ଏଇ ହୋଟେଲରେ ଗୋଟାଏ ବର୍ଷ ରହିଥିଲି । ମୋ ମା, ସେତେବେଳେ ହୋଟେଲରେ ଆୟା କାମ କରୁଥାଏ, ଆଉ ପ୍ରତିଦିନ ମା' ସଙ୍ଗରେ ମୁଁ ହୋଟେଲ ଯାଉଥିଲି । ରାତିରେ ଦିନେ ଦିନେ ମା' ଚାଲିଆସେ କାମବାହାନାରେ···ପ୍ରତିଦିନ ଫଳମୂଳ, ବିସ୍କୁଟ୍ ଓ ଭଲ ଜାମା ପ୍ୟାଣ୍ଟ ପାଇ ମୁଁ ଭୁଲି ଯାଇଥିଲି ମୁଁ ଗୋଟାଏ ଆୟାର ପୁଅ । ଇଂରାଜୀ ସ୍କୁଲରେ ମୋ ନାମ ଲେଖା ହୋଇଥିଲି···

ମାତ୍ର··· !"

କୃଷ୍ଣମୂର୍ତ୍ତି ପୁଣି କୋହରେ ଉଚ୍ଛୁଳି ଉଠିଲି ; କିନ୍ତୁ କଥାଟାର ଅ ସେ ବୋଧେ ସମ୍ପୂର୍ଣ୍ଣ ଖୋଲି ଦେବାକୁ ଚାହୁଁ ଥିଲି । ଟିକିକ ପରେ ସେ ନିଜେଇ ଆରମ୍ଭ କଲି—"ହଠାତ୍ ଦିନେ ଦେଖିଲି ସାହେବ ମୋର ମା'କୁ ଏମିତି ସମୁଦ୍ରକୂଳରେ ନିଜ କୋର୍ଟ ପକେଟରୁ ଗୋଲାପଫୁଲଟିଏ କାଢ଼ି ମୁଣ୍ଡରେ ମାରି ଦେଉଛନ୍ତି···ମୁଁ ବୁଝିପାରି ନ ଥିଲି ସେଦିନ··· ! ତା'ର କିଛିଦିନ ପରେ ମତେ ଛାଡ଼ି ମା' ଫ୍ରାନ୍‌ସ ଚାଲିଗଲା ସେ ସାହେବଙ୍କ ସଙ୍ଗରେ··· !"

ମୁଁ ଚମକି ଉଠିଲି । ଏଥର କୃଷ୍ଣମୂର୍ତ୍ତିର ଜୀବନକୁ ମୁଁ ଦେଖିବାପାଇଁ ଶଙ୍କ ସଂଗ୍ରହ କରୁଥିଲି । ଆଶ୍ଚର୍ଯ୍ୟ । ମୁଠା ମୁଠା ବାଲିକୁ ସମୁଦ୍ର ଆଡ଼କୁ ଫିଙ୍ଗି ହସୁ ହସୁ ସେ କହିଲା—"ଜାଣନ୍ତି ବାବୁ ! ଫ୍ରାନ୍‌ସ ଯାଇ ଅନେକ ଟଙ୍କା ସେ ସ୍କୁଲ ଠିକଣାରେ ପଠାଇଥିଲା । କେତେ ଜିନିଷ ବି । ହେଲେ ମୁଁ ଗୋଟାଏ ହେଲେ ଛୁଇଁ ନି । କେତେ ଲୋକ ମତେ ଧରି ନେଇ ଅନାଥାଶ୍ରମରେ ଭର୍ତ୍ତିକରି ଦେଉଥିଲେ···କିନ୍ତୁ ମୁଁ ରହି ନି । ଚାଲିଆସିଲି ···ପାଠ ଛାଡ଼ି ଦେଲି···ରିକ୍‌ସା ଚଳାଉଛି ଆଉ ପିଉଛି ମଦ । ଦିନକୁ ଦଶ ଟଙ୍କାର ମଦ ଦରକାର ମୋର; ଘରଦ୍ୱାର ମୋର କିଛି ନାହିଁ···ବାପ, ମା'···ମତେ ଯିଏ ମଦ ଦିଏ ସିଏ, ମୋର ବାପା, ଆଉ ରିକ୍‌ସାଟା ମୋର ମା ।ବାପ, ମ' ଆମ ତଳଶ୍ରେଣୀ ଲୋକଙ୍କର କେହି ନାହିଁ ବାବୁ—ସେସବୁ ବଡ଼ ବଡ଼ ଲୋକଙ୍କର କଥା । ଆମର ଯିଏ ଉପକାର କରେ ସେଇ ଆମର ବାପ ମା'··· ।"

କୃଷ୍ଣମୂର୍ତ୍ତି ଆଉ କ'ଣ କହୁଥିଲା, ମାତ୍ର ମୁଁ ଅଜାଣତରେ ଅନ୍ୟମନସ୍କ ହୋଇଗଲି ତା'ର ବାପ ମା' ସଙ୍ଗରେ ; ଜନ୍ମଦାତା ବାପ ମା' ହେବାର ଗୌରବବୋଧରେ ମୋର ଆଖି ଲାଗି ଥିଲେ ବି ମୁଁ ପ୍ରକାଶ

କରି ପାରୁ ନ ଥିଲି । ଅପ୍ରୀତିକର କଥାକୁ ଘୂରାଇ ଦେବା ଉଦ୍ଦେଶ୍ୟରେ ମୁଁ କ୍ଷୀଣ ସ୍ୱରରେ ପଚାରିଲି—

"ତା' ହେଲେ ସେଇ ଆପ୍ଟା···ଏଇକ୍ଷଣି ଯିଏ ଏଠି ଗୋଲାପ ଫୁଲମାରି ବୁଲୁଥିଲା, ତାକୁ ଦେଖି ତୁ ଏମିତି କାନ୍ଦୁଥିଲୁ କାହିଁକି ? କ'ଣ ସେ ତୋର ? ପ୍ରେମ··· ."

କୃଷ୍ଣମୂର୍ତ୍ତି ଏଥର ହସୁ ହସୁ କାନ୍ଦି ଉଠିଲା—"ଆପଣ ଜାଣନ୍ତି ନ ବାବୁ ! ଆମେ ସବୁ ଏମିତି ପ୍ରେମ ଫ୍ରେମ କରୁନା···ଆଜିକାଲି । ସେଗୁଡ଼ା କେବଳ ବଡ଼ ବଡ଼ ଧନୀଲୋକଙ୍କର ଅଧିକାର ! ବାଜା ବଜେଇ, ହୋଟେଲରେ ପଇସା ଖର୍ଚ୍ଚ କରି ଦେଶ ବିଦେଶ ନ ବୁଲିଲେ ବାବୁ, ସେ ପ୍ରେମର ଲାଭ କ'ଣ ? କେହି କ'ଣ ବିଶ୍ୱାସ କରିବେ···ଆଉ ମୁଁ ? ମୁଁ ତ ଗୋଟେ ରିକ୍ସା ବାଲା ··ମତେ କିଏ ବାହା ହେବ ?"

"ତେବେ···?" ପ୍ରଶ୍ନଟା ଅନୁଚ୍ଚାରିତ ରହିଗଲା, କାରଣ କୃଷ୍ଣମୂର୍ତ୍ତି ଗର୍ଜନ କରି ଉଠିଲା ରାଗରେ—"ମୁଁ ତାକୁ ଆଜ ରାତିରେ ମାରିଦେବି ! ସେ ଶୋଇ ଥିଲାବେଳେ ତାକୁ ଛୁରୀ ଭୁଷି ମୁଁ ମାରିଦେବି···ଜେଲ୍ ଯିବି, ମୋର ଚିନ୍ତା ନାହିଁ··· !"

ମୁଁ ତା' ହାତକୁ ଚାପି ଧରି କହିଲି—କୃଷ୍ଣମୂର୍ତ୍ତି ! ରାଗରେ କାହାକୁ ମାରି ଦେବାକୁ କହୁଛୁ ? ନରହତ୍ୟା ଯେ ମହାପାପ । ବରଂ···"

ସେ ହସିଲା—"ଜୀବନର ଭୟ ମୋର ଆଦୌ ନାହିଁ, ବାବୁ ! ମୁଁ ବଞ୍ଚିଥିଲେ କେବଳ ମଦ ସରିବ ପୃଥିବୀରୁ । ମରିଗଲେ [illegible] ନାହିଁ, ମାତ୍ର···ମୋରି ଆଖି ଆଗରେ ଆଉଥରେ ମୁଁ ମରିଯିବାକୁ ଚାହେଁ ନା···!"

ମୁଁ ନ ବୁଝିପାରି ଚାହିଁଥିଲି । ପ୍ରତିଟି ସାଧାରଣ ମଣିଷ ଆବେଗରେ ଯେଉଁକଥା କହେ, ସେ ସବୁକୁ ସଜାଡ଼ି ଦେଲେ ପୃଥିବୀର ମହାକାବ୍ୟ ବୋଧହୁଏ ଲେଖା ଯାଇ ପାରନ୍ତା !

"ସେଇ ଆପ୍ଟାର ଅଛନ୍ତି ଦୁଇଟା ଝିଅ ବାବୁ- ପାଞ୍ଚ ବର୍ଷର [illegible] ତିନ ବର୍ଷର । ମୁଁ ସେମାନଙ୍କୁ ଜାଣିଛି ବାବୁ । ଯଦି ମୋ ମା' [illegible] ଚାଲିଯାଏ ଏଇ ସାହେବ ସଙ୍ଗରେ ତେବେ ସେ ଝିଅ ଦୁଇଟା··· ! [illegible] ମୁଁ ଏ ଭୁଲ୍ କରି ପାରିବି ନା । ଜାଣି ଜାଣି···ହଁ ବାବୁ ମୁଁ [illegible] [illegible]···!"

ମୁଁ କୃଷ୍ଣମୂର୍ତ୍ତିଙ୍କୁ ଅନାଇଁ କେଉଁ ସୁଦୂର ସହରରେ ଛାଡ଼ି ଆସିଥିବା ମୋ ଚାରୋଟି ସନ୍ତାନଙ୍କ କଥା ଓ ମୁହଁକୁ ସ୍ମରଣ କରୁଥିଲି । ସତର ଅଠର ବର୍ଷର ଝିଅ, ପନ୍ଦର ଷୋଳ ବର୍ଷର ପୁଅକୁ ଧରି କୌଣସି ସ୍ଥାନକୁ ଯିବାକୁ ସେମାନେ ପସନ୍ଦ କରନ୍ତିନାହିଁ । ଆଉ ମୁଁ ? ଜନ୍ମପରେ ଓ ଟଙ୍କା ପଇସା ନେଇ ସୁସ୍ଥ ରଖିବାର ବନ୍ଦୋବସ୍ତ ପରେ ଅନ୍ୟ କିଛି ଦାୟିତ୍ୱ ଦେବାକୁ ଅନ୍ତତଃ ମାନସିକସ୍ତରରେ ପ୍ରସ୍ତୁତ ନୁହେଁ ।

ଦୀର୍ଘ ଚାରିମାସର ବ୍ୟବଧାନ ପରେ ହଠାତ୍ କୃଷ୍ଣମୂର୍ତ୍ତି କଥାରେ ପିଲାମାନଙ୍କର ସ୍ମୃତି ଓ ମୁହଁ ଉପରେ ଗୋଟାଏ ମମତାରେ ମନେ ଅସ୍ଥିର କରି ପକାଇଲି । ମୁଁ କହିଲି—"କୃଷ୍ଣମୂର୍ତ୍ତି ! ତୁ ଭାରି ରାଗି ଯାଇଛୁ ମଣିଷ ଉପରେ ମୁଁ ଜାଣେ; କିନ୍ତୁ ମଣିଷ ସହିତ ମଣିଷର କୃତଘ୍ନତା ଏମିତି କେତେ ଯୁଗରୁ ଲାଗି ରହିଛି···ତୁ କ'ଣ ସବୁ ମଣିଷଙ୍କୁ, ସବୁ ଇତିହାସକୁ ମାରି ପାରିବୁ ?"

"ହଁ, ହଁ ବାବୁ ! ଯାହାକୁ ପାଇବି ତାକୁ ମାରିଦେବି । ଆଗେ ଆଜି ସେ କମଳାକୁ ମାରିବି···ଆଉ ଯଦି ମୋ ମା'କୁ ମୁଁ ଦେଖନ୍ତି··· ।"

ମୁଁ କୃଷ୍ଣମୂର୍ତ୍ତିଙ୍କୁ ନ ଅନାଇଁ ସମୁଦ୍ର ଆଡ଼କୁ ମୁହଁ ବୁଲାଇଲି । ସମୁଦ୍ର ଦୂରରେ ଖୁବ୍ ଶାନ୍ତ ମନେ ହେଉଥିଲା !

ମୁଁ ଉଠି ରାସ୍ତା ଆଡ଼କୁ ମୁହାଁଇଲି । ରାତି ଦଶଟା ବାଜିବା ଦେଖି ସେମାନେ ବୋଧେ ବ୍ୟସ୍ତ ହୋଇ ପଡ଼ିବେଣି । କୃଷ୍ଣମୂର୍ତ୍ତି ଏଥର ଏକାନ୍ତ ଅନୁଗତ ପରି ମୋ ପଛେ ପଛେ ଆସିଲା ।

ରାସ୍ତାର ନିର୍ଜନ ବୁକୁ ଉପରେ ରିକ୍‌ସାରେ ସାଇଁ ସାଇଁ ଥଣ୍ଡା ପବନ ଭିତରେ ମଦଗନ୍ଧ ମୋ ନାକରେ ଆଉ ବାଜୁ ନ ଥିଲା । ମଦର ନିଶାଟା ଆଉ ବୋଧେ କୃଷ୍ଣମୂର୍ତ୍ତିର ନାହିଁ ; ତଥାପି ସେ ଅନ୍ୟଦିନ ପରି ଗୀତ ଗାଉ ନାହିଁ··· !

ହୋଟେଲ ଦ୍ୱାରମୁହଁରେ ରିକ୍‌ସାରୁ ଓହ୍ଲାଇ ଓହ୍ଲାଇ କୃଷ୍ଣମୂର୍ତ୍ତି ମୋ ପାଦ ଧରି ପକାଇଲା—"ମୋର ଭୁଲ୍ ହୋଇଛି ବାବୁ । ଭୁଲ୍‌ରେ କ'ଣ କ'ଣ କହି ଦେଇଛି···!"

ମୁଁ ଉତ୍ତର ନ ଦେଇ ପଇସା ଗଣିବାର ଛଳନା କରୁଥିଲି । ସେ ପୁଣି କହିଲା ନିରାଶାରେ ଭାଙ୍ଗି ପଡ଼ି—"ଆପଣଙ୍କ କଥା ସତ—ସବୁ ମଣିଷଙ୍କୁ ମୁଁ ମାରି ପାରିବି ନି ବାବୁ ! ଗୋଟାଏ ଯୋଡ଼ାଏ ମଣିଷ ମାରିବା ଲାଭ କ'ଣ ? ତେବେ ବାବୁ···!"

*

"କ'ଣ ? କ'ଣ ତେବେ ?"

"ମୁଁ ଭାବୁଥିଲି ଏଇ ଅପଢୁଆ ଗରିବ ଲୋକଙ୍କର ଏମିତି ହୁଏ । ଆପଣ ଯେ କହିଲେ ପୃଥିବୀସାରା ଏମିତି ସବୁ ଲୋକ···!

ତା'ର ଅନୁଚ୍ଚାରିତ ପ୍ରଶ୍ନର ଉତ୍ତର ଦେବାକୁ ମତେ କୃତ୍ରିମ ବିରକ୍ତିର ଆଶ୍ରୟ ନେବା ବ୍ୟତୀତ ଅନ୍ୟ କିଛି ଉପାୟ ଦିଶୁ ନ ଥିଲା । କୃଷ୍ଣମୂର୍ତ୍ତି ତ ଜାଣେ ନା ଜୀବନର ମାନେ କ'ଣ ? ବଡ଼ ବଡ଼ ଅଭିଧାନରେ ଜୀବନର ଅସୁମାରି ସଂଜ୍ଞା ଭିତରୁ କେଉଁଟି ତାକୁ ମୁଁ କହିବି ଏବଂ ସେ ବୁଝିପାରିବ ବିନା ବାକ୍ୟ ବ୍ୟୟରେ ମୁଁ ହୁଏତ ଜାଣି ପାରୁ ନ ଥିଲି ।

ଜୀବନର କେଉଁ ସଂଜ୍ଞାରେ ମୋର ବିଶ୍ୱାସ ? ମୁଁ ନିଜେ ହିଁ ବୁଝେ ନା !

ଭ୍ରୂକୁଞ୍ଚନ ପରେ କେବଳ ହସି ଦେଇ ମୁଁ ହୋଟେଲ ଭିତରକୁ ଚାଲିଗଲି ।

ଲାଉଂଜରେ ହେନା ଆଳାପରତ । ପନ୍ଦର ନମ୍ବର କୋଠରୀର ସେଇ ସାମ୍ବାଦିକ ସହ ଆସିଲା ଦିନରୁ ପ୍ରାପ୍ୟ ସେ ଅବସର ସମୟରେ ଗଳ୍ପ କରିଥାନ୍ତି ।

ହେନାଙ୍କ ଖୋସାରେ ଏକ ଫୁଟନ୍ତ ଗୋଲାପ । ହୃତଦିନ ହେନା ଏଡ଼ି ଖୋସାରେ ଓ ସାମ୍ବାଦିକ ବନ୍ଧୁ ତାଙ୍କ କୋର୍ଟ ପକେଟରେ ଗୋଲାପ ଲଗାନ୍ତି । ଅବଶ୍ୟ କିଏ କାହାକୁ ଲଗେଇ ଦିଅନ୍ତି ନା ନାହିଁ ମୁଁ ଦେଖିନି, ନା ଜାଣିବାର ଚେଷ୍ଟା କରି ନି ।

ସେମାନେ ମତେ ଦେଖି ନାହାଁନ୍ତି । ମୁଁ ଏକମୁହାଁ ଲିଫ୍ଟରେ ଉଠିଗଲି ! କେଜାଣି କାହିଁକି ସର୍ଲାକାର ମୁହଁଟା କ୍ଷଣକପାଇଁ କାନ୍ଥ ଝାପ ଓ ଲିଫ୍ଟମ୍ୟାନ୍‌ର ଆଖି ଭିତରେ ଚକ୍ ଚକ୍ କରି ଉଠିଲା । ଆଉ ମଁ ଉଭୟ ପଥରଖୋଦିତ ହାଣ୍ଡୀମୂର୍ତ୍ତିକୁ ବିଦେଶୀ ସାହେବଙ୍କର ଗଭୀର ଆତ୍ମୀୟଭାବରେ ପେଇ ଟେଲ କରିବାର ଭଙ୍ଗୀ । ଆତ୍ମା ସହିତ ସମ୍ପର୍କଟା ଅନୁମାନ କରାଯାଇ ପାରେ···!

ପଥର ଲୁହରେ ଭିଜ ମିଳାଇ ଯିବାର ସମ୍ଭାବନା ଅଳ୍ପ—ମାତ୍ର ଅସମ୍ଭବ ନହେଁ ।

# ସାୟାହ୍ନର ସ୍ୱର

ଡାଆଣିଆ ଖରା ଓସ୍ତ ଗଛର ପତ୍ର ଦେହରେ ଚକ୍ ଚକ୍ କରୁଛି । ଶୀତ ଦିନର ବହଳ କୁହୁଡ଼ି ପୋଖରୀ ହୁଡ଼ାରେ ଆଉ ପାଚିଲା ଧାନ କିଆରୀରେ ଜମିଆସୁଛି । ଆଉ ଟିକକ ପରେ ସନ୍ଧ୍ୟା ଯେମିତି ଅନ୍ଧାର ଖଢ ଦେବ ଘରେ ଘରେ । ଏତେ ବଡ଼ ଗାଁ'ଟା ନିସ୍ତଳ ନିଶୂନ ହୋଇଯିବ !

ନାରୀ ସମିତିରୁ ଯେ ଯୁଆଡ଼େ ଘରକୁ ଗଲେଣି । ଦୁଇଟା ପାହାଚ ତଳକୁ ଓହ୍ଲାଇ ଲଳିତା ଥକ୍କା ମାରି ଛିଡ଼ାହେଲେ । କେତେ ସମୟ ବସିଗଲେ ସେ ଆଉ ଅଣ୍ଟା ସଳଖିପାରୁ ନାହାନ୍ତି । ହଁ—ବୟସ ହେଲା । କଳିଷଠା ଷାଠିଏ । ସେ ତ ଷାଠିଏ ଟପିବାକୁ ବସିଲେଣି । ସେତକ କ'ଣ କମ୍ ଭାଗ୍ୟର କଥା !

ଘରକୁ ଫେରିଲେ ଧୀରେ, ଧୀରେ ଲଳିତା । ଯେତେ କହିଲେ ବି ଲେଖିଲେ ସେ ତ ଗାଁକୁ ଆସିବାକୁ ମନ କରୁ ନାହାନ୍ତି । ବ୍ୟବସାୟ ବାଣିଜ୍ୟରେ ଦିନ ଗଲା, ଆଉ ବେଳ ବି ଗଲା । ବୟସ ତ ତାଙ୍କୁ କମ୍ କମ୍ ହୋଇ ନ । ଲଳିତାଙ୍କଠୁଁ ସେ ପାଞ୍ଚ ଛ' ବର୍ଷ ବଡ଼ । ତଥାପି ଚବିଶ ଘଣ୍ଟା କାମ, ନିଶା ଲାଗିଲା ପରି କାମ । ଟଙ୍କା କ'ଣ ହେବ ? ଆଉ କି ବେଳ ଆସୁଛି । କୋଠା କରିବେ, କି ଗାଡ଼ି କରିବେ, ମଉଜ ମଜଲିସ୍ କରିବେ ! ପିଲାଏ ସବୁ ବଡ଼ ହେଲେଣି । ସୁବି ସୁବିଟା ଧନୁର୍ଦ୍ଧର ପୁଅ । ସେ ତାଙ୍କ କାମ କରିବେ ଘରଦ୍ୱାର ବୁଝିବେ । ଆମର ଏଣିକି ଦାଣ୍ଡକୁ କବାଟ ହୋଇ ବସିବା କଥା ! ତଥାପି ସେ ବୁଝିଲେ ନାହିଁ······ମାୟା ଘାରିଛି, ମାୟା ଟଙ୍କାର ମାୟା !

ଲଳିତା ଦାଣ୍ଡ ଦ୍ୱାରକୁ ଆଉଜି ବସିଲେ । ଟିକିଏ ବାଟ ଯୋଉରେ ଚାଲିଲେ ସେ ଥକିପଡୁଛନ୍ତି । ଦେହ ଥରୁଛି, ନିଶ୍ୱାସ ଟୋପାଟାକ ଉପରେ ବି'ଟା ଉଠୁଛି । କେଜାଣି, କେତେବେଳେ ଏମିତି ଆପୋତ ହେଉ ହେଉ ପ୍ରାଣ ପକ୍ଷୀ ଉଡ଼ିଯା'ନ୍ତା······ତାଙ୍କରେ ଭଲ ନ ହୁଅନ୍ତା ? ପୁଅ ମୁହଁରେ

ଘଣ୍ଟି ହେଲେ କିଏ ସେବା କରିବ ? ସେ ସିନା ସବୁରି କରିବେ, ତାଙ୍କ ବେଳକୁ କେହି ଶୁଣିବେ ନାହିଁ—ଏ ତ ଦୁନିଆର ନିୟମ !

ସାଇକେଲ ଘଣ୍ଟି ଶୁଭୁଛି···ଏଇ ତ ବଡ଼ ପୁଅ ଆସିଲାଣି । ଆଜି ଶନିବାର । ପ୍ରତି ଶନିବାର ବଡ଼ ପୁଅ ତିରିଶ ମାଇଲ ସାଇକେଲରେ ଝାଳସରସର ହୋଇ ଘରକୁ ଆସେ । ପୁଣି ସୋମବାର ରାତି ଚାରିଟାରୁ କଟକ ଫେରେ ! ସହଜେ ଦୁର୍ବଳିଆ ଜନ୍ମକାଳରୁ । ଲଳିତା ବା କ'ଣ କରିବ ! ବିରକ୍ତ ହୋଇ ସେ ଥରେ କହିଥିଲେ ଗାଡ଼ି ଖଣ୍ଡିଏ କିଣ, ଟଇସାପଟଶ ନ ଥାନ୍ତା, ସେ ଅଲଗା କଥା । ଯାହା ଯେମିତି ଆମର ଅଛି··· ପୁଅଟା ଯିବାଆସିବା କରିବାକୁ ହଇରାଣ ହେଉଛି ? ହସିଦେଇ ସେ କହିଲେ—'ପୁଅ ପାଇଁ ଭଲ ଲାଗୁଛି ! ପୁଅ ତମର ତିରିଶ ମାଇଲ ଯାଉଛି, ପୁଣି ସପ୍ତାହରେ ଥରେ ! ମୋ ବେଳେ ତ ପିଚ୍ ରାସ୍ତା ନ ଥିଲା, ଧୂଳିଆ ରାସ୍ତାରେ ଚାଳିଶ ମାଇଲ ମୁଁ ଆସୁଥିଲି ! ପୁଣି ସପ୍ତାହକେ ଦୁଇ ଥରରୁ କମ୍ ନୁହେଁ, କେତେ କଷ୍ଟ ହେଉଥିଲା ତମେ ଜଣେ ତ ଶୁଣିବ ନାହିଁ··· ! ଥରଟି ନ ଆସିଲେ ରାଗୁଥିଲ······ ।

ଲଳିତା କଥା ବାଁରେଇ ବସିଥିଲେ । ସେ ସବୁଦିନର କଥା ମନେ ପଡ଼ିଲେ କେମିତି ଲାଜ ଲାଗେ ତାଙ୍କୁ । କିନ୍ତୁ ସେ ଛାଡ଼ନ୍ତି ନାହିଁ, ଟାପରା କରି କହନ୍ତି, 'ସତ କଥା ମିଛ ବୋଲି' ପୁଅ ମୋର ଦୁର୍ବଳିଆ, ମୁଁ ମାଲୁଛି !' ଛିଃ, ଛି, ପୁଅକୁ ନେଇ ଥଟ୍ଟା । ଗାଡ଼ି କିଣିବା ପ୍ରସ୍ତାବ ସେଠି ଅଟକି ଯାଏ ପ୍ରତିଥର । ଲଳିତା ଲାଜରେ ପଳାନ୍ତି ।

ବଡ଼ ପୁଅ ସାଇକେଲରୁ ଓହ୍ଲାଇଲାଣି । ପିଲାଗୁଡ଼ାକ ବାପା, ବାପା କରି ଧାଇଁଲେଣି । ଏତେବାଟରୁ ପିଲାଟା ଆସିଛି, ହାତ ଗୋଡ଼ ଧୋଇକି ଜଳଖିଆ ଖାଇ ଟିକେ ବସିବ, ଛୁଆଗୁଡ଼ାକ ଟିକେ ବସେଇଦେବେ [illegible] ଦେବେନି । କିଏ କହିବ ବାଶୀ, କିଏ କହିବ ନାଉକରି, କିଏ [illegible] ବାଲା ଦେଖା ଦୁଅ ମୁଁ ବସିବି··· । ସେତକ ନ ହେଲା ଯାଏଁ [illegible] ପିଲା ଶାନ୍ତ ହେବେ ନାହିଁ । ଛିଃ; ଛିଃ ମା'ଟାର ଟିକେ ଅକଲ ନାହିଁ । [illegible] ସିନା ଟିକେ ଅଟକେଇ-କଅଣ୍ଡା, ନାହିଁ ତାଙ୍କୁ ବି ମଜା, ପିଲାଙ୍କ [illegible] ସେ ବି ଦରଦର ହେଉଥିବ ! ଲଳିତା ଏବେ କରିବେ କ'ଣ ? [illegible] ପିଲା ବାପାକୁ ଦେଖିଲେ କେଉଁଠୁ କ'ଣ ହେବେ, କେହି [illegible] ଶୁଣିବେ ନାହିଁ । ଅନାଇଲେ ରାଗରୁ [illegible] ବି [illegible]

ବସେଇ ଦେବେ ନ । ଜେଜେମା ଗପ କହ, ଜେଜେମା ଖୁଆଇ ଦେ' । ହେଲେ ବାପାଙ୍କୁ ଦେଖିଲେ କ'ଣ ଯେମିତି ହୋଇଯାଆନ୍ତି···!

ଅମୃ ଘର ଭିତରକୁ ପଶୁଛି । ଗୋଟାଏ ଚୁଆ ବେକରେ ଆଉ ଦି'ଟା କାଖରେ । କଣ୍ଢେଇ ଦି'ଟା ଲୁଗା ଧରି ଆସୁଛନ୍ତି । ଅନ୍ଧାରରେ ଝାପ୍‌ସା ଦିଶୁଛି ଅମୃର ମୁହଁ । ଠିକ୍ ତା' ବାପ ପରି ଚେହେରା । ଆଖି ଦି'ଟା ଯେମିତି ଜୁଳୁଜୁଳୁ ହୋଇ ଆଣିଛି ! ଏମିତି ୪୦ ବର୍ଷ ତଳେ ଶନିବାର ସନ୍ଧ୍ୟାରେ ସେ ଧାଇଁ ଆସୁଥିଲେ - ଅମୃ ଏମିତି ବାପ କାନ୍ଧରେ ନାଚି ହୋଇ ଉହାଳପଡ଼େ ! ରମ୍ବଟା ଗହା ଧରି କାନ୍ଦୁଥାଏ··· ।

ଅମୃ ଅଟକିଗଲା, ଆଉ ଟିକିଏ ଚମକିଲା ପରି ପଚାରିଲା – ବୋଉ ! ଏମିତି ଅନ୍ଧାରଟାରେ ଏକୁଆଟିଆ ବସିଛୁ କାହିଁକି ? ତୋ ଦେହ ଭଲ ନାହିଁକି ? ସଞ୍ଜ ହେଲାଣି, ଘରେ ଲଣ୍ଠନ ଲଗାଇବାକୁ ତୋ' ବୋହୂମାନଙ୍କୁ ବେଳ ହୋଇନ ନା କ'ଣ ?

ବାସ୍ ଏତିକି ? ଲଳିତାଙ୍କର ଉତ୍ତର କି କୁଶଳ ପ୍ରଶ୍ନ ଶୁଣିବାକୁ ଅପେକ୍ଷା ନ କରି ବଡ଼ ବୋହୂକୁ ବଡ଼ପାଟିରେ ଡାକି ଡାକି ସେ ଚାଲିଗଲା ।

ଲଳିତାଙ୍କ ମନରେ କୋହ ଆସିଲା । ହଁ···ବୁଢ଼ୀ ହେଲେଣି କେତେଦିନ ସେ ବଞ୍ଚିବେ ? ପୁଅ ଝିଅ ନ ପଚାରିଲେ ସେ କାହିଁକି ମାନ କରିବେ ? ପଚାରିବା ଲୋକ ତ ଭାବୁଛି ସେ ସୁଖରେ ଅଛି, ପୁଅ ବୋହୂ ନାତି ନାତୁଣୀ ମେଳରେ ସେ ସୁଖରେ ଝୁଲଣା ଝୁଲୁଛି, ସେ ମାନ ଆଉ କାହା ଉପରେ କରିବେ ?

ମୂଷାଟା ଧଡ଼ଡ଼ ଧଡ଼ଡ଼ କରି ମଥାନ ଉପରେ ଧାଇଁଲା । ଲଳିତା ଆପଣା ଚିନ୍ତାରେ ହଠାତ୍ ସଙ୍କୁଚିତ ହୋଇପଡ଼ିଲେ । ଲାଗିଲା ଯେମିତି ମନ କଥା ପଦାରେ ପଡ଼ିଲେ, କିଏ ଯେମିତି ଜାଣିନେଇ କଣ୍ଢେଇ କରି ହସିଦେଲା । ଲଳିତା କଣେଇ କଣେଇ ଚାରିଆଡ଼କୁ ଚାହିଁଲେ—କେହି କୁଆଡ଼େ ନାହିଁ । ତାଙ୍କ ପାଖରୁ ଅଳ୍ପ ଦୂରରେ ଲଣ୍ଠନଟାଏ ମିଞ୍ଜି ମିଞ୍ଜି କରି କିଏ କେତେବେଳେ ରଖିଦେଇ ଗଲେଣି, ସେ ଦେଖିପାରି ନାହାନ୍ତି ।

ଝାପ୍‌ସା ଆଲୁଅ ତେର୍ଛା ହୋଇ ପଡ଼ୁଛି କାନ୍ଥ ଉପରେ । ଜଗନ୍ନାଥ ମହାପ୍ରଭୁଙ୍କର ଫଟୋ ଖଣ୍ଡିଏ ବନ୍ଧାହୋଇଛି । ତା' ଫ୍ରେମ୍ କୋଣରେ କ'ଣସବୁ ସୁନେଲି ରଙ୍ଗ ଅଙ୍କା କାମ ହୋଇଛି । ପୁଅମାନଙ୍କର ଭଲା ନାହିଁ ଦାଣ୍ଡ ଦୁଆର ମୁହଁରେ ଏଇଟା ଟାଙ୍ଗାଇଲେ ସବୁ ସକାଳବେଳେ

ସେମାନଙ୍କର ପାରଦର୍ଶିତା ନାହିଁ ବୋଲି ସାଙ୍ଗସାଥିଏ କହିବେ ! ଇଥ-ସାହାରୁ ଗୃହପଟରେ ମୁଠାମୁଠା କଉଡ଼ିରେ ପଦ୍ମଫୁଲ ଖଞ୍ଜା ଫଟୋ ଖଣ୍ଡିଏ ଠାକୁରଙ୍କର ସେ କିଣିଆଣିଥିଲେ ବନ୍ଧୁଦାନ ଚଳେ । ଘର ଛୋଟ ଥିଲା, ଟଙ୍କା ଅଳ୍ପ ଥିଲା, କଥା କହିଲେ କଥା ମାନୁଥିଲେ । ଯେମିତି ପୁଅମାନେ ପାଉଗଲେ, ହଜାର ହଜାର ଟଙ୍କା ରୋଜଗାର ହେଲା, ଫଟୋଟାକୁ କାଢ଼ି ଥୋଇ ଦେଲେ । ବାପ ବି ସେମିତି, ଯା' ହେଉ ଲଳିତା କାନ୍ଧ-ବୋବେଇ ଫଟୋକୁ ଟଙ୍ଗାଇଲେ । କଉଡ଼ିର ପଦ୍ମଫୁଲରେ ମହ ପ୍ରଭୁ ବସିଲେ ନାହିଁ, ନକଲି ସୁନା ରଙ୍ଗରେ ଠାକୁର ଗ୍ଲଉଣି ହୋଇ ବସିଲେ । ହଉ, ସେ ଯା' ହେଉ ସେ ଯେ, ଅଭିମାନ କରି ଘର ଛାଡ଼ି ଯାଇ ନ ହାନ୍ତି ତାଙ୍କ ଭାଗ୍ୟ ! ଠାକୁରଙ୍କୁ ହାତଯୋଡ଼ି ଲଳିତା ଦଣ୍ଡବତ କଲେ, ଗୁଣୁଗୁଣୁ କରି କହିଲେ, ଆଉ କେତେଟା ଦିନ ଠାକୁର ! ଧର୍ମ କର୍ମ ସବୁ ଗଲଣି, ଖାଲି ବଞ୍ଚିଛି, ତୋ ଇଚ୍ଛା ଠାକୁର······ମୋ ହାତରେ କିଛି ନାହିଁ — ତୁ କାଳିଆ ସବୁ ଜାଣିଛୁ, ସବୁ ଦେଖିଛୁ, ମୁଁ କ'ଣ କରିବି······ନରକକୁ ଉଦ୍ଧାରିଲେ ଉଦ୍ଧାରିବୁ, ମାରିଲେ ମାରିବୁ, ତୋ ଇଚ୍ଛା !

ଏତିକି କହି ଲଳିତା ଫଟୋକୁ ଅନେଇଲେ ! ନାହିଁ ନାହିଁ ମନଟା ତୃପ୍ତି ଲାଗୁ ନ । ଅଶାନ୍ତ, ଖାଲି ଅଶାନ୍ତ । ଛାତି ଭିତରୁ ଦପ୍‌ଦପ୍ କରିଉଠିଲା । ଅଭିମାନରେ ତୁଅଙ୍କ ନାଁରେ କିଛି ଠାକୁରଙ୍କୁ କହିଲେ କି ଆଉ ? ଇ[illegible] ମାଲେ······ ।

ଲଳିତା କାନ୍ଧ ଗୁଡ଼େଇ ବେକଟରେ ଆଣ୍ଠୁ ମାଡ଼ି ମୁଣ୍ଡ ଲଗାଇଲେ, [illegible] କହିଲେ, 'କାଳିଆ' ମା ଡାଆଣୀ, ତୁଅଙ୍କ ଉପରେ ନିଃଶ୍ବାସ ଯେମିତି ନ ପଡ଼େ ରେ ! ମୋ ତୁଅ ହେଲେବି ତୁ ତାକୁ ଗାଳି ଦେଇଛୁ, ସେ [illegible] [illegible] ତାକୁ ଭଲସା ଘଣ୍ଟେ ଦୋହେଇ ରଖିବୁ । ମୁଁ ତ ଆଉ ବୁଲିବୁ [illegible] ତୁହେଁ··· । ଏମିତି ମନକୁ ମନ କେତେ କ'ଣ କହିଉଠିଲେ ସେ । ଆଖି[illegible] [illegible], ଟିକିଏ ଉଶ୍ବାସ କି ଲାଗୁଛି ଛାତି; ମାସ ଛାତି ଭିତରଟା ପୁଣି [illegible] ତୁଟୁ ତୁଟୁ ହେଉଛି । କ'ଣଟାଏ ଛାଡ଼ିଗଲେ, ହଜେଇ ଦେଲେ କି [illegible] !

ସବୁଠୁ ଏମିତି ମନଟା ଉଗଡ଼ ହେଉଛି । ଖିଆପିଆ [illegible] [illegible] କରିବାକୁ ଇଚ୍ଛା ନ ଥିଲ । ନାଲି ସମିତିରେ [illegible] [illegible] ହେଲେ ସିନା, କଥା କିଛି ତୁଟେଇ ନାହିଁ । [illegible] [illegible] ମନ ସେ କେତେ [illegible]

ପଞ୍ଝାଏ ଇଚ୍ଛା ଯଦି ନ କରିବେ କେହି ତାଙ୍କୁ ବୁଝାଇ ପାରିବ ନାହିଁ । ସେମିତି ଘରକୁ ଫେରିଲେ ଶାନ୍ତି ନାହିଁ, ଏତେ ବଡ଼ ସଂସାର କରି ଘର କେ ଠାବାଡ଼ କରି, କି ପୁଅ ବୋହୂ ଝିଅ ଜୋଇଁ ନାତି ନାତୁଣୀ ହୋଇ ତାଙ୍କର ଲାଭ କ'ଣ ? କାଉ କୋଇଲିଟିଏ ତ ତାଙ୍କ ପାଖ ମାଡ଼ୁନି··· ଭଲରେ ମନ୍ଦରେ କଥାପଦେ ନାହିଁ···କ'ଣ ହେବ ଅର୍ଜିଲେ ଯଦି ଭୋଗର ବରାଦ ନାହିଁ ।

କେତେ ଆଉ ଚଳନ୍ତାରେ ବସିବେ ! ଦେହ ହାତ ଶିରଶିର କଲାଣି । ଟୁଆଗୁଡ଼ାକ ଆଜ କେହି ଆଉ ଆସିବେ ନି ଇଆଡ଼େ । ବିଛଣାରେ ପଡ଼ିଲେ ଯାଇଁ ଭଲ । ସାନ ବୋହୂକୁ ବେଳ ହୋଇଥିଲେ ବିଛଣାଟା ପକେଇଥିବ, ନ ହେଲେ ରାତି ଅଧ ହେବ । ଡାକିଲେ ହଁ ହଁ ହାଁ ମାରି କେଳ ଗଡ଼େଇ ଶୋଇଥିବେ । ନିଜର ଶକ୍ତି ପାଉନି ବୋଲି ବୟସ ଗଡ଼ିଲାଣି ଯେମିତି ସମସ୍ତେ ବୋଝ ହୋଇ ବସୁଛି ତାଙ୍କ ଉପରେ । ଏଇକଥା କହିଥିଲେ ବୋଲି ମିନି ବାପା ହସିଲେ, ଆଉ କହିଲେ, ମୁଁ ତ କହୁଛି ତମେ ଆସି କଟକରେ ରୁହ, ଅସୁବିଧା କିଛି ନାହିଁ । ଏଠି ଗଣ୍ଡା ଗଣ୍ଡା ଲୋକ ରହୁଛନ୍ତି ତମ ଖବର ବୁଝିବେ, କୁଟା ଖଣ୍ଡିକୁ ଦି'ଖଣ୍ଡ କରିବାକୁ ପଡ଼ିବ ନି···!

ସତକଥା ଲୋକବାକର ଅଭାବ ନାହିଁ । ତା'ବୋଲି ସହରଟାରେ ଏକୁଟିଆଟା ବସି ସେ କରିବେ କ'ଣ ? ଇଏତ ସବୁବେଳେ କାରଖାନାରେ, ରାତିରେ ଯାଇ ଘରକୁ ଫେରନ୍ତି । ଝିଅପିଅ ସବୁ ସେଇଠି । କାହା ମୁହଁ ଚାହିଁ ସେ ସହରଟରେ ବନ୍ଦୀ ହୋଇ ପଡ଼ିବେ ? ହଁ···ଆପଣା ସୁଖ, ଆପଣା ଚିନ୍ତା ସବୁରି, କିଏ କାହା କଥା ପଚାରେ ? ଚିନ୍ତା ଥିଲେ, ଦରଦ ଥିଲେ, ମାସେ ଦି'ମାସରେ ଥରେ ସେ ଆସନ୍ତେ ନାହିଁ······! ଖବର ଅନ୍ତର ନିଅନ୍ତେ ନାହିଁ । ସେଇ ମନ ବଳେଇଲେ ଧାଇଁଧାପଡ଼ ଯିବେ, ଦିନେ-ଦୁଇଦିନ ରହି ଫେରିଆସିବେ । ଘରକୁ ଗଲ, ବିଶ୍ରାମ ନିଅ କହିଲେ ଖାଲି ହସିଦେଇ କହିବେ 'ଜୀବନଟାସାରା କେବେ ବସିନି ମିନବୋଉ' ମଲା ଯାକେ ସେମିତି କାମ କରୁଥିବି, ଥରେ ବସିଗଲେ ଆଉ ଉଠିପାରିବି ନି । ତମେ ନିଜେତ କାମକୁ ଡାକୁଛ, ମୁଁ ପଡ଼ିଗଲେ ମୋ ସେବା କିଏ କରିବ ? ପୁଅ ବୋହୂ ? ଝିଅ ଜୋଇଁ ? ସମସ୍ତେ ସୁଖର ସାଥି······। ମୁଁ ଆଶା ରଖି ନାହିଁ କାହାଉପରେ, ତେଣୁ ମୋର ଚିନ୍ତା

ନାହିଁ, କଷ୍ଟ ତମକୁ ହେବ, ହେଉଛି । ସେଇଥି ପାଇଁ କହୁଛି, ମୋ ପାଖରେ ତମେ ରୁହ……!

ପୁଅ କଥାରେ ଲଳିତା ମନ ବଦଳାନ୍ତି ନ, କାହିଁକି ନା ଏକୁଟିଆ ନିଚ୍ଛାଟିଆ ମୋଟେ ସେ ଘରେ ବସିପାରିବେ ନ । ବଡ଼ ଆଉ ସାନ ପୁଅ କାରଖାନାରେ ରହିଲେ—ତାଙ୍କ ବୋହୂମାନେ ଆଉ ପିଲାଏ ଗାଁରେ । ମଝି ଦି' ପୁଅ ନମୁ ଆଉ ହେମୁ ଚାକିରି କଲେ ଦୂର ବିଦେଶରେ । ଝିଅ ଦି'ଟାରୁ ବଡ଼ ମିନା ଯାଇ ଆସାମରେ, ତା ସ୍ୱାମୀ ସେଇଠି ଆଇ. ଏ. ଏସ୍. ଅଫିସର ହୋଇଛି । ସାନଟା ବମା ଜନ୍ମ ରୋଗିଣୀଟା, ସାତ ସମୁଦ୍ର ତେର ନଈ ପାରି ହୋଇ ଯାଇ ବିଲାତରେ । ସ୍ୱାମୀ ତା'ର ଡାକ୍ତର, ସେଇଠି ଚାକିରି । କିଏ ଜାଣେ ଦେଶକୁ ଆଉ ଲଳିତାଙ୍କ ଜୀବଦଶା ଭିତରେ ନ ଫେରିପାରେ । ଭାଉଜ ଭାଇଙ୍କୁ ଚିଠି ଲେଖେ ନୂଆ ବର୍ଷରେ । ବୋଉ କଥା ତା'ର ଆଉ ମନେ ବି ନ ଥିବ ! କାହିଁକି ବା ମନେ ରଖିବ ? ଯେଉଁ ଲୋକର ମନେ ରହିବା କଥା, ଚିନ୍ତା ଦେଇ ହବା କଥା, ସେତ ତାଙ୍କୁ ଭୂଠପଥର କରିଛି । ପୁଅ ଝିଅ ସାଇପଡ଼ିଶାରୁ ତାଙ୍କୁ କ'ଣ ମିଳିବ ? କାରଖାନାରେ, ସହରରେ କି ମାୟା ତାଙ୍କୁ ଲାଗିଛି ଠାକୁରେ ଜାଣନ୍ତି ! ଟଙ୍କା ? ଖାଲି କ'ଣ ଟଙ୍କା… !

ଛି ଲୋ ଛି…। ବାଁ ଆଖି ଫିଡ଼ୁକୁଛି… ଛେପ ଟିକିଏ ନେଇ ଆଖିରେ ମାରିଲେ । ପାପ ଚିନ୍ତା ଭୁଲୁଣ୍ଠାରେ ବସିଲାରୁ ମନରେ ପଡ଼ୁଛି । ସେ ଉଠିଗଲେ ଶୋଇବା ଘରଆଡ଼କୁ ।

ଦୁଇ ବଖରା ଘର ଟପିଗଲେ ଯାଇଁ ତାଙ୍କର ଶୋଇବା ଘର ଆସିଲା । ପୁଅମାନେ ଭଡ଼େ ବଡ଼ ପୁଅର ଘର, ତା' ପରକୁ ପର ଅନ୍ୟ ପୁଅଙ୍କର । ସବା ଶେଷରେ ଲଳିତାଙ୍କର । ବଡ଼ ପୁଅର ଦ୍ୱାର ମୁହଁରେ ତାଙ୍କ [illegible] ମନକୁ ମନ ଅଟକି ଗଲା । ବୋହୂ କାଇ କରି ହସି କହୁଛି—ବୁଢ଼ା [illegible] ହେଲେ ବି ମନ ଅଛି ତ ? ବାପା ମୋଟେ ଘରକୁ ଆସୁ ନାହାନ୍ତି, [illegible] ଦେବ କେମିତି ଭଲରେ ରହିଗଲେଣି । ଆଗେ ଏଡ଼େ ନ ଥିଲେ । [illegible] ଏଡ଼େ ବଡ଼ କେଉଁକଥା ! ମଉସୀ କହୁଥିଲେ, ସମିତିରେ ସବୁ କାମ [illegible] ଏକା ଏକା ତୁଲାଉଥିଲେ, ଏବେ କେଉଁ କଥାରେ ଗଣ୍ଠି ଛିଡ଼ିଲା [illegible] [illegible] ତମର ଖର୍ଚ୍ଚ ନା କ'ଣ କହୁଥିଲେ, [illegible] [illegible] ବିନା [illegible] କରୁଛ ତ ?

ବଡ଼ ପୁଅ ଯେମିତି ଏ କଥାକୁ ବେଶୀ ମାଡ଼ିବାକୁ ଚାହେଁ ନାହିଁ, ସେମିତି ଉତ୍ତର ଦେଲା—"କିଏ କେତେବେଳେ ଆସେ ଯାଏ, ମୁଁ ତା'ର ଖବର ରଖେ ନାହିଁ, ଆସୁଥିଲେ ଆସୁଥିବ ! ଯାହା ଭାଗ୍ୟରେ ଲେଖାଥିବ, ତା' କେହି ଖଣ୍ଡନ କରିପାରିବ ନାହିଁ।"

ବଡ଼ ବୋହୂ ତରବାରି ନୁହେଁ— "ମ—ଅ··· । ଭାଗ୍ୟରେ ଥିଲେ କ'ଣ ମ ? ତାଙ୍କୁ ତ କିଛି କମ୍ ବୟସ ହୋଇ ନ ? ତମେ ଆରିସ୍ଟୋଟଲ ସକ୍ରେଟିସ୍ କଥା କହୁଛ କ ? ନା ପୁରୁଷ ଲୋକ ବୋଲି ଯାହା ଇଚ୍ଛା ତା' କରିଯିବ ? ବେ ଭ ଯଦି ଏମିତି କାମଟେ କରିବସିବେ ନା, ତା'ହେଲେ ତମେ ପୁଅମାନେ ଆଉ ଘର ରଖିବ କି ?"

ବଡ଼ ପୁଅ ହସି ହସି କହିଲା— "ତମର ଭୁଲ ଧାରଣା କମଳା ! ପୁରୁଷ ସ୍ତ୍ରୀ କାହା କଥା କିଛି ଠିକ୍ କହି ହେବନି, ସବୁ ସୁବିଧା ସୁଯୋଗ ଉପରେ ନିର୍ଭର କରେ । ମଣିଷର ମନ ବଡ଼ ବିଚିତ୍ର !"

ଖର ଖର ଭଙ୍ଗୀରେ ବଡ଼ ବୋହୂ ଉତ୍ତର ଦେଲା—"ସେ ସାହିତ୍ୟ ମୋତେ ଶୁଣାଅ ନାହିଁ ! ଢେର ଶୁଣିଛି ଆଉ ଦେଖିଛି ! ତମ ମନ କଥା ମତେ ଅଜଣା ନାହିଁ ମ ! ମୁଁ କ'ଣ ଆଉ ବୋକି ହୋଇଛି, ମୋ ଦେଖିଲା କାମ ମୁଁ ନ କରି ଛାଡ଼ିବ ନାହିଁ···।"

ହୋଃ ହୋଃ ହୋଇ ହସିଉଠିଲା ଅମୁ—"ମନ ତ ସେଇଆ ଚାହୁଁଛି ମୋର ! କରନ୍ତୁ ନ ଟିକିଏ ବାହାଦୁରୀ ଦେଖାନ୍ତୁ ! ତମ ମନ ଭିତରେ କେତୋଟି ପତଙ୍ଗର ଆସନ ରହିଛି, ମତେ ଶଠୀ କରିଦିଅ, ଦେଖେ ସେମାନେ ସବୁ କେଉଁଠି ଅଛନ୍ତି । ତମର ବନ୍ଦୋବସ୍ତଟା ଆଗ କରିଦେଲେ ତେଣିକି ମୋର ବ୍ୟବସ୍ଥା ହେବାକୁ ସମୟ ଲାଗିବନି··· ··· !"

ବଡ଼ ବୋହୂ କ'ଣ ଉତ୍ତର ଦେବ ଶୁଣିବା ପାଇଁ ଲଳିତାଙ୍କର ଆଉ ଧୈର୍ଯ୍ୟ ନାହିଁ । ଗୋଡ଼ଆଡ଼ୁ ମୁଣ୍ଡକୁ କ'ଣଟାଏ ଉଠିଗଲା ଭଳି ଲାଗୁଛି । ଲାଜ ସ୍ତରମରେ ବଡ଼ତ ଯେମିତି ଭାଙ୍ଗିଗଲାଣି । ତାଙ୍କୁ ଲାଗୁଛି ଘର ପୁଅ ଆଉ ଦୁଇ ଝିଅଙ୍କର ଚ' ଯୋଡ଼ା ଆଖି ତାଙ୍କୁ ଚାହିଁଲା ଦେଖୁଛି, ଗାଁସାରା ସବୁ ଲୋକ କଣେଇ କଣେଇ ତାଙ୍କୁ ଚାହିଁଲୁଛନ୍ତି ମନୁ

*

ଭିତରେ । ଛିଃ, ଛିଃ, ସେ ତାଙ୍କର ପ୍ରେମ କଲେ, କଲେ ନିଜରେ ଲଳିତା ଖାଲି ମରିବେ ସିନା !

କେମିତି ନିଃଶ୍ୱାସ ଚାପି ଲଳିତା ନିଜ ଶୋଇବା ଘରକୁ ଧାଇଁଯିବେ ତାଙ୍କୁ ବୁଦ୍ଧି ଦିଶିଲା ନାହିଁ । ପଣିପାଇଁ ସେ କଳଣୀ ଦେଲେ । ଲଣ୍ଠନଟି ଜଳୁଛି ମିଞ୍ଜି ମିଞ୍ଜି କରି । ବଛଣା ପରିଷ୍କାର ହୋଇ ମଶାରି ପଡ଼ିଛି । ଶୀତ ସନ୍ଧ୍ୟାରେ କାଉଁଳିଆ ଜହ୍ନ ଦରଖୋଲା ଝରକା ଦେଇ ଛିଟିକାଏ ପଡ଼ିଛି ।

କ'ଣ ମନ ହେଲା କେଜାଣି ଲଳିତାଙ୍କର ସେ ଲଣ୍ଠନଟା ଲିଭାଇ ଦେଲେ । କାଳେ ନିଜକୁ ନିଜେ ସେ ଦେଖିପକାଇବେ, ତଥାପି ତାଙ୍କର ଗୋଲାପୀ ରଙ୍ଗର ଚମଡ଼ା ସ୍ତିମିତ ଜହ୍ନ ଆଲୁଅରେ ଧରାହେଉଛି । ଜାଣିପାରୁଛନ୍ତି, ଦେଖିପାରୁଛନ୍ତି, ଏଇ ତାଙ୍କର ହାତ, ଏଇ ତାଙ୍କ ଗୋଡ଼, ଏଇ ତାଙ୍କର ଚମ୍ପାକଢ଼ି ପରି ସୁନ୍ଦର ସୁନ୍ଦର ଆଙ୍ଗୁଠି । ତେବେ ···! ନାଁ ନାଁ ସେ ନିଜ ଉପରେ ମନ ରଖିବେ ନାହିଁ, କି ସିନ ବାଗା କଥା ଭାବିବେ ନାହିଁ । ତାଙ୍କୁ ଯଦି ସୁନ୍ଦର ଲାଗୁଛି ସେ କରନ୍ତୁ, ପାପରେ ତ ସେ ଆଉ ଭାଗୀ ନୁହନ୍ତି ! ଖାଲି ଯାହା ଜୀବନସାରା ବାର ବ୍ରତ ତେର-ଉପାସ ଲଳିତାଙ୍କର ନଷ୍ଟ ହୋଇଗଲା । ବାଣ୍ଡକୁ ଅସୁନ୍ଦର, ଘରକୁ ବି ଅମଙ୍ଗଳ । ନିଜ କଥା ସେ ଭାବୁ ନାହାନ୍ତି, କଳିଷଠା ଷାଠିଏ ହେଲଣି ତାଙ୍କୁ··· ! କେତେ ଦିନକୁ ମନ ବାନ୍ଧିଛୁ ଆଉ···।

ଲଳିତା ଝରକା ବନ୍ଦ କରିଦେଲେ । ଜହ୍ନ ଆଲୁଅ ତାଙ୍କୁ ଭଲ ଲାଗୁନାହିଁ । ଚାରିଆଡ଼ ଜମଜମାଟ ଅନ୍ଧାର, ଭଲହୋଇଛି । ସେ କାହାକୁ ଦେଖିପାରିବେ ନାହିଁ କି କେହି ତାଙ୍କୁ ଦେଖିବେ ନାହିଁ··· । ଜଗନ୍ନାଥଙ୍କ ଫଟୋଟା ବି ଆଉ ଦିଶୁନାହିଁ ।

କେହି ନ ଜାଣନ୍ତୁ, ଜାଣିଲେ ବା ଯାଉ କ'ଣ ? ମଣିଷ ବା ଠାକୁର କାହା ଉପରେ ତାଙ୍କର ବିଶ୍ୱାସ ନାହିଁ । ଜୀବନସାରା ଠାକୁର ଠାକୁର କରି ଠାକୁର ତ ମାନ ଅପମାନ ବୁଝିଲେ ନାହିଁ, ମଣିଷ କଥା କାହିଁକି [illegible] କରିବେ ? ସବୁ ମିଛଟା ପୂଜା, ବନ୍ଦଟା ଛିପ ! ସବୁଏଁ [illegible] ସବୁଏଁ ଏବୁ ଅବେଳ ଦିନ । ତୋଳର ଛୁଆ ନାହିଁ ଯେ [illegible] [illegible] କରିବେ ! ଯୋଡ଼ା ଝଣ୍ଡା ଘଣ୍ଟା, ଟଙ୍କା ଏକ [illegible] [illegible] [illegible] । [illegible] [illegible] [illegible]···[illegible] [illegible] [illegible]

ସାହା ଇଚ୍ଛା ସେ କରୁ ! ସେ କାହିଁକି ବାଧା ଦେବେ···କଥାରେ ଅଛି ଏ ହାତର ପାପ ସେ ହାତ ଧୁଏ ନା··· । ଲଳିତା ଆଖି ବନ୍ଦ କଲେ···।

ମଶା ଗୁଣୁ ଗୁଣୁ କରୁଛି । ଲଳିତାଙ୍କୁ ଅସମୟରେ ଯେମିତି ନିଦ ମାଡ଼ିଆସୁଛି । ଘରିଆଡ଼ ଶୁନ୍‌ଶାନ୍, ଏକୁଟିଆଟା ସନ୍ଧ୍ୟାରେ ବସି ଦେହ ଟାଣ କରି ଲାଭ ନାହିଁ ଆଉ । ଅକାଳ ନିଦ ତ ଅକାଳ ମରଣ ଡାକିଆଣେ, ଆଉ ସେଇଥି ପାଇଁ ଯେମିତି ସେ ଘୁହିଁ ବସିଛନ୍ତି···।

ଛପି ଛପିକା ଜହ୍ନ ପଡ଼ୁଛି, ବଉଳ ଗଛ ପଟ ଦେହରୁ_ ଗାଁ ଦାଣ୍ଡରେ ବାଘୁଡ଼ି ଖେଳ ସରିଲାଣି କେତେବେଳୁ । ଭାଗବତ ଘରେ କିଏ ଜଣେ ଗୁଣୁଗୁଣୁ କରି ଭାଗବତ ପଢ଼ୁଛି । ରଜ ଆଜି ପହିଲି ରଜ।

ଦୋଳିଟା ପାଖରେ କେହି ନାହାନ୍ତି । ଲଳିତାଙ୍କର ଇଚ୍ଛା ହେଉଥିଲା ଆଉ ଜଣେ କିଏ ଆସନ୍ତା କି ଦୋଳିଟା ଟିକେ ପେଲିଦେଇପାଆନ୍ତା ! ହେଇ ଜଣେ କିଏ ଆସୁଛି··· !

ଛିଃ ଛିଃ ସୁରଭାଇଟା ! ଗୋଡ଼ରୁ ମୁଣ୍ଡ ପର୍ଯ୍ୟନ୍ତ ଲାଜରେ ଜଡ଼ସଡ଼ ହୋଇଗଲେ ଲଳିତାଙ୍କର । ସୁରଭାଇ ପାଖକୁ ଲାଗିଆସିଲେଣି··· ଏକତନ ପଚାରିବେ କେତେ ପ୍ରଶ୍ନ, ସେ କିଛି କହିପାରିବେ ନାହିଁ ।

ସୁରଭାଇ ଛୁଡ଼ା ହୋଇ ପଚାରିଲା, ମୁଁ ଏ' ଦିନ ହେଲା ଆସିଲିଣି କାଲି ଚାଲିଯିବି···ତମ ଗାଁରେ ଥିଏଟର ନ ହେଲେ ମୋର କ'ଣ ହୋଇ ଯାଉଛି କି ?

ଲଳିତାଙ୍କର ଓଠ ଭିତରୁ ଝଲକାଏ ହସ ଖସିପଡ଼ିଲା । ସୁରଭାଇ ସତରେ ରାଗିଛି ନା କ'ଣ ! ମୁହଁଟା ଶୁଖେଇଦେଇଛି ଯେ···! ଏକ-ଜିଦିଆଟା, ଯା' କହିବ, ତା' କରିବ ।

ଲଳିତା ଦୋଳି ଉପରେ ସେମିତି ବସି କହିଲେ—"ଛିଃ ! ମୋ ରାଣ, ସୁରଭାଇ ! ତମେ ଚାଲିଗଲେ ଗାଁ ଲୋକଙ୍କ ମନ ଖରାପ ହେବ । ବଉଳ, ଗୋଲାପ ଆଉ ସଙ୍ଗାତକୁ ମୁଁ କେତେ ଟାଣ କରି କହିଛି···।"

ସୁରଭାଇ ପଛକୁ ବୁଲି କହିଲା—ଧେତ୍‌ତେରି ! ତୋର ବାଜେ କଥା ମୁଁ ଶୁଣିବାକୁ ଚାହେଁ ନା ! ପଚାଶ କୋଶ ରାସ୍ତାରୁ ମୁଁ ତୋ' ସକାଶ

କଜଳ ପାଇଁ ଏଠିକି ଲାଜ ସରମ ଖାଇ ଧାଇଁଆସୁ ନ । ଯାହା ପାଇଁ ଆସୁଛି···ତା'ର ମୁହୂର୍ତ୍ତେ ବି ମୋ ପାଇଁ ବେଳ ନାହିଁ । ଭଉଣୀ ଘରେ କୁଣିଆ ହେବାକୁ ମୁଁ ଆସି ନାହିଁ···ମନେ ରଖିଥା !"

ଏମିତି ଟାଣ କଥା କେବେ ସୁରଭାଇ କହେ ନାହିଁ ! ଲଳିତାଙ୍କର ଆଖିରୁ ଝରଝର କରି ଲୁହ ବହିପଡ଼ିଲା । ସେ କିଛି କହିଲେ ନାହିଁ ! ଯାହା ପାଇଁ ରାତି ଦିନ ତାଙ୍କୁ ନିଦ ନାହିଁ, ଯାହା ଆସିବା ବାଟକୁ ଲାଜ ସରମ ଖାଇ ସେ ଅନାଇଁ ବସିଥାନ୍ତି, ସେଇ ପୁଣି ତାଙ୍କୁ ଏମିତି କଥା କହୁଛି !

ସୁରଭାଇ କେ.ଘେ ଜାଣିପାରିଲା ! ସାମନାକୁ ବୁଲି ଦୋଳି ଦଉଡ଼ିକୁ ଦି' ହାତରେ ଧରି ସେ କହିଲା—"ହଁ, କାନ୍ଦୁଛୁ ତ ଆଉ କ'ଣ ? ସକାଳେ ତୋ ହାତ ଟିକେ ଧରିପକାଇଲି ବୋଲି, ତୁ ଏମିତି ଟାଣ ଟାଣ ଦି'ପଦ ଶୁଣେଇ ଦେଲୁଣି ! ସତେ ଯେମିତି ମୁଁ···।"

ଲଳିତା ଦୋଳି ଉପରେ ମୁହଁପୋତି ବସିଥାନ୍ତି । ଓହ୍ଲାଇବାର ଉପାୟ ନାହିଁ । କଥା ନ କହିଲେ ରକ୍ଷା ନାହିଁ । ସଙ୍ଗାତ କି ଗୋଲାପ ଯଦି ଆସିଯାନ୍ତେ, ଆହା, ବଞ୍ଚିଯାନ୍ତେ ସିଏ ! ପୋଡ଼ାମୁହିଁଗୁଡ଼ାକ ମଲେଣିପରି !

ସେ ସୁରଭାଇକୁ ଅନାଇଁଲେ ! ତା'ର ସତୃଷ୍ଣ-ଆଖି, ଲଳିତାଙ୍କ ଦେହ ମୁଣ୍ଡ ସବୁ ଦହିଯାଉଛି । ଲାଜରେ କାନଟାକୁ ଟାଣି ଦେଉ ଦେଉ ସୁରଭାଇ ହାତ ପାପୁଲିଟା ଧରିପକାଇ କହିଲା—"ମୋ କଥାର ଉତ୍ତର ଦେ ! କାହିଁକି ସକାଳେ ରାଗିଲୁ···?

"ନାହିଁ ମ ! ଭାଉଜ ଆସୁଥିଲେ ପଛରେ । ସେ କ'ଣ କହିଥାନ୍ତେ କହିଲ ?"

"କ'ଣ ଆଉ କହିଥାନ୍ତେ ! କହିଥାନ୍ତେ ! ତୁ ମତେ ଭଲ ପାଉଛୁ ଏଇତ ?

ଲଳିତାଙ୍କ ହାତ ପାପୁଲିଦେଇ ଏକ କମ୍ପନ ସମଗ୍ର ଶରୀରଟି

ଦୂରରୁ ପାଟି ଶୁଭୁଛି ତାହାର । କଏ ଯଦି ଆସିଯାଏ ଆଉ ସୁରଭାଇ ଓ ତାଙ୍କୁ ଏମିତି ଦେଖେ, ତା'ହେଲେ ଆଉ ଗାଁରେ ସେ ମୁହଁ ଟେକିପାରିବେ ନାହିଁ । ସୁରଭାଇଟା ଏତିକି ଜିଦ୍‌ଖୋର... ।

ସେ କହିଲେ, 'ଛାଡ଼ମ, ଛାଡ଼ ! ହେଇ କାହା ପାଟି ଶୁଭିଲାଣି .. ମୋ ରାଣ ଛାଡ଼, ସୁରଭାଇ !

"ନା, ନ କହିଲେ ଛାଡ଼ିବି ନାହିଁ ! କହ ତୁ ମତେ ଭଲ ପାଉଛୁ...।" ହାତ ଟାଣିନେଇ ଲଳିତା କୃତ୍ରିମ ବିରକ୍ତିରେ କହିଲେ —"ଭଲପାଏ ବୋଲି କ'ଣ ଜାଣିନ ? ହଁ ତୁମକୁ ମୁଁ ଭଲପାଏ ! ସେଇଠୁ କ'ଣ ହେଲା ? ବଜାଗା, ଛତରା...!"

ଲଳିତାଙ୍କ କୋଳ ଭିତରେ ମୁହଁ ଗୁଞ୍ଜି ସୁରଭାଇ କହିଲା— "ଦିନକୁ ଦଶଥର ଯଦି ଏମିତି କହିବୁ, ତେବେ ଉତ୍ସବ ନ ହେଲେ ଗୁଲିଯିବି...!" "ଦିନକୁ ହଜାର ଥର କହିଲେ ବି ତମେ ଗୁଲିଯିବ, ସୁରଭାଇ ମୁଁ ତମକୁ ବାନ୍ଧି ରଖିପାରିବି ନାହିଁ, ଜୀବନଟା ମୋର କାନ୍ଦି କାନ୍ଦି ମରିବାକୁ...!"

ପୁଣି ଲଳିତା କାନ୍ଦିଲେ, ସୁରଭାଇ ତାଙ୍କ ହାତ ପାପୁଲିରେ ହାତ ଚପି କହିଲା—"ମୁଁ ଅଛି, ମୁଁ ଅଛି ଲୋ ହୃଣ୍ଡି, ଜୀବନ ଥିବଯାକେ ମୁଁ ତୋର ସେମିତି ହୋଇଥିବି, ତୋ ସୁରଭାଇ ଯୁଆଡ଼େ ଥାଉ, ତା' ଆତ୍ମା ତ ତୋ ପାଖରେ ପଡ଼ିଥିବ ! ମରିଯାଏ ଯଦି ଭୂତ ହୋଇ ତୋ ଝରକା ପାଖରେ ବସିବି · ଯେତେବେଳେ ତୋର ବିପଦ ଆସିବ, ଦୁଃଖ ଆସିବ, ମୋତେ ଖବର ଦେବୁ, ପୃଥିବୀର ଯେଉଁ କୋଣରେ ଥାଏ ମୁଁ ଧାଇଁଆସିବି... ଧାଇଁ ଆସିବି ତୋ ପାଖ...! ସୂର୍ଯ୍ୟ ଚନ୍ଦ୍ର ଓଲଟ ବାଗରେ ଯାଇପାରନ୍ତି, ସୁରଭାଇ ତା'ର ଜୀବନ ଠାରୁ କଥାକୁ ବେଶି ମୂଲ୍ୟ ଦିଏ...।"

ଲଳିତାଙ୍କ ହାତ ଯେମିତି ଜୋରରେ ଜୋରରେ ସୁରଭାଇ ଚପି ଦେଉଛି...ଯେମିତି ସେତିକି ଜବାବ ସେ ତାଙ୍କଠାରୁ ଚାହୁଁଛି...! ଦେହ ଝିମି ଝିମି କରି ଉଠୁଛି...।

ଚମକିଲା ପରି ଆଖି ମେଲି ଲଳିତା ଚାହିଁଲେ । ଗାଲତଳେ ପଡ଼ିଲାଟା ରହି ଝିମି ଝିମି କରୁଛି ହାତଟା ସାରା । ଇସ୍ ! ଯୁଆଡ଼େ

ସେ ସ୍ୱପ୍ନ ଦେଖୁଥିଲେ ନା କ'ଣ ? କେଉଁ ପିଲାଦିନର ସ୍ମୃତି ! କେତେଦିନ ପରେ ସୁରଭାଇର ସେଇ ପିଲାଳିଆ ମୁହଁଟା ଦିଶିଯାଉଛି, କୁଆଡ଼େ ଗଲା ସେ ଦିନ ? ସୁରଭାଇ ତା କଥା ରଖିଛି । ଭାଉଜ କହନ୍ତି, ସେ ବିଭା ହେଲାନାହିଁ, ବିଭାଘର କଥା କହିଲେ ହସିଦିଏ । ଥିଏଟର ପାର୍ଟିଟିଏ କରି ସହର ସହର ବୁଲୁଛି । ଏ ବର୍ଷ କୁଆଡ଼େ ଦିଲ୍ଲୀରୁ ପ୍ରାଇଜ୍ ମିଳିଲା ତାକୁ । ଘର ନାହିଁ, ଦ୍ୱାର ନାହିଁ, ଟଙ୍କା ପଇସା ବି ନାହିଁ

ସୁରଭାଇ ସତେଜ ଆଖି ଦି'ଟା ଦିଶିଯାଉଛି । ମନେ ହେଉଛି ଯେମିତି ସେ ଏଇଠି ଥିଲା, ଏବେ ଚାଲିଯାଇଛି । ତା ହାତଟା ଏବେ ବି ତାଙ୍କ ହାତରେ ଥିଲା । ତକିଆଟା କାନ୍ଦି କାନ୍ଦି ଭିଜିଯାଇଛି ।

ଆହା ! ସେ ଦିନ ଫେରନ୍ତା, ସୁରଭାଇ ଆସନ୍ତା ପୁଣି ରଜରେ ଥିଏଟର ହୁଅନ୍ତା, ଦୋଳି ଲଗନ୍ତା ଆଉ ସେ ଛପି ଛପିକା ଜହ୍ନ ଆଲୁଅରେ ଝୁଲୁଥାନ୍ତେ…!

ହଠାତ୍ କବାଟ ଉପରେ କିଏ ଧକ୍କା ମାରିବାର ଶବ୍ଦ ହେଉଛି ! ଚମକିଲା ପରି ଆଖି ପୋଛି ଉଠି ବସିଲେ ସେ । ବଡ ବୋହୂ ଡାକୁଛି ବୋଧେ !

ସତକୁ ସତ ବଡ଼ ବୋହୂ, ଆଉ ଅମୃ ଛିଡ଼ା ହୋଇଛନ୍ତି ଲଣ୍ଠନରୁ ନିଜକୁ ଦୂରେଇ ନେଇ ଲଳିତା କହିଲେ—"ଦେହଟା ଭଲ ଲାଗୁନି ବୋହୂ, ମୁଁ ଆଜି ଖାଇବି ନାହିଁ ! ମୁଣ୍ଡ ବିନ୍ଧୁଛି, ଜର ଜର ଲାଗୁଛି…!"

ଅମୃ ତାଙ୍କ ମୁଣ୍ଡରେ ହାତ ଦେଇ କହିଲା—"କହିଁ ନାହିଁ ତ ? ଜ୍ୱର ନାହିଁ ! ଦୁଧ ଟିକିଏ ପି ! ତୁ ତ କଥା ମାନିବୁ ନି କେଉଁ, ମୁଁ କହୁଛି କଟକ ଚାଲ, ସେଠି ଡାକ୍ତର ଦେଖାଇବା । ତୋ ଦେହ ଭଲ ହୋଇଯିବ ।"

ବଡ଼ ବୋହୂ କଥା ଛଡ଼ାଇ କହିଲା, ମୁଁ କ'ଣ କମ୍ ଥର କହିଲିଣି ସେ କଥା ! ଆଜି ତ ଖିଆପିଆ ଉଠିଗଲାଣି । ବଳ ବୟସ ଖସିଲା ବେଳକୁ ଟିକିଏ ବୁଲାବୁଲି ଭଲ ଖିଆପିଆ ନ କଲେ…!"

ଅମୃ ବିରକ୍ତ ହୋଇ କହିଲା—"ତମେ ଚାରି ବୋହୂ ତ ବର୍ଷରେ ପାଳି କରି ଦେଶ ବୁଲି ନ ଗଲେ ତମମାନଙ୍କର ମୁଣ୍ଡ ଖରାପ ହୋଇଯିବ, ସେ ତ ଘର ଜଗି ଜଗି ଆଉ ପିଲା ସମ୍ଭାଳି ଦିନ କଟାଇଲା; ଆଉ ତା

ଦେଖ୍ କେଉଁଠୁ ଭଲ ରହିଲୁ ? ମୁଁ ଆଉ କିଛି କଥା ଶୁଣିବି ନି ବୋଉ ! କାଲି ସନ୍ଧ୍ୟାରେ ତୁ ମୋ ସଙ୍ଗରେ କଟକ ଯିବୁ । ବିଛଣା ନବା ଦରକାର ନାହିଁ, ସେସବୁ ଅଛି ଖାଲି ତୋର ଦି'ଖଣ୍ଡ ଲୁଗା, ହେଲା···।

ଅମୁ ଧଡ଼ପଡ଼ କରି ଚାଲିଗଲା । ତା'ର ସବୁଦିନେ ସେମିତି ତଙ୍ଗ କଥାରେ ଦି' କଥା ସେ ଶୁଣେ ନାହିଁ । ତା ପଛକୁ ପଛ ବଡ ବୋହୂ ଦୁଧ ଆଣୁଛି ବୋଲି କହି ଚାଲିଗଲା ଲଣ୍ଠନଟା ଥୋଇଦେଇ ।

ଲଳିତା କାନ୍ଥକୁ ଅନେଇଲେ । ଶାମୁକା ପଦ୍ମ ପାଖୁଡ଼ା ଭିତରେ ଜଗନ୍ନାଥର ମୂର୍ତ୍ତି ତାଙ୍କୁ ଅନେଇଛି, ସତେ କି ଠାପରା କରି କହୁଛି ।

"କେଡ଼େ ସ୍ୱାର୍ଥପର ତୁ, ତୋ ପାଇଁ ଜୀବନ ଦେଲି, କଥା ଭାଙ୍ଗିଯିବ ବୋଲି ଜୀବନର ସୁଖସମ୍ପଦ ଦଳିଦେଇ ଦାଣ୍ଡର ଭିକାରି ହେଲି, ତା ପାଇଁ ତ ଦିନେ ଚିନ୍ତା କରିନୁ ? ତା ପାଇଁ କ'ଣ ଥରୁଟିଏ ବ୍ରତ କି ଉପାସ କରିଥିଲେ ହୋଇ ନ ଥାନ୍ତା ? ଦିନୁଟିଏ ଧୂପ ଜାଳି ମଙ୍ଗଳ ମନାସିଥିଲେ କ'ଣ ତୋର ପାପ ହୋଇଥାନ୍ତା ? ସିଏ ତ ତୋ ଦେହ ଛୁଇଁଥିଲା, ଶପଥ କରାଇଥିଲା ଯେଉଁ କଥା ସେକଥା ମିନି ବାପା ଜାଣେ ନାହିଁ । ହାତଗଣ୍ଠି ପଡ଼ିଗଲା ବୋଲି କ'ଣ ମନରେ ଗଣ୍ଠି ପଡ଼ିଗଲା ? ନା ହାତଗଣ୍ଠି ପଡ଼ି ବେଦୀ ଉପରେ ଅଗ୍ନିକୁ ସାକ୍ଷୀ ରଖିଲେ କେହି ସତୀ ହୋଇପାରେ ? ତେବେ ? ତେବେ ? କିଏ ପାପ ? କିଏ ପୁଣ୍ୟ ? ମିନି ବାପା ପାଇଁ ସବୁଦିନେ ତ ପଥର ଖୁଣ୍ଟରେ ମୁଣ୍ଡ ପିଟିଲୁ, କାହିଁ ଦିନଟିଏ ତ ସୁରଭାଇ ପାଇଁ ମତେ ଡାକିଲୁ ନାହିଁ ? ଟୋପାଏ ଲୁହ ତୋ ଆଖିରୁ ତା ପାଇଁ ଝରିଥିଲେ କ'ଣ ତୋର କ୍ଷତି ହୋଇଥାନ୍ତା ?

ଜଗନ୍ନାଥଙ୍କର ନୀରବ ଉବାଚ ଯେପରି ଲଳିତାଙ୍କ କାନ ମୁଣ୍ଡାକୁ ଝାଇଁ ଝାଇଁ କରି ଦେଉଛି ! ନିଜ ଆଖିର ଲୁହ ଯେମିତି ଠାକୁରଙ୍କ ଆଖିରେ ଛିଟିକି ପଡୁଛି । ବହୁଦିନ ପରେ ନଗାବ ଫଟୋଟା ହଠାତ୍ ଅବା ଜୀବନ୍ୟାସ ପାଇଁ ତାଙ୍କର ସବୁ ବାହାଦୁରୀ ପଦାରେ ପକାଇ ଦେଉଛି ।

ଲୁହରେ ଡବ ଡବ ହୋଇ କାନ ଗୁଡ଼େଇ ଲଳିତା ଜଗନ୍ନାଥଙ୍କ ଫଟୋ ତଳେ ମୁଣ୍ଡ ବାଡ଼େଇ କହିଲେ—'ତୁ ସବୁ ଜାଣିଛୁ ଠାକୁର ! ଅନ୍ଧନରକରେ ମତେ ଠାବ ନାହିଁ । ମୁଁ ଅସତୀ···ମୁଁ କଳଙ୍କିନୀ, ମୁଁ ଦୋଷ

ମାରୁଛୁ । ମୁଁ ସୁରଭାଇକୁ ଜଳେଇ ମାରିଛୁ, ମୁଁ ମିନ ବାପାର ସପ୍ତପୁରୁଷକୁ ମୋ ପାପୀ ହାତରେ ପାଣି ଦେଇଛୁ···ପାପ କରିଛୁ । ତୁ ଯେଉଁ ଶାସ୍ତି ଦେବୁ ମୁଁ ସହିନେବି, ମୁଁ ଅସତୀ···!

ଏତିକି କହି ସେ ନୀରବ ହେଲେ । ହଠାତ୍ ଯେମିତି କାନ ପାଖରେ କାହାର ସ୍ୱର ଶୁଭୁଛି—"ଛିଃ, ଛିଃ ପାଗିଲୀଟା ! ଅନିଚ୍ଛାରେ କେହି କାହାକୁ ଦେହ ଦେଇଦେଲେ ଅସତୀ ହୁଏ ନାହିଁ ଲୋ ହୁଣ୍ଡି !"

ବହୁ ବର୍ଷ ତଳେ ସୁରଭାଇ ଏଇକଥା ପଦକ କହିଥିଲା । ବାହାଘରର ବର୍ଷକ ପରେ ପୁଆଣୀ ହୋଇ ଦୋଳଯାତ୍ରା ଦେଖିବାକୁ ସେ ବାପଘରେ ଯାଇଥିଲେ । ସୁରଭାଇ ପୋଖରୀ ତୁଠରେ ଲଳିତାଙ୍କୁ ନିରୋଳାରେ ପାଇ କହିଥିଲା ଏଇ ପଦକ କଥା । ସେଇ ତା'ର ଶେଷ କଥା । ସେତେବେଳେ ତାଙ୍କୁ ସତର ବର୍ଷ ବୟସ, ଆଜି ଷାଠିଏ ଟପିବାକୁ ବସିଲେଣି ; ଅଥଚ ପଛ କଥାଗୁଡ଼ାକ ଠିକ୍ ଠିକ୍ ମନେ ପଡ଼ୁଛି···।

ବଡ଼ ବୋହୂର ଧମ୍ ଧମ୍ ଚାଲି ପାଖେଇ ଆସୁଛି । ଛିଃ, ଛିଃ କି ଲାଜ କଥା, ପ୍ରଭୁ ! ସେ ଉଠିପଡ଼ିଲେ ।

ସରମରେ ଜଡ଼ସଡ଼ ହୋଇ ଜଗନ୍ନାଥ ଫଟୋଟାକୁ ହଠାତ୍ ମୁହଁମାଡ଼ି ଓଲଟାଇଦେଲେ ଲଳିତା ।

●